
ସଂସ୍କୃତ ସମ୍ଭାଷଣ ଶିବିରରେ ଶାହ | ୬

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


'ଗଲି ବଏ' ଅଭିନେତାଙ୍କୁ ଡେଟ୍ କରୁଛନ୍ତି ସାରା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୪ Vol. 22 No-34 5 MAY 2025 MONDAY BHUBANESWAR ସୋମବାର, ୫ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଭାରତ କିଣିବ ଘାତକ ଯୁଦ୍ଧାସ୍ତ୍ର
# ବିନା ବିସ୍ଫୋରଣରେ ଲକ୍ଷ୍ୟଭେଦ



- ପାକିସ୍ତାନକୁ ମାତ୍ ଦେବାର ଯୋଜନା
- ୮୫ ଯୁଦ୍ଧାସ୍ତ୍ର କ୍ରୟ ପାଇଁ ଚୁକ୍ତି
- ଲୁଚି ରହିଥିବା ଆତଙ୍କବାଦୀଙ୍କୁ କରିବ ହତ୍ୟା

ନୂଆଦିଲ୍ଲୀ,୪।୫: ପାକିସ୍ତାନକୁ ସବୁ ଦିଗରୁ ମାତ୍ ଦେବାପାଇଁ ଭାରତ ପ୍ରସ୍ତୁତି ଆରମ୍ଭ କରିଛି। ଏଥର ଆଉ ତାକୁ ତ୍ରାହି ମିଳିବନି। ଗୋଟିଏ ପଟେ ରାଫେଲକୁ ନେଇ ପାକିସ୍ତାନ ଭୟଭୀତ ହୋଇପଡ଼ିଥିବାବେଳେ ଅନ୍ୟପକ୍ଷରେ ଏବେ ଆଉ ୮୫ଟି ଘାତକ ଯୁଦ୍ଧାସ୍ତ୍ର କିଣିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଡିଲ ଶେଷ ହୋଇଛି। ସବୁଠାରୁ ବଡ଼କଥା ହେଉଛି, ଏହି କ୍ଷେପଣାସ୍ତ୍ର ବିସ୍ଫୋରଣ ହେବ ନାହିଁ କି କିଛି ନଷ୍ଟ କରିବ ନାହିଁ । ଏହା କେବଳ ଟାର୍ଗେଟ କିଲିଂ କରିବ। ଏହି ଯୁଦ୍ଧାସ୍ତ୍ରକୁ ଭାରତ ଜରୁରିକାଳୀନ କ୍ରୟ ଭିତ୍ତିରେ କିଣିବ ବୋଲି ସୂଚନା ମିଳିଛି। ଗୋଟିଏ କି ଦୁଇଟି ନୁହେଁ, ପାକିସ୍ତାନ ସହିତ ଯୁଦ୍ଧ ଉତ୍ତେଜନା ମଧ୍ୟରେ ଭାରତ ଏଭଳି ୮୫ଟି ଭି-ସୋର୍ଡ କ୍ଷେପଣାସ୍ତ୍ର କିଣିବାକୁ ନିଷ୍ପତ୍ତି ନେଇଛି। ଏହାସହ ୪୮ଟି ଲଞ୍ଚର ଏବଂ ନାଇଟ୍‌ଭିଜନ ସାଇଟ୍ ମଧ୍ୟ କ୍ରୟ କରାଯିବ। ଭି-ସୋର୍ଡ ଯୁଦ୍ଧାସ୍ତ୍ରରେ କୌଣସି ବିସ୍ଫୋରକ ନଥାଏ, ବରଂ ଏଥିରେ ବ୍ଲେଡ ଲାଗିଥାଏ। ଏହା କୌଣସି ବିସ୍ଫୋରଣ ବିନା ଲକ୍ଷ୍ୟସ୍ଥଳ ଭେଦ କରିପାରିବାର କ୍ଷମତା ରଖିଛି। କିନ୍ତୁ ଅନ୍ୟ କ୍ଷେପଣାସ୍ତ୍ର ପରି ଏହା ଆଖପାଖ ଅଞ୍ଚଳକୁ ଧ୍ୱଂସ କରିନଥାଏ ବରଂ ନିଜର ଟାର୍ଗେଟକୁ କେବଳ ହତ୍ୟା କରିଥାଏ। ସାଧାରଣ ଲୋକଙ୍କ ମଧ୍ୟରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ହତ୍ୟା କରିବା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ପହଲଗାମ ଆକ୍ରମଣ ପରେ ଭାରତ ଆତଙ୍କବାଦୀ ଓ ସେମାନଙ୍କ ପ୍ରୋତ୍ସାହକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଘୋଷଣା କରିଛି। ତେଣୁ ଏସବୁ କ୍ଷେପଣାସ୍ତ୍ର କିଣାରୁ ସଂକେତ ମିଳୁଛି ଯେ ଭାରତ କେତେକ ନିର୍ଦ୍ଦିଷ୍ଟ ଆତଙ୍କବାଦୀ ଓ ପାକ୍ ସେନା ଅଧିକାରୀଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରିପାରେ। ଏହି କ୍ଷେପଣାସ୍ତ୍ର ସାଧାରଣତଃ ଡ୍ରୋନ ମାଧ୍ୟମରେ ନିକ୍ଷେପ କରାଯାଇଥାଏ। ଏହା ସାହାଯ୍ୟରେ ଦୂରଗାମୀ ଲକ୍ଷ୍ୟକୁ ସଠିକତାର ସହିତ ନିପାତ କରାଯାଇପାରିବ। ଏହି କ୍ଷେପଣାସ୍ତ୍ର ମାଧ୍ୟମରେ ଆମେରିକା ଅଲକାଏଦା ମୁଖ୍ୟ ଏବଂ ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଅଲ ଜୱାହିରିଙ୍କୁ ହତ୍ୟା କରିଥିଲା। ଅନ୍ୟପକ୍ଷରେ ପହଲଗାମରେ ପାକିସ୍ତାନ ଆତଙ୍କବାଦୀ ଲଗାଇ ହମଲା ସିନା କରିଦେଲା, ହେଲେ ରାତିରେ ଏବେ ନିଦ ହେଉନି। କେତେବେଳେ ଭାରତ କଣ କରିବ ତାକୁ ନେଇ ଡରିଡରି ଦିନ କାଟୁଛି। ଏପରିକି ନେତା, ମନ୍ତ୍ରୀଙ୍କ ମନରେ ବି ଛନକା ପଶିଛି। ଅଧିକାଂଶ ନେତା, ମନ୍ତ୍ରୀ ଓ ସେନା ଅଧିକାରୀ ନିଜ ପରିବାର ଲୋକଙ୍କୁ ସାଙ୍ଗରେ ଧରି ବିଦେଶ ପଳାଇ ଯାଇସାରିଲେଣି। ଆଉ କେତେକ ଆକ୍ରମଣ ଭୟରେ ଆତ୍ମଗୋପନ କଲେଣି। ଆଶା କରାଯାଉଛି, ଏଥର ଭାରତ ଯେଉଁ ପ୍ରତିଶୋଧ ନେବ ତାହା ପାକିସ୍ତାନ ଆଉ ଭୁଲି ପାରିବ ନାହିଁ । ପାକିସ୍ତାନ ପାଇଁ ଏଥର ଏକ ସ୍ଥାୟୀ ସମାଧାନ କରାଯିବ।

## ମୋଦୀଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ
# ପାକିସ୍ତାନ ବିରୋଧରେ ବଡ଼ ନିଷ୍ପତ୍ତି !



ନୂଆଦିଲ୍ଲୀ,୪।୫: ପହଲଗାମ ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେବ କି ? ଏପରି ଏକ ଆଶା ସବୁ ଭାରତୀୟଙ୍କ ମନରେ ଜାଗ୍ରତ ହୋଇଛି। ପ୍ରଥମେ ତିନି ସେନାର ମୁଖ୍ୟ ଏବଂ ପରେ ନୌସେନା ଏବଂ ତା ପରେ ବାୟୁସେନା ମୁଖ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ପରେ ଏହି ଆଶା ଅଧିକ ଉଜ୍ଜୀବିତ ହୋଇଛି। ଭାରତୀୟ ବାୟୁସେନା ମୁଖ୍ୟ ଅମରପ୍ରୀତ ସିଂ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ୭ ଲୋକକଲ୍ୟାଣ ମାର୍ଗ ବାସଭବନରେ ଭେଟିଥିବା ସୂଚନା ମିଳିଛି। ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟଧରି ବୈଠକ ହୋଇଥିଲେ ମଧ୍ୟ ଏ ନେଇ କୌଣସି ସୂଚନା ଦେବାକୁ ମନା କରି ଦେଇଥିଲେ ବାୟୁସେନା ମୁଖ୍ୟ। ତେବେ ଏହି ବୈଠକକୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଜାତୀୟ ସୁରକ୍ଷାସହ ଜଡ଼ିତ ପ୍ରସଙ୍ଗ ଉପରେ ଏହି ବୈଠକ ହୋଇଥିବା କୁହାଯାଉଛି। ଏଥିପୂର୍ବରୁ ଶନିବାର ନୌସେନା ମୁଖ୍ୟ ଆଡମିରାଲ ଦୀନେଶ ତ୍ରିପାଠୀ ମୋଦୀଙ୍କୁ ଭେଟି ନୌସେନାର ବର୍ତ୍ତମାନର ପ୍ରସ୍ତୁତି ଓ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣ ପରେ ମୋଦୀ ଲଗାତାର ବୈଠକ କରୁଛନ୍ତି। ଏହାପୂର୍ବରୁ ଦୁଇଥର ସିସିଏସ୍ ବୈଠକ ଅନୁଷ୍ଠିତ ହୋଇସାରିଛି। ବୈଠକ ପରେ ତିନି ସେନାଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି। ମୋଦୀଙ୍କ ଘନଘନ ବୈଠକ ପାକିସ୍ତାନରେ ଆତଙ୍କବାଦୀଙ୍କ ବିରୋଧରେ ଭାରତର ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ସଂପର୍କରେ ଏକ ଢାଞ୍ଚା ପ୍ରସ୍ତୁତ କରିପାରିବ ବୋଲି କୁହାଯାଉଛି। ୨୨ ଏପ୍ରିଲ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ୨୬ରେ ପ୍ରଥମ ଥର ସିସିଏସ୍ ବୈଠକ ଡାକିଥିଲେ। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଏନଏସଏ ଅଜିତ ଡୋଭାଲ, ସିଡିଏସ୍ ଅନୀଲ ଚୌହାନ ଏବଂ ତିନିସେନା ମୁଖ୍ୟ ଯୋଗ ଦେଇଥିଲେ। ଏହାପରେ ସ୍ଥଳସେନା ମୁଖ୍ୟ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ପ୍ରଶାସନିକ ସୀମା ପୁନର୍ଗଠନ ନେଇ ବିଜ୍ଞପ୍ତି

ଭୁବନେଶ୍ୱର,୪।୫(ଭାସ୍କର ନ୍ୟୁଜ): ପ୍ରଶାସନିକ ସୀମା ପୁନର୍ଗଠନ ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ବର୍ଷ ଜୁନ୍ ୩୦ ତାରିଖକୁ ଡେଡ୍‌ଲାଇନ ରଖାଯାଇଛି। ଜିଲ୍ଲା, ସବ୍‌ଡିଭିଜନ, ତହସିଲ, ରାଜସ୍ୱ ଗ୍ରାମ, ୟୁଏଲବି ପାଇଁ ନୋଟିସ୍ ଜାରି ହୋଇଛି। ଆସନ୍ତା ଜନଗଣନାକୁ ଆଖିରେ ରଖି ରାଜ୍ୟ ସରକାର ନିଷ୍ପତି ନେଇଛି। ଆସନ୍ତା ଜୁଲାଇ ୧ରୁ ପ୍ରଶାସନିକ ସୀମା ପୁନର୍ଗଠନ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି।

### ୨ ସନ୍ଦିଗ୍ଧ ଗିରଫ

ଅମୃତସର,୪।୫: ରବିବାର ପଞ୍ଜାବ ପୋଲିସ ଗୁପ୍ତଚର ବୃତ୍ତି ଅଭିଯୋଗରେ ୨ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ଫଟୋ ଓ ଦସ୍ତାବିଜ ଜବତ କରାଯାଇଛି। ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ସହ ଏହି ଦୁଇଜଣ ଯୋଗାଯୋଗରେ ଥିବା ସୂଚନା ମିଳିଛି। ବର୍ତ୍ତମାନ ଅମୃତସର ଜେଲରେ ଥିବା ହରପ୍ରୀତ ସିଂଙ୍କ ନିର୍ଦ୍ଦେଶରେ ସେମାନେ କାର୍ଯ୍ୟ କରୁଥିବା ପୋଲିସ କହିଛି।


### ଏୟାର ଇଣ୍ଡିଆ ବିମାନର ଗତିପଥ ପରିବର୍ତ୍ତନ

ନୂଆଦିଲ୍ଲୀ,୪।୫: ରବିବାର ଦିଲ୍ଲୀରୁ ତେଲ ଅଭିଭ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି। ଇସ୍ରାଏଲର ଏକ କ୍ଷେପଣାସ୍ତ୍ର ବିମାନବନ୍ଦର ନିକଟରେ ଆକ୍ରମଣ ପରେ ବିମାନଟିର ଗତିପଥରେ ପରିବର୍ତ୍ତନ କରାଯାଇଥିଲା। ଅବତରଣ କରିବାର ଘଣ୍ଟାଏ ପୂର୍ବରୁ ଏହି କ୍ଷେପଣାସ୍ତ୍ର ଆକ୍ରମଣ ହୋଇଥିଲା। ତେବେ ଏହି କାରଣରୁ ବିମାନ ଚଳାଚଳକୁ ବାତିଲ କରି ଦିଆଯାଇଥିଲା।

ସେନ୍‌ସେକ୍ସ: ୮୦,୫୦୧.୯୯
ସର୍ବାଧିକ: ୩୩.୨ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

### ୪।୫ ।୨୦୨୫ ର ମତାମତ

ଦୀଘାରେ ଜଗନ୍ନାଥ ମନ୍ଦିର ନିର୍ମାଣ ଠିକ୍ କି ?




### ଆଜିର ପ୍ରସଙ୍ଗ

ଜଗନ୍ନାଥ ଧାମକୁ ନେଇ ଚାଲିଥିବା ବିବାଦର ଯବନିକା ପଡ଼ିବା ଠିକ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ରାଜ୍ୟ ବିଜେପି ସଭାପତି ଚୟନ ଶେଷ ସୋପାନରେ
# ଯେ କୌଣସି ମୁହୂର୍ତ୍ତରେ ଘୋଷଣା




ଭୁବନେଶ୍ୱର,୪।୫(ଭାସ୍କର ନ୍ୟୁଜ): ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ତାଙ୍କର ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଶାହଙ୍କ ଗସ୍ତ ପୂର୍ବରୁ ବିଜେପି ରାଜ୍ୟ ସଭାପତି ଚୟନ ବିଳମ୍ବ ଉପରେ ସୂଚନା ଦେଇ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଏହି ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯେକୌଣସି ମୁହୂର୍ତ୍ତରେ ଘୋଷଣା ହୋଇପାରେ। ତେବେ ସଭାପତି ଚୟନ ସମସ୍ତଙ୍କ ମତାମତ ନେଇ ସହମତ ଭିତରେ ହେବ ବୋଲି ସେ କହିଛନ୍ତି। ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ କହିଥିଲେ ଯେ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଶାହ ଓଡ଼ିଶା ଆସିବା କହିବା ଭୁଲ ହେବ। ଏହି ଗସ୍ତ ଏକ ସ୍ୱାଭାବିକ ପ୍ରକ୍ରିୟା। ତାଙ୍କ ଗସ୍ତ ସମୟରେ ସେ ଅନେକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ବିଜେପିରେ ସଭାପତି ଚୟନ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ହୋଇଥାଏ। ବିଜେପି ହେଉଛି ଏକମାତ୍ର ଦଳ ଯେଉଁଠି ଦଳର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା, ଜିଲ୍ଲା ସଭାପତି, ରାଜ୍ୟ ସଭାପତି କିମ୍ବା ଜାତୀୟ ସ୍ତରରେ ସଭାପତି ହୋଇଥାନ୍ତି। ଅତୀତରେ ଅନେକ ବ୍ୟକ୍ତି ଛୋଟ କାର୍ଯ୍ୟକର୍ତ୍ତାରୁ ଜାତୀୟ ସ୍ତରରେ ଦଳର ବଡ଼ ବଡ଼ ଦାୟିତ୍ୱ ସମ୍ଭାଳିଛନ୍ତି। ସେ କହିଛନ୍ତି, ଶାହଙ୍କ ଓଡ଼ିଶା ଗସ୍ତ ବହୁ ଗୁରୁତ୍ୱ ବହନ କରୁଛି। ସେ ତାଙ୍କର ସବୁ ଗସ୍ତକାଳରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ବିଧାୟକଙ୍କ ସହ ଆଲୋଚନା କରିଥାନ୍ତି। ଓଡ଼ିଶାରେ ଯେହେତୁ ବିଜେପି ସରକାର ରହିଛି, ତେଣୁ ମନ୍ତ୍ରୀଙ୍କ ସହ ସେ ଆଲୋଚନା କରିବାର ସମ୍ଭାବନା ଅଛି। ସଭାପତି ଚୟନ ପାଇଁ ପୂର୍ବରୁ କେନ୍ଦ୍ରର ବରିଷ୍ଠ ନେତୃତ୍ୱ ପରାମର୍ଶ ନେଇ ଯାଇଛନ୍ତି। ସେହିପରି ରାଜ୍ୟସଭାପତି ଚୟନଠାରୁ ଆରମ୍ଭ କରି ନିଗମ ବୋର୍ଡ ପର୍ଯ୍ୟନ୍ତ ଶୀଘ୍ର ଘୋଷଣା କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟ ବିଜେପି ସଭାପତି ଚୟନକୁ ନେଇ ମାନସମନ୍ଥନ ଜାରି ରହିଛି। ରାଜ୍ୟ ବିଜେପିର ମଙ୍ଗ କିଏ ସମ୍ଭାଳିବ ସେ ନେଇ ଚର୍ଚ୍ଚା ମଧ୍ୟ ଲାଗି ରହିଛି। ବର୍ତ୍ତମାନ ମନମୋହନ ସାମଲ ରାଜ୍ୟ ବିଜେପି ସଭାପତି ଦାୟିତ୍ୱରେ ରହିଛନ୍ତି। ତାଙ୍କ ନେତୃତ୍ୱରେ ପ୍ରଥମ ଥର ଓଡ଼ିଶାରେ ନିର୍ବାଚନ ଜିତି ବିଜେପି ସରକାର ଗଠନ କରିଛି। ତେବେ ପରବର୍ତ୍ତୀ ସଭାପତିଙ୍କୁ ନେଇ ସସ୍‌ପେନ୍ସ ଲାଗି ରହିଛି।

## ଶ୍ରୀମନ୍ଦିରରୁ ଦାରୁ ସ୍ଥାନାନ୍ତର, ଜଗନ୍ନାଥଧାମ ବିବାଦ
# ସେବାୟତଙ୍କୁ କୈଫିୟତ ତଲବ



ପୁରୀ (ଭାସ୍କର ନ୍ୟୁଜ) : ଦୀଘା ଜଗନ୍ନାଥ ମନ୍ଦିରକୁ ଦାରୁ ନେଇଯିବା ପ୍ରସଙ୍ଗରେ ଶ୍ରୀମନ୍ଦିର ସମସ୍ତ ସେବାୟତ ନିଯୋଗର ସଭାପତି ଓ ସମ୍ପାଦକଙ୍କୁ ନୋଟିସ୍ କରିଥିଲା ଶ୍ରୀମନ୍ଦିର ନୀତି ପ୍ରଶାସକ । ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ତିନିଟି ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଶ୍ରୀମନ୍ଦିରରେ ନବକଳେବର ସମୟରେ ବଳକା ଥିବା ଦାରୁ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଦେଉଳକରଣ, ଚଢ଼ାଉକରଣ, ପାଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା ହୋଇଥିଲା । ପରେ ଦ୍ୱିତୀୟ ପର୍ଯ୍ୟାୟରେ ବାଡଗ୍ରାହୀ ମାନଙ୍କ ସହ ବୈଠକ ବସିଥିବା ବେଳେ ବୈଠକରେ ଚାରି ବାଡ଼ଗ୍ରାହୀ ମଧ୍ୟରୁ ତିନି ବାଡ଼ଗ୍ରାହୀ ଉପସ୍ଥିତ ରହିଥିଲେ । ତୃତୀୟ ପର୍ଯ୍ୟାୟରେ ତିନି ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା କରାଯାଇଥିଲା । ଅନ୍ୟପଟେ ଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ରାମକୃଷ୍ଣ ଦାସମହାପାତ୍ରଙ୍କ ନାଁରେ ଏତଲା ଦିଆଯାଇଛି । ଦାରୁ କାଠ କିପରି ଦୀଘା ଗଲା ସେନେଇ ଏତଲାରେ ଲେଖା ହୋଇଛି । ଏହା ସହ ଶ୍ରୀମନ୍ଦିର ପ୍ରଶାସନ ନାଁରେ ମଧ ଏତଲା ଦିଆଯାଇଛି । ଏଥିସହ ଦୀଘା ଜଗନ୍ନାଥ ଧାମ ବିବାଦ ପ୍ରସଙ୍ଗରେ ମୁହଁ ଖୋଲିଲେ ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର । କହିଲେ ପୁରୀ ଛଡ଼ା ଅନ୍ୟ କୌଣସି ସ୍ଥାନକୁ ଜଗନ୍ନାଥ ଧାମ କୁହାଯାଇପାରିବନି । ଦୀଘା ମନ୍ଦିର ପ୍ରତିଷ୍ଠା ପାଇଁ ତାଙ୍କୁ ମଧ ହୋଇଥିଲା ନିମନ୍ତ୍ରଣ । କିନ୍ତୁ ଯିବାକୁ ଇଚ୍ଛା ପ୍ରକାଶ କରି ନଥିବା କହିଛନ୍ତି ଜଗନ୍ନାଥ ସ୍ୱାଇଁ ମହାପାତ୍ର । ସେହିପରି ଶ୍ରୀଜିଉଙ୍କ ଦାରୁ କାଠ କେବଳ ଛୋଟ ଛୋଟ ଖଣ୍ଡ ଆକାରରେ ବଳେ । ତାକୁ ନେଇ ମୂର୍ତ୍ତି କରିବା ସମ୍ଭବ ନୁହେଁ ବୋଲି କହିଥିଲି ଜଗନ୍ନାଥ ସ୍ୱାଇଁ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ
### ଅର୍ଚ୍ଚିତ ଅନିର୍ବାଣ



କାଳ ବଇଶାଖୀ ଆସୁଅଛି ମାଡି
ଗମ୍ଭୀର ରୂପକୁ ଧରି
ବରଷା ସାଙ୍ଗରେ ପବନ ବହୁଛି
ସାଜୁଅଛି କାଳ ପରି
ଜୀବନ ଦେଉଛି ସାରି
ଫସଲହାନିକୁ ଘରଦ୍ୱାର ନଷ୍ଟ
ହେଉନାହିଁ ତାକୁ ପାରି...।

## ୭୦୦ଫୁଟ ତଳକୁ ଖସିଲା ସେନାଗାଡ଼ି
# ୩ ଯବାନ ସହିଦ



ଶ୍ରୀନଗର,୪।୫: ଜାମ୍ମୁକାଶ୍ମୀରର ରାମବନରେ ରବିବାର ଏକ ଦୁର୍ଘଟଣା ଘଟିଛି। ରାମବନ ନିକଟ ବେଟରି ଚଷମା ନିକଟରେ ସେନାର ଏକ ଟ୍ରକ୍ ୭୦୦ଫୁଟ ତଳକୁ ଖସିପଡ଼ିଛି। ଫଳରେ ଟ୍ରକ୍‌ରେ ଥିବା ଚାଳକଙ୍କ ସମେତ ୩ଜଣ ସହିଦ ହୋଇଛନ୍ତି। ସେନା କାର୍କେଡ ଉଦ୍ଦେଶ୍ୟରେ ଉଦ୍ଧମପୁରରୁ ଏହି ଗାଡ଼ିଟି ଶ୍ରୀନଗର ଯାଉଥିଲା। ତେବେ ଏଥିରେ କେତେଜଣ ଥିଲେ ସେ ନେଇ ସୂଚନା ମିଳିନଥିଲେ ମଧ୍ୟ ୩ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ପୋଲିସ, ଏସଡିଆରଏଫ, ସେନା ଓ ସ୍ଥାନୀୟ ଲୋକେ ଉଦ୍ଧାର ଅଭିଯାନରେ ସାମିଲ ହୋଇଥିଲେ। • ପୃଷ୍ଠା ୫ ଦେଖନ୍ତୁ

## ସ୍ପେଶାଲ ଡ୍ରାଇଭ୍‌ରେ ଗଞ୍ଜାମ ପୋଲିସକୁ ବଡ଼ ସଫଳତା
# ୧୭ ମାଉଜର, ୬୬ ଅଫୁଟା ଗୁଳି ଜବତ



ଛତ୍ରପୁର,୪।୫(ଭାସ୍କର ନ୍ୟୁଜ): ସ୍ପେଶାଲ ଡ୍ରାଇଭରେ ଗଞ୍ଜାମ ପୋଲିସକୁ ମିଳିଛି ବଡ଼ଧରଣର ସଫଳତା। ୧୮ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରାଯାଇଛି। ଏ ନେଇ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର। ସେ କହିଛନ୍ତି, ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ଅପରାଧର ମାତ୍ରା ବୃଦ୍ଧି ପାଉଥିବା ହେତୁ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନେତୃତ୍ୱରେ ୮ ଦିନ ତଳୁ ଏହି ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯାଇଛି। ଜିଲ୍ଲାର ଆସିକା, • ପୃଷ୍ଠା ୫ ଦେଖନ୍ତୁ

## ଚେତୁନି ପାକିସ୍ତାନ
# ଲଗାତାର ୧୦ମ ଥରପାଇଁ ଅସ୍ତ୍ରବିରତି ଉଲ୍ଲଂଘନ



ଶ୍ରୀନଗର,୪।୫: ସୀମାରେ ମନମାନି କରୁଛି ପାକିସ୍ତାନ। ଚେତାବନୀ ସତ୍ତ୍ୱେ ଚେତୁନି। ଏଲଓସିରେ ଉତ୍ପାତ ଜାରି ରଖିଛି। ଭାରତ ମୁହଁତୋଡ଼ ଜବାବ ଦେଉଛି। ତଥାପି ଗୁଳିମାଡ଼ ଥମିବାର ନାଁ ନେଉନାହିଁ। ପହଲଗାମ ଆତଙ୍କୀ ଆକ୍ରମଣ ପରଠାରୁ ଅଶାନ୍ତ ରହିଛି ଲାଇନ୍ ଅଫ୍ କଣ୍ଟ୍ରୋଲ। ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଛି ପାକ୍ ସେନା। ଏଲଓସିରେ ଗୁଳିମାଡ଼ କରୁଛି। ରବିବାର ମଧ୍ୟ ବିଭିନ୍ନ ସ୍ଥାନରେ ପାକ୍ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଛି। ଶନିବାର ରାତିରୁ ଏଲଓସିରେ ପାକିସ୍ତାନ ପକ୍ଷରୁ ଗୁଳିମାଡ଼ ଜାରି ରହିଛି। ବାରମୂଲା, ପୁଞ୍ଚ, ରାଜୌରୀ, ମେନ୍ଧାର, ନୌସେର, ସୁନ୍ଦରବାନି, ଅଖନୁର ସେକ୍ଟରରେ ପାକ୍ ସେନାପକ୍ଷରୁ ଗୁଳିମାଡ଼ ହୋଇଛି। ଦୀର୍ଘ ସମୟ ଧରି ଉଭୟ ପାକିସ୍ତାନ ଓ ଭାରତ ପକ୍ଷରୁ • ପୃଷ୍ଠା ୫ ଦେଖନ୍ତୁ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ସହରର ମହିପାଳସ୍ଥିତ ବାୟାବଜାରରେ ନ୍ୟାୟ ଦେବତା ପୂଜା କମିଟି ଦ୍ୱାରା ଆୟୋଜିତ ଚତୁର୍ଦଶତମ ଜନ୍ମ ବାର୍ଷିକ ଉପଲକ୍ଷେ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି । ସେହିପରି ସହରର ଗଣାମାହାଲସ୍ଥିତ ବାଲାବାବା ମନ୍ଦିର ପ୍ରାଙ୍ଗଣରେ ଶନିଶ୍ଚର ବିଶ୍ୱଶାନ୍ତି ମହାଯଜ୍ଞ କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଶୁଭାଧିବାସ କରାଯାଇ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା । ଶନିବାର ପ୍ରାତଃରେ ଘଟ ନିମଜ୍ଜନ କରାଯିବା ପରେ ଭକ୍ତମାନେ ଏକ ଶୋଭାଯାତ୍ରାରେ ନୂଆବସ୍ଷ୍ଟାଣ୍ଡ ଶନିଘାଟରୁ କଳସରେ ପାଣି ଆଣି ଘଟସ୍ଥାପନ କରିଥିଲେ । ଏହାପରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞାରମ୍ଭ କରାଯିବା ସହ ରାତିରେ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିଲା । ସେହିପରି ତିନିମୁହାଣୀ ଶନି ମନ୍ଦିର, ନୂଆ ବସଷ୍ଟାଣ୍ଡ ଶନି ମନ୍ଦିର, କଚେରୀ ଛକ ଶନିମନ୍ଦିର, ଗରାପୁର କାଳିମନ୍ଦିର ପରିସରରେ ଥିବା ଶନି ମନ୍ଦିରରେ ସହର ଓ ସହରଆଖପାଖ ଅଞ୍ଚଳରୁ ବହୁ ମାନସିକଧାରୀ ତଥା ଶ୍ରଦ୍ଧାଳୁମାନେ ପହଞ୍ଚି ଶନିଦେବଙ୍କୁ ଜଳାଭିଷେକ କରିବା ପରେ ଯଜ୍ଞରେ ସାମିଲ ହେଇଥିଲେ । ଏହି ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳର ବହୁ ନେତା ଆସି ଶନି ଦେବତାଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ ।

ମାଟ୍ରିକ ପରୀକ୍ଷା ଫଳ ହେଲା କାଳ

## ବଳରାମଙ୍କୁ ହରାଇ ଝୁରୁଛି ଗାଁ ମାଟି ଓ ଭାଇ, ଭଉଣୀ



ଜଗତସିଂହପୁର(ଭାସ୍କର ନ୍ୟୁଜ): ମାଟ୍ରିକ ପରୀକ୍ଷା ଫଳାଫଳ ଗତ ଶୁକ୍ରବାର ପ୍ରକାଶ ପାଇଥିଲା । ମାଟ୍ରିକ ପରୀକ୍ଷାରେ ସାନଭାଇ ଜଗନ୍ନାଥ ରାଉତଙ୍କ ଠାରୁ କମ ନମ୍ବର ରହିଥିବା ରୁ ବଡ଼ଭାଇ ବଳରାମ ଲଜ୍ଜାବୋଧ କରି ଘରେ ରସି ଲଗାଇ ଆତ୍ମହତ୍ୟା କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଜଗତସିଂହପୁର ଥାନା ଅଳସୁଧା ଗ୍ରାମରେ ।ସେହି ଗ୍ରାମର ପ୍ରଭାକର ରାଉତ ହାଇଦ୍ରାବାଦରେ ଏକ କମ୍ପାନୀରେ କାର୍ଯ୍ୟ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଦୁଃଖ କଷ୍ଟେ ଚଳନ୍ତି ।ପ୍ରଭାକର ଙ୍କ ପତ୍ନୀ ଗୀତାଞ୍ଜଳିଙ୍କ ଔରସରୁ ଏକ କାଳୀନ ତିନୋଟି ସନ୍ତାନ ଜନ୍ମ ଗ୍ରହଣ କରିଥିଲେ । ବଡ଼ ଭାଇ ବଳରାମ ଏବଂ ସାନ ଭାଇ ଜଗନ୍ନାଥ ଦୁହେଁ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ରେ ସାଙ୍ଗହୋଇ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ । ଦୁଇ ଭାଇ ମନ ଲଗାଇ ପାଠ ପଢୁଥିଲେ ।ଗତ ଶୁକ୍ରବାର ଅପରାହ୍ନରେ ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇଥିଲା ।ବଡ଼ ଭାଇ ସମସ୍ତ କାମ ଧନ୍ଦା ସାରି ଅନ ଲାଇନରେ ମାଟ୍ରିକ ଫଳାଫଳ ଚେକ କରୁଥିଲା । ହେଲେ ଭାଗ୍ୟ ର ବିଡମ୍ବନା ସାନ ଭାଇ ଜଗନ୍ନାଥ ଅଧିକ ନମ୍ବରରେ ପାସ କରିଛି ।ବଡ଼ ଭାଇ କମ ନମ୍ବର ରଖିଥିବାରୁ ନିଜକୁ ଲଜ୍ଜାବୋଧ କରି ଘର ଭିତରପଟୁ କବାଟ ଦେଇ ରସି ଲଗାଇ ଆତ୍ମହତ୍ୟା କରିଛି । କିଛି କ୍ଷଣ ବାଦ ସାନ ଭାଇ ଜଗନ୍ନାଥ ଏବଂ ଗେହ୍ଲି ଭଉଣୀ ସୁଭଦ୍ରା ବଡ଼ ଭାଇ ବଳରାମଙ୍କୁ ଖୋଜାଖୋଜି କଲେ ହେଲେ ବାହାରେ କେଉଁଠି ପାଇନଥିଲେ ।କିଛି କ୍ଷଣ ବଡ଼ ଘରର ଦ୍ୱାର ବନ୍ଦ ଥିବା ଦେଖି ପଡିଶା ଘରକୁ ଡାକ ପକାଇଲେ ।ପଡିଶା ଲୋକ କବାଟ ଭାଙ୍ଗିଲେ ସେତେବେଳେକୁ ବଡ଼ଭାଇ ବଳରାମ ର ମୃତ୍ୟୁବରଣ କରିଥିବା ଜାଣିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବଡ଼ ଭାଇ ବଳରାମକୁ ହରାଇ ଜଗନ୍ନାଥ ଏବଂ ଭଉଣୀ ସୁଭଦ୍ରା ଦୁଃଖରେ ଭାଙ୍ଗି ପଡିଛନ୍ତି ।

# ବନ୍ଧୁକ ଦେଖାଇ ଗହଣା ଲୁଟ୍ ଘଟଣାରେ ପୋଲିସର ତଦନ୍ତ ଜାରି

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱର ଗ୍ରାମପଂଚାୟତ ବାଲିଗରଡାଛକରେ ଘଟିଥିବା ଗହଣା ଲୁଟ ଅଭିଯୋଗ ଘଟଣାର ପୋଲିସ ତଦନ୍ତ ଜାରି ରହିଛି । ୨ ଦିନ ବିତି ଯାଇଥିଲେ ମଧ ଏହି ଘଟଣାରେ ନେମାଳ ଥାନା ପୋଲିସ କାହାରିକୁ ଧରିବାରେ ସକ୍ଷମ ହୋଇନଥିବାର ଜଣାଯାଇଛି। ସ୍ଥାନୀୟ ଗ୍ରାମର ରଞ୍ଜନ କୁମାର ସାହୁ ବାଲିଗରଡା ବଜାରରେ ଏକ ସ୍ୱର୍ଣ୍ଣ ଅଳଙ୍କାର ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ଗୁରୁବାର ରାତ୍ରରେ ରଞ୍ଜନ ଦୋକାନ ବନ୍ଦ କରି ନିଜ ଘରକୁ ଫେରୁଥିଲାବେଳେ ୪-୫ଜଣ ଦୁବୃର୍ତ୍ତ ୨ଟି ବାଇକରେ ଆସି ତାଙ୍କୁ ଅଟକାଇବା ସହ ତାଙ୍କର ଗହଣା ବ୍ୟାଗଟିକୁ ଛଡାଇଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ଭିତରେ ଧସ୍ତାଧସ୍ତି ହୋଇଥିଲା। ଏହି ଅବସରରେ ଦୁବୃର୍ତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଶ୍ରୀ ସାହୁ ଜଣେ ଦୁବୃର୍ତ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଫଳରେ ଲୁଟେରାମାନେ ଆଣିଥିବା ଏକ ବାଇକ ଛାଡି ସୁନା ଗହଣା ସହ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ଶ୍ରୀ ସାହୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ନେମାଳ ଥାନା ପୋଲିସ ୧୦୦/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାର ଆଇଆଇସି ସୁଶିଲ କୁମାର ନାୟକ ପ୍ରକାଶ କରିଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିବା ସହ ଦୁବୃର୍ତ୍ତମାନେ ଛାଡିଯାଇଥିବା ବାଇକଟିକୁ ଜବତ କରିଛନ୍ତି। ତେବେ ଖୁବ ଶୀଘ୍ର ଦୁବୃର୍ତ୍ତମାନଙ୍କୁ ଧରାଯିବ ବୋଲି ଆଇଆଇସି ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

## ଗୋରୁ ବୋଝେଇ ଗାଡ଼ି ଜବତ

ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମେଣ୍ଢପୁର ପଞ୍ଚାୟତ ହାଇସ୍କୁଲ ନିକଟରେ ଏକ କଣ୍ଟେନର ଆର୍ ଜେ ୧୧ ଜିଏ ୫୧୧୩୪ ଗୋରୁ ବୋଝେଇ ଗାଡିକୁ ଜବତ କଲେ ଧର୍ମରକ୍ଷା ସେନା। ଗାଡ଼ିରେ ୯ଟି ଗାଈ ୩ଟା ବଳଦ ନେଇ ଗାଡି ଆଳି ଅଭିମୁଖେ ଯାଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଧର୍ମରକ୍ଷା ସଦସ୍ୟ ମାନେ ଗାଡିଲୋଡ଼ ସମୟରେ ଗାଡିକୁ କାବୁ କରିନେବା ପରେ ପରେ ପୋଲିସ ପହଁଚି ଗୋରୁ ବୋଝେଇ ଗାଡିକୁ ଜବତ କରି ରାଜନଗର ରାମଚନ୍ଦ୍ରପୁର ଘଡିଆମାଳସ୍ଥିତ କାମଧେନୁ ଗୋଶାଳା ନେଇଥିବା ଜଣା ପଡିଛି। ପରେ ଗାଡିକୁ ସୁରକ୍ଷା ଦେଇଥିବା ଯୁବକ ମାନେ ଧର୍ମରକ୍ଷା ସେନା ସଦସ୍ୟଙ୍କୁ ଦେଖି ଚମ୍ପଟ ମାରିଥିଲେ। ଗୋରୁ ଗାଡି ଆଳି ମାର୍କେଟ ଦେଇଯିବା ସମୟରେ ଆଳି ମୁଖ୍ୟରାସ୍ତାରେ ଥିବା ଷ୍ଟ୍ରିଟ ଲାଇଟକୁ ପ୍ରଶାସନ ସହଯୋଗରେ ବନ୍ଦ କରି ଗୋ ମାଫିଆଙ୍କୁ ସହଯୋଗ କରୁଥିବା ନେଇ ଧର୍ମରକ୍ଷା ସେନା ଅଭିଯୋଗ ଆଣିଛି। ଆଳି ଥାନା ଅଧୀନରେ ଥିବା ବହୁ ଗ୍ରାମରୁ ଗୋମାଫିଆମାନେ ବେଧଡ଼କ ଭାବେ ବେଆଇନ ଗୋ ଚାଲାଣ କରିଆସୁଛନ୍ତି। ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶେଷ ଖବର ସୁଦ୍ଧା ଆଳି ପୋଲିସ ର ଏକ ଟିମ ଗାଈଗୋରୁ ଗୁଡିକୁ ରାଜନଗର ଗୋଶାଳା ରେ ଛାଡ଼ି କଣ୍ଟେନର ଗାଡିଟିକୁ ଜବତ କରି ଆଳି ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଆଳି ଥାନା ଅଧିକାରୀ ଜଣାଇଛନ୍ତି ।

## ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉତ୍ତୀର୍ଣ୍ଣ ହାର ୯୭%

ନିଶ୍ଚିନ୍ତକୋଇଲ (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ମାଧ୍ୟମିକ ଶିକ୍ଷାବୋର୍ଡ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକର ମୋଟ ୨୧୫୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୦୮୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ବ୍ଲକ ଅଂଚଳର ୯ଜଣ ଛାତ୍ରଛାତ୍ରୀ ଏ-୧ରେ ରହିଛନ୍ତି। ସେହିପରି ଏ-୨ରେ ୪୪ଜଣ, ବି-୧ରେ ୧୭୫ଜଣ, ବି-୨ରେ ୩୬୨, ସିରେ ୫୭୬ଜଣ ,ଡିରେ ୬୩୪ଜଣ, ଇରେ ୨୬୮ଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୬୪ଜଣ ଛାତ୍ରଛାତ୍ରୀ ଫେଲ ହୋଇଥିବାର ଜଣାଯାଇଛି। ଚଳିତ ବର୍ଷ ଏହି ବ୍ଲକର ୧୨ଟି କେନ୍ଦ୍ରରେ ଛାତ୍ର ଛାତ୍ରୀମାନେ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ଉତ୍ତୀର୍ଣ୍ଣ ହାର ୯୭% ହୋଇଥିବାର ଜଣାଯାଇଛି। ଚଳିତ ପରୀକ୍ଷାରେ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ଭୂୟାଁ ୫୪୧, କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ସତ୍ୟ ସନାତନୀ ବେହେରା ୫୫୦,ବାପୁଜୀ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟ ଉତରକୂଳର ରାଜକଲ୍ୟାଣୀ ପାତ୍ର ୫୫୧,ଜନାର୍ଦ୍ଦନପୁର ଚିତ୍ରୋତ୍ପଳା ସରକାରୀ ଉଚ୍ଚ ବିଦ୍ୟାଳୟର ରବିକିଙ୍କର ବେହେରା ୫୫୪, ବଡଖିରସ୍ଥିତ ବାବା ମୁକୁନ୍ଦଦାସ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏସବି ଲିଜାରିନି ସାଥୁଆ ୫୪୦ ନମ୍ବର ରଖି ଏ-୧ରେ ରହିଥିବା ବେଳେ ହରଚଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ କେରିଲୋ ଜୟନ୍ତୀଦେବୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, କଳରାବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣ୍ଡାୟତ ପଟିକିରା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବାର ଜଣାଯାଇଛି।

## ନୋଡାଲ ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଗୋପ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନାଗପୁର ଗ୍ରାମ ପଂଚାୟତ ନାଗପୁର ନୋଡାଲ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ନିର୍ମଳ କୁମାର ଦାସଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ମହାଆଡ଼ମ୍ବରରେ ଆୟୋଜନ କରାଯାଇଛି। ଏହି ସଭା ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଫଲଗୁ ମହାପାତ୍ର ଙ୍କ ସଭାପତିତ୍ୱରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଛି । ମୁଖ୍ୟ ଅତିଥି ଭାବେ ଅଲ ଓଷ୍ଟାର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ଯୋଗ ଦେଇଥିବାବେଳେ ସମ୍ମାନୀୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଆଲମୁନି ସଭାପତି ଶ୍ରୀଯୁକ୍ତ ରମାକାନ୍ତ ସାହୁ , ଓ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ସୁକାନ୍ତ କୁମାର ପୃଷ୍ଟି, ମୁଖ୍ୟବକ୍ତା ଭାବେ ସେହି ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ଦୟାନିଧି ଦାଶ, ସୂର୍ଯ୍ୟକାନ୍ତ ମହାପାତ୍ର, ଜଗନ୍ନାଥ ହାଇସ୍କୁଲର ପ୍ରଧାନ ଶିକ୍ଷକ ରମାକାନ୍ତ ସେଠି, ଗଣେଶ୍ୱରପୁର ହାଇ ସ୍କୁଲର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟି, ଯୋଗ ଦେଇଥିବାବେଳେ, ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଦସ୍ୟ ସଦସ୍ୟା, ବିଦ୍ୟାଳୟର ସମସ୍ତ ସହକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ଛାତ୍ର /ଛାତ୍ରୀ ଉତ୍ସୁକତାର ସହ ବିଦାୟ ନେଉଥିବା ଶିକ୍ଷକ ନିର୍ମଳ କୁମାର ଦାଶ ଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଗୀତା, ଭାଗବତ ଗ୍ରନ୍ଥ, ପିଲାମାନେ ଆଣିଥିବା ଗିଫ୍ଟ ଦେଇ ବାଜା ବାଣ ରୋଷଣୀରେ ବଜାର ପରିକ୍ରମା କରି ତାଙ୍କ ଜନ୍ମ ସ୍ଥାନ ଲକ୍ଷ୍ମୀ ନାରାୟଣ ପୁର ଶାସନ ନାଗପୁରରେ ଛାଡିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଭଞ୍ଜ, ବିଚିତ୍ରା ନନ୍ଦ ପ୍ରଧାନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ରଜତ ଜୟନ୍ତୀ ବର୍ଷ ସମାରୋହର ଶୁଭ ଅନୁକୂଳ ଓ ଗାୟତ୍ରୀ ଯଜ୍ଞ



କାକଟପୁର(ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କାକଟପୁର ର ରଜତ ଜୟନ୍ତୀ ବର୍ଷ ସମାରୋହର ଶୁଭ ଅନୁକୂଳ, କଳସ ଶୋଭାଯାତ୍ରା ଓ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିର ର ମାତୃ ଭାରତୀ ଙ୍କ ଦ୍ୱାରା ପ୍ରାଚୀ ନଦୀ ର ବିଶ୍ୱାମିତ୍ର ଘାଟ ରୁ ୧୦୮ କଳସ ପୂର୍ଣ୍ଣ ଜଳ ଆଣି କାକଟପୁର ବଜାର ପରିକ୍ରମା କରି ନାଗା ନୃତ୍ୟ, ସଙ୍କୀର୍ତନ, ଲଉଡ଼ି ନୃତ୍ୟ ସହିତ ଶୋଭାଯାତ୍ରା ରେ ଆସି ବିଦ୍ୟାଳୟ ରେ ପ୍ରବେଶ କରିଥିଲେ। ବିଦ୍ୟାଳୟ ପରିସର ମଧ୍ୟରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ବିଭାଗ ନିରୀକ୍ଷକ ନୃସିଂହ ଚରଣ ପଣ୍ଡା ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ର ର ସଙ୍ଗୀତ ସଂଯୋଜକ ପି ମୋହନ ରାଓ ପାତ୍ର ଯୋଗ ଦେଇ ରଜତ ଜୟନ୍ତୀ ବର୍ଷ ର ଲୋଗ କୁ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ର ପୁରାତନ ପରିଚାଳନା ସମିତି ଏବଂ ନୂତନ ପରିଚାଳନା ସମିତିର ସଦସ୍ୟମାନେ ଯୋଗ ଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସହ ପ୍ରଧାନଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ ଙ୍କ ତତ୍ତ୍ୱାବଧାନରେ ଏବଂ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମା ଙ୍କ ସହ ଯୋଗ ରେ ଶାନ୍ତି ପୂର୍ଣ୍ଣ ଭାବରେ ଏହି କାର୍ଯକ୍ରମର ସମାପନ ହୋଇଥିଲା।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟିତ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରୁଣୀ ରୋଡସ୍ଥିତ ମୟୁରଭଞ୍ଜ କେମିଷ୍ଟ ଭବନରେ ଉତ୍କଳ କେମିଷ୍ଟ ପରିବାରର ଚିର ନମସ୍ୟ ସ୍ୱର୍ଗତ ଚୌଧୁରୀ ପ୍ରବୀର କୁମାର ଦାସଙ୍କ ନବମ ଶ୍ରାଦ୍ଧ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ସମ୍ମାନିତ ଅତିଥି ସମାଜସେବୀ ଅମର କୁମାର ସେଠି, ସର୍ବଭାରତୀୟ କେମିଷ୍ଟ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ସାହୁ, ପୂର୍ବତନ ସଭାପତି ସୁଜଳ ବିହାରୀ ମହାନ୍ତି ଓ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଉପସ୍ଥିତିରେ ଉକ୍ତ ଶିବିରକୁ ଉଦଘାଟନ କରିଥିଲେ ଏବଂ ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ ।ଉକ୍ତ ଶିବିରରେ ୫ଜଣ ମହିଳା ରକ୍ତଦାତାଙ୍କ ସମେତ ମୋଟ ୧୫୧ଜଣ ରକ୍ତଦାନ କରିଥିଲେ ।ଏହି ଶିବିରକୁ ଜିଲ୍ଲା ସମ୍ପାଦକ ମାନସ ରଞ୍ଜନ ମହାନ୍ତି ଝଂଝଟ ର ବରିଷ୍ଠ କାର୍ଯ୍ୟକର୍ତ୍ତା ତପନ ବସା ଓ ନୟନ ଦାସଙ୍କ ଉପସ୍ଥିତିରେ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ। ଏମ୍ସିଡିଏର ବରିଷ୍ଠ ସଦସ୍ୟ ଶିବଶଙ୍କର ସାକୁନିଆ, ଅମୀୟ ମହାପାତ୍ର, ଡ଼ା. ନାରାୟଣ ବେହେରା, ନରେଶ ଅଗ୍ରୱାଲ, ବିଜିକାନନ୍ଦ ମହାନ୍ତି, ବିବେକାନନ୍ଦ ଶେଜପଡ଼ା, ସୁଜିତ ନାଥ, ନିରୋଜ ସାହୁ, ସୁନିତ ସାକୁନିଆ, ସୋମୁ ପଟ୍ଟନାୟକ ଶିବିର ପରିଚାଳନା କାର୍ଯ୍ୟକ୍ରମରେ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ରକ୍ତଭଣ୍ଡାରର ଡାକ୍ତର ନୀଲେଶ ଦାସଙ୍କ ନେତୃତ୍ୱରେ ରୁଚିକା ଖୁରାନା, ପୁଣ୍ଡରୀକାକ୍ଷ ଦାଶ, ଛବି ମହାନ୍ତ, ଶକୁନ୍ତଳା ମହାନ୍ତ, ସତ୍ୟଜିତ ମହାନ୍ତ, ପାର୍ଥ ସାରଥୀ ମହାନ୍ତ ଓ ନୀତିଶ ସାମଲ ରକ୍ତ ସଂଗ୍ରହ କରିଥିଲେ। ଏହି ପୁଣ୍ୟ ତିଥିରେ ରାଇରଙ୍ଗପୁରଠାରେ ଜିଲ୍ଲା ସଭାପତି ବିକାଶ ମହାନ୍ତଙ୍କ ନେତୃତ୍ୱରେ ୫୦ୟୁନିଟ, କରଞ୍ଜିଆ ଠାରେ ଲପୁ ଅଗ୍ରୱାଲଙ୍କ ନେତୃତ୍ୱରେ ୩୦ୟୁନିଟ ଏବଂ ଉଦଳାଠାରେ ମନୋଜ ପଟନାୟକ, ନିନୀବାବୁଙ୍କ ନେତୃତ୍ୱରେ ୧୯ୟୁନିଟ ସ୍ଥାନୀୟ ରକ୍ତଭଣ୍ଡାରରେ ରକ୍ତଦାନଦ୍ୱାରା ଜିଲ୍ଲାରେ ସର୍ବମୋଟ ୨୫୦ୟୁନିଟ ରକ୍ତଦାନ କରାଯାଇଛି ।ରାଇରଙ୍ଗପୁର ଶିବିରରେ ସ୍ଥାନୀୟ ଉପଜିଲ୍ଲାପାଳ ସୌମ୍ୟରଂଜନ ପ୍ରଧାନ ମୟୁରଭଞ୍ଜ ସାଂସଦ ନବଚରଣ ମାଝୀଙ୍କ ଉପସ୍ଥିତିରେ ରକ୍ତଦାନ କରିଥିଲେ।

## ଚଣ୍ଡିଖୋଲକୁ ମିଳିଲା ଏନ୍‌ଏସି ମାନ୍ୟତା

ବଡ଼ଚଣା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ୩୪ ଟି ଏନ୍ ଏସି କୁ ସରକାର ମାନ୍ୟତା ଦେଇଛନ୍ତି । ସେହିପରି ଦୀର୍ଘ ତିନି ଦଶନ୍ଧିରୁ ଦାବି ହୋଇଆସୁଥିବା ଏନଏସି ମାନ୍ୟତା ଚଣ୍ଡିଖୋଲକୁ ଗତକାଲି ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ମିଳିଥିବା ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ଆଜି ସଫଳ ହେବାକୁ ଯାଉଛି। ଏହି ଏନଏସି ମାନ୍ୟତା ପାଇଁ ଚଳିତ ନିର୍ବାଚନ ପୂର୍ବରୁ ବିଜେଡି ସରକାର ଅମଳରେ ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ସମୟରେ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ପ୍ରଚେଷ୍ଟାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଚଣ୍ଡିଖୋଲ ଏନ୍‌ଏସି ପାଇଁ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ଅବଦାନ ଅତୁଳନୀୟ। ତେଣୁ ଅଞ୍ଚଳବାସୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଚଣ୍ଡିଖୋଲ ଅସ୍ଥାୟୀ ବ୍ୟବସାୟୀ ସଂଘର ସମ୍ପାଦକ ସଞ୍ଜୟ ସ୍ୱାଇଁ, ପୂର୍ବତନ ନାଏବ ସରପଞ୍ଚ ମସିର ଆଲାମ୍, ପ୍ରକାଶ ରାଉତ,ସେକ ସବିରଦ୍ଦିନ, ପ୍ରିୟ ବ୍ରତ ଖିଲାର , ସ୍ଥାନୀୟ ଜନପ୍ରତିନିଧ ,ଓକିଲ ସଂଘ, ଚଣ୍ଡିଖୋଲ ପ୍ରେସ୍ କ୍ଲବ , ବରିଷ୍ଠ ନାଗରିକ ସଂଘ , ବସ୍ ମାଲିକ ସଂଘ,ଟ୍ରକ ମାଲିକ ସଂଘ, ସ୍ଥାୟୀ ବ୍ୟବସାୟୀ ସଂଘ, ମୋଟର ଓ କ୍ଷୁଦ୍ର ଯାନ ସଂଘ ,ଚାଳକ ସଂଘ, ଛେନା ବ୍ୟବସାୟୀ ସଂଘ, ଓ ବୁଦ୍ଧିଜୀବୀ ମାନେ ବର୍ତ୍ତମାନ ସରକାର ଓ ବିଧାୟକ ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଥାଉକି ପୂର୍ବ ସରକାରରେ ଚଣ୍ଡିଖୋଲକୁ ସବ୍‌ଡିଭିଜନ ଘୋଷଣା କରାଯାଇଥିଲା କିନ୍ତୁ ଏହାକୁ ଲାଗୁ କରାଯାଇନଥିଲା। ବର୍ତ୍ତମାନ କେବେ କାର୍ଯ୍ୟକାରୀ ହେବ ତାହା ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି।

## ଦୀର୍ଘ ଦିନର ପ୍ରତୀକ୍ଷା ଶେଷ, ଭୂ-ବନ୍ଦୋବସ୍ତ କରିବା ନେଇ ନିର୍ଦ୍ଦେଶନାମା ଜାରି




ଆସିକା (ଭାସ୍କର ନ୍ୟୁଜ୍):ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ପାଞ୍ଚଟି ମୌଜାରେ ଭୂ- ବନ୍ଦୋବସ୍ତ କରିବା ନେଇ ନିର୍ଦ୍ଦେଶନାମା ଗତ ୨୯ ତାରିଖରେ ପ୍ରକାଶିତ ହୋଇଛି ଓ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ ଆସିକା ଖମ୍ବେଶ୍ୱରୀ ପାଟଣା, ପାକଲା ପଲ୍ଲୀ,ନରସିଂହ ପଲ୍ଲୀ, ସୁନାମ୍ବ ଓ ଆସିକା ରାଜସ୍ୱ ଗ୍ରାମରେ ଭୂ- ବନ୍ଦୋବସ୍ତ କରିବା ନେଇ ରାଜ୍ୟର ଅତିରିକ୍ତ ମୁଖ୍ୟଶାସନ ସଚିବ ଦେବ ରଞ୍ଜନ ସିଂହ ଙ୍କ ସ୍ୱାକ୍ଷରରେ ପତ୍ରସଂଖ୍ୟା - ୧୫୮୯୯ ରେ ପ୍ରକାଶିତ ହୋଇଛି। ଆସିକା ସହରାଞ୍ଚଳ ଓ ଆଖପାଖ ଗ୍ରାମରେ ଭୁ ବନ୍ଦୋବସ୍ତ ହୋଇନଥିବାରୁ ସ୍ଥାୟୀ ବାସିନ୍ଦା ବହୁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ସାଧାରଣ ଜନତାଙ୍କ ବାସ ଗୃହ ଓ ଚାଷ ଜମିର ପଟ୍ଟା ନଥିବାରୁ ନିଜର ଅସମୟରେ ବିକ୍ରୀ କିମ୍ବା ବ୍ୟାଙ୍କ୍ ଋଣ ପାଇବାରୁ ବଞ୍ଚିତ ହୋଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଭୂ ବନ୍ଦୋବସ୍ତ କରି ସ୍ଥାୟୀ ପଟ୍ଟା ଯୋଗାଇବାକୁ ସରକାରଙ୍କ ନିକଟରେ ବହୁ ସଂଗଠନ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା।୨୦୧୭ ମସିହାରେ ଭୂ ବନ୍ଦୋବସ୍ତ କରି ସ୍ଥାଇ ପଟ୍ଟା ଯୋଗାଇବାକୁ ନେଇ ମଧ ସରକାରୀ ସ୍ତରରେ ନିର୍ଦ୍ଦେଶ ନାମା ପ୍ରକାଶ ପାଇଥିଲା ଓ ଏହି ୫ ଟି ଯାକ ମୌଜାର ସମସ୍ତ ଜମି ରେକର୍ଡ ଭୁକ୍ତ ହୋଇରହିଛି ଓ ଆଉ ବିଳମ୍ବ ନକରି ଆସିକାବାସିଙ୍କୁ ଭୂବନ୍ଦୋବସ୍ତ କରି ସ୍ଥାୟୀ ପଟ୍ଟା ଯୋଗାଇବାକୁ ସରକାର କହିଛନ୍ତି।

## ମା'ନଟା ମଙ୍ଗଳାଙ୍କ ବାର୍ଷିକ ଉତ୍ସବ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକର ପ୍ରମୁଖ ଶକ୍ତି ପୀଠ ପଥରଗଞ୍ଜା ନଟା ମଙ୍ଗଳା ପୀଠ ରେ ପଥରଗଞ୍ଜା ଗୋପକୁଦା ମା' ନଟା ମଙ୍ଗଳା ନାଟ୍ୟ ସଂସଦ ଆନୁକୂଲ୍ୟ ରେ ଦ୍ୱିତୀୟ ଅବଦାନ ସାମାଜିକ ନାଟକ 'କେତେ କାନ୍ଦିବୁରେ କଳା କହ୍ନେଇ' ନାଟକ ମଞ୍ଚସ୍ଥ ହୋଇଯାଇଛି। ଦୁଇ ଗ୍ରାମର ସମସ୍ତ ଯୁବକ ମାନଙ୍କ ସାହାଯ୍ୟ ସହଯୋଗ ଓ ଗ୍ରାମବାସୀଙ୍କ ସହଯୋଗ ରେ ନାଟକ ମଞ୍ଚସ୍ଥ ହୋଇଛି। ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ପୁରୀ ସାଂସଦ ଙ୍କ ପ୍ରତିନିଧି ବୁଦ୍ଧିବର ଗ୍ରାମ ପଂଚାୟତ ସରପଞ୍ଚ ଯୁବ ନେତା ସମାଜସେବୀ ଦିପକ କୁମାର ଜେନା ପଥରଗଞ୍ଜା ଗୋପକୁଦା ଗ୍ରାମ୍ୟ ପରିଚାଳନା କମିଟି ସଭାପତି ନାଟ୍ୟ ପରିଚାଳନା କମିଟି ସଭାପତି ମଙ୍ଗରାଜ ପଲେଇ ମୁଖ୍ୟ ପରିଚାଳନା ବିଜୟ କୁମାର ବିଶ୍ୱାଳ ଦୁର୍ଗା ଚରଣ ବିଶ୍ୱାଳ ଓ ପ୍ରମୁଖ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ବିଧାୟିକା ପ୍ରତିନିଧି ଉତ୍ତମ କୁମାର ତରେଇ ଉଦଘାଟନ କରିଥିଲେ। ପରେ ସମସ୍ତ ଅତିଥି ମାନେ ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପଧୂପ ଅର୍ପଣ କରିଥିଲେ ଓ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ନାଟକ ମଞ୍ଚସ୍ଥ ପୂର୍ବ ଦିନ ବିଧାୟିକା ଉପାସନା ମହାପାତ୍ର ମା' ନଟା ମଙ୍ଗଳା ପୀଠରେ ଉପସ୍ଥିତ ହୋଇ ନାଟକ ରିୟଲସେଲ ଦେଖିବା ସହ ଶକ୍ତି ପୀଠ ମା' ନଟା ମଙ୍ଗଳା ଙ୍କ ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସ ବର୍ମା ମଧ୍ୟ ଆସି ନାଟ୍ୟ ସଂସଦର ସମସ୍ତ ସଭ୍ୟ ଓ ଉପସ୍ଥିତ ବ୍ୟକ୍ତି ଙ୍କ ସହ ଅଞ୍ଚଳ ସମସ୍ୟା ସମ୍ପର୍କ ରେ ଆଲୋଚନା କରିଥିଲେ।

## ଏ୧ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଛତ୍ରପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ୧ କୃତି ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ରବିନ୍ଦ୍ର ନାଥ ଦାଶ ସଂଯୋଜନା କରିଥିବା ବେଳେ, ସଂପାଦକ ସନ୍ତୋଷ କୁମାର ସାହୁ ଶିଶୁମାନଙ୍କୁ ଉପଢ଼ୌକନ ପ୍ରଦାନ ସହିତ ସ୍ୱାଗତ କରିଥିଲେ, ଉପ ସଭାପତି ଗୀତା ପାଢୀଙ୍କ ଅଧକ୍ଷତା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସଂପାଦକ ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟା ସୁନୀତା ସେଠୀ, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ ଆଦି କାର୍ଯ୍ୟକ୍ରମ ଉପସ୍ଥିତ ରହି ଶିଶୁ ଓ ଅଭିଭାବକ ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ନିଜର ଅନୁଭୂତି ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କ ସହ ଅଭିଭାବକ ଉପସ୍ଥିତ ଥିଲେ।

## ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ



ଚଣ୍ଡିଖୋଲ/(ଭାସ୍କର ନିୟୁ ଜ୍) ଓଡ଼ିଶାର ଅଗ୍ରଣୀ ଶ୍ରମ ସଙ୍ଗଠନ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷରୁ ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ବିଶିଷ୍ଟ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ,ଯୋଗଦେଇ ସାମାଜିକ ସୁରକ୍ଷା କୁ ସାର୍ବଜନୀନ କରିବା ସହିତ ସମସ୍ତ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ମାସିକ ୩୦୦୦ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦେବାପାଇଁ ଦାବି କରିଥିଲେ। ମୁଖବକ୍ତା ଭାବେ ଓଡ଼ିଶାର ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ ସର୍ବନିମ୍ନ ମଜୁରୀ ସମାନ କରିବାକୁ ଦାବି କରିଥିଲେ ।ସମ୍ମାନିତ ଅତିଥି ଭାବେ ସମାଜ ସେବୀ ମାନସ ଜେନା ବିଭିନ୍ନ ସାମାଜିକ ଅସମାନତା ଦୂର କରି ସମସ୍ତଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା କୁ କହିଥିଲେ। ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ସରକାର ଙ୍କରବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଶ୍ରମିକ ସଂଘ ଗୁଡ଼ିକର ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଦିପ, ପବନେଶ୍ୱର ଜେନା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ସଂଗଠନର ସମ୍ପାଦକ ରମେଶ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଫଳ ରାଜମିସ୍ତ୍ରୀ, ରଙ୍ଗ ମିସ୍ତ୍ରୀ, ସମାଜ ସେବୀ,ସାମ୍ବାଦିକ ଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଶେଷରେ କାର୍ତ୍ତିକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଷେକ ମଲ୍ଲିକ, ସ୍ମିତିପ୍ରଜ୍ଞା ବାରିକ, ଶ୍ୟାମ ସୁନ୍ଦର ମଲ୍ଲିକ, ପ୍ରମୁଖ ସହଯୋଗ କରିଥିଲେ ।ଏହି ସଭାରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ପ୍ରତିନିଧି ମାନେ ଯୋଗ ଦେଇଥିଲେ।

## ସରକାରୀ ଜମିରେ ନିର୍ମିତ ଘରକୁ ଜେସିବି ଲଗାଇ ଭାଙ୍ଗିଲା ପ୍ରଶାସନ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧର ହରଭଙ୍ଗା ବ୍ଲକ ଦେବଗଡ଼ ରାଜସ୍ୱ ସର୍କଲ ଅନ୍ତର୍ଗତ ବିରିଗଡ ଗ୍ରାମରେ ସରକାରୀ ଜମିରେ ନିର୍ମିତ ହୋଇଥିବା ଘରକୁ ଜେସିବି ଲଗାଇ ଭାଙ୍ଗି ଦେଇଛି ପ୍ରଶାସନ। ମିଳିଥିବା ସୂଚନା ଅନୁଯାୟୀ ବିରିଗଡ ଗ୍ରାମର ଅର୍ଜ୍ଜୁନ ଦେହୁରୀ ନିଜ ଘର ଆଗରେ ସରକାରୀ ଜମିରେ ଥିବା ଏକ ସର୍ବସାଧାରଣ କୂଅକୁ ପୋତି ନିଜ ଦଖଲରେ ରଖି ଗୃହ ନିର୍ମାଣ କରିଥିଲେ । ଉକ୍ତ ଘଟଣାକୁ ନେଇ ଗ୍ରାମବାସୀ ଓ ଅର୍ଜ୍ଜୁନଙ୍କ ପରିବାର ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହୋଇ ଆସୁଥିଲା ।ଏ ସମ୍ପର୍କରେ ବୌଦ୍ଧ ଥାନାରେ ବାରମ୍ବାର ଅଭିଯୋଗ ହୋଇ ସରକାରୀ ଜାଗାକୁ ମୁକ୍ତ କରିବାକୁ ରାଜିନାମା ମଧ୍ୟ କରାଯାଇଥିଲା ।ମାତ୍ର ଅର୍ଜ୍ଜୁନ ଦେହୁରୀ କାହା କଥା ନମାନି ନିଜ ଦଖଲରେ ରଖି ନିର୍ମାଣ କାମ କରିଥିଲେ । ଅଭିଯୋଗ ପରେ ପରିଶେଷରେ ଆଜି ହରଭଙ୍ଗା ତହସିଲଦାର ବଳଦେବ ବେହେରା, ମାଜିଷ୍ଟ୍ରେଟ ଦାୟିତ୍ୱରେ ହରଭଙ୍ଗା ଅତିରିକ୍ତ ତହସିଲଦାର ସନ୍ଦିପ ଶୁଭଦର୍ଶନ ଧଳ, ବୌଦ୍ଧ ଥାନାର ଏଏସଆଇ ଶ୍ରୀନିବାସୀ ସାହୁ, ରାଜସ୍ୱ ସୁପରଭାଇଜର ଲୁକେଶ କୁମାର ନାଏକ, ଦେବଗଡ଼ ଭାରପ୍ରାପ୍ତ ନିରୀକ୍ଷକ ସୁମିତ୍ରା କନ୍ହର, ସରସରା ରାଜସ୍ୱ ନିରୀକ୍ଷକ ମନୋହର ମଲ୍ଲିକ, ଅଗ୍ନିଶମ ବାହିନୀ ଜବାନଙ୍କ ଉପସ୍ଥିତିରେ ଜେସିବି ସାହାଯ୍ୟରେ ସରକାରୀ ଜମିରେ ଥିବା ଘରକୁ ଭାଙ୍ଗି ଦିଆଯାଇଥିଲା ।

## ନଅଟି ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ଶତ ପ୍ରତିଶତ

ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ୨୮ଟି ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ନଅଟି ବିଦ୍ୟାଳୟର ୨୦୨୪-୨୫ ଶିକ୍ଷାବର୍ଷର ମେଟ୍ରିକ ଫଳ ଶତ ପ୍ରତିଶତ ହୋଇଛି । ଉକ୍ତ ନଅଗୋଟି ବିଦ୍ୟାଳୟ ହେଉଛି ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ, ପିଚୁକୁଳି ସ୍ଥିତ ଶ୍ରୀରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟ, ଧଳାପଥର ଡିକେ ଉଚ୍ଚ ବିଦ୍ୟାଳୟ, ତାଳତୁମ୍ବ ପଶ୍ଚିମେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ, ମାଣିକାଗୋଡା ଗଦାଧର ବାଞ୍ଛାନିଧି ଉଚ୍ଚ ବିଦ୍ୟାଳୟ, କଳାଙ୍ଗ କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟ, ଦେଉଳି ଆଞ୍ଚଳିକ ବିଦ୍ୟାଳୟ, ଅରଖପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଉପରୋକ୍ତ ନଅଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଧ୍ରୁବାନନ୍ଦ ନାୟକ, ଧ୍ରୁବ ଚରଣ ତ୍ରିପାଠୀ, ଜୋତିନ୍ଦ୍ର ଦାସ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ର, ସଂଯୁକ୍ତା ଦାଶ, ପ୍ରଣତି ସିଂହ, ଜ୍ୟୋତିର୍ମୟୀ ସାହୁ ଓ ସୁକାନ୍ତି ଦେଇଙ୍କୁ ଅଭିଭାବକ ଓ ଅଞ୍ଚଳବାସୀମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ଟାଙ୍ଗିସାହିସ୍ଥିତ ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ, ମୁଗମଣ୍ଡା ଦେବଗୁରୁ ଆଦର୍ଶ ବିଦ୍ୟାଳୟ, କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟ ଓ ଡାବରଧୂଆ ଶ୍ୟାମସୁନ୍ଦର ଆଦର୍ଶ ବିଦ୍ୟାପୀଠର ଯଥାକ୍ରମେ ଦୁଇ ଜଣ, ଦୁଇଜଣ, ଏକଜଣ, ଏକଜଣ ବିଦ୍ୟାର୍ଥୀ ଇ୧ ଗ୍ରେଡ ପ୍ରାପ୍ତ ହୋଇଛନ୍ତି। ଏହି ଚାରୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ,କିଶୋର ଚନ୍ଦ୍ର ଦାଶ, ଜୋତିନ୍ଦ୍ର ଦାସ, ଶ୍ରୀଧର ସାହୁଙ୍କୁ ବିଦ୍ୟାର୍ଥୀଙ୍କ ପିତାମାତା କୃତଜ୍ଞତା ଜଣାଇଛନ୍ତି । ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଂଶୁମାନ ବେହେରା ୫୪୮ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଏବଂ ମଣ୍ଡଳ ସଂଯୋଜକ କୈଳାସନାଥ ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି । ଏହି ମେଟ୍ରିକ ଫଳରେ ପୂର୍ବତନ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା ଖୁସି ବ୍ୟକ୍ତ କରିଛନ୍ତି ।





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାର ସୁରେଣ୍ଡ ସାଂ ନଗରରେ ନିର୍ମାଣ ଚାଲିଥିବା ରୋଡ ଡ୍ରେନ କାମର ମନ୍ଥରଗତି ଦେଖି ବିଏମ୍‌ସି ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୨୮-୦୪-୨୦୨୫ ରିଖ ଦିନ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ସହିତ ଆଲୋଚନା ପରେ ଅତି ଶିଘ୍ର ସରଭିସ୍ ରୋଡ ଓ ଡ୍ରେନ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇ ରହି ଯାଇ ନାହାଁନ୍ତି। ଗତ ତା-୦୨-୦୫-୨୦୨୫ ରିଖ ଦିନ ବିଭାଗୀୟ ଅଧିକାରୀ ମାନେ ଠିକାଦାରଙ୍କ ସହିତ ଆଲୋଚନା କରି ବର୍ଷା ଆସିବା ପୂର୍ବରୁ କିପରି ସରଭିସ୍ ରୋଡ ଓ ଡ୍ରେନ ନିର୍ମାଣ କାମ ଶେଷ ହେବ ସେଥି ପାଇଁ ଯୋଜନା କରିଛନ୍ତି। ଏହା ସହିତ ଗତ ତା-୦୩-୦୫-୨୦୨୫ ରିଖ ଦିନ ୱାର୍ଡରେ ଥିବା ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ଇଂ ଦୁର୍ଗାଚରଣ ବେହେରା, ସୁପରିଟେଣ୍ଡେଂଟ ଇଂଜିନିୟର ଇଂ.ସୁନ୍ଦର ମାଧବ ପାଣ୍ଡା, ଜେଇ ଇଂ ବିମଳ ଦାଶ ଓ ଠିକାଦାରଙ୍କ ସହିତ ବହୁ ଅଧିକାରୀ ବିଏସ୍‌ଏସ୍ ନଗର ରାସ୍ତାର ଦୁଇପଟ ପରିଦର୍ଶନ କରି ଯିବା ସହିତ ସ୍ୱଳ୍ପକାଳୀନ ଭିତିରେ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ବିଶ୍ୱନାଥ ଦାଶଙ୍କ ନେତୃତ୍ୱରେ ଯୁଗ୍ମ-ସମ୍ପାଦକ ନିମାଇଁ ଚରଣ ଦାସ, ବିଶ୍ୱନାଥ ବାରିକ ଓ ଶଶି ଭୂଷଣ ଦାସ ପ୍ରମୁଖ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ଏବେର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ।



# ମହିଳା ଉଦ୍ୟୋଗୀ ନିର୍ଭୀକ ଭାବେ ସ୍ୱପ୍ନ ଦେଖନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହିଳା ଉଦ୍ୟୋଗୀମାନେ ନିର୍ଭୀକଭାବେ ସ୍ୱପ୍ନ ଦେଖନ୍ତୁ, ସାହାସରସହ ନିର୍ମାଣ କରନ୍ତୁ ଏବଂ ଗର୍ବର ସହ ନେତୃତ୍ୱ ନିଅନ୍ତୁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ରବିବାର ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଜାତୀୟ ମହିଳା ଏଣ୍ଟରପ୍ରିନେଅରସିପ୍ କାଉନ୍‌ସିଲ ଆନୁକୂଲ୍ୟରେ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ମହିଳା ବାଣିଜ୍ୟ ମେଳା-୨୦୨୫ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବାଣିଜ୍ୟ ମେଳାରେ ଅଂଶଗ୍ରହଣକାରୀଙ୍କ ଉତ୍ସାହ ଓ ସଫଳତାକୁ ପ୍ରଶଂସା କରି ରାଜ୍ୟପାଳ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ଆତ୍ମମର୍ଯ୍ୟାଦା, ସୃଜନଶୀଳତା ଓ ସାହସରସହ ମହିଳା ଉଦ୍ୟୋଗୀମାନେ ଭାରତର ବିକାଶ କାହାଣୀର ନୂତନ ଅଧ୍ୟାୟ ଲେଖୁଛନ୍ତି। ସେମାନଙ୍କୁ ଏ ଜାତିର ଗର୍ବ ଏବଂ ଭବିଷ୍ୟତ ପୀଢ଼ି ପାଇଁ ଆଲୋକବର୍ତ୍ତିକା ଭାବେ ଅଭିହିତ କରି ଏକ ସମୃଦ୍ଧ ଏବଂ ସଶକ୍ତ ଭାରତର ଦୃଷ୍ଟିକୋଣ ସହିତ ଆଗକୁ ବଢ଼ିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ ପୁଣି କହିଥିଲେ ଯେ, ମହିଳାମାନେ ସର୍ବଦା ସ୍ରଷ୍ଟା, ଯତ୍ନଶୀଳା ଏବଂ ସମାଜ ନିର୍ମାତା ହୋଇଆସିଛନ୍ତି। ଅଧୁନା, ସେମାନେ ବ୍ୟବସାୟ, ପ୍ରଯୁକ୍ତିବିଦ୍ୟା, ବିକାଶ ଓ ସାମାଜିକ ନବସୃଜନ କ୍ଷେତ୍ରରେ ପରିବର୍ତ୍ତନକାରୀର ଭୂମିକା ନିଭାଉଛନ୍ତି। ଏହି ମେଳା ଗୋଟିଏ ଛାତ ତଳେ ବିବିଧତାକୁ ପ୍ରତିନିଧିତ୍ୱ କରିବା ଉତ୍ସାହଜନକ। ଆପଣମାନେ କେବଳ ଉଦ୍ୟୋଗୀ ନୁହଁନ୍ତି, ବରଂ ରାଷ୍ଟ୍ର ନିର୍ମାଣ ଏବଂ ପ୍ରତ୍ୟେକ ସମାବେଶୀ, ସ୍ୱବଲମ୍ବୀ ଏବଂ ପ୍ରତିଶ୍ରୁତିବଦ୍ଧ ବିକଶିତ ଭାରତର ଆତ୍ମାକୁ ପ୍ରତିନିଧିତ୍ୱ କରୁଛନ୍ତି। ଯେତେବେଳେ ଜଣେ ମହିଳା ସଫଳ ହୁଅନ୍ତି ଏକ ପରିବାର ପ୍ରଗତିକରେ। ଯେତେବେଳେ ହଜାର ହଜାର ମହିଳା ଏକାଠି ହୁଅନ୍ତି ଦେଶ ପରିବର୍ତ୍ତନ ହୁଏ ଏବଂ ଏହି ବାଣିଜ୍ୟ ମେଳା ସେହି ଗତିଶୀଳ ପରିବର୍ତ୍ତନର ପ୍ରମାଣ ଭାବେ ଉଭା ହୋଇଛି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଥିଲେ। ଏତଦ୍‌ବ୍ୟତୀତ ମହିଳା ଉଦ୍ୟୋଗୀମାନେ ପୁଞ୍ଜି, ଦକ୍ଷତା ବିକାଶ ଏବଂ ବଜାର ପ୍ରବେଶ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏବଂ ସେମାନଙ୍କର ଉନ୍ନତି ପାଇଁ ସରକାରଙ୍କ ପ୍ରବର୍ତ୍ତିତ ହୋଇଥିବା ବିଭିନ୍ନ ଯୋଜନା ଯଥା - ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ଯୋଜନା, ଦେନା ଶକ୍ତି ଯୋଜନା, ନୀତି ଆୟୋଗର ମହିଳା ଏଣ୍ଟରପ୍ରିନେଅରସିପ୍ ପ୍ଲାଟଫର୍ମ, ଲକ୍ଷପତି ଦିଦି ଯୋଜନା, ଏସ.ଏଚ.ଜି, ଡ୍ରୋନ୍ ଦିଦି ଯୋଜନା, ମିଶନ ଶକ୍ତି,ଷ୍ଟାର୍ଟ ଅପ୍ ଓଡ଼ିଶା ଏବଂ ବିବିଧ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ଉଦ୍ୟୋଗୀ ଇକୋସିଷ୍ଟମ୍‌ରେ ସେମାନଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ପ୍ରତିବଦ୍ଧତା ଦେଖାଇଛନ୍ତି ବୋଲି କହିଥିଲେ। ବିଶେଷକରି ଗ୍ରାମୀଣ ଏବଂ ଜନଜାତି ଅଞ୍ଚଳ ମହିଳାମାନେ ଏହି ଆର୍ଥିକ ପୁନରୁତ୍ଥାନର ଅଂଶ ହେବାକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରି ଏହା ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତକୁ ଶକ୍ତି ପ୍ରଦାନ କରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହର ପ୍ରାରମ୍ଭରେ ଆଇସିସି ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କନ୍‌ଭେନର୍ ପ୍ରୀତି ପଲ୍ଲବୀ ପଟ୍ଟନାୟକ ଏବଂ କୋ-କନ୍‌ଭେନର୍ ସ୍ୱାତୀ କେଜ୍ରିୱାଲ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କୋ-କନ୍‌ଭେନର୍ ସୁମାଦେବୀ ଦାଶ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ନଗର ଉନ୍ନୟନ ବିଭାଗ ଦ୍ୱାରା କ୍ୟାମ୍ପ କୋର୍ଟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନାଗରିକ-କେନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଆଜି ଭୁବନେଶ୍ୱରର ଉନ୍ନତି ଉପରେ ଗୁରୁତ୍ୱ ଦେଇ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଅଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି) ସହ ଜଡ଼ିତ ଆପିଲ୍ ମାମଲା ନିଷ୍ପତ୍ତି ଆପିଲ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୮୦୦ ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ, ଦିନବ୍ୟାପୀ ଅଧିବେଶନରେ ମୋଟ ୨୦୦ ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡ଼ିତ। ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅଧିକ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ ଏବଂ ଅତିରିକ୍ତ ସଚିବଙ୍କ ସମେତ - ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପ୍ରକ୍ରିୟା ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।

## ବ୍ରିଜ୍ ସ୍ଲାବ୍ ଭୁଶୁଡ଼ି ମୃତ୍ୟୁ ଘଟଣାକୁ ନେଇ ଧର୍ମେନ୍ଦ୍ରଙ୍କ ଦୁଃଖପ୍ରକାଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବ୍ରିଜ୍ ସ୍ଲାବ୍ ଭୁଶୁଡ଼ି ମୃତ୍ୟୁ ଘଟଣାକୁ ନେଇ ଧର୍ମେନ୍ଦ୍ର ପ୍ରଧାନ ଦୁଃଖପ୍ରକାଶ କରିଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କଟକ ଜିଲ୍ଲା ଖାନନଗର ଠାରେ ବ୍ରିଜ୍ ସ୍ଲାବ୍ ଭୁଶୁଡ଼ି ମୃତ୍ୟୁ ହେବା ଘଟଣାରେ ମୁଁ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ।

## କର୍ମର ଫଳ ପାଇବେ ମମତା: ସୁରେଶ ପୂଜାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମମତା ବାନାର୍ଜୀ ଯେଉଁ କର୍ମ କରୁଛନ୍ତି, ଚକା ଆଖି ସବୁ ଦେଖୁଛି, ଦିନେ ତାର ଫଳ ମମତା ପାଇବେ ବୋଲି କହିଛନ୍ତି ସୁରେଶ ପୂଜାରୀ। ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି ଯେ ମଝିରେ ରସଗୋଲା ଆମର ବୋଲି ମମତା ବାନାର୍ଜୀ ଦାବି କରୁଥିଲେ। ତାଙ୍କର ବୟସ କେତେ ମୁଁ ଜାଣିନାହିଁ, କିନ୍ତୁ ରସଗୋଲାର ବୟସ କେତେ ମମତା ଜାଣିନାହାନ୍ତି। ଶ୍ରୀକ୍ଷେତ୍ର ଓଡ଼ିଶାରେ ଅଛି, କାଲି ଦୀଘାରେ ଜଗନ୍ନାଥ ମନ୍ଦିରକୁ ବି ଶ୍ରୀକ୍ଷେତ୍ର ଭାବି ନେଇପାରନ୍ତି ମମତା ବାନାର୍ଜୀ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏ ମହିୟସୀ ମହିଳା କିଛି ବି କରିପାରନ୍ତି, କିଛି ବି କହିପାରନ୍ତି। ମମତା ବାନାର୍ଜୀ ଯେଉଁ କର୍ମ କରୁଛନ୍ତି, ଚକା ଆଖି ସବୁ ଦେଖୁଛି, ଦିନେ ତାର ଫଳ ମମତା ପାଇବେ।

## ଅଳିଅଗଦା ହଟାଅ, ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଜନପ୍ରତିବାଦ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୈନିକ ସ୍କୁଲ ପରିସରରେ ଥିବା ଅସ୍ଥାୟୀ ଡମ୍ପିଙ୍ଗ ୟାର୍ଡ ହଟାଇବା ସହିତ ସୈନିକ ସ୍କୁଲ ସ୍ଥାନାନ୍ତରଣ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ସୈନିକ ସ୍କୁଲ ମୁଖ୍ୟ ପ୍ରବେଶ ଦ୍ୱାର ଠାରେ ଶହ ଶହ ସଂଖ୍ୟା ରେ ସ୍ଥାନୀୟ ଜନ ସାଧାରଣ ଙ୍କ ନେଇ ଜନ ପ୍ରତିବାଦ ପ୍ରଦର୍ଶନ ହୋଇଛି। ସ୍ଲୋଗାନ ଲେଖା ପ୍ଲାକାର୍ଡ ଧରିବା ସହିତ ମାନବ ଶୃଙ୍ଖଳ ମାଧ୍ୟମରେ ସୈନିକ ସ୍କୁଲ ଗେଟ ବନ୍ଦ କରି ଗେଟ ଆଗରେ ଧାରଣା ରେ ବସି ପ୍ରତିବାଦ କରାଯାଇଥିଲା। ବିଗତ ଦିନରେ ମୁଖ୍ୟ ବିରୋଧୀ ଦଳ ବା ବର୍ତ୍ତମାନ ସରକାରୀ ଦଳ ବିଜେପି ଏହି ଅଳିଆ ଗଦା ଉଠେଇବାକୁ ନେଇ ଦୀର୍ଘ ଏକ ମାସ କାଳ ଏହି ଗେଟ ଆଗରେ ଆନ୍ଦୋଳନରେ ବସିଥିଲା। ସେତେବେଳେ ମଧ୍ୟ ଏହି ଧାରଣା ସ୍ଥଳରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେଇ ଏଠାରୁ ଅଳିଆ ଗଦା ଉଠେଇ ନେବାକୁ ପୂର୍ବ ସରକାରକୁ ଦାବି କରିଥିଲେ। ନିର୍ବାଚନ ସମୟରେ ମଧ୍ୟ ଏଠାରୁ ଅଳିଅଗଦା ଉଠେଇନେବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ତେଣୁ କଥା ଦେଇ ବା ପ୍ରତିଶ୍ରୁତି ଦେଇ ମୋହନ ସରକାର ନିଜ ପ୍ରତିଶ୍ରୁତି ରୁ ଓହରି ଯାଇଛନ୍ତି ବୋଲି ଆଜି ଧାରଣା ବେଳେ ସମସ୍ତେ କହିଥିଲେ। କଥା ଦେଇ କଥା ଭୁଲି ଗଲେ ମୋହନ ଭାଇ ବୋଲି ପ୍ରତିବାଦ ବେଳେ ସ୍ଲୋଗାନ ଦେଇଥିଲେ। ଯଦି ସାତ ଦିନ ଭିତରେ ନିଷ୍ପତି ନିଆ ନଯାଏ ତେବେ ନଗର ଉନ୍ନୟନ ମନ୍ତ୍ରୀ, ସଚିବ, ଭୁବନେଶ୍ୱର ମେୟର ଓ କମିଶନରଙ୍କ ସରକାରୀ ବାସଭବନ ଆଗରେ ପ୍ରତିବାଦ ଅଳିଆ ପିଙ୍ଗାଯିବ ବୋଲି ଆଜି ଅଭିଯାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅଳିଆ ଗଦା ଯୋଗୁ ଏହି ଅଞ୍ଚଳର ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଲାଣି। ଅନେକ ଦୁରାରୋଗ୍ୟ ରୋଗ ଦୁର୍ଗନ୍ଧରେ ଏହି ଅଞ୍ଚଳ ଫାଟି ପଡୁଛି। ତାର ସମାଧାନ ପରିବର୍ତ୍ତେ ବଡ଼ ବଡ଼ ସେଡ କରି ଦିନକୁ ଦିନ ଅନେକ ମେସିନ ବସାଇ ତାର ସମ୍ପ୍ରସାରଣ କରାଚାଲିଛି। ତେଣୁ ସମସ୍ତ ଅଞ୍ଚଳବାସୀ ଏହି ନିଷ୍ପତିକୁ ଜୋରଦାର ବିରୋଧ କରିଛନ୍ତି। ସୈନିକ ସ୍କୁଲ ସ୍ଥାନାନ୍ତରଣ ନିଷ୍ପତି ପ୍ରତ୍ୟାହାର ଓ ଅସ୍ଥାୟୀ ଡାମପିଙ୍ଗ ୟାର୍ଡ଼କୁ ହଟାଇବା ପାଇଁ ସୈନିକ ସ୍କୁଲ ଚତୁର୍ପାଶ୍ୱ ଅଞ୍ଚଳରେ ଗାଡ଼କଣ, ରଙ୍ଗାମାଟିଆ, ଆଦିମାତା କଲୋନୀ, ଲକ୍ଷ୍ମୀ ବିହାର ଆଚାର୍ଯ୍ୟ ବିହାର, ଭିଏସଏସ ନଗର, ଡମଣା, ବାଣୀବିହାର, ଆଦି ଅଞ୍ଚଳର ମୁରବି ଏବଂ ବୁଦ୍ଧିଜୀବୀ ମଧ୍ୟ ଆଜିର ଜନ ପ୍ରତିବାଦରେ ସାମିଲ ହୋଇଥିଲେ।

## ଅନ୍ତର୍ଜାତୀୟ ଅଗ୍ନିଶମ ବାହିନୀ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନ୍ତର୍ଜାତୀୟ ଅଗ୍ନିଶମ ବାହିନୀ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆନ୍ତର୍ଜାତିକ ଅଗ୍ନିଶମ ବାହିନୀ ଦିବସରେ ଆସନ୍ତୁ ଆମେ ଆମ ଅଗ୍ନିଶମ ବାହିନୀର ସେବାୟତମାନଙ୍କ ଅତୁଟ ସାହସ ଓ ସମର୍ପଣକୁ ସମ୍ମାନ ଦେବା। ଜୀବନ ଉଦ୍ଧାର କରିବା ଓ ସମୁଦାୟକୁ ସୁରକ୍ଷା ଦେବାରେ ସେମାନଙ୍କର ବୀରତା ସେବାର ସତ୍ୟ ସ୍ୱରୂପକୁ ପ୍ରତିବିମ୍ବିତ କରେ। ଓଡ଼ିଶା ଏହି ସାହସୀ ଯୋଦ୍ଧାଙ୍କ ଉପରେ ଗର୍ବିତ, ଯେଉଁମାନେ ପ୍ରତିଦିନ ଆମକୁ ପ୍ରେରଣା ଦିଅନ୍ତି।

## ଓଡ଼ିଶାରେ ୨୭ ସହରରେ ନିଟ୍ ପରୀକ୍ଷା କେନ୍ଦ୍ର, ଓଡ଼ିଶାରୁ ୧ଲକ୍ଷ ପରୀକ୍ଷାର୍ଥୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ବା ଏନଟିଏ ଦ୍ୱାରା ପରିଚାଳିତ ନିଟ୍ ୟୁଜି ୨୦୨୫ ପରୀକ୍ଷା ଆଜି ଅନୁଷ୍ଠିତ ହେବ। ଅପରାହ୍ଣ ୨ଟାରୁ ଅପରାହ୍ ୫ଟା ପର୍ଯ୍ୟନ୍ତ ୩ ଘଣ୍ଟା ଧରି ପେନ୍ ଓ ପେପରରେ ଏହି ପରୀକ୍ଷା ହେବ। ବିଦେଶର ୧୩ଟି ସହର ସମେତ ମୋଟ ୫୫୨ଟି ସହରରେ ୫୪୫୩ଟି ପରୀକ୍ଷା କେନ୍ଦ୍ର ହୋଇଛି। ଦେଶରେ ୨୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବାକୁ ଥିବାବେଳେ ଓଡ଼ିଶାରୁ ପ୍ରାୟ ୧ ଲକ୍ଷ ଛାତ୍ରଛାତ୍ରୀ ରହିଛନ୍ତି। ଓଡ଼ିଶାର ୨୭ଟି ସହରରେ ପରୀକ୍ଷା କେନ୍ଦ୍ର କରାଯାଇଛି। ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ସହ ପ୍ଲାଡ୍ ବ୍ୟବସ୍ଥା ହୋଇଛି। ପରୀକ୍ଷାର୍ଥୀ କୌଣସି ମଧ୍ୟସ୍ଥିକିମ୍ବା ପରୀକ୍ଷାରେ ପାସ କରିଦେବାକୁ କହି ଠକାମିରେ ପରୀକ୍ଷାର୍ଥୀ ନପଡ଼ିବ ପାଇଁ ପରାମର୍ଶ ଦେଇଛି ଏନ୍‌ଟିଏ।

## ୭୮ ଲକ୍ଷ ଟଙ୍କାର ଠକେଇ ମାମଲା: ୬ ଗିରଫ
# ନଗଦ ୪ ଲକ୍ଷ ଟଙ୍କା ଜବତ

କଟକ(ଭାସ୍କର ନ୍ୟୁଜ): ସାଇବର ଥାନା ପୁଲିସ ୮୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସାଇବର ଠକେଇ ମାମଲାରେ ୬ ଜଣ ଠକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ୍ ନଗଦ ୪ ଲକ୍ଷ ଟଙ୍କା, ୭ଟି ମୋବାଇଲ ଫୋନ୍, ୧୬ ଏଟିଏମ କାର୍ଡ଼, ୧୫ଜଣଙ୍କ ପାସବୁକ, ଚେକବୁକ୍ ଓ ସିମକାର୍ଡ଼ ଜବତ କରିଛି। ଏଥିସହିତ ପୋଲିସ ୭ଲକ୍ଷ ଟଙ୍କା ଫ୍ରିଜ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୟ ମେହେର (୨୮), ବିଶ୍ୱମ୍ଭର ଖର୍ସେଲ (୨୭), ରାଜେଶ ତାଣ୍ଡି (୨୦), ଅନିଲ ନାୟକ (୨୧), ଶ୍ରୀତମ ମେହେର (୧୯) ଓ ଦୀପକ ଧାରୁଆ (୨୪)। ସମସ୍ତ ସାଇବର ଲୁଟେରାଙ୍କ ଘର ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅଞ୍ଚଳରେ ହୋଇଥିଲା ବେଳେ ଆଜି ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଡିସିପି ରିଷିକେଶ ଖିଲାରୀ ସୂଚନା ଦେଇଛନ୍ତି। ଗତ ୨୪ ତାରିଖରେ ଏଲଆଇସିର ଜଣେ ବରିଷ୍ଠ ଅଧିକାରୀ ସାଇବର ଥାନାରେ ୭୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇର ଶିକାର ହୋଇଥିବା କଟକ ସାଇବର ଥାନାରେ ଏତଲା ଦେଇଥିଲେ। ସେ ଏତଲାରେ ଦର୍ଶାଇଥିଲେ ଯେ, ଫେବୃଆରୀ ମାସରେ ସେ ଏକ ଟେଲିଗ୍ରାମ ଆଇଡ଼ି ମାଧ୍ୟମରେ ଷ୍ଟ୍ରେଡେକ୍ସ ଗ୍ଲୋବାଲ ଲିମିଟେଡ଼ ନାମକ ଏକ କମ୍ପାନୀ ସହିତ ଯୋଗାଯୋଗ କରିଥିଲେ। ନିଜକୁ ପ୍ରିୟା ବଜାଜ ଭାବେ ପରିଚୟ ଦେଇ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କୁ କମ୍ ଦିନରେ ଅଧିକ ଅର୍ଥ ଲାଭ କରାଇବାର ପ୍ରତିଶ୍ରୁତି ଦେଇ ଷ୍ଟକ ମାର୍କେଟରେ ଅର୍ଥ ବିନିଯୋଗ କରିବାକୁ ପ୍ରବର୍ତାଇଥିଲେ। ଏହାକୁ ବିଶ୍ୱାସ କରି ଏଲଆଇସିର ବରିଷ୍ଠ ଅଧିକାରୀ ତଥା ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ସାଇବର ଠକମାନଙ୍କ ଆକାଉଣ୍ଟକୁ ୭୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର କରିଥିଲେ। ପରେ ସେ ଠକି ଯାଇଛନ୍ତି ବୋଲି ଜାଣିବାକୁ ପାଇଥିଲେ। ଏଣୁ ସେ ସାଇବର ଥାନାରେ ଏତଲା ଦାୟର କରିଥିଲେ। ପୋଲିସ ଉକ୍ତ ଏତଲାକୁ ଆଧାର କରି ଏକ ମାମଲା ରୁଜୁ କରି ଛାନଭିନ ତଦନ୍ତ ଆରମ୍ଭ କରିଥିଲ। ପୋଲିସ କମିଶନରଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଦୁଇଜଣ ଏସିପି, ଜଣେ ଇନ୍ସପେକ୍ଟର, ଜଣେ ସବ୍ ଇନ୍ସପେକ୍ଟର ଓ ୪ଜଣ କନେଷ୍ଟବଲ ଥିଲେ। ଏହି ଟିମ୍ ମାମଲାର ତଦନ୍ତ କରି ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କରି ବଲାଙ୍ଗୀର ଅଭିମୁଖେ ଯାଇ ବଲାଙ୍ଗୀର ପୋଲିସର ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ଏହି ମାମଲାରେ ମୁଖ୍ୟ ଅପରାଧିଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ସେମାନଙ୍କୁ ଧରିବା ପାଇଁ ଏକ ଟିମ ରାଜ୍ୟ ବାହାରକୁ ଯାଇଥିବା ଡିସିପି ସୂଚନା ଦେଇଛନ୍ତି। ଅପରପକ୍ଷେ ଏଭଳି ଲାଳସାର ବଶବର୍ତ୍ତୀ ନହେବା ଲାଗି ପୋଲିସ ଜନସାଧାରଣଙ୍କୁ ନିବେଦନ କରିଛି।

## ଏସ୍‌ଏଚ୍‌ଜି ମହିଳା ନେବେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାୟିତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏଣିକି ଏସ୍‌ଏଚ୍‌ଜି ମହିଳା ନେବେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାୟିତ୍ୱ। ୨୦୭ଟି ସିଙ୍ଗିଲ ମଲଟି ସୋଲାର ଏବଂ ମେଗା ପ୍ରକଳ୍ପ ମାଧ୍ୟମରେ ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଛୁ। ଚଳିତ ବର୍ଷ ୨୪ ହଜାର ନୂଆ ନଳକୂପ ଖୋଳିବା ପାଇଁ ଅନୁମୋଦନ ଦେଇଛୁ। ଏହି ସବୁ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଆମେ ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପକୁ ଦାୟିତ୍ୱ ଦେବାକୁ ଯାଉଛୁ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାୟକ କହିଛନ୍ତି। ସେ କହିଛନ୍ତି ଯେ, ସେମାନଙ୍କୁ ଟ୍ରେନିଂ ଦିଆଯିବା ସହ କିଟ୍ ମଧ୍ୟ ରାଜ୍ୟ ସରକାର ଯୋଗାଇ ଦେବେ। ଏବଂ ପ୍ରତ୍ୟେକ ଗାଁରୁ ଜଣେ ଜଣେ ମା'ମାନେ ଦାୟିତ୍ୱରେ ରହି ବିଶୁଦ୍ଧ ପାଣି ଜଳ ଯୋଗାଣକୁ ସୁନିଶ୍ଚିତ କରିବେ। ମୁଁ ଲୋକଙ୍କୁ ଅନୁଗ୍ରହ କରୁଛି ଯେଉଁଠି ଫ୍ଲୋରାଇଡ଼ କିମ୍ବା ଆଇରନ ମିଶା ପାନୀୟ ଜଳ ଆସୁଛି ତାକୁ ଜଣାନ୍ତୁ ଆମେ ଟେଷ୍ଟିଙ୍ଗ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବୁ। ପ୍ରତ୍ୟେକ ଗାଁ ସ୍ତରରେ ପଞ୍ଚାୟତ ସ୍ତରରେ ଏସଏଚଜି ଗ୍ରୁପ ମାନଙ୍କୁ ପାନୀୟ ଜଳ ଟେଷ୍ଟିଙ୍ଗର ଟ୍ରେନିଂ ଦେଇକି ତାଙ୍କୁ କିଟ୍ ଦେବୁ।

## 'ଜାତୀୟ ଶିକ୍ଷାନୀତି: ଶିକ୍ଷା ଏବଂ ଶୈଶବର ଯତ୍ନ' ଶୀର୍ଷକ କର୍ମଶାଳା

କଟକ(ଭାସ୍କର ନ୍ୟୁଜ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ 'ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷା ଏବଂ ଶୈଶବର ଯତ୍ନ' ଶୀର୍ଷକ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଓଷ୍ଟା ରାଜ୍ୟ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ସିଏମ୍‌ସି ମେୟର୍ ସୁବାସ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶ୍ୱ ଶିକ୍ଷକ ସଂଗଠନର ସଭାପତି ଡ. ଅମୀୟ କୁମାର ମହାଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି -୨୦୨୦ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରବାଟୀ କଟକର ବିଧାୟିକା ସୋଫିଆ ଫିରଦୋସ୍ ଯୋଗଦେଇ ଐତିହାସିକ କଟକ ସହରକୁ ବୁଦ୍ଧିଜୀବୀମାନଙ୍କ ସହର ଭାବରେ ଅବତାରଣା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାଲଲହଡ଼ାର ବିଧାୟକ ଅଶୋକ ମହାନ୍ତ ଯୋଗଦେଇ କଟକ ସହରକୁ ବୀର ପ୍ରସବିନୀ ସୁବାସ ବୋଷଙ୍କ ମାଟି କହି ଏହାକୁ ସମ୍ମାନ ଜଣାଇଥିଲେ। ଜାତୀୟ ଶିକ୍ଷାନୀତି - ୨୦୨୦ ସମଗ୍ର ପୃଥିବୀରେ ଭାରତ ବର୍ଷକୁ ପ୍ରତିପାଦିତ କରିବା ସହ ଏହି ଶିକ୍ଷାନୀତି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଶିକ୍ଷାର ବାତାବରଣ ତିଆରି କରିବା କଥା ତାଙ୍କ ବ୍ୟକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏଆଇଏଫ୍‌ଇଏର ସଭାପତି ସୁଧୀର କୁମାର ଉକ୍ତ କର୍ମଶାଳାରେ ସଭାପତିତ୍ୱ କରିଥିବାବେଳେ ଓଷ୍ଟାର ସାଧାରଣ ସମ୍ପାଦକ ରନ କୁମାର ଦାଶ 'ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷା ଏବଂ ଶୈଶବର ଯତ୍ନ' ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ଶିକ୍ଷକ ମହାସଂଘର ସମସ୍ତ ପଦାଧିକାରୀଙ୍କ ସମେତ ମିଥିଲେଶ ଶର୍ମା, କୋଷାଧ୍ୟକ୍ଷ ମନୋଜ କୁମାର, ଓଲ୍‌ଷ୍ଟାର ସଭାପତି ବିକ୍ରମ କୁମାର ଦାସ, ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର କମଳ ଲୋଚନ ବିଶ୍ୱାଳ, ଓଡ଼ିଶା ଅବସର ପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଅଜୟ କୁମାର ସାମଲ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାଶଙ୍କ ସମେତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକ ସଂଘର କର୍ମଚାରୀ ଯୋଗ ଦେଇଥିଲେ।

## ରେଜଲ୍ଟ ନେଇ କୌଣସି ତାରିଖ ଘୋଷଣା ହୋଇନି: ସିବିଏସ୍‌ଇ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଟୁଇଟ ଜରିଆରେ ସ୍ପଷ୍ଟିକରଣ। ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ରେଜଲ୍ଟ ତାରିଖକୁ ଅଣଦେଖା କରିବାକୁ ଅନୁରୋଧ କରାଯାଇଛି। ସିବିଏସ୍‌ଇ ପକ୍ଷରୁ ଏ ଯାଏଁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେଜଲ୍ଟ ନେଇ କୌଣସି ତାରିଖ ଘୋଷଣା ହୋଇ ନାହିଁ। ଉଭୟ ଅଭିଭାବକ ଓ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଯାଇଛି। କେବଳ ସିବିଏସ୍‌ଇ ଅଫିସିଆଲ ୱେବସାଇଟ୍‌କୁ ବିଶ୍ୱାସ କରନ୍ତୁ ବୋଲି ଟ୍ୱିଟରେ କୁହାଯାଇଛି। ୨ରେ ରେଜଲ୍ଟ ବାହାରିବାକୁ ଥିବା ଫେକ ଖବରକୁ ଖଣ୍ଡନ କରିଛି ସିବିଏସ୍‌ଇ।

## ମା'-ଝିଅକୁ ଦୁଷ୍କର୍ମ: ଅଭିଯୁକ୍ତ କୋର୍ଟଚାଲାଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ଦିନକୁ ଦିନ ଚୋରି, ରାହାଜାନିଠାରୁ ଆରମ୍ଭକରି ଦୁଷ୍କର୍ମ ଭଳି ଲଜ୍ଜାଜନକ ଘଟଣା ବଢ଼ିବାରେ ଲାଗିଛି। ଏହିପରି ଏକ ଲଜ୍ଜାଜନକ ଘଟଣା ବଡ଼ଗଡ଼ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ମା'-ଝିଅକୁ ଦୁଷ୍କର୍ମ ଅଭିଯୋଗ ତାଙ୍କର ଘରୋଇ ସହାୟକକୁ ମହଙ୍ଗା ପଡ଼ିଛି। ଏନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତର ନାମ ସରୋଜ ବେହେରା ଓରଫ ରବି(୨୨) ଓ ସେ ଯାଜପୁର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ନିପାଣିଆ ଗ୍ରାମର ବିଚିତ୍ର ବେହେରାଙ୍କ ପୁଅ ବୋଲି ଜଣାପଡ଼ିଛି। ସରୋଜ ବଡ଼ଗଡ଼ ଥାନା ନିକଟସ୍ଥ ଶିବାଜୀ ମେଡିକାଲ ନିକଟ ରାଧାନଗରରେ ରହୁଥିଲା। ଅଭିଯୋଗକାରିଣୀଜଣକ ନିଜ ପରିବାର ସହ ବଡ଼ଗଡ଼ ଥାନା ଅଞ୍ଚଳରେ ରହୁଥିଲେ। ସରୋଜ ତାଙ୍କ ଘରେ ଘରୋଇ ସହାୟକ ଭାବେ କାର୍ଯ୍ୟ କରୁଥିଲା। କାର୍ଯ୍ୟ କରୁଥିବା ସମୟରେ ସୁଯୋଗ ଦେଖି ଅଭିଯୋଗକାରିଣୀ ଓ ତାଙ୍କ ନାବାଳିକା ଝିଅର ଫଟୋ ଓ ଭିଡିଓ ଉତ୍ତୋଳନ କରି ନିଜ ପାଖରେ ରଖିଥିଲା। ଏଥିସହ ଏହି ଭିଡିଓକୁ ସେ ଉଭୟଙ୍କୁ ଦେଖାଇ ବ୍ଲାକ୍‌ମେଲିଂ ଆରମ୍ଭ କରିଥିଲା। ପରେ ଉଭୟଙ୍କ ଫଟୋ ଭାଇରାଲ ଧମକ ଦେଇ ଉଭୟଙ୍କ ଇଚ୍ଛା ବିରୁଦ୍ଧରେ ସେମାନଙ୍କୁ ଏକାଧିକାର ବାର ଦୁଷ୍କର୍ମ କରିଥିଲା ଏବଂ ପାଖରେ ରଖିଥିବା ଫଟୋ ଓ ଭିଡିଓକୁ ସେ ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀଙ୍କ ନିକଟକୁ ପଠାଇଥିଲା। ଏହା ବ୍ୟତୀତ ସରୋଜ ମା'-ଝିଅକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଯାଜପୁର ଥାରେ ଏକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

## 'ଦ ଭଏସ୍ କନ୍‌କ୍ଲେଭ୍ ଅଫ୍ ଆଇଡିଆଜ୍'ର ଗଣମାଧ୍ୟମ ଆଲୋଚନାଚକ୍ର


# ସମାଜ ସଂସ୍କାରର ଗୁରୁଦାୟିତ୍ୱ ନିର୍ବାହ କରୁ ଗଣମାଧ୍ୟମ: ରାଜଦୀପ୍ ସରଦେଶାଇ




'ଓଡ଼ିଶା ଭାସ୍କର ଲାଇଭ୍' ପକ୍ଷରୁ ହୋଟେଲ ମେ ଫେୟାର କନ୍‌ଭେନ୍‌ସନ୍‌ରେ 'ଦ ଭଏସ୍ କନ୍‌କ୍ଲେଭ୍ ଅଫ ଆଇଡିଆଜ୍'ର ଗଣମାଧ୍ୟମ ଆଲୋଚନା ଚକ୍ରରେ ବରିଷ୍ଠ ସାମ୍ବାଦିକ ରାଜଦୀପ ସରଦେଶାଇ, ରୁବେନ ବାନାର୍ଜୀ, ରାହୁଲ ଦେବ ଏବଂ ବର୍ତ୍ତିକା ନନ୍ଦ ସାମିଲ ହୋଇ ବର୍ତ୍ତମାନର ସ୍ଥିତି ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରର ଥିମ୍ ଥିଲା ଗଣମାଧ୍ୟମର ସ୍ୱାଧୀନତା ଏବଂ ମତଭେଦ। ଏହା ଉପରେ ଆଲୋଚକମାନେ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ, ଯାହାକି ଦର୍ଶକ ମହଲରେ ବେଶ୍ ଗ୍ରହଣୀୟ ହୋଇଥିଲା। ଓଡ଼ିଶାର ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଏହାର ସଂଯୋଜନା ଦାୟିତ୍ୱରେ ରହିଥିଲେ। ମୋଟାମୋଟି ଭାବେ ଏହି କନ୍‌କ୍ଲେଭ୍ ସଫଳ ହୋଇଥିବା କୁହାଯାଇପାରେ।

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକଙ୍କ ବାକ୍ ସ୍ୱାଧୀନତା ସଂକୁଚିତ ହୋଇଯାଉଛି। କୌଣସି ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କଲେ ଦେଶଦ୍ରୋହୀର ଆଖ୍ୟା ଦିଆଯାଉଛି। ତେଣୁ ପ୍ରକୃତ ସତ୍ୟ ମିଥ୍ୟା ଭିତରେ ଚାପି ହୋଇଯାଉଛି। ତେଣୁ ଏ କ୍ଷେତ୍ରରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା ବେଳେ ଗଣମାଧ୍ୟମ ସମାଜ ସଂସ୍କାରର ଗୁରୁଦାୟିତ୍ୱ ନିର୍ବାହ କରୁ ବୋଲି ମତ ରଖିଛନ୍ତି ବରିଷ୍ଠ ସାମ୍ବାଦିକ ରାଜଦୀପ୍ ସରଦେଶାଇ। ଗତ ୨୭ ତାରିଖରେ ଭୁବନେଶ୍ୱରର ମେ ଫେୟାର କନ୍‌ଭେନ୍‌ସନ୍‌ରେ 'ଓଡ଼ିଶା ଭାସ୍କର ଲାଇଭ୍' ପକ୍ଷରୁ ଆୟୋଜିତ 'ଦ ଭଏସ୍ କନ୍‌କ୍ଲେଭ୍ ଅଫ୍ ଆଇଡିଆଜ୍'ର ଗଣମାଧ୍ୟମ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ଦରଦେଶାଇ କହିଥିଲେ ଉପା ସରକାରଙ୍କ ସମୟରେ ଲୋକଙ୍କ ବାକ୍ ସ୍ୱାଧୀନତା ଅକ୍ଷୁଣ୍ଣ ରହିଥିଲା। ସେତେବେଳେ ସରକାରଙ୍କୁ ସମାଲୋଚନା କଲେ ମଧ୍ୟ ସରକାର ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରୁଥିଲେ। କିନ୍ତୁ ଏବେର ସରକାରଙ୍କୁ ପ୍ରଶ୍ନ କଲେ ଦେଶଦ୍ରୋହୀର ଆଖ୍ୟା ନେବାକୁ ପଡୁଛି। ଫଳରେ ସତ୍ୟ ଲୋକଲୋଚନକୁ ଆସିବା ସମ୍ଭବପର ହେଉନାହିଁ। ସେ କହିଥିଲେ ମୁଁ କାହାକୁ କେବେବି ଶତ୍ରୁ ବୋଲି ଭାବେ ନାହିଁ। ଗଣମାଧ୍ୟମର ଭୂମିକା ହେଉଛି ସର୍ବଦା ସତ୍ୟ ତଥା ଅନୁସନ୍ଧାନ ମୂଳକ ସମ୍ବାଦ ପରିବେଷଣ କରିବା। ମୋ ଜୀବନର ଶେଷ ଯାଏ ମୁଁ ସତ୍ୟ ସହ ଚାଲିବି ବୋଲି ଶ୍ରୀ ସରଦେଶାଇ ଦୃଢ଼ୋକ୍ତି ବାଢ଼ିଥିଲେ। ତେବେ କେତେକ ଗଣମାଧ୍ୟମ ମୂଳ ଲକ୍ଷ୍ୟ ଠାରୁ ବିଚ୍ୟୁତ ହୋଇଥିବାରୁ ଦେଶର ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ତେଣୁ ଗଣମାଧ୍ୟମ ସମାଜ ସଂସ୍କାରର ଗୁରୁଦାୟିତ୍ୱ ନିର୍ବାହ କରିପାରିଲେ ତାହା ସମସ୍ତଙ୍କ ପାଇଁ ମଙ୍ଗଳକର ହୋଇପାରିବ ବୋଲି କହିବା ସହ କନ୍‌କ୍ଲେଭ୍‌ର ଆୟୋଜନ ନେଇ 'ଓଡ଼ିଶା ଭାସ୍କର' ପରିବାରକୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ରୁବେନ୍ ବାନାର୍ଜୀ କହିଥିଲେ ଯେ, ସେ ସର୍ବଦା ଅନୁସନ୍ଧାନ ମୂଳକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦିଅନ୍ତି। ସତ୍ୟ ଓ ଅନୁସନ୍ଧାନ ମୂଳକ ରିପୋର୍ଟ ଲୋକଙ୍କ ନିକଟରେ ବେଶ୍ ଗ୍ରହଣୀୟ ହୋଇଥାଏ। ଆଜିର ସମାଜରେ ଘଟୁଥିବା ବହୁ ଅଘଟଣ ସମ୍ବାଦପତ୍ରରେ ସ୍ଥାନ ପାଉନାହିଁ। ସମାଜ ଏବେ ଓଲଟା ଦିଗରେ ଗତି କରୁଛି। ଏଥିରେ ପରିବର୍ତ୍ତନ ଆଣିବାକୁ ହେଲେ ଗଣମାଧ୍ୟମ ସଚେତନ ହେବା ଜରୁରି। ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି, ବାକ୍ ସ୍ୱାଧୀନତା ହଜି ଯାଉଛି, ପାଟି ଖୋଲିଲେ ବିପଦ ମାଡିଆସୁଛି। ତେଣୁ ଏଭଳି ସ୍ଥିତିର ଆମୂଳଚୁଳ ପରିବର୍ତ୍ତନ ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଆଲୋଚକ ବରିଷ୍ଠ ସାମ୍ବାଦିକ ବର୍ତ୍ତିକା ନନ୍ଦ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଓ ପରିବେଶର ସୁରକ୍ଷା ବର୍ତ୍ତମାନ ସମୟର ଜରୁରି ଆବଶ୍ୟକତା। ଏ କ୍ଷେତ୍ରରେ ସମସ୍ତେ ସଚେତନ ହେବା ଜରୁରି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ପରିବେଶକୁ ନଷ୍ଟ କରିବାରେ ଲାଗିଛି। ଯାହା ଫଳରେ ଲୋକଙ୍କ ସ୍ଥିତିରେ ଅବନ୍ନତି ଘଟୁଛି। ତେଣୁ ଏ କ୍ଷେତ୍ରରେ ସମସ୍ତେ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଜରୁରି ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଭାବେ ବରିଷ୍ଠ ସାମ୍ବାଦିକ ରାହୁଲ ଦେବ କହିଥିଲେ ଯେ, ସାମ୍ପ୍ରତିକ ସମାଜରେ ସତ୍ୟର ଅପଳାପ ଅଧିକ ଦେଖିବାକୁ ମିଳୁଛି। ଫଳରେ ସତ୍ୟ ଲୁଚିଯିବା ସହ ମିଥ୍ୟାକୁ ପ୍ରଶ୍ରୟ ଦିଆଯାଉଛି। ଲୋକମାନେ ଉଚିତ୍ ମାର୍ଗଦର୍ଶନ ପାଇବା ସମ୍ଭବପର ହେଉନାହିଁ। ଦେଶର ଆର୍ଥିକ ସ୍ଥିତିରେ ଅବନ୍ନତି ସହ ଲୋକଙ୍କ ରୋଜଗାରେ ମଧରେ ଅବନ୍ନତି ଘଟିଛି। ତେଣୁ ସମସ୍ତେ ଏକ୍ଷେତ୍ରରେ ସଜାଗ ହେବା ପାଇଁ ଶ୍ରୀ ଦେବ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ମଡରେଟର ତଥା ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର।



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"
-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"
-ବି.ଆର୍ ଆମ୍ବେଦକର



## ଦେବାଳିଆ ସ୍ଥିତିରେ ପାକ୍ ଅର୍ଥନୀତି

# ରାଜକୋଷ ଶୂନ୍ୟ, ଋଣବୋଝ ଅସମ୍ଭାଳ

ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ପାକ୍-ଭାରତ ସୀମାରେ ଉତ୍ତେଜନା ଚରମସୀମାରେ ପହଞ୍ଚି ଥିବାବେଳେ ଯେକୌଣସି ମୁହୂର୍ତ୍ତରେ ଦୁଇଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯିବାର ଆଶଙ୍କା ଦେଖାଦେଇଛି। ଏହି ସମୟରେ ଭାରତ ପକ୍ଷରୁ ପାକିସ୍ତାନ ଉପରେ ପ୍ରଚଣ୍ଡ ଆର୍ଥିକ ପ୍ରହାର କରାଯିବା ସଙ୍ଗେ ସଙ୍ଗେ ୱାଘା ସୀମା ଦେଇ ସବୁପ୍ରକାର ବାଣିଜ୍ୟ କାରବାରକୁ ବନ୍ଦ କରାଯାଇଛି। ଏହି ଶତ୍ରୁ ଦେଶରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସବୁପ୍ରକାର ଆମଦାନି ଓ ରପ୍ତାନି ଉପରେ ରୋକ୍ ଲଗାଯାଇଛି। ଭାରତର ଏତାଦୃଶ କଟକଣା ଯୋଗୁଁ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନର ସ୍ଥିତି ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି। ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନର ରାଜକୋଷ ଏବେ ଶୂନ୍ୟ ହେବାକୁ ବସିଥିବା ବେଳେ ଦେଶ ଋଣ ଭାରରେ ବୁଡ଼ି ଯାଇଛି। ଠିକ୍ ଏତିକିବେଳେ ଭାରତର କଡ଼ା ପଦକ୍ଷେପ ପଡ଼ୋଶୀ ଦେଶକୁ ବଡ଼ ଝଟ୍‌କା ଦେବାକୁ ଯାଉଛି। ଅର୍ଥନୀତି ବିଶାରଦଙ୍କ ଆକଳନ ଅନୁଯାୟୀ ଭାରତ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ଫଳରେ ଋଣରେ ବୁଡ଼ିଥିବା ପାକ୍ ଅର୍ଥନୀତି ଅଳ୍ପଦିନ ମଧ୍ୟରେ ରସାତଳଗାମୀ ହୋଇଯିବ। ଦେଶରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହେବା ସହିତ ଋଣଭାର ଆହୁରି ଅଧିକ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ପାକିସ୍ତାନ ଉପରେ ମୋଟ୍ ୨୧.୬ଲକ୍ଷ କୋଟି ଟଙ୍କାର ଋଣଭାର ରହିଛି। ଅର୍ଥାତ୍ ଗୋଟିଏ ଶିଶୁ ଜନ୍ମ ହେବା ବେଳେ ତା' ମୁଣ୍ଡ ଉପରେ ୮୬.୫ ହଜାର ଟଙ୍କାର ଋଣବୋଝ ରହୁଛି। ଦେଶର ସ୍ଥିତି ଏଭଳି ହେଲାଣି ଯେ ଜଣେ ନାଗରିକ ତେଲ କିଣିବା ବେଳେ ବା ଗ୍ୟାସ୍ ବିଲ୍ ପଇଠ କରିବା ପାଇଁ ମଧ୍ୟ ଋଣ କରିବାକୁ ପଡୁଛି।

ଏବେ ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ କିଛି ଅର୍ଥ ଋଣ କରିବାକୁ ଉଦ୍ୟମ ଚଳାଇଥିଲା। ମାତ୍ର ଆଇ.ଏମ୍.ଏଫ୍‌ରୁ ମିଳିବାକୁ ଥିବା ଏହି ଋଣ ବନ୍ଦ କରିବାକୁ ପ୍ରସ୍ତାବ ରହିଛି, ଯାହାଫଳରେ ପାକିସ୍ତାନ ବିଚଳିତ ହୋଇପଡିଛି ଏବଂ ଏହାକୁ ଏକ ରାଜନୈତିକ ପଦକ୍ଷେପ ବୋଲି ଅଭିଯୋଗ କରିଛି। ଗତ ୨୦୨୪ ମସିହା ଜୁନ୍ ସୁଦ୍ଧା ପାକିସ୍ତାନ ଉପରେ ୨୫.୬ ବିଲିୟନ୍ ଡଲାର୍ ବା ୨୧.୬ ଲକ୍ଷ କୋଟି ଟଙ୍କାର ଋଣବୋଝ ରହିଥିଲା, ଯାହା ଦେଶର ଜି.ଡି.ପି ର ୬୭ ପ୍ରତିଶତ। ବିଶ୍ୱର ଅନେକ ଦେଶ, ବିଶ୍ୱବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ଏହିସବୁ ଋଣ ଅଣାଯାଇଥିଲା। ଏବେ ପାକିସ୍ତାନ ପାଖରେ ମାତ୍ର ୧.୩ ଲକ୍ଷ କୋଟିର ବିଦେଶୀ ମୁଦ୍ରା ଭଣ୍ଡାର ରହିଛି। ଗତବର୍ଷ ଡିସେମ୍ବର ସୁଦ୍ଧା ଚୀନ୍ ଭାରତର ଶତ୍ରୁ ପାକିସ୍ତାନକୁ ୨୮.୭ ବିଲିୟନ୍ ଡଲାର୍ ଅର୍ଥାତ୍ ୨.୪୨ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦେଇଥିବାର ଜଣାପଡିଛି। ଏଭଳି ଶୋଚନୀୟ ଆର୍ଥିକ ସ୍ଥିତି ସତ୍ତ୍ୱେ ଏହି ପଡ଼ୋଶୀ ଦେଶ ଭାରତକୁ ପ୍ରତିଦିନ ନାଲିଆଖି ଦେଖାଇ ଧମକ ଦେବାକୁ ପଛାଉନାହିଁ। ଏପରିକି ଭାରତ ବିରୋଧରେ ଆଣବିକ ଅସ୍ତ୍ର ପ୍ରୟୋଗ କରାଯିବ ବୋଲି ଅନେକ ପାକ୍ ମନ୍ତ୍ରୀ ଓ ରାଜନେତା ଖୋଲାଖୋଲି ପ୍ରକାଶ କରିଛନ୍ତି। ବିଶେଷ କରି ସିନ୍ଧୁନଦୀ ଜଳ ବନ୍ଦ କରିବାକୁ ଭାରତର ଘୋଷଣା ପରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଭାରତକୁ ବୋମା ମାଡ଼ରେ ଉଡ଼ାଇ ଦିଆଯିବ ବୋଲି ମନ୍ତବ୍ୟ ଦେଇଥିବା ବେଳେ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲ୍‌ୱାଲ୍ ଭୁଟ୍ଟୋ ରକ୍ତନଦୀ ବହିବ ବୋଲି ଧମକ ଦେଇଛନ୍ତି। ମାତ୍ର ଆର୍ଥିକ ଦିଗରୁ କାଙ୍ଗାଳ ହୋଇଥିବା ଗୋଟିଏ ଦେଶର ଏଭଳି ଆସ୍ଫାଳନ ଯେ ସମ୍ପୂର୍ଣ୍ଣ ମୂଲ୍ୟହୀନ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ।

# ଧନର ସ୍ୱାର୍ଥରେ ମାନର ସଂଜ୍ଞା



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ମଣିଷର ଜୀବନ ନିର୍ବାହ ପାଇଁ ଧନର ସମ୍ପୃକ୍ତି ଓତପ୍ରୋତ ଭାବେ ଗୋଟିଏ ଅନ୍ୟପ୍ରତି ଅଙ୍ଗାଙ୍ଗୀ ଭାବେ ଆବଶ୍ୟକ ହୋଇଥାଏ। ଜୀବନ ହେଉଛି ଏକ ଅମୂଲ୍ୟ ସମ୍ପଦ ଓ ଉକ୍ତ ସମ୍ପଦକୁ ସୁଚାରୁ ରୂପେ ପରିଚାଳନା କରିବା ହେଉଛି ସୁସ୍ଥ ମଣିଷର କର୍ତ୍ତବ୍ୟ। ସୁସ୍ଥ ମଣିଷର ସଂଜ୍ଞାକୁ ଯଦି ପର୍ଯ୍ୟାଲୋଚନା କରାଯାଏ ତେବେ ଉଭୟ ଶାରୀରିକ, ମାନସିକ ଓ ବୌଦ୍ଧିକ ଭାବରେ ଶୃଙ୍ଖଳିତ ଜୀବନ ହେଉଛି ପ୍ରକୃତ ମଣିଷର ମାନବିକ ଉଦ୍ଦେଶ୍ୟ। ଦୈନନ୍ଦିନ ଆବଶ୍ୟକତାରେ ମଣିଷ ଧନର ସମ୍ପୃକ୍ତିକୁ ଅଣଦେଖା କରିପାରି ନଥାଏ, କାରଣ ଜୀବନ ନିର୍ବାହ କରିବା ପାଇଁ ହେଲେ ପ୍ରତ୍ୟେକ ଦିନ ନିଜର ଖର୍ଚ୍ଚକୁ ସମ୍ମୁଖୀନ ହେବା ପାଇଁ ହେଲେ ଧନର ଆବଶ୍ୟକତା ହୋଇଥାଏ। ତେବେ ଧନ ସହିତ ଜଡିତ ଥାଏ ମଣିଷର କର୍ମ। କର୍ମ ନକଲେ ଧନ ରୋଜଗାର ହୋଇପାରି ଥାଏ। ଅତଏବ କର୍ମରେ ବିଧି ବ୍ୟବସ୍ଥାକୁ ପାଥେୟ କରି ଧନ ରୋଜଗାର ହୋଇଥାଏ। ଯଦି କର୍ମର ସଂଜ୍ଞାକୁ ବିଶ୍ଳେଷଣ କରାଯାଏ ବର୍ତ୍ତମାନର ସମାଜରେ ମଣିଷର ଆବଶ୍ୟକତା ଯଥେଷ୍ଟ ଅଧିକ ପରିଲକ୍ଷିତ ହୋଇଥାଏ, କାରଣ ଜଣେ ବ୍ୟକ୍ତି ଯେତେ ଧନ ଉପାର୍ଜନ କଲେ ମଧ୍ୟ ଉତ୍ତୋରୋତ୍ତର ଭାବେ ସେତେ ଧନ ଆବଶ୍ୟକତା ହୋଇଥାଏ। ତେବେ ବର୍ତ୍ତମାନ ମଣିଷ ଯେତେ ଧନ ରୋଜଗାର କଲେ ମଧ୍ୟ ଶାନ୍ତି ପାଇପାରୁ ନାହିଁ। ଧନ ରୋଜଗାରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ଆବଶ୍ୟକୀୟ ସାମଗ୍ରୀ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ପାଇଁ ଉଦ୍ଦିଷ୍ଟ ଖର୍ଚ୍ଚକୁ ସମ୍ମୁଖୀନ ହେବା। ଖର୍ଚ୍ଚର ସୀମାକୁ ପରିମାପକ କରିବା ଏକ କଷ୍ଟକର ବ୍ୟାପାର, ମାତ୍ର ରୋଜଗାର ଏକ ନିର୍ଦ୍ଦିଷ୍ଟ ସୀମାବଦ୍ଧ ରେଖା ଥାଏ। ତେଣୁ ଧନ ରୋଜଗାର ଖର୍ଚ୍ଚକୁ ଆୟତ୍ତ କରିଥାଏ ଓ ଖର୍ଚ୍ଚ ଧନ ରୋଜଗାରକୁ ନିୟନ୍ତ୍ରଣ କରିଥାଏ। ମାତ୍ର ଅନେକ ସମୟରେ ଧନ ମଣିଷକୁ କରାୟତ୍ତ କରିଥାଏ ଯେଉଁଠି ମଣିଷ ଧନର ବଶବର୍ତ୍ତୀ ହେବା ଉଚିତ୍ ନୁହେଁ। ଧନ ରୋଜଗାରର ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ଥାଏ, ଯାହା ଏକ ନୀତି ଆଦର୍ଶ ଉପରେ ପ୍ରତିଷ୍ଠିତ ହୋଇଥାଏ। ମଣିଷ ସତମାର୍ଗରେ ଓ ଶୃଙ୍ଖଳିତ ବ୍ୟବସ୍ଥାରେ ଯେତେ ନିମ୍ନମାନର କର୍ମ କଲେ ମଧ୍ୟ ତାହା ସ୍ୱୀକୃତି ପାଇଥାଏ, କାରଣ ସେଥିରେ ଥାଏ କର୍ମ ଓ ଆବଶ୍ୟକତା ନିହିତ। ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଧନ ରୋଜଗାର ପାଇଁ ସାମାଜିକ ବିଧି ବ୍ୟବସ୍ଥା ଓ ଆଇନାମୋଦିତ କର୍ମ କଲେ ତାହା ଗ୍ରହଣୀୟ ହୋଇଥାଏ, ମାତ୍ର ଧନ ରୋଜଗାର ପାଇଁ ନୀତି ନିୟମ, ମାନ ସମ୍ମାନ ଓ ଚରିତ୍ର ବିବେକକୁ ଜଳାଞ୍ଜଳି ଦେବା ହେଉଛି ଧନ ପ୍ରତି ମୋହ ଓ ଲୋଭ। ଏଥିରେ ଧନର ଆବଶ୍ୟକତା ରହିଥାଏ କେବଳ ଇନ୍ଦ୍ରିୟ ଲାଳସାକୁ ଚରିତାର୍ଥ କରିବା ପାଇଁ।

ଅର୍ଥ ରୋଜଗାରକୁ ଗୁରୁତ୍ୱ ଦେଇ ହୋଟେଲ ଓ ବାର୍‌ମାନଙ୍କରେ ଅର୍ଦ୍ଧରାତ୍ରୀ ପର୍ଯ୍ୟନ୍ତ ନାଚଗୀତ ହେବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି କର ଦ୍ୱାରା ଧନ ସଂଗ୍ରହ କରିବେ, ହୋଟେଲ ବା ବାର୍‌ର ମାଲିକମାନେ ଧନ ରୋଜଗାର କରିବେ, ଉକ୍ତ ନାଚ ପାଇଁ ସୁନ୍ଦରୀ ତରୁଣୀମାନଙ୍କୁ ଠାବ କରି ସଂଗ୍ରହ କରୁଥିବା ବ୍ୟକ୍ତି ଆଦି ରୋଜଗାର କରିବେ ତଥା ନାଚ କରୁଥିବା ତରୁଣୀମାନେ ଅଙ୍ଗଭଙ୍ଗୀ ଆଦି ପ୍ରଦର୍ଶନ କରି ଧନ ରୋଜଗାର କରିବେ। ଅନ୍ୟପକ୍ଷରେ ଯେଉଁ ଗ୍ରାହକମାନେ ଧନ ପ୍ରଦାନ କରିଥାନ୍ତି, ସେମାନେ ନାଚ, ମଦ, ମାଂସ ଓ ତରୁଣୀ ମାନଙ୍କର ଅଙ୍ଗ ଭଙ୍ଗୀରେ ବିମୋହିତ ହୋଇଥାନ୍ତି। ତେବେ ଉକ୍ତ ଦୃଷ୍ଟିକୋଣକୁ ବିଚାର କଲେ ଏଠାରେ ବଞ୍ଚିବା ପାଇଁ ବା ଆବଶ୍ୟକତାକୁ ସମ୍ମୁଖୀନ ହେବା ପାଇଁ କାହାର ଧନ ଆବଶ୍ୟକ ହୋଇନଥାଏ। ନା ସରକାରଙ୍କର, ନା ହୋଟେଲ ବା ବାର୍ ମାଲିକ ମାନଙ୍କର, ନା ଦଲାଲ ମାନଙ୍କର, ନା ଯେଉଁମାନେ ନାଚ ପରିବେଷଣ କରିଥାନ୍ତି ସେମାନଙ୍କର। ଯେଉଁମାନେ ନାଚ ପରିବେଷଣ କରିଥାନ୍ତି ସେମାନେ ମୋଟା ଅଙ୍କର ଧନ ରୋଜଗାର କରିଥାନ୍ତି କେବଳ ଆଭିଜାତ୍ୟର ଆବଶ୍ୟକତାକୁ ଚରିତାର୍ଥ କରିବା ପାଇଁ, କିନ୍ତୁ ଜୀବନ ନିର୍ବାହ କରିବା ପାଇଁ ନୁହେଁ। ସେମାନେ ଧନ ପଛରେ ଧାବମାନ ହୋଇଥାନ୍ତି କେବଳ ସମାଜରେ ଅଧିକରୁ ଅଧିକ ଧନର ପ୍ରାଚୁର୍ଯ୍ୟରେ ଇନ୍ଦ୍ରିୟକୁ ଭୋଗ ବିଳାସରେ ନିମଜ୍ଜିତ କରିବା ପାଇଁ ସେମାନେ ଏଭଳି ପନ୍ଥା ଅବଲମ୍ବନ କରିଥାନ୍ତି। ଅନ୍ୟପକ୍ଷରେ ଯେଉଁ ବ୍ୟକ୍ତି ମାନେ ଉଚ୍ଚ ହାରରେ ଧନ ପ୍ରଦାନ କରିଥାନ୍ତି ଏହାକୁ ଉପଭୋଗ କରିବା ପାଇଁ ସେମାନେ କେବେହେଲେ ନିଜର ଶ୍ରମ ଅର୍ଜିତ ବା ଝାଳବୁହା କଷ୍ଟଲବ୍ଧ ଧନରେ ଏଭଳି ଆମୋଦ ପ୍ରମୋଦ କରିନଥାନ୍ତି, ବରଂ କୌଣସି ଅସତ ଉପାୟରେ ଏହା ଅର୍ଜନ କରି ମଦ ମାଂସ ନାଚ ଗୀତରେ ନିଜର ଇନ୍ଦ୍ରିୟ ଲାଳସାକୁ ଚରିତାର୍ଥ କରିଥାନ୍ତି। ଧନ ରୋଜଗାରର ଅର୍ଥ ନୁହେଁ ବିବେକ ଲଜ୍ୟା ଓ ନୀତିକୁ ଉଲ୍ଲଂଘନ କରିବା। ପୂର୍ବେ ରାଜ ଦରବାରରେ ରାଜାମାନେ ରାଜସଭାରେ ବା ନିଜର ଶୟନ କକ୍ଷରେ ନର୍ତ୍ତକୀମାନଙ୍କୁ ଚୟନ କରି ନାଚଗୀତରେ ଆମୋଦ ପ୍ରମୋଦ ହେଉଥିଲେ ତାହା ପୁଣି ସୁରାପାନ କରି ଓ ତତ୍ପରେ ହିତାହିତ ଜ୍ଞାନର ଅବକ୍ଷୟ ହେଉଥିଲା ଯାହା ଥିଲା ଏକ ଅପସଂସ୍କୃତିର ବିଶେଷଣ। ମାତ୍ର ବର୍ତ୍ତମାନର ସ୍ଥିତିରେ ଯଦି ଏଭଳି ଚିତ୍ର ପରିବେଷଣ ହୁଏ କେବଳ ଧନ ପ୍ରାପ୍ତି ପାଇଁ, ତେବେ ସାମାଜିକ ଅନୁଶାସନର ଶୃଙ୍ଖଳା ଓ ସାମାଜିକ ବିଧିବ୍ୟବସ୍ଥା ନିଶ୍ଚୟ ଅଧୋଗତି ଦିଗରେ ଧାବମାନ ହେବ। ଧନ ରୋଜଗାର ନାଁରେ ମାନ ସମ୍ମାନକୁ ବନ୍ଧା ପକାଇ ସୁରା ନାଚରେ ଜୀବନକୁ ନିମଜ୍ଜିତ କଲେ ଜୀବନର ଗତି କେଉଁ ଦିଗରେ ଧାବମାନ ହେବ ତାହା ହୁଏତ ଭବିଷ୍ୟତ ନିର୍ଣ୍ଣୟ କରିବ, ମାତ୍ର କଥାରେ ଅଛି 'ଯାଉ ଧନ ଥାଉ ମାନ'।

ପରିବାରରେ ଯେତେବେଳେ କୌଣସି କାର୍ଯ୍ୟ କରାଯାଏ ସେତେବେଳେ ପରିବାରର ମୁଖ୍ୟ ଗୋଟିଏ ନିର୍ଦ୍ଦେଶ ସମସ୍ତଙ୍କୁ ପ୍ରେରଣ କରିଥାନ୍ତି ଯେ ଯେତେ ଖର୍ଚ୍ଚ ହେଉ, ମାତ୍ର ତାଙ୍କର ମାନ ଥାଉ। କାରଣ ମାନ ବା ସମ୍ମାନ ସମ୍ମୁଖରେ ଧନ ହେଉଛି ଗୌଣ। ଧନର ମୂଲ୍ୟ କିଛି ନଥାଏ ଯଦି ମଣିଷ ମାନ ସମ୍ମାନର ଅଧିକାରୀ ହୋଇ ନପାରିଲା। ଧନର ପ୍ରାଚୁର୍ଯ୍ୟରେ ଉପବିଷ୍ଟ ହୋଇ ଅର୍ଦ୍ଧରାତ୍ରରେ ନାଚଗୀତ ଉପଭୋଗ କରି ମଦ ମାଂସ ଖାଇ ମଦର ନିଶାରେ ନିଜକୁ ଅସଂଯତ କରି ସାର୍ବଜନୀନ ରାସ୍ତାକଡ଼ରେ ସଂଜ୍ଞାହୀନ ହୋଇ ପଡିବା କ'ଣ ଧନର ଆବଶ୍ୟକତା। ଧନ ରୋଜଗାର ପାଇଁ ଶରୀରକୁ ଅନାବୃତ କରି ବା ସ୍ୱଳ୍ପ ପରିଧାନ କରି ଅର୍ଦ୍ଧରାତ୍ରରେ ହୋଟେଲ କୋଠରି ବା ବାର୍‌ରେ ମଦ ନିଶାରେ ମତୁଆଲା ହୋଇ ଧନ ରୋଜଗାର କରିବା କ'ଣ ସମ୍ମାନ ହୋଇପାରେ। ନାଚରେ ଯଦି କଳା ଓ ସଂସ୍କୃତିକୁ ଉପଭୋଗ କରିବାକୁ ବ୍ୟକ୍ତିର ଇଚ୍ଛା ଥାଏ, ତେବେ ତାହା ସର୍ବ ସମ୍ମୁଖରେ ଦିବସରେ ବା ସନ୍ଧ୍ୟା ସମୟରେ ହେବା ଉଚିତ। ସମ୍ମାନର ସହ ଜଣେ ଦରିଦ୍ର ହୋଇ ବଞ୍ଚିବାର ଶିକ୍ଷା ମଣିଷ ଶିକ୍ଷା କରିବା ଉଚିତ୍, ଯେଉଁଠି ଥାଏ ପ୍ରତିଷ୍ଠା ନିଷ୍ଠା ଓ ଆଦର୍ଶର ବିଚାର ବ୍ୟବସ୍ଥା। ଧନ ମଣିଷକୁ ଆକ୍ରାନ୍ତ ନକରୁ ବରଂ ଧନ ମଣିଷର ସମ୍ମାନକୁ ଅକ୍ଷୁର୍ଣ୍ଣ କରିବା ପାଇଁ ଉଦ୍ଦିଷ୍ଟ ହେଉ। ଉତ୍ତେଜିତ ନାଚ ଗୀତ ପାଇଁ ସରକାର ଯେତେବେଳେ ଅର୍ଦ୍ଧରାତ୍ର ନିଶା ପାଇଁ ଧନ ରୋଜଗାର ମୋହରେ ଅନୁମତି ପ୍ରଦାନ କରିଥାନ୍ତି, ସେତେବେଳେ ସରକାର ଯେତିକି ପରିମାଣରେ ଅର୍ଥ ସଂଗ୍ରହ କର ଆକାରରେ କରିଥାନ୍ତି ତାହାର କେତେଗୁଣ ଅଧିକ ସରକାର ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଖର୍ଚ୍ଚ କରିଥାନ୍ତି। ଶରୀରର ଅଙ୍ଗଭଙ୍ଗୀକୁ ଉପଭୋଗ କରି ଯେତେବେଳେ ମଣିଷ ଆନନ୍ଦ ପାଇବାର ସ୍ୱପ୍ନ ଦେଖୁଛି, ସେଇଠି ଆନନ୍ଦର ସଂଜ୍ଞାକୁ ହୁଏତ ପୁନର୍ବିଚାର କରିବାର ସମୟ ଆସିଛି ବୋଲି ବିବେଚନା କରିବାକୁ ପଡିବ। ଜୀବନ ନିର୍ବାହ କରିବା ପାଇଁ ଧନ ରୋଜଗାର ଓ ଆଭିଜାତ୍ୟ ତଥା ବାହ୍ୟାଡମ୍ବରକୁ ସ୍ୱାଗତ କରିବା ପାଇଁ ଧନ ରୋଜଗାର ମଧ୍ୟରେ ଅନେକ ପ୍ରଭେଦ ପରିଲକ୍ଷିତ ହୁଏ। ବଞ୍ଚିବା ପାଇଁ ଧନ ରୋଜଗାରରେ ମଣିଷର ଶେଷ ନିଃଶ୍ୱାସ ସ୍ୱୟଂଚଳିତ ହେଉଥିବା ବେଳେ ଆଭିଜାତ୍ୟକୁ ଚରିତାର୍ଥ କରିବା ପାଇଁ ଅର୍ଦ୍ଧରାତ୍ରର ଧନ ଉପାର୍ଜନ କେତେବେଳେ କାହାର ଜୀବନ ନାଶ କରିଥାଏ ତାହା ସରକାରଙ୍କର ଅପରାଧ ଖାତାରେ ଲିଖିତ ହୋଇ ରହିଛି। ଧନ ଦ୍ୱାରା ସମ୍ମାନ ସୃଷ୍ଟି ହୋଇନଥାଏ ବରଂ ସମ୍ମାନ ଦ୍ୱାରା ଧନ ସୃଷ୍ଟି ହୋଇଥାଏ। ସେଥିପାଇଁ ଧନ ହେଉଛି କ୍ଷଣସ୍ଥାୟୀ ଆକାର ଓ ମାନ ବା ସମ୍ମାନ ହେଉଛି ଚିରସ୍ଥାୟୀ ବିଚାର। ତେଣୁ ଧନ ରୋଜଗାରକୁ ଅର୍ଦ୍ଧରାତ୍ର ବ୍ୟବସ୍ଥାର ଅନୁପଯୁକ୍ତ ଉପାୟରେ ଅର୍ଜନ ନକରି ବରଂ ସମ୍ମାନ ଓ ଆଦର୍ଶର ସହ ସ୍ୱଚ୍ଛ ଧନ ସର୍ବ ସମ୍ମୁଖରେ ଅର୍ଜନ କଲେ ସେଥିରେ ନିଃସୃତ ହୋଇଥାଏ 'ଯାଉ ଧନ ଥାଉ ମାନ'ର ବ୍ୟବସ୍ଥିତ ସଂସ୍କାର ଓ ସଂସ୍କୃତି।

# ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ




ରେଣୁବାଳା ମହାପାତ୍ର
ଅନୁଗୋଳ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ହେଉଛି ଏକ ପ୍ରଯୁକ୍ତି ବା ବୈଜ୍ଞାନିକ ଶାଖା ଯେଉଁଥିରେ କମ୍ପ୍ୟୁଟର ଓ ମେସିନ୍ ମାନେ ମନୁଷ୍ୟଙ୍କ ଭଳି ଚିନ୍ତା କରିବା, ଶିଖିବା, ସମସ୍ୟା ସମାଧାନ କରିବା ଏବଂ ସ୍ୱୟଂଚାଳିତ ଭାବରେ କାମ କରିବା ଶିଖି ଥାଆନ୍ତି। ଏହା ଏକ ବୈପ୍ଲବିକ ପ୍ରଯୁକ୍ତି ବିଦ୍ୟା ଭାବରେ ବିଶ୍ୱ ସହିତ ଯୋଗାଯୋଗର ସ୍ୱରୂପ ପରିବର୍ତ୍ତନ କରୁଛି। ସର୍ବନିମ୍ନ ବା ବିନା ମାନବ ହସ୍ତକ୍ଷେପରେ ଏ.ଆଇ ମେସିନ୍‌କୁ ଇଣ୍ଟେଲିଜେଣ୍ଟ ମେସିନ୍‌ରେ ପରିଣତ କରୁଛି ଏବଂ ଏହି ମେସିନ୍ ଗୁଡ଼ିକ ନିଷ୍ପତି ନେବାଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ସକ୍ଷମ ହେଉଛନ୍ତି। ତେଣୁ ରୋବୋଟିକ୍ସ, କମ୍ପ୍ୟୁଟର ଭିଜନ ଓ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ କ୍ଷେତ୍ରରେ ଅନେକ ବିକାଶ ହେବା ଦ୍ୱାରା ଯନ୍ତ୍ର ଗୁଡ଼ିକ ମଧ୍ୟ ମଣିଷର ଭାଷା ବୁଝିପାରୁଛନ୍ତି। କୃତ୍ରିମ ଭାବରେ ଏହି ଶକ୍ତିକୁ ବିକାଶ କରାଯାଉ ଥିବାରୁ ଏହାକୁ 'କୃତ୍ରିମ ବୁଦ୍ଧିମତା' କୁହାଯାଉଛି।

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଶବ୍ଦଟି ପ୍ରଥମେ ୧୯୫୬ ମସିହାରେ ଡାର୍ଟ ମାଉଥ ସମ୍ମିଳନୀରେ ପ୍ରସ୍ତୁତ କରଯାଇଥିଲା। ୧୯୬୪-୧୯୬୭ ମଧ୍ୟରେ ପ୍ରଥମେ ଏ. ଆଇ ପ୍ରୋଗ୍ରାମ୍ ମାଧ୍ୟମରେ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ପାଇଁ ଏଲିଜା ତିଆରି କରାଗଲା। ୧୯୮୦-୧୯୯୦ ମଧ୍ୟରେ ବିଭିନ୍ନ ପ୍ରୋଗ୍ରାମ୍ ବ୍ୟବହାର କରି ମେସିନ୍ କିପରି ମନୁଷ୍ୟ ଭଳି କାର୍ଯ୍ୟ କରିପାରିବ ତା' ପାଇଁ ପ୍ରୟାସ ଚାଲିଲା। ତା'ପରେ ୨୦୦୦ ମସିହାରେ ଏ. ଆଇ ଉଲ୍ଲେଖନୀୟ ସଫଳତା ହାସଲ କଲା। ପ୍ରଥମ କରି ମେସିନ୍ ଲର୍ଣ୍ଣିଂ, ନେଉରାଲ୍ ନେଟ୍‌ୱାର୍କ, ଡିପ୍ ଲର୍ଣ୍ଣିଂ ଆଦି ବ୍ୟବହାର କରି ମଣିଷର ଭାଷା ବୁଝିପାରିଲା ଓ ଇମେଜ୍ ପ୍ରୋସେସିଂ କରିପାରିଲା।

କୃତ୍ରିମ ବୁଦ୍ଧିମତା ପୃଥିବୀକୁ ପରିବର୍ତ୍ତନର ଦିଗ ଦେଖାଉଛି। ବିଗତ ୫-୭ ବର୍ଷ ଭିତରେ ଏହାର ଉନ୍ନତି ଦ୍ରୁତଗତିରେ ହୋଇ ଆସୁଛି। ନଭେମ୍ବର ୨୦୨୨ରେ ଚାଟ୍ ଜିପିଟି ଭର୍ସନ୍ ୩.୫ ଆସିଲା ପରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ବହୁ ମାତ୍ରାରେ ବଢ଼ି ଚାଲିଛି। ଏହା ଏକ ଏ. ଆଇ ସଫ୍ଟୱେର ଯାହାକୁ 'ଲାର୍ଜ ଲାଙ୍ଗୁଏଜ୍ ମଡେଲ' ମଧ୍ୟ କୁହାଯାଏ। ଏହାର ବିଶେଷତ୍ୱ ଏହା ଯେ, ମନୁଷ୍ୟର ଭାଷାକୁ ଓ କଥା କହିବା ଶୈଳୀକୁ ସେ ସହଜରେ ଗ୍ରହଣ କରିନିଏ। ଚାଟ୍ ଜିପିଟିକୁ ଓପନ ଏ.ଆଇ ନାମରେ ଗୋଟିଏ ଆମେରିକାନ କମ୍ପାନୀ ତିଆରି କରିଛି। ବର୍ତ୍ତମାନ ଏହାର ଲୋକପ୍ରିୟତା ଏତେ ଯେ, ଏହା ସବୁଠାରୁ ଅଧିକ ବ୍ୟବହୃତ ଏ.ଆଇ ଆପ୍ ହୋଇଯାଇଛି। ଏହାର ଲୋକପ୍ରୟତାକୁ ଦେଖି ବଡ଼ ବଡ଼ କମ୍ପାନୀ ନିଜର ଏ.ଆଇ ଚାଟ୍ ବୋଟସ୍ ବ୍ୟବହାର କରୁଛନ୍ତି। ନିକଟରେ ଏକ ହତ୍ୟା ଘଟଣାର ଶୁଣାଣିବେଳେ ପଞ୍ଜାବ, ହରିୟାଣା ହାଇକୋର୍ଟ ଚାଟ୍ ଜି ପିଟି ବ୍ୟବହାର କରିଥିଲେ ଓ ଗୋଟିଏ ଜଘନ୍ୟ ହତ୍ୟାକାଣ୍ଡର ଜାମିନ୍ ନାମଞ୍ଜୁର ମଧ୍ୟ ହୋଇଥିଲା। ଗୁଗଲ-ଗୁଗଲ ବର୍ଡ, ମାଇକ୍ରୋସଫ୍ଟ- ବିଙ୍ଗ ଏ.ଆଇ, ସ୍ନାପଚାଟ- ମାଇଁ ଏ.ଆଇ, ଏମାନେ ସମସ୍ତେ ନିଜ ନିଜର ଏ.ଆଇ ଆପ୍ ବ୍ୟବହାର କରୁଛନ୍ତି।

ଏ.ଆଇ ଦ୍ୱାରା ଖୁବ୍‌ଶୀଘ୍ର ଓ ସଠିକ୍ ତଥ୍ୟ ଉପଲବ୍ଧ ହେଉଛି। ଏ.ଆଇ କ୍ୟାନ୍ସର ଭଳି ଦୁଃସାଧ୍ୟ ରୋଗକୁ ଚିହ୍ନଟ କରିବା ସହିତ ବିଭିନ୍ନ ଔଷଧର ପ୍ରାରମ୍ଭିକ ପରୀକ୍ଷା ଓ ଫଳାଫଳ ଶୀଘ୍ର ବିଶ୍ଳେଷଣ କରିପାରୁଛି। ଛାତ୍ରଛାତ୍ରୀମାନଙ୍କ ଭାଷାର ଉଚ୍ଚାରଣକୁ ବୁଝି ସଙ୍ଗେ ସଙ୍ଗେ ନିର୍ଭୁଲ ତଥ୍ୟ ଦେଇପାରୁଛି। ରୋବୋଟିକ୍ ଡ୍ରୋନ୍ ଦ୍ୱାରା ଫସଲର ସଠିକ୍ ନିରୀକ୍ଷଣ, କୀଟନାଶକ ନିୟନ୍ତ୍ରଣ ଏବଂ ଫସଲ ଅମଳର ପୂର୍ବାନୁମାନ କରିହେଉଛି। ଏହାସହିତ ଜଳବାୟୁ ପରିବର୍ତ୍ତନର ସୂଚନା, ବନ୍ୟଜନ୍ତୁ ସଂରକ୍ଷଣ, ଶକ୍ତି ସଂରକ୍ଷଣ ଏ.ଆଇ ଆସିଷ୍ଟାଣ୍ଟ ପ୍ରସ୍ତାବ ଦେଉଛି। ତେଣୁ ଏକାଧିକ କାର୍ଯ୍ୟ ସଞ୍ଚାଳନ କରିହେଉଛି, ଯାହାକି ମଣିଷ ଅଧିକ ସମୟରେ କରୁଥିଲା। ଅର୍ଥନୈତିକ ବୃଦ୍ଧି ଅର୍ଥାତ୍ ବ୍ୟବସାୟ ଓ ଉଦ୍ୟୋଗରେ ଏ.ଆଇ ର ବ୍ୟବହାର ଦ୍ୱାରା ଉତ୍ପାଦନ କ୍ଷମତା ବୃଦ୍ଧି ହୋଇଛି। ଆପଦ-ବିପଦ ପରିସ୍ଥିତିରେ ଏ.ଆଇ ଦ୍ୱାରା ଆଶ୍ଚର୍ଯ୍ୟଜନକ ଭାବରେ ସହାୟତା ମିଳିପାରୁଛି। ଏ.ଆଇ ରୋବର୍ଟ ଘର କାମ




ଠାରୁ ଆରମ୍ଭ କରି ବୟସ୍କ ଓ ଭିନ୍ନକ୍ଷମ ଲୋକଙ୍କୁ ମଧ୍ୟ ସାହାଯ୍ୟ କରୁଛି।

କିନ୍ତୁ ଯଦି ମାନବ ଶ୍ରମ ବଦଳରେ ଏ.ଆଇ ବ୍ୟବହାର କରାଯାଏ ତେବେ ଚାକିରୀ ହାର ହ୍ରାସ ପାଇବାର ସମ୍ଭାବନା ଅଧିକ ଅଛି। ତା'ପରେ ଏ.ଆଇ ଉପକରଣ ବା ମେସିନ୍ ବ୍ୟବହାର ମଧ୍ୟ ବହୁ ମହଙ୍ଗା। ବିଭିନ୍ନ କମ୍ପାନୀର ଏ.ଆଇ ଏଜେଣ୍ଟ ଆମର ସମସ୍ତ ଏ.ଆଇ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ଓ ତଥ୍ୟ ମଧ୍ୟ ସଂଗ୍ରହ କରୁଛନ୍ତି। ତେଣୁ ଭବିଷ୍ୟତରେ ଏହି ବ୍ୟକ୍ତିଗତ ଗୋପନୀୟତାର ଅପବ୍ୟବହାର ମଧ୍ୟ ହୋଇପାରେ। ନୈତିକ ଓ ଆଇନଗତ ସମସ୍ୟା ଯୋଗୁଁ ତଥ୍ୟର ଗୋପନୀୟତା ଭଙ୍ଗ ହେବାର ସମ୍ଭାବନା ବିପଦ ସୃଷ୍ଟି କରିବ। ଏହାର ଅଧିକ ବ୍ୟବହାର ଲୋକଙ୍କର ବିଚାରଶକ୍ତି ଓ ସୃଜନଶୀଳତାକୁ କମାଇ ଦେବ।

ଏବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଆସୁଛି, ଏ.ଆଇ ବେକାରୀ ସମସ୍ୟା ବୃଦ୍ଧି କରିବ କି? ୱାର୍ଲ୍ଡ ଇକୋନୋମିକ ଫୋରମ୍‌ର ରିପୋର୍ଟ ଅନୁସାରେ, ୨୦୨୫ ଶେଷ ସୁଦ୍ଧା ୮୫ମିଲିୟନ ଚାକିରି ରହିବାର ସମ୍ଭାବନା ନାହିଁ। କିନ୍ତୁ ଏଇ ରିପୋର୍ଟର ଅନ୍ୟ ଏକ ଦିଗ ହେଲା, ୯୭ ମିଲିୟନ ନୂଆ ଚାକିରିର ସୁଯୋଗ ମଧ୍ୟ ମିଳିବ। ନେସନାଲ ସକ୍ଷମ୍ପଲ୍ ସର୍ଭେର ରିପୋର୍ଟ ଅନୁସାରେ, ୧୫ ରୁ ୨୯ ବର୍ଷ ବୟସ ମଧ୍ୟରେ ଭାରତ ଜନସଂଖ୍ୟାର ୬୦% ଲୋକଙ୍କୁ କମ୍ପ୍ୟୁଟର ବ୍ୟବହାର କରି ଆସେନାହିଁ। ଅଧିକାଂଶ ଭାରତୀୟ ଇ. ମେଲ୍ କଣ ଜାଣନ୍ତି ନାହିଁ। ତେଣୁ ଏମିତି କିଛି ବର୍ଗଙ୍କୁ ଚାକିରି ମିଳିବା ନିହାତି କଷ୍ଟ। ପାରମ୍ପାରିକ ଚାକିରୀ ପ୍ରତି ଏହା ଏକ ବଡ଼ ବିପଦ। ଆର୍ଥିକ ସଂସ୍ଥା ଗୋଲ୍ଡମ୍ୟାନ ସର୍ଚ୍ଚର ଆକଳନ ଅନୁସାରେ, ସାରା ବିଶ୍ୱରେ ୩୦କୋଟି ଚାକିରି ପ୍ରଭାବିତ ହୋଇପାରେ।

ଏ.ଆଇର ବ୍ୟବହାର କୌଣସି ଗୋଟିଏ ସଂସ୍ଥା ପାଇଁ ସୀମିତ ରହିବ ନାହିଁ। ଯେଉଁ ବ୍ୟକ୍ତି ଦକ୍ଷ, ଉଚ୍ଚ ଶିକ୍ଷିତ ସେମାନଙ୍କର ଚାକିରି ମଧ୍ୟ ବିପଦରେ ପଡିପରେ। ଏ.ଆଇ ଓ ମେସିନ୍ ଲର୍ଣ୍ଣିଂ ଦ୍ୱାରା ମାନବ ଶ୍ରମର ଆବଶ୍ୟକତା କମିଯିବ। ମ୍ୟାନୁଫେକ୍‌ଚରିଂ, ଡାଟାଏଣ୍ଟ୍ରି, କଲ୍ ସେଣ୍ଟର୍ ଅପରେସନ ଏସବୁ ସ୍ଥାନରେ ଏ.ଆଇ ବ୍ୟବହାର କରାଯିବ। ଏ.ଆଇ ଦ୍ୱାରା ପୁରୁଣା କାର୍ଯ୍ୟରେ ନୂତନ ଜ୍ଞାନକୌଶଳ ବ୍ୟବହାର କରାଯିବ। ଯଦିଓ କିଛି ବ୍ୟକ୍ତି ଚାକିରି ହରେଇବେ, କିନ୍ତୁ ଏ.ଆଇ ନୂଆ ଅବସର ମଧ୍ୟ ସୃଷ୍ଟି କରିବ। ସାଇବର ସିକ୍ୟୁରିଟି, ଡାଟା ଅନାଲିଷ୍ଟ, ଏ.ଆଇ ଡେଭଲପର୍ ଇତ୍ୟାଦି ପଦବୀ ପାଇଁ ଏକ ଉଚ୍ଚସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଦରକାର ପଡିବ। ଆକାଉଣ୍ଟିଂ, ଅଫିସ୍ ଆସିଷ୍ଟକ୍ଷନ୍ସ, ଫ୍ୟାକ୍ଟ୍ରି ୱାର୍କର୍ସ, ଏକ୍ସପ୍ରେସ ଡେଲିଭରି, ଡାଟା ପ୍ରୋସେସିଙ୍ଗ, ଟେଲି ମାର୍କେଟିଂ ଏଇମାନେ ବେଶୀ ମାତ୍ରାରେ ପ୍ରଭାବିତ ହେବେ।

ଏ.ଆଇ ହେଉଛି ଏକ ଉଭୟମୁଖି ଚାକିରି ପରିବର୍ତ୍ତନକାରୀ ଶକ୍ତି। ବିଶେଷଜ୍ଞମାନଙ୍କ ମତରେ କିଛିବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତା ମନୁଷ୍ୟର ବୁଦ୍ଧିମତା ଠାରୁ ଅଧିକ ବିକଶିତ ହେବ। ଏ.ଆଇ ଚାଳିତ ରୋବଟ୍ ଓ ଯନ୍ତ୍ର ଆଦି ସାରା ବିଶ୍ୱରେ ନିଜର ଆଧିପତ୍ୟ ବିସ୍ତାର କରିବେ। ଯେଉଁମାନେ ନୂଆ କୌଶଳ ଓ ଟେକ୍ନୋଲୋଜି ସହିତ ଅନୁକୂଳ ହୋଇପାରିବେ ସେମାନେ ଏହାର ଲାଭ ଉଠେଇ ପାରିବେ। ଏ.ଆଇ ନୂଆ ଚାକିରି ପାଇଁ ସୁଯୋଗ ବୃଦ୍ଧି କରିବ। ସୃଜନଶୀଳ ଓ ମାନବ ଦକ୍ଷତାକୁ ଗୁରୁତ୍ୱ ଦିଆଯିବ। ତେଣୁ ବିଭିନ୍ନ ସଫ୍ଟୱେର କମ୍ପାନୀ ଓ ସରକାର ମିଶି ଏହି ପରିବର୍ତ୍ତନରେ ଅନୁକୂଳ ପରିବେଶ ଗଢ଼ିବା ଦରକାର। ଶିକ୍ଷା, ଚିକିତ୍ସା, ବ୍ୟବସାୟ, ବିଜ୍ଞାନ ଏବଂ ରୋଜଗାର ସହିତ ଜଡ଼ିତ ବିଭିନ୍ନ କ୍ଷେତ୍ରରେ ଏ.ଆଇର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ଭାରତର ଯୁବ ସମାଜକୁ ଏ.ଆଇ ବିଷୟରେ ଉପଯୁକ୍ତ ଶିକ୍ଷା ଏବଂ ତାଲିମ୍ ଦେଲେ ସେମାନେ ଏ.ଆଇ ବିଷୟରେ ଅଧିକ ଗବେଷଣା କରିବା ସହିତ ଏହାର ନିୟମାବଳୀ, ନିୟନ୍ତ୍ରଣ ବିଷୟରେ ଅବଗତ ହୋଇ ଏହି ପ୍ରଯୁକ୍ତିବିଦ୍ୟାକୁ ସକ୍ରିୟ ଓ ଉପଯୁକ୍ତ ଭାବରେ ପ୍ରୟୋଗ କଲେ ଏହା ଦେଶକୁ ପ୍ରଗତି ପଥରେ ଆଗେଇ ନେଇପାରିବ ଏଥିରେ ସନ୍ଦେହ ନାହିଁ, ତେଣୁ ଚିନ୍ତାମୂଳକ ବିଷୟ ଗୁଡ଼ିକୁ ଧ୍ୟାନରେ ରଖି ଯଦି ଏ.ଆଇର ଉଚିତ୍ ବ୍ୟବହାର ହୁଏ ତେବେ ଏହା ମାନବ ସମାଜର ଉନ୍ନତିରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରିବ କିନ୍ତୁ ଏହାର ନ୍ୟାୟସଙ୍ଗତ ବ୍ୟବହାର ଏବଂ ନିୟନ୍ତ୍ରଣ ଅତ୍ୟନ୍ତ ଆବଶ୍ୟକ।


# ବିପ୍ଳବୀରୁ ସନ୍ନ୍ୟାସୀ ଧରଣୀଧର



ସନାତନ ମହାକୁଡ଼
ବିଧାୟକ, ଚମ୍ପୁଆ

କେନ୍ଦୁଝର ରାଜବଂଶ ଓ ଭୂୟାଁ ଆଦିବାସୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କେନ୍ଦୁଝରର ରାଜ ସିଂହାସନକୁ ରକ୍ଷା କରିବା ପାଇଁ ଭୂୟାଁମାନେ ସବୁ ସମୟରେ ପ୍ରାଣବଳି ଦେଇଛନ୍ତି। ମୟୂରଭଞ୍ଜ ରାଜବଂଶର ବାଳକକୁ ଚୋରାଇ ଆଣି କେନ୍ଦୁଝରରେ ରାଜା କରିବା ଓ ରାଜାଙ୍କ ଦେହାନ୍ତ ପରେ ନୂତନ ରାଜାଙ୍କୁ ଅଭିଷେକ କରାଇବା ଭୂୟାଁଙ୍କର ଏକ ପାରମ୍ପରିକ ପ୍ରଥା ଯାହା ଏବେ ମଧ୍ୟ ଅତୁଟ ରହିଛି। ବ୍ରିଟିଶ ଶାସନ ସମୟରେ ବିଭିନ୍ନ ଗଡ଼ଜାତମାନଙ୍କରେ ସୁବିଧାବାଦୀ ଦୁର୍ନୀତିଗ୍ରସ୍ତ ରାଜ କର୍ମଚାରୀମାନଙ୍କ ତୋଷାମଦି ଓ ଇଙ୍ଗିତରେ ଗଡ଼ଜାତ ରାଜା ତଥା ରାଜକର୍ମଚାରୀମାନଙ୍କ ଦ୍ୱାରା ପ୍ରଜାପୀଡ଼ନ, ବେଠି, ବେଗାରୀ ଓ କର ଆଦାୟର ଜୁଲମ୍ ସହିତ ଫାଶୀ ଦଣ୍ଡକୁ ନେଇ ସାଧାରଣ ଲୋକେ ଘୋର ନିର୍ଯାତନାର ଶିକାର ହେଉଥିଲେ। ସେହି ଅବସ୍ଥା ମଧ୍ୟ କେନ୍ଦୁଝରର ଗଡ଼ଜାତର ପ୍ରଜାମାନେ ଭୋଗ କରୁଥିଲେ। ରାଜା ପ୍ରଜାପାଳକ ହେବା ପରିବର୍ତ୍ତେ ପ୍ରଜାପୀଡ଼ନରେ ଲିପ୍ତ ହୋଇ ପ୍ରଜାମାନଙ୍କ ଉପରେ କଠୋର ଦଣ୍ଡବିଧାନ, ବିଭିନ୍ନ ପ୍ରକାର କର ଧାର୍ଯ୍ୟ କରି ତାହା ଆଦାୟ ନିମନ୍ତେ ପ୍ରଜାମାନଙ୍କୁ ନିର୍ମମ ନିର୍ଯାତନା ଦେବା ସହ ସେମାନଙ୍କ ପରିବାରର ଗାରିମା କ୍ଷୁର୍ଣ୍ଣ ହେବାଭଳି କାର୍ଯ୍ୟ କରୁଥିବା ବେଳେ କେନ୍ଦୁଝରର ତତ୍କାଳୀନ ରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେଓ ଓ ତାଙ୍କ ରାଜକର୍ମଚାରୀ ମାନଙ୍କର ପ୍ରଜାମାନଙ୍କ ଉପରେ ଦିନକୁ ଦିନ ଅତ୍ୟାଚାର ସମସ୍ତ ସୀମା ଲଙ୍ଘନ କରିସାରିଥିଲା। କେନ୍ଦୁଝର ପ୍ରଜାମାନେ ଶାନ୍ତ, ସରଳ, ସଚ୍ଚୋଟ, ସ୍ୱାଭିମାନୀ ଓ କଠୋର ପରିଶ୍ରମୀ ହୋଇଥିବା ବେଳେ ଅନନ୍ୟୋପାୟ ହୋଇ ପ୍ରଜାଙ୍କ ଉପରେ ଠେଙ୍ଗାପାଳି, ରସଦ ଯୋଗାଣ, ଅର୍ଥନୈତିକ ଜୁଲମ୍, ରାଜକାର୍ଯ୍ୟରେ ବେଠି ଖଟାଇବା, ଦଣ୍ଡ ଓ ଅତ୍ୟାଚାରକୁ ମଥାପାତି ସହିନେଉଥିଲେ। ସେମାନଙ୍କ ମନ ମଧ୍ୟରେ ରାଜ କର୍ମଚାରୀ ଓ ରାଜାଙ୍କ ବିରୋଧରେ ସୃଷ୍ଟି ହୋଇଥିବା ଅସନ୍ତୋଷ ସୁପ୍ତ ବିଦ୍ରୋହକୁ ଜାଗ୍ରତ କରିବା ପାଇଁ ଜନସାଧାରଣଙ୍କ ନିକଟରେ ବିକଳ୍ପ ନେତୃତ୍ୱର ଅଭାବ ଥିଲା। ସେହି ନେତୃତ୍ୱ ଗ୍ରହଣ କରିଥିଲେ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)। ବଣ, ପାହାଡ଼, ପର୍ବତ, ଝରଣା, ନଦୀ, ନାଳ ଘେରା ପ୍ରାକୃତିକ ଶୋଭାରାଜିରେ ବିମଣ୍ଡିତ କେନ୍ଦୁଝର ଜିଲ୍ଲାର କୁସୁମିତା ପଲ୍ଲୀ ଗାଁରେ ଏକ ଆଦିବାସୀ ଭୂୟାଁ ପରିବାରର ପିତା-ଲକ୍ଷ୍ମଣ ନାଏକଙ୍କ ଔରସରୁ ମାତା-ବାଇଗଣୀ ଦେବୀଙ୍କ ଗର୍ଭରୁ କନିଷ୍ଠ ପୁତ୍ର ଭାବେ ୧୮୬୪ ମସିହା, ମଇ ମାସ ୫ ତାରିଖରେ ଜନ୍ମ ନେଇଥିବା ଧରଣୀଧର ନିଜର ଦୃଢ଼ କର୍ତ୍ତବ୍ୟନିଷ୍ଠା, ସାହସୀ ଓ ସଂଗ୍ରାମୀ ଜୀବନ ନେଇ ନିଜ ସାମଗ୍ରୀକ ଜୀବନକୁ ତିଳତିଳ କରି ଦଗ୍ଧକରି ମାନବ ସମାଜର ଉପକାର ପାଇଁ ନିଛକ ଉଦାହରଣ ସୃଷ୍ଟି କରିଯାଇଛନ୍ତି ସେ ହେଉଛନ୍ତି କେନ୍ଦୁଝରର ଗର୍ବ ଓ ଗୌରବ ବରପୁତ୍ର ମହାନ ବିପ୍ଳବୀ ଧରଣୀଧର ନାଏକ (ଧରଣୀଧର ଭୂୟାଁ)। ନିଜ ବାଲ୍ୟକାଳରୁ ଜଣେ ମେଧାବୀ ଛାତ୍ର ଭାବେ ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଶେଷକରି କେନ୍ଦୁଝରଗଡ଼ରେ ମାଧ୍ୟମିକ ଶିକ୍ଷାଲାଭ କରିଥିଲେ ଏବଂ ପରବର୍ତ୍ତୀ ଅବସ୍ଥାରେ କଟକସ୍ଥିତ ସର୍ଭେ ଟ୍ରେନିଂ ସ୍କୁଲରେ ମାତ୍ର ୨୩ ବର୍ଷ ବୟସରେ ସର୍ଭେ ଟ୍ରେନିଂ ସ୍ନାତକ ଶିକ୍ଷା ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ।

୧୮୮୭ ମସିହାରେ ସର୍ଭେ ତାଲିମ ଶେଷ ହେଲାପରେ ଧରଣୀଧର କେନ୍ଦୁଝର ଗଡ଼ଜାତରେ ସର୍ଭେୟର ଭାବରେ ରାଜ କାର୍ଯ୍ୟରେ ଯୋଗଦାନ କରିଥିଲେ, ଏ ବାବଦ କାର୍ଯ୍ୟ ପାଇଁ କୌଣସି ବେତନ ବା ପାରିଶ୍ରମିକ ରାଜାଙ୍କ ଠାରୁ ନେଉନଥିଲେ। ମା' ମାଟି ପାଇଁ କାର୍ଯ୍ୟ କରି ତା ବାବଦରେ କୌଣସି ପାରିଶ୍ରମିକ ନନେବାକୁ ସେ ଦୃଢ଼ ସଂକଳ୍ପ ନେଇଥିଲେ, ଯାହାକି ତାଙ୍କର ଜନ୍ମମାଟି ପ୍ରତି ଥିବା ନିଷ୍ଠା, ଭଲପାଇବା ଓ କର୍ତ୍ତବ୍ୟପରାୟଣତାର ଉଦାହରଣ। ସ୍ୱାଧୀନଚେତା, ସ୍ୱାଭିମାନୀ ଧରଣୀଧର ରାଜକାର୍ଯ୍ୟରେ ନିୟୋଜିତ ଥିବାବେଳେ ତାଙ୍କ ପ୍ରତିଭାକୁ ତତ୍କାଳୀନ ରାଜକର୍ମଚାରୀମାନେ ସହ୍ୟ କରିପାରୁ ନଥିଲେ। ବର୍ଣ୍ଣବୈଷମ୍ୟତା, ହୀନ ଜାତିଭେଦର ଚକ୍ରବ୍ୟୁହରେ ସେ ଦୁର୍ବ୍ୟବହାର, ପାତରଅନ୍ତର ଓ ତାଚ୍ଛଲ୍ୟର କ୍ରମାଗତ ଶୀକାର ହେଉଥିଲେ। ତାଙ୍କ ସମୟରେ ଉପରିସ୍ଥ ଅଧିକାରୀ, ସହକର୍ମୀଙ୍କ ତାଙ୍କପ୍ରତି ଥିବା ହୀନମନ୍ୟତା, କ୍ରମାଗତ ମାନସିକ ଅତ୍ୟାଚାର ସ୍ୱାଭିମାନୀ, ସ୍ୱାଧୀନଚେତା ଧରଣୀଧରଙ୍କୁ ଗଭୀର ମାନସିକ ଆଘାତ ପ୍ରଦାନ କରିଥିଲା। ଯାହାଫଳରେ ସେ ରାଜପଦବୀ ଛାଡିବାକୁ ବାଧ ହୋଇଥିଲେ। ତାଙ୍କ ନେତୃତ୍ୱରେ ରାଜ ଶାସନ ବିରୁଦ୍ଧରେ ଜନସାଧାରଣଙ୍କ ମଧ୍ୟରେ ଦିନକୁ ଦିନ ଯେଉଁ ବିପ୍ଳବର ବହ୍ନି ପ୍ରଜ୍ୱଳିତ ହୋଇଥିଲା ତାହା ବିସ୍ଫୋରକର ରୂପ ନେଇ ୧୮୯୧ ମସିହାରେ ପ୍ରଜା ଆନ୍ଦୋଳନରେ ପରିଣତ ହେଲା। ସେହି ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ଥିଲେ ବିପ୍ଳବୀ ଧରଣୀଧର ନାୟକ (ଭୂୟାଁ)। ଯେ କି ମାତ୍ର ୨୭ ବର୍ଷ ବୟସରେ ଏହି ଆନ୍ଦୋଳନରେ ମୁଖ୍ୟ ନେତୃତ୍ୱ ଗ୍ରହଣ କରିଥିଲେ। କେବଳ ଯେ ନେତୃତ୍ୱ ଗ୍ରହଣ କଲେ ତାହାନୁହେଁ ରାଜାଙ୍କ ବିରୋଧରେ ମହା ସଂଗ୍ରାମର ଆହ୍ୱାନ ମଧ୍ୟ ଦେଇଥିଲେ। ଏହି ସଂଗ୍ରାମର କଠୋର ପରିଣତି ବିଷୟରେ ଧରଣୀଧର ସଚେତନ ଥାଇ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ନିଜ ଜନ୍ମ ମାଟିର ସାଧାରଣ ମଣିଷଙ୍କ ପ୍ରତି ହେଉଥିବା ବର୍ବର ଅତ୍ୟାଚାରକୁ ବିରୋଧ କରିବା ସଙ୍ଗେସଙ୍ଗେ ସେମାନଙ୍କୁ ଶୋଷଣମୁକ୍ତ କରିବାକୁ ନିଜକୁ ଏହି ଆନ୍ଦୋଳନରେ ସାମିଲ୍ କରିଦେଇଥିଲେ। ଆନ୍ଦୋଳନର ଆଭିମୁଖ୍ୟ ଥିଲା କେନ୍ଦୁଝର ରାଜ୍ୟରେ ନ୍ୟାୟ ବିଚାର ହେବ, କୌଣସି ପ୍ରଜା ବେଆଇନ ଖଜଣା ଦେବେ ନାହିଁ, କେହି ବେଠି ଖଟିବେ ନାହିଁ ଏବଂ ମାନବିକ ଅଧିକାର କ୍ଷୁର୍ଣ୍ଣ ହେବନାହିଁ ଏବଂ ରାଜକର୍ମଚାରୀଙ୍କ କୌଣସି ବର୍ବର ଅତ୍ୟାଚାର ହେବନାହିଁ ଓ ଶୋଷଣମୁକ୍ତ କେନ୍ଦୁଝର ରାଜ୍ୟ ଗଠନ ହେବ। ଧରଣୀଧରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କେନ୍ଦୁଝର ଜିଲ୍ଲାର ଭୂୟାଁ, ଜୁଆଙ୍ଗ, କୋହ୍ଲ ଆଦି ଆଦିବାସୀ ସମ୍ପ୍ରଦାୟ ସହିତ ସାଧାରଣ ପ୍ରଜାମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇ ଆନ୍ଦୋଳନକୁ ସଫଳ କଲେ ଏବଂ ଉତ୍ୟକ୍ତ ପ୍ରଜାମାନେ ରାଜବାଟୀକୁ ଅବରୋଧ କରିନେଲେ କିନ୍ତୁ ରାଜାଙ୍କ ତତ୍‌କାଳୀନ ଦେୱାନଙ୍କ ଚକ୍ରାନ୍ତର ଶୀକାର ହୋଇ ଧରଣୀଧର ଇଂରେଜମାନଙ୍କ ହାତରେ ବନ୍ଦୀ ହୋଇଥିଲେ। ତାଙ୍କ ବିରୋଧରେ ରାଜଦ୍ରୋହ, ଲୁଣ୍ଠନ ଆଦି ଗୁରୁତର ଅପରାଧିକ ମାମଲା ମାନ ରୁଜୁ ହୋଇଥିଲା। ଆନ୍ଦୋଳନର ପୃଷ୍ଠଭୂମି ଓ ଗୁରୁତ୍ୱକୁ ଉପଲବ୍ଧି କରି ତତ୍କାଳୀନ ବ୍ରିଟିଶ ଶାସନର ପ୍ରତିନିଧି ଟୟନବୀ ସାହେବ କେନ୍ଦୁଝର ଆସି ଭୂୟାଁ ପ୍ରଜାମାନଙ୍କୁ ଡକାଇ ସେମାନଙ୍କଠାରୁ ଆପତ୍ତି ଅଭିଯୋଗ ଶୁଣିବା ସହିତ ରାଜା ଓ ରାଜକର୍ମଚାରୀ ମାନଙ୍କ ଅତ୍ୟାଚାରରୁ ପ୍ରଜାଙ୍କୁ ସୁରକ୍ଷା ଦେବା ପାଇଁ ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କଲେ। ଏହାସହିତ ଆନନ୍ଦପୁର କଚେରୀରେ ଧରଣୀଧରଙ୍କ ବିରୋଧରେ ଥିବା ମାମଲାର ବିଚାର କରି ତାଙ୍କୁ ୭ବର୍ଷ କଠୋର ସଜ୍ଜାରେ ଦଣ୍ଡିତ କରି ଶୁଣାଣି କରାଗଲା। ଦଣ୍ଡାଦେଶ ସଜ୍ଜା ଶୁଣିଲା ପରେ ଧରଣୀଧର ଦୁଃଖରେ ଭାଙ୍ଗି ନ ପଡ଼ି ନିଜ ପ୍ରତିକ୍ରିୟାରେ ସାହସର ସହିତ କହିଥିଲେ ମୋତେ ସଜ୍ଜା ହେଲା ସେଥିରେ ମୋର ଦୁଃଖ ନାହିଁ, ମାତ୍ର କେନ୍ଦୁଝର ପ୍ରଜାମାନେ ଅତ୍ୟାଚାରରୁ ରକ୍ଷାପାଇଲେ ସେଥିରେ ମୁଁ ଆନନ୍ଦିତ। ଏଠାରେ ସନ୍ଥକବି ଭୀମଭୋଇଙ୍କ କବିତା "ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ।" ଧରଣୀଧରଙ୍କ ତ୍ୟାଗ ଓ କାରାବରଣ ମାଧ୍ୟମରେ ପ୍ରକଟିତ ହୋଇଥିଲା।



ଉତ୍କଳ ମାଟିରେ ଇଂରେଜ ଶାସନ ବିରୋଧରେ ଯେତେସବୁ ଆନ୍ଦୋଳନ ଯଥା-ମହୁରୀ ବିଦ୍ରୋହ, ଘୁମୁସର ବିଦ୍ରୋହ, ପାଇକ ବିଦ୍ରୋହ, ପାରଳା ବିଦ୍ରୋହ, ସିଂହଭୂମି ବିଦ୍ରୋହ, ଅନୁଗୋଳ ବିଦ୍ରୋହ ଓ ସମ୍ବଲପୁର ବିଦ୍ରୋହ ସଂଗଠିତ ହୋଇଥିଲା ତାହା ତତ୍କାଳୀନ ରାଜାମାନଙ୍କ ଇଙ୍ଗିତରେ ହୋଇଥିଲା ବେଳେ ଏକମାତ୍ର କେନ୍ଦୁଝରର ବିଦ୍ରୋହ ପ୍ରଜାଙ୍କ ଦ୍ୱାରା ଓ ପ୍ରଜାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ୧୮୫୭ ସିପାହୀ ବିଦ୍ରୋହ ପରେ ଓ ଭାରତଛାଡ଼ ଆନ୍ଦୋଳନ ପୂର୍ବରୁ କେନ୍ଦୁଝର ପ୍ରଜା ଆନ୍ଦୋଳନ ଥିଲା ଇଂରେଜ ଶାସନ ବିରୋଧରେ ଏକ ବିରାଟ ପ୍ରଜା ଆନ୍ଦୋଳନ ଓ ଏହା ଇଂରେଜ ବିରୋଧରେ ପ୍ରାକ୍ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପକାଇଥିଲା।

କଟକ କାରାଗାରରେ ଧରଣୀଧର ୭ ବର୍ଷ ସଜ୍ଜା କାଟିଲା ପରେ କଟକରେ ରହିବାକୁ ନିଷ୍ପତି ନେଇଥିଲେ ଓ ଆଉକେବେ ନିଜ ଜନ୍ମମାଟି ଓ କର୍ମଭୂମି କେନ୍ଦୁଝରକୁ ଫେରି ନଥିଲେ। ରାଜାଙ୍କ ଦ୍ୱାରା ପ୍ରଦତ୍ତ ଭତ୍ତାକୁ ପ୍ରତ୍ୟାଖାନ କଲେ, ଯେଉଁ ଗଡ଼ଜାତ ରାଜ୍ୟ ତାଙ୍କ ଶିକ୍ଷା, ସେବା, ଦକ୍ଷତା, ଆଦର୍ଶ ଓ ମମତାକୁ ସମ୍ମାନ ଦେଲାନାହିଁ, ତାରି ଅର୍ଥରେ ଜୀବନ ବଞ୍ଚିବାକୁ ସେ ପସନ୍ଦ କରିନଥିଲେ। ତାଙ୍କ ଆନ୍ଦୋଳନ କେବଳ କେନ୍ଦୁଝରରେ ସୀମିତ ନଥିଲା, ସେ କଟକରେ ରହିବା ସମୟରେ ତତ୍କାଳୀନ ଦେଶପ୍ରେମୀ ଯୁବନେତୃତ୍ୱ ପଣ୍ଡିତ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ ପ୍ରମୁଖଙ୍କୁ ଜାତୀୟ କଂଗ୍ରେସରେ ମିଶି ଭାରତ ମାତାର ମୁକ୍ତିପାଇଁ ସଂଗ୍ରାମ କରିବାକୁ ପ୍ରେରଣା ଯୋଗାଇ ଦେଇଥିଲେ। ବ୍ୟକ୍ତି ସ୍ୱାଧୀନତା, ମାନବିକ ଅଧିକାର ସୁରକ୍ଷା, ନିଜକୁ ନିଜଦ୍ୱାରା ଶାସନ କରିବାର ଲକ୍ଷ୍ୟ ନେଇ ଉତ୍କଳ ମାଟିରେ ପ୍ରଥମକରି ସଂଗ୍ରାମର ମଞ୍ଜି ବୁଣିଥିବା ଧରଣୀଧର ପରବର୍ତ୍ତୀ ଅବସ୍ଥାରେ ସନ୍ନ୍ୟାସ ଜୀବନ ଗ୍ରହଣକରି କିଛିଦିନ ଶ୍ରୀକ୍ଷେତ୍ର ପୁରୀରେ ଅବସ୍ଥାନ କରିଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଆଳି ଗଡ଼ଜାତରେ ଅବସ୍ଥାନ କରିବା ସହ ଅତ୍ୟାଧୁନିକ ପଦ୍ଧତିରେ କୃଷି କାର୍ଯ୍ୟ ସମ୍ପାଦନ ଓ ପ୍ରାକୃତିକ ଚିକିତ୍ସା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରୁଥିଲେ। ଏହି ମହାନାୟକ ୧୯୪୪ ମସିହା ମଇ ମାସ ୧୬ ତାରିଖ ଦିନ ଆଳିଠାରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ।

ତାଙ୍କ ସ୍ମୃତିରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗରେ ଧରଣୀଧର ଭୂୟାଁ ସ୍ମୃତି ଚେୟାର ପ୍ରତିଷ୍ଠା ପୂର୍ବକ ସ୍ନାତକୋତ୍ତର ଶିକ୍ଷା ଓ ଗବେଷଣା ଶିକ୍ଷା ଭିତ୍ତିଭୂମି ପ୍ରତିଷ୍ଠା କରିବା ପାଇଁ ସରକାର ବ୍ୟବସ୍ଥା କରିବା ଆବଶ୍ୟକ। ପରିଶେଷରେ ଆଜି ଜନ୍ମ ଦିବସରେ ସେହି ଦିବଂଗତ ମହାନ୍ ବିପ୍ଳବୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଆଗାମୀ ଯୁବପିଢ଼ି ଧରଣୀଧରଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କାମନା କରୁଅଛି।



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଅଞ୍ଚଳରେ ବିଭିନ୍ନ ଶନିଦେବ ମନ୍ଦିରରେ ଗ୍ରହରାଜଙ୍କ ଜଳାଭିଷେକ ଉତ୍ସବ ଓ ପୂଜାର୍ଚ୍ଚନା ଧୁମଧାମରେ ଅନୁଷ୍ଠିତ ହୋଇ ଯାଇଛି । ଶନିବାର ପ୍ରାତ କାଳରୁ ମନ୍ଦିର ଗୁଡ଼ିକରେ କଳସ ଯାତ୍ରା,ସୂର୍ଯ୍ୟପୂଜା, ଗୋ ପୂଜା, ଜଳାଭିଷେକ, ମହାଯଜ୍ଞ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରୀତିନୀତିରେ ସମ୍ପନ୍ନ କରାଯାଇଥିଲା । ଶ୍ରଦ୍ଧାଳୁମାନେ ମନ୍ଦିର ଗୁଡ଼ିକରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ଗ୍ରହରାଜଙ୍କୁ ଜଳାଭିଷେକ କରିଥିଲେ । ମାନସିକଧାରୀ ମାନେ ମନ୍ଦିରରେ ଅଧିଆ ପଡ଼ି ମାନସିକ ପୂରଣ କରିଥିଲେ । ସଂଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିର ମାନଙ୍କରେ ଭଜନ ସମାରୋହ, ସଂକୀର୍ତ୍ତନ, ପ୍ରସାଦ ସେବନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ବେଉରାସାହି,ନବଗ୍ରହ ସାହି,ହିଙ୍ଗୁଳେଇ ସାହି, କପାଳେଶ୍ୱର,କପାଳେଶ୍ୱର ନୂଆସାହି, ହାଉସିଂବୋର୍ଡ଼,ଦଖରା ପଞ୍ଚାୟତ ଅନ୍ତର୍ଗତ ଚାଞ୍ଚୋ ଆଦି ସ୍ଥାନରେ ଥିବା ଶନିଦେବ ମନ୍ଦିର ଗୁଡ଼ିକରେ ପ୍ରବଳ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

# ବିଭିନ୍ନ କାର୍ଯ୍ୟକ୍ରମରେ ବିଧାୟକ-ସାଂସଦଙ୍କ ଯୋଗଦାନ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଟାଙ୍ଗୀ ମଙ୍ଗଳାଯୋଡି ଛକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ଗଣେଶ ଜଗଦେବଙ୍କ ଦ୍ୱାରା ଏକ ଜଳଛତ୍ରର ଉଦ୍ଘାଟନ କରାଯାଇଛି । ଯୁବବନ୍ଧୁ ମାନଙ୍କର ଏହି ପ୍ରୟାସ ନିଶ୍ଚିତ ଜନସାଧାରଣଙ୍କ ହିତ ନିମନ୍ତେ କାର୍ଯ୍ୟ କରିବ ବୋଲି ସାଂସଦ କହିଛନ୍ତି । ଟାଙ୍ଗୀ ସଦରମହକୁମାର ଦୁର୍ଗା ଚରଣ ତିଳିକା କୁଳିଲିଆ କଲେଜରେ ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଧନ୍ଦାମୂଳକ ଶିକ୍ଷାର ନୂତନ ପ୍ରକୋଷ୍ଠର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ନୂତନ ଅତିରିକ୍ତ ଗୃହର ଶୁଭ ଉଦଘାଟନ କରାଯାଇଛି । ଟାଙ୍ଗୀ ବ୍ଲକର ଗୃହ ନିର୍ମାଣ ବିଭାଗ ଅନ୍ତର୍ଗତ ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ୧ କୋଟି ୪୪ ଲକ୍ଷ ଟଙ୍କା ବିନିମୟରେ ମଙ୍ଗଳାଯୋଡ଼ି ଗ୍ରାମଠାରୁ ନେତର୍ କ୍ୟାମ ପର୍ଯ୍ୟନ୍ତ ରାସ୍ତା ଏବଂ ୧ କୋଟି ୭୭ ଲକ୍ଷ ଟଙ୍କା ବିନିମୟରେ ମଙ୍ଗଳାଯୋଡି ଗ୍ରାମ ଠାରୁ ତାରିମୀ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଏହି ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଠିକ୍ ସେହିପରି ଟାଙ୍ଗୀ ବ୍ଲକ ଅଧିନସ୍ଥ କୁଞ୍ଜୁରୀ ପଞ୍ଚାୟତରେ ୩ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା । ସେହିପରି ୩ କୋଟି ଟଙ୍କା ବ୍ୟୟବରାଦରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ଗ୍ରାମ ପଞ୍ଚାୟତସ୍ଥିତ କୋଟିଲା ଗ୍ରାମ ଛକଠାରୁ ଗୋପୀନାଥପୁର ଗ୍ରାମ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ନୂତନ ରାସ୍ତା ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଆଉ ଶେଷରେ ମଙ୍ଗଳାଯୋଡି ଗ୍ରାମରେ ଆୟୋଜିତ ସାଧାରଣ ସଭାରେ ସାଂସଦ ଓ ବିଧାୟକ ନିଜର ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ପ୍ରତିନିଧି ସମେତ ପ୍ରଶାସନିକ ଅଧିକାରୀମାନେ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।


## ନିମାପଡ଼ା ବଡ଼ ବଜାରରେ ଅଗ୍ନିକାଣ୍ଡ

# ସର୍ଟସର୍କିଟ୍‌ରୁ ଜଳିଗଲା ଦୁଇ ଲକ୍ଷ ଟଙ୍କାର ସାମଗ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବଡ଼ ବଜାରରେ ବିଦ୍ୟୁତ ସର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ଭେରାଇଟ୍ ଷ୍ଟୋରର ଆସବାବ ପତ୍ର ସଂପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିବାରେ ସଫଳ ହୋଇଛନ୍ତି । ବିଳମ୍ବ ହୋଇଥିଲେ ଆହୁରି କେତେକ ଦୋକାନ ଜଳି ଯିବା ଆଶଙ୍କା ରହିଥିଲା । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବଡ଼ ବଜାର ପତିତପାବନ ଦେବଙ୍କ ମନ୍ଦିର ନିକଟରେ ପତିତପାବନ ପାଣ୍ଡା ଗ୍ରାମର ବିପିନ ସାହୁ ଭେରାଇଟ୍ ଷ୍ଟୋର କରି ରହିଥିବା ବେଳେ ରବିବାର ମଧ୍ୟାହ୍ନ ସମୟରେ ଦୋକାନ ବନ୍ଦ କରି ଘରକୁ ଖାଇବାକୁ ଯାଇଥିଲେ । ହଠାତ୍ ଦୋକାନଟି ଜଳିବା ଦେଖି ଅନ୍ୟ ବ୍ୟବସାୟୀମାନେ ହୋହାଲ୍ଲା କରି ଡ଼ାକ ଛାଡ଼ିଥିଲେ । ଅଗ୍ନିଶମ ବାହିନୀ ସେଠାରେ ପହଂଚି ନିଆଁକୁ ଆୟତ କରିଥିଲେ ମଧ୍ୟ ଦୋକାନରେ ଥିବା ଦୁଇଟି ଫ୍ରିଜ୍, ଆସବାବପତ୍ର ସମେତ ସମସ୍ତ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି । ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜଳି ଯାଇଥିବା ଜଣାପଡ଼ିଛି । କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ି ନଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି । କ୍ୟାବିନ୍ ତଳେ ଓ କ୍ୟାବିନ୍ ନିକଟରେ ଜମା ହୋଇଥିବା ଅଳିଆ ଗଦା ହୁତୁହୁତୁ ହୋଇ ମଧ୍ୟ ଜଳି ଯାଇଛି ।

# ଚାଲାଣ ବେଳେ ୧୦ ଗୋରୁ ଉଦ୍ଧାର, ଗାଡ଼ି ଜବତ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୧୦ଟି ଗୋରୁ ଭର୍ତ୍ତିକରି ରବିବାର ସକାଳେ କଟକ ଅଭିମୁଖେ ନିଆ ଯାଉଥିବା ବେଳେ ସ୍ଥାନୀୟ ଗୋରକ୍ଷକ କର୍ମୀମାନେ ଗୋରୁ ଗାଡ଼ିକୁ ଅଟକାଇବା ସହିତ ଗୋରୁ ମାନଙ୍କୁ ଉଦ୍ଧାର କରିଛନ୍ତି । ପ୍ରକାଶ ଯେ ଏକ ଗାଡ଼ିରେ ଗୋରୁ ଭର୍ତ୍ତିହୋଇ ଯାଉଥିବା ବିଷୟ ସୂତ୍ରରୁ ଖବର ପାଇ ସ୍ଥାନୀୟ ଗୋରକ୍ଷକ କର୍ମୀମାନେ ଉକ୍ତ ଗାଡ଼ିର ପିଛାକରି ଚୌଦ୍ୱାର ଉପକଣ୍ଠ ବିରୂପା ବ୍ୟାରେଜ ନିକଟରେ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଗାଡ଼ି ଡ୍ରାଇଭର ଗାଡ଼ିକୁ ଚୌଦ୍ୱାର ଆଡ଼କୁ ବୁଲାଇ ଦ୍ରୁତ ଗତିରେ ପଳାଇ ଯାଇଥିଲା । ହେଲେ ଗୋରକ୍ଷକ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଗାଡ଼ିର ପିଛା କରି ଅର୍ମିଲ ରୋଡ଼ର କାଳୀ ମନ୍ଦିର ନିକଟରେ ଅଟକାଇଥିଲେ । ଲୋକେ ରୁଣ୍ଡ ହୋଇ ଯିବାରୁ ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ପଳେଇ ଯାଇଥିଲା । ଉତ୍ତ୍ୟକ୍ତ ଲୋକମାନେ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ । ଖବର ପାଇ ଚୌଦ୍ୱାର ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରି ଥାନାକୁ ଆଣିଥିଲେ । ଗୋ ରକ୍ଷକ କର୍ମୀମାନେ ଅନ୍ୟଏକ ଗାଡ଼ିରେ ଉଦ୍ଧାର କରାଯାଇଥିବା ଗୋରୁ ମାନଙ୍କୁ ସ୍ଥାନୀୟ ଏକ ଗୋଶାଳାରେ ଛାଡ଼ିଥିବା ଜଣା ପଡ଼ିଛି । ଗୋରୁ ବୋଝେଇ ଗାଡ଼ିଟି କେଉଁଠୁ କେଉଁ ସ୍ଥାନକୁ ଯାଉଥିଲା ତାହା ଜଣାପଡ଼ିନାହିଁ ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ପ୍ରେମିକ ମାଡ଼ ମରାଇବା ନେଇ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଜଣେ ଯୁବକ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀର ଇଚ୍ଛା ବିରୁଦ୍ଧରେ ଶାରୀରିକ ସଂପର୍କ ସ୍ଥାପନ କରିବା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଘରୁ ଡ଼ାକି ନେଇ କାକଟପୁର ଅଂଚଳରେ ସଂପୃକ୍ତ ଆକ୍ରମଣ କରିବା ଘଟଣାକୁ ନେଇ ଯୁବତୀ ଜଣକ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ନିମଗର ଗ୍ରାମର ଜଣେ ଯୁବତୀଙ୍କୁ ନିଆଳି ଥାନା ମାଧବ ଗ୍ରାମର ଅଜିତ ବେହେରା ନାମକ ଯୁବକ ପ୍ରେମ ସଂପର୍କ ସୃଷ୍ଟି କରି ଯୁବତୀଙ୍କ ମନରେ ବିଶ୍ୱାସ ଜନ୍ମାଇ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଇଚ୍ଛା ବିରୁଦ୍ଧରେ ଶାରୀରିକ ସଂପର୍କ ସ୍ଥାପନ କରି ଆସୁଥିଲା । ଯୁବତୀ ବିବାହ ହେବାକୁ କହିବାରୁ ଯୁବକ ଜଣକ ପୂର୍ବ ଯୋଜନା ଅନୁଯାୟୀ ଯୁବତୀଙ୍କୁ ଘରୁ ଡ଼ାକି ନେଇ ତା'ର ଭିଣୋଇଙ୍କ ସାଙ୍ଗ ଘର କାକଟପୁର ବାଜପୁର ଗ୍ରାମରେ ରଖିଥିଲା । ଯୁବତୀଙ୍କୁ ଗାଡ଼ିରେ ନେଇ ବିବାହ କରିବାକୁ ଯାଉଥିବା ବେଳେ ଯୁବକର ବାପା କୈଳାସ ବେହେରା, ୩ ଭଉଣୀ ଅନୁ ଖୁଂଟିଆ, ସୁନୀତା ସେନାପତି, ଟିକି ଓ ୩ ଭିଣୋଇ ନଡ଼ଣା ଗ୍ରାମର ସୌଭାଗ୍ୟ ଖୁଂଟିଆ, ଓଳାଂଶ ଗ୍ରାମର ଭୀମସେନ ସେନାପତି, କୋଣାର୍କ ଥାନା ବନାଖଣ୍ଡି ଗ୍ରାମର ବିଜୟ ଯୁବତୀଙ୍କୁ ଗାଡ଼ିରୁ ଭିଡ଼ି ଆଣି ଚଣାଚେରା କରି ତଳେ ପକାଇ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିଲେ । ଯୁବତୀ ବିକଳରେ ଚିତ୍କାର କରୁଥିବା ବେଳେ ପୂର୍ବ ଯୋଜନା ମୁତାବକ ଅଭିଯୁକ୍ତମାନେ ମାଡ଼ ମାରି ଚାଲିଥିଲେ । କୌଣସି କ୍ରମେ ଯୁବତୀ ସେଠାରୁ ରକ୍ଷା ପାଇ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/ ୧୯୦/୭୫/୩୫୧(୨)/ ୮୭/୬୪(୨) ଏସ୍ ଧାରାରେ ମାମଲା ରୁଜୁ କରିଛନ୍ତି । ପୂର୍ବ ଯୋଜନା ଅନୁଯାୟୀ ଚକ୍ରାନ୍ତ ଭାବେ ଯୁବକ ଜଣକ ଯୁବତୀଙ୍କୁ ଡ଼ାକି ନେଇଥିବା ବେଳେ ଏ ସଂପର୍କରେ ଭଉଣୀ, ଭିଣୋଇ ମାନଙ୍କୁ ଖବର ଦେଇଥିବା ବାରି ହୋଇପଡୁଛି । ଜଣେ ଯୁବକ ଯୁବତୀଙ୍କୁ ପ୍ରେମ କରି ଶାରୀରିକ ସଂପର୍କ ସ୍ଥାପନ କରିବା ସହ ବିବାହ ପ୍ରତିଶ୍ରୁତି ଦେଇ ମାଡ଼ ମାରିବା ଯୋଜନାବଦ୍ଧ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ଯୁବତୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ମଧ୍ୟ ଦାବୀ ହୋଇଛି । ଏହି ଘଟଣାର ମୁଖ୍ୟ ପ୍ରତାରକ ଅଜିତ ବୋଲି ବୋଲି ଜଣାପଡ଼ିଛି । ଦଳିତ ଯୁବତୀଙ୍କୁ ଏପରି ପ୍ରତାରଣା କରିବା ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ମାଡ଼ ମାରିବା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ଅଛି ବୋଲି ମତ ପ୍ରକାଶ ପାଇଛି ।

# ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଦୁର୍ଘଟଣା, ୨ ଡ୍ରାଇଭର ମୃତ




ପାରାଦୀପ(ଭାସ୍କର ନ୍ୟୁଜ): ଗତ ଶନିବାର ବିଳମ୍ବିତ ରାତିରେ ଏକ ଟ୍ରେଲର ଡାଲା ହାଇଡ୍ରା ଟ୍ରକକୁ ଦୁଇଜଣ ଡ୍ରାଇଭର ମରାମତି କରୁଥିବା ଅବସ୍ଥାରେ ହଠାତ ପଛ ପଟୁ ଏକ ବେନିୟନ୍ତ୍ରିତ ଆଇରନ ଟ୍ରକ ଦ୍ରୁତ ଗତିରେ ଧକ୍କା ଦେବାରୁ ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ମୃତ ଡ୍ରାଇଭରଦ୍ୱୟଙ୍କ ଅଞ୍ଚଳ ଗଡ଼କର ସ୍ୱାଇଁ (୪୬) ଏବଂ ପାରାଦୀପ ଖଣ୍ଡପୁର ଅଞ୍ଚଳର ଚନ୍ଦନ ଜେନା (୩୩) । ସେବେ ଘଟଣା ପରେ ନିଷିଦ୍ଧାଞ୍ଚଳରେ କାର୍ଯ୍ୟ କରୁଥିବା ଡ୍ରାଇଭରଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ସମୟରେ ମୃତକଙ୍କ ପରିବାରକୁ କ୍ଷତିପୂରଣ, ଚାକିରୀ ଆନୁକୂଲ ସେବା ବ୍ୟବସ୍ଥା ଓ ଟ୍ରାଫିକ ବ୍ୟବସ୍ଥା ସୁନିୟନ୍ତ୍ରଣ ଦାବୀ କରି ଡ୍ରାଇଭରମାନେ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ୨ ଓ ୩ ନମ୍ବର ଫାଟକ ବନ୍ଦ କରି ଦେଇଥିଲେ । ରବିବାର ସକାଳ ୬ରୁ ଦିନ ୨ଟା ଦୀର୍ଘ ପ୍ରାୟ ୮ ଘଣ୍ଟା ଗେଟ ବନ୍ଦ ରହିବା ଯୋଗୁଁ ବନ୍ଦର କାର୍ଯ୍ୟ ପ୍ରଭାବିତ ହୋଇଥିଲା । ସେବେ ଘଟଣା ସ୍ଥଳରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ଓ ପୋଲିସ ଫୋର୍ସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଜା କରିଥିଲେ । ଏହାପରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ହସ୍ତକ୍ଷେପ ଫଳରେ ଶେଷରେ ଏହି ଆନ୍ଦୋଳନ ର ଜବନିକା ପଡିଥିଲା । ଶେଷରେ ପାରାଦୀପ ବନ୍ଦର ପକ୍ଷରୁ ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରକୁ ୧୦ ଲକ୍ଷ ଟଙ୍କା, ଲିବର୍ଟି ଷ୍ଟିଭେଡୋର୍ସ କମ୍ପାନୀ ପକ୍ଷରୁ ୫ ଲକ୍ଷ ୨୦ ହଜାର ଡମ୍ପର ଆସୋସିଏସନ ପକ୍ଷରୁ ୨ ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

# ମାଟ୍ରିକ୍ ପରୀକ୍ଷାରେ ଓଟିଏମ୍ ହାଇସ୍କୁଲର ଫଳ ଶତପ୍ରତିଶତ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚଳିତ ମ୍ୟାଟ୍ରିକ୍ ପରୀକ୍ଷାରେ ସ୍ଥାନୀୟ ପିଏମ୍‌ଶ୍ରୀ ଓଟିଏମ୍ ହାଇସ୍କୁଲର ଫଳ ଶତ ପ୍ରତିଶତ ହୋଇଛି । ପରୀକ୍ଷା ଦେଇଥିବା ମୋଟ ୯୯ଜଣ ପରୀକ୍ଷାର୍ଥୀ ସଫଳତାର ସହ ପାସ୍ କରିଛନ୍ତି । ସେଥି ମଧ୍ୟରୁ ଏ-୧ରେ ୨ଜଣ, ଏ-୨ରେ ୭ଜଣ, ବି-୧ରେ ୧୮ଜଣ, ବି-୨ରେ ୨୫, ସିରେ ୨୭, ଡିରେ ୧୩ଜଣ ଏବଂ ଇ ଗ୍ରେଡ଼ରେ ୭ଜଣ ପାସ୍ କରିଛନ୍ତି । ବିଦ୍ୟାଳୟର ରୁପ୍ସା ଜେନା ୯୩.୩ ଓ ଅଭିପ୍ସା ପ୍ରିୟଦର୍ଶିନୀ ନାଥ ୯୨.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି । ଉଭୟ ଛାତ୍ରୀ ଏ-୧ ଗ୍ରେଡ଼ପାଇ ବିଦ୍ୟାଳୟର ଟପ୍ପର ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି ବୋଲି ପ୍ରଧାନ ଶିକ୍ଷକ ଜୀତେନ ରାଉତ ସୂଚନା ଦେବା ସହିତ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଦୀର୍ଘଦିନର ଘଟିଲା ଅନ୍ତ, ଭୂବନ୍ଦୋବସ୍ତ ନେଇ ନିର୍ଦ୍ଦେଶନାମା ଜାରି




ଆସିକା(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ପାଞ୍ଚଟି ମୌଜାରେ ଭୂ- ବନ୍ଦୋବସ୍ତ କରିବା ନେଇ ନିର୍ଦ୍ଦେଶନାମା ଗତ ୨୯ ତାରିଖରେ ପ୍ରକାଶିତ ହୋଇଛି ଓ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ ଆସିକା ଖମ୍ବେଶ୍ୱରୀ ପାଟଣା, ପାକଲା ପଲ୍ଲୀ, ନରସିଂହ ପଲ୍ଲୀ, ସୁନାମ୍ବ ଓ ଆସିକା ରାଜସ୍ୱ ଗ୍ରାମରେ ଭୂବନ୍ଦୋବସ୍ତ କରିବା ନେଇ ରାଜ୍ୟର ଅତିରିକ୍ତ ମୁଖ୍ୟଶାସନ ସଚିବ ଦେବ ରଞ୍ଜନ ସିଂହଙ୍କ ସ୍ୱାକ୍ଷରରେ ପତ୍ରସଂଖ୍ୟା -୧୫୮୯୯ରେ ପ୍ରକାଶିତ ହୋଇଛି। ଆସିକା ସହରାଞ୍ଚଳ ଓ ଆଖପାଖ ଗ୍ରାମରେ ଭୂବନ୍ଦୋବସ୍ତ ହୋଇନଥିବାରୁ ସ୍ଥାୟୀ ବାସିନ୍ଦା ବହୁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ସାଧାରଣ ଜନତାଙ୍କ ବାସ ଗୃହ ଓ ଚାଷ ଜମିର ପଟ୍ଟା ନଥିବାରୁ ନିଜର ଅସମୟରେ ବିକ୍ରୀ କିମ୍ବା ବ୍ୟାଙ୍କ୍ ଋଣ ପାଇବାରୁ ବଞ୍ଚିତ ହୋଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଭୂବନ୍ଦୋବସ୍ତ କରି ସ୍ଥାୟୀ ପଟ୍ଟା ଯୋଗାଇବାକୁ ସରକାରଙ୍କ ନିକଟରେ ବହୁ ସଂଗଠନ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା।୨୦୧୭ ମସିହାରେ ଭୂବନ୍ଦୋବସ୍ତ କରି ସ୍ଥାଇ ପଟ୍ଟା ଯୋଗାଇବାକୁ ନେଇ ମଧ୍ୟ ସରକାରୀସ୍ତରରେ ନିର୍ଦ୍ଦେଶ ନାମା ପ୍ରକାଶ ପାଇଥିଲା ଓ ଏହି ୫ଟି ଯାକ ମୌଜାର ସମସ୍ତ ଜମି ରେକର୍ଡ ଭୁକ୍ତ ହୋଇରହିଛି ଓ ଆଉ ବିଳମ୍ବ ନକରି ଆସିକାବାସିଙ୍କୁ ଭୂବନ୍ଦୋବସ୍ତ କରି ସ୍ଥାୟୀ ପଟ୍ଟା ଯୋଗାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

## ନିଆଳୀରେ ତାଣ୍ଡବ ରଚିଲା କାଳବୈଶାଖୀ

# ନଡ଼ିଆ ଗଛ ପଡି ଜଣେ ମହିଳାଙ୍କ ସମେତ ଗାଈ ମୃତ



ନିଆଳି(ଭାସ୍କର ନ୍ୟୁଜ): ଗତ ୩ ତାରିଖ ଶନିବାର ରାତି ୯.୪୦ରେ ମାତ୍ର ୫୦ ମିନିଟ ପାଇଁ ତାଣ୍ଡବ ରଚିଥିଲା କାଳବୈଶାଖୀ। ଘଡ ଘଡି ସାଙ୍ଗକୁ ପ୍ରବଳ ବର୍ଷା। ସାରା ନିଆଳି ଅଞ୍ଚଳ ଅନ୍ଧାର କିଟ୍‌କିଟ୍‌ରେ ଥରୁଥିଲା। ପବନ ର ବେଗ ଏତେ ଥିଲା ଯେ ନଡ଼ିଆ ଗଛ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ମହିଳା ଜଣଙ୍କ ହେଲେ ନିଆଳି ଥାନା ଅଧିନସ୍ତ କୃଷ୍ଣ ପ୍ରସାଦ ପଂଚାୟତ ନୂଆ ବେତେଣ୍ଡା ଗ୍ରାମର କୁନୀଲତା ସାହୁ(୪୨)। ସେ ଗୁହାଳକୁ ଗାଈ ନେଇ ଯାଉଥିବା ବେଳେ କାଳ ବୈଶାଖୀ ତାଣ୍ଡବରେ ନଡ଼ିଆ ଗଛ ଉପୁଡି କୁନି ଓ ଗାଈ ଉପରେ ପଡିଥିଲା। ଘଟଣା ସ୍ଥଳରେ ଗାଈର ମୃତ୍ୟୁ ହୋଇଥିବା ବେଳେ କୁନିକୁ ପରିବାର ଲୋକ ଉଦ୍ଧାର କରି ଗୁରୁତ୍ୱର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ନୂଆ ବେତେଣ୍ଡା ଗ୍ରାମରେ ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ, କୃଷ୍ଣ ପ୍ରସାଦ ପଂଚାୟତର ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ କୁମାର ଭୋଇ, ନିଆଳି ଥାନା ପୋଲିସ ଓ ରାଜସ୍ୱ ନିରୀକ୍ଷକ ଅଧିକାରୀ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ଶହ ପରିବାର ଲୋକଙ୍କୁ ସହାୟତା ଦେବେ ବୋଲି ପ୍ରତିଶୃତି ଦେଇଛନ୍ତି। ପବନର ବେଗ ଏତେ ଥିଲା ଜେ ଅଡଶପୁର ପୂର ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ପବନରେ ବହୁ ଗଛ ଉପୁଡି ପଡିବାରୁ ରାଜପଥ ୩ ଘଣ୍ଟା ପାଇଁ ଯାତାୟାତ ବନ୍ଦ ହୋଇଯାଇଥିଲା। ନିଆଳିରେ ଅନେକ ଅଞ୍ଚଳରେ କାଳବୈଶାଖୀ କୋପରେ ବିଦ୍ୟୁତ ତାର ଛିଡ଼ିଯିବାରୁ ୨୦ ଘଣ୍ଟାରୁ ଅଧିକ ହେବ ବିଦ୍ୟୁତ ପହଞ୍ଚିପାରି ନାହିଁ। ଏହି କାଳ ବୈଶାଖୀ ସବୁଠୁ ଅଧିକ କ୍ଷତି କରିଛି ଗରିବ ଚାଷୀଙ୍କର। ପାଚିଲା ଟାଇଚିନ ଧାନକୁ ଶୁଆଇ ଦେଇଛି କ୍ଷେତରେ। ଖରାଦିନିଆ ପନିପରିବା ଚାଷ କରି ପରିବାର ପୋଷିବାକୁ ଲକ୍ଷ୍ୟ ରଖିଥିବା ଚାଷୀର ପୋଟଳ ଭାଡ଼ିଠୁ ଆରମ୍ଭ କରି ବିଭିନ୍ନ ପନିପରିବା ଭାଡିକୁ ମିଶାଇ ଦେଇଛି ମାଟିରେ। ଏହି ୫୦ ମିନିଟ ର କାଳ ବୈଶାଖୀ ଛଡାଇ ନେଇଛି ଶହ ଶହ ଚାଷୀଙ୍କ ରୋଜଗାର। ହଜାର ହଜାର ଟଙ୍କା ଋଣ କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଘଟଣା କୁ ୨୪ ଘଣ୍ଟା ବିତିଥିଲେ ବି ଏପର୍ଯ୍ୟନ୍ତ ନିଆଳି କୃଷି ବିଭାଗ, ଉଦ୍ୟାନ ବିଭାଗ, ରାଜସ୍ୱ ବିଭାଗ ଓ ନିଆଳି ପ୍ରାଣୀ ଚିକିତ୍ସା ବିଭାଗର କୌଣସି ବି କର୍ମଚାରୀ ଚାଷୀଙ୍କ କ୍ଷେତରେ ପହଞ୍ଚି ନାହାନ୍ତି। କାଳବୈଶାଖୀର ପ୍ରଭାବରେ ବହୁ ଗରିବ ଅସହାୟ ଲୋକଙ୍କୁ କଚା ଘର ଚାଳ ଓ ପଲିଥିନ ଉଡି ଯାଇଥିବା ବେଳେ ଅନେକ ପରିବାର ବର୍ଷା ଭିଜା ପାଣିରେ ରାତି କାଟିଛନ୍ତି। ଏ ପର୍ଯ୍ୟନ୍ତ ରାଜସ୍ୱ ବିଭାଗ କୌଣସି ଅଧିକାରୀ ପହଞ୍ଚି ପାରି ନାହାନ୍ତି।

# କାଳବୈଶାଖୀରେ ଉଡ଼ିଲା ଝୋପଡ଼ି ଘର, ଭାଙ୍ଗିଲା ଗଛ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଦୁଇଦିନ ଧରି କାଳ ବୈଶାଖୀ ତାଣ୍ଡବ ରଚିଥିବା ବେଳେ ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନ ହେବା ଦ୍ୱାରା ବ୍ୟାପକ କ୍ଷୟକ୍ଷତି ହୋଇଛି । ଗଛ ଭାଙ୍ଗି ପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ଦୁଇ ଫୁଟର ବନ୍ୟା ଜଳ ଜମି ରହିଥିଲା । ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ପବନ ହେବା ଦ୍ୱାରା ନିମାପଡ଼ା ବଜାରର ଦୋକାନ ହୋର୍ଡ଼ିଂ ସବୁ ଉଡ଼ାଇ ଦେଇଥିବା ବେଳେ ଆଜବେଷ୍ଟସ୍ ମଧ୍ୟ ଉଡ଼ି ଯାଇଛି । ନିମାପଡ଼ା-ଚାରିଛକ ରାସ୍ତାରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ଅଗ୍ନିଶମ ବାହିନୀ ପହଂଚି ରାସ୍ତାରୁ ଗଛକୁ କାଟି ହଟାଇ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅଂଚଳରେ ଗତ ଶନିବାର ରାତ୍ର ୧୦ଟାରେ କାଳ ବୈଶାଖୀ ତାଣ୍ଡବ ରଚିଛି । ଖୁବ୍ ଜୋରରେ ପବନ ବୋହିବା ସାଙ୍ଗକୁ ତୁହାକୁ ତୁହା ବର୍ଷା ଜନ ଜୀବନ ଉପରେ ପ୍ରଭାବ ପକାଇଛି । ବଜାରରୁ ଆଜବେଷ୍ଟସ୍ ଉଡ଼ି ଯାଇଥିବା ବେଳେ ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ନାଳବନ୍ଧ ରାସ୍ତାରେ ଗଛ ଉପୁଡ଼ି ପଡ଼ିବା ଦ୍ୱାରା ରାସ୍ତା ଅବରୋଧ ହୋଇଥିଲା । ନିମାପଡ଼ା-ଚାରିଛକ ରାସ୍ତା ଶୀତଳ ଭଣ୍ଡାର ନିକଟରେ ଗଛ ଉପୁଡ଼ି ପଡ଼ିଥିବାରୁ ରାସ୍ତା ଅବରୋଧ ହୋଇଥିଲା । ଅଗ୍ନିଶମ ବାହିନୀ ରାତି ସାରା ବୁଲି ଗଛ କାଟି ରାସ୍ତା ସଫା କରିଥିଲେ । ସେହିପରି ଗ୍ରାମ ପଞ୍ଚାୟତ ମାନଙ୍କରେ ମଧ୍ୟ ସାହାଡ଼ା ଗଛଠାରୁ ଆରମ୍ଭକରି ନଡ଼ିଆ, ଚାକୁଣ୍ଡା ଓ ବିଭିନ୍ନ ଗଛ ପବନରେ ଭାଙ୍ଗି ପଡ଼ିଛି । ଧୂଳିଝଡ଼ରେ ଲୋକମାନେ ଅତିଷ୍ଠ ହୋଇପଡ଼ିଛନ୍ତି । ରାତ୍ର ସାରା ବର୍ଷା ଲାଗି ରହିଥିଲା । ଅନେକ କ୍ଷୟକ୍ଷତି ଏହି କାଳ ବୈଶାଖୀ ପ୍ରଭାବରେ ହୋଇଛି । ବିଜୁଳି, ଘଡ଼ଘଡ଼ି ସାଙ୍ଗକୁ ପବନର ବେଗ ତୀବ୍ରତର ଥିବା କାରଣରୁ ଲୋକମାନେ ଆତଙ୍କିତ ହୋଇପଡ଼ିଥିଲେ ।

## ଗୋବିନ୍ଦପୁର ଥାନା ପୋଲିସର ବିଚିତ୍ର ନିୟମ

# ଗାଡି ଦୁର୍ଘଟଣା ୧୫ ଦିନ ବିତିଲା, ହେଲାନି ମାମଲା

ନିଆଳି(ଭାସ୍କର ନ୍ୟୁଜ): ଗୋବିନ୍ଦପୂର ଥାନା ପୋଲିସର ବିଚିତ୍ର ନିୟମ. ଆଇନର ଉର୍ଦ୍ଧ୍ୱରେ ଗୋବିନ୍ଦପୂର ପୋଲିସ। ୧୫ ଦିନର ଏତେଲା ପରେ ବି ମିଳୁନି କପି। ଅଭିଯୋଗକାରୀଙ୍କ ଉପରେ ଚାପ ପକାଇ ରଫାଦଫା କରିବାକୁ ଦେଉଛନ୍ତି ଧମକ। ଉକ୍ତ ଥାନା ଅଧିନସ୍ତ ମଜୁରେଇ ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ମୋଟାଅଙ୍କର ଅର୍ଥ ନେଇ ଘଟଣାକୁ ରଫାଦଫା କରିବା ପାଇଁ ପ୍ରତିଶୃତିବଧ ଗୋବିନ୍ଦପୂର ଥାନା ପୋଲିସ। ମିଳିଥିବା ସୂଚନା ଅନୁଯାଇ ଗୋବିନ୍ଦ ପୂର ଥାନା ଅଧିନସ୍ତ ଝାରପଡା ଛକରେ ଏପ୍ରିଲ ମାସ ୨୦ ତାରିଖ ଅପରାହ୍ନ ୫ ଟାରେ ମାରୁତି ସ୍ୱିଫ୍ଟ କାର ଓଡି-୦୨ବିଏଲ- ୪୬୩୫କୁ ଦ୍ରୁତ ଗତିରେ ଆସୁଥିବା ହିରୋହଣ୍ଡା ସିଡି ଡିଲକ୍ସ ଗାଡି ଓଡି-୦୫ଡବ୍ଲ୍ୟୁ- ୩୩୮୦ ବାଇକ ଦ୍ରୁତ ଗତିରେ କାରଟିକୁ ଧକା ଦେଇଥିଲା। ଗାଡି ଚଳାଉଥିବା ଯୁବକ ଦ୍ୱୟଙ୍କର ଡିଏଲ ନଥିବା ବେଳେ ବାଇକର ଇନ୍ସୁରାନ୍ସ ନଥିଲା। ଏନେଇ ଗୋବିନ୍ଦପୁର ଥାନାରେ କାର ଡ୍ରାଇଭର ସୁବାସ ଚନ୍ଦ୍ର ବେହେରା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କରିବା ୧୫ ଦିନ ବିତିଥିଲେ ବି ଗୋବିନ୍ଦପୂର ପୋଲିସ ଏଯାବତ ମାମଲା ରୁଜୁ ନକରି ଚୁପ ବସିଛି। ଯାହା ଫଳରେ ମୋଟର ଭେଇକିଲ୍ସ ୧୯୮୯ ଆଇନକୁ ଖୁଲମଖୁଲା ଉଲଂଘନ କରିଛି ଗୋବିନ୍ଦ ପୂର ପୋଲିସ। ହେଲମେଟ ପିନ୍ଧି ନଥିଲେ ୫୦୦୦, ଡିଏଲ ନଥିଲେ ୧୦ ହଜାର, ଇନ୍ସୁରାନ୍ସ ନଥିଲେ ୧୦ହଜାର ଓ ନାବାଳିକା ହୋଇଥିଲେ ୫୦ ହଜାର ଟଙ୍କା । ଏସବୁକୁ ଜୋରିମାନା ନ କାଟି କିଭଳି ଛାଡି ଦେଲା, ତାହା ଗୋବିନ୍ଦପୂର ଥାନା ପୋଲିସକୁ ସନ୍ଦେହ ଘେରରେ ଆଣିଛି।

# ସିଆଇଟିୟୁ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ

ବ୍ୟାସନଗର(ଭାସ୍କର ନ୍ୟୁଜ): ବିଶ୍ୱ ଶ୍ରମିକ ଦିବସ ତଥା ମଇ ଦିବସ ପରିପ୍ରେକ୍ଷୀରେ ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ସିଆଇଟିୟୁ ଅନୁବନ୍ଧିତ ନିର୍ମାଣ ଶ୍ରମିକ ସଙ୍ଘ, ପାଚିକା ସଙ୍ଘ, ଓଶ୍ଚୁ, ବ୍ୟାସନଗର ମୁନିସିପାଲିଟି ସଫେଇ କର୍ମଚାରୀ ସଙ୍ଘ, ରେଲୱେ ହକର୍ସ ପ୍ରଭୃତି ସଙ୍ଗଠନ ମାନଙ୍କର ମିଳିତ ଶୋଭାଯାତ୍ରା ଜିଲ୍ଲା କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ନେତାଜୀ ନଗର ଡୋଳିପୁର ଠାରେ ପହଞ୍ଚିବା ପରେ ସିଆଇଟିୟୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭା ପୂର୍ବରୁ ସାଥୀ ପ୍ରଫୁଲ୍ଲ ନାୟକ ଶ୍ରମିକ ଶ୍ରେଣୀର ଲାଲ୍ ପତାକା ଉତ୍ତୋଳନ କରି ଶହୀଦ ବେଦୀରେ ମାଲ୍ୟାର୍ପଣ କରିଥିଲେ । ପରେ ଅନ୍ୟ ସାଥୀମାନେ ମାଲ୍ୟାର୍ପଣ କରିଥିଲେ। ଉକ୍ତ ସଭାରେ ନିର୍ମାଣ ଶ୍ରମିକ ସଙ୍ଘର ଲାଲ ମଣି ମୁଣ୍ଡା, ସନ୍ତୋଷ ବରାଳ ତ୍ରିଲୋଚନ ରାଉତ, ବିଜୟା ଲକ୍ଷ୍ମୀ ମହାନ୍ତି, ମନ୍ମଥ ରାୟ ଓ ବ୍ୟାସନଗର ମୁନିସିପାଲିଟି ସଫେଇ କର୍ମଚାରୀ ସଙ୍ଘ ପକ୍ଷରୁ ପାନି କିସ୍କୁ, ମାଳତୀ ହାଂସଦା, ଗଙ୍ଗାଧର ନାୟକ, ସମୀର ମୁଖି, ରଶ୍ମି ରେଖା ନାୟକ ଏବଂ ଓଶ୍ଚୁ ର ମୃତ୍ୟୁଞ୍ଜୟ ଦୋରା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇନ୍ତାଜ ଖାଁ, ପ୍ରମିଳା ନାୟକ,ଗୁରୁବାରୀ ଲାଗୁରୀ, ଭାଗବତ ମୁଖି,ମାନି ପାଳିଆ, ସଦାନନ୍ଦ ମୁଖି,ବାଦଲ ହାଂସଦା,ଡ଼ଲି ନାୟକ,ଗାଗର ମାରାଣ୍ଡି ଓ ଗୋପବନ୍ଧୁ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ପ୍ରଫୁଲ୍ଲ ନାୟକ ନିଜ ବକ୍ତବ୍ୟରେ କହିଲେ ଯେ ୧୮୮୬ ମସିହାରେ ମେ ୧ ତାରିଖ ଆମେରିକାର ଚିକାଗୋ ସହରର ହେ ମାର୍କେଟରେ ଆଠ ଘଣ୍ଟା ଶ୍ରମ ଦିବସ ଦାବିରେ ଯେଉଁ ଲୋମହର୍ଷଣକାରୀ ରକ୍ତାକ୍ତ ସଂଘର୍ଷରେ ଶ୍ରମିକ ଶ୍ରେଣୀର ବିଜୟୀ ହୋଇଥିଲା କିନ୍ତୁ ୧୩୯ ବର୍ଷ ପରେ ଆଜି ବି ଶ୍ରମିକ ଶ୍ରେଣୀ ନିଜର ସର୍ବନିମ୍ନ ମଜୁରୀ ଓ ଆଠ ଘଣ୍ଟା ଶ୍ରମ ଦିବସ ର ଅଧିକାର ପାଇଁ ଲଢ଼େଇ ଜାରି ରଖିଛି। ଶ୍ରମ ଆଇନର ସଂଶୋଧନ କରି ସରକାର ଶ୍ରମିକ ମାନଙ୍କର ଅଧିକାରକୁ ଲୁଣ୍ଠନ କରିଚାଲିଛନ୍ତି। ଏହା ବିରୋଧରେ ସର୍ବଭାରତୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ଡାକରାରେ ଆଗାମୀ ମଇ ୨୦ ତାରିଖ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ସାଥୀ ତାଙ୍କ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ।

# ସ୍ୱାଧୀନତାର ୭୮ବର୍ଷ ପରେ ବି ରାଜନଗରରେ ନାହିଁ ସଂସ୍କୃତି ଭବନ ଓ ଖେଳପଡିଆ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମା ଏବେ ବି ବିକାଶର ବହୁ ପଛରେ ରହିଥିବା ବୁଦ୍ଧଜୀବୀମାନେ କ୍ଷୋଭର ବିଷୟ ବୋଲି କହିଛନ୍ତି। ନିର୍ବାଚନ ମଣ୍ଡଳୀର ସଦର ମହକୁମା ହେଉଛି ରାଜନଗର। ହେଲେ ଏଠାରେ, ଦୁଇ ଦୁଇଟା କଲେଜ, ଥାନା, ବ୍ଲକ, ତହସିଲ,ସବ୍-ରେଜିଷ୍ଟ୍ରେସନ ଅଫିସ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ବିଭିନ୍ନ ବିଭାଗର ଲାଇନ୍ କାର୍ଯ୍ୟାଳୟ ରହିଥିବା ବେଳେ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଡିଏଫଓଙ୍କ କାର୍ଯ୍ୟାଳୟ ଅବସ୍ଥିତ ଅଟେ । ରାଜନଗର ଉପରେ ବ୍ଲକର ହଜାରହଜାର ଜନସାଧାରଣ ଦୈନିକ ନିର୍ଭର କରୁଥିବା ବେଳେ, ପଟ୍ଟାମୁଣ୍ଡାଇ ବ୍ଲକର କେତେକାଂଶରେ ମଧ୍ୟ ନିର୍ଭର କରନ୍ତି। ହେଲେ ଏଠାରେ ସାମଗ୍ରିକ ବିକାଶର ଚିତ୍ରପଟ୍ଟ ଦେଖିବାକୁ ମିଳୁନି। ବିଗତ ୨୪ବର୍ଷର ବିଜେଡି ସରକାରଙ୍କ ସମୟରେ ରାଜନଗରରେ ସାମୟୀକ ବିକାଶ ପାଇଁ ବହୁ ଅର୍ଥ ଯୋଗାଇ ଦିଆଯାଇଛି, ତାହା କେବଳ କର୍ମୀ ରୂପକ ଠିକାଦାର, ଯନ୍ତ୍ରୀ, ନେତାଙ୍କ ପକେଟକୁ ଯାଇ ନାମକୁ ମାତ୍ର ୨୫ଭାଗ ଅର୍ଥ ବିକାଶ ନାଁରେ ବ୍ୟୟ କରି ବିନାଶରେ ପରିଣତ କରିଦେଇଛନ୍ତି । ଏଠାରେ ଆବଶ୍ୟକତା ହେଉଥିବା ସଂସ୍କୃତି ଭବନଟି ନାହିଁ, ଖେଳପଡିଆ, ପାର୍କ କଥା ନ କହିବା ଭଲ, ତାହା କେବଳ ସରକାରୀ ଖାତାରେ ନିର୍ମାଣାଧୀନ ଥିବା ବେଳେ ବ୍ୟବହାର ଯୋଗ୍ୟ ନାହିଁ। ଏପରିକି ପାଠାଗାର ମଧ୍ୟ ନାହିଁ। ଏ ସବୁକୁ ଗୁରୁତ୍ୱ ଦିଆନଯାଇ ସେତେଟା ଆଶ୍ୟକ ନଥିବା କେତେକ କାର୍ଯ୍ୟ ନାରେ ଠିକା କରିବା ସାର ହୋଇ ଅର୍ଥ ଚଳୁ କରି ଜନସାଧାରଣଙ୍କ ସ୍ୱାର୍ଥ ପୁରଣର ବାଧକ ସୃଷ୍ଟି ହୋଇଯାଇଛି। ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ରାଜନଗରରେ ବ୍ଲକସ୍ତରୀୟ ଷ୍ଟାଡିୟମ କରିବା ସହ ବହୁ ପ୍ରତୀକ୍ଷୀତ ସଂସ୍କୃତି ଭବନ ଓ ପାଠାଗାର ନିର୍ମାଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଦାବି କରିଛନ୍ତି।

# ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାରେ ୩୨ ଗିରଫ, ମାରଣାସ୍ତ୍ର ଜବତ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଚାନ୍ଦପୁର ଥାନା ଅଧିନସ୍ତ କୁଶପଲ୍ଲୀ ଗାଁର ଶେଷ ସୀମାନ୍ତରେ ଗାଁର କିଛି ଲୋକ ସଂଘବଦ୍ଧ ଭାବେ ନାରାୟଣ ପାତ୍ର ଙ୍କର ଫାର୍ମ ହାଉସ ର କିଛି କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟିନେବା ଏବଂ ଫାର୍ମ ହାଉସର କର୍ମଚାରୀ ବ୍ୟବହାର କରୁଥିବା ସ୍କର୍ପିଓ ଗାଡ଼ିକୁ ଭଙ୍ଗାରୁଜା କରିବା ଘଟଣାରେ ଚାନ୍ଦପୁର ପୋଲିସ ୩୨ଙ୍କୁ ଗିରଫ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି ବୋଲି ଚାନ୍ଦପୁର ଥାନା ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । କନ୍ଧନୟାଗଡ଼ ଗ୍ରାମର ସୁକାନ୍ତ ପ୍ରଧାନଙ୍କ ଅଭିଯୋଗ କ୍ରମେ ଚାନ୍ଦପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି ଏବଂ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏପରି ମାରପିଟ୍ ହୋଇଛି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

# ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

ଭୁବନ(ଭାସ୍କର ନ୍ୟୁଜ): ଭୁବନ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜିରାଳ ସେକ୍ସନ ରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଥିବା ଜଣାପଡିଛି । କଇରାନାଳି ଗ୍ରାମର ରଜନୀ ରାଉତ (୬୭) ନାମକ ଜଣେ ବୃଦ୍ଧା ଆଜି ରବିବାର ସକାଳ ସାଢ଼େ ପାଞ୍ଚ ଘଟିକା ସମୟରେ ଶୌଚ ହେବା ପାଇଁ ଯାଉଥିବା ବେଳେ ଗୋଟିଏ ହାତୀ ହାବୁଡ ରେ ପଡ଼ିଥିଲେ । ହାତୀ ଗୋଡାଇବାରୁ ସେ ଦୌଡି ନ ପାରି ତଳେ ପଡ଼ିଯାଇଥିଲେ ଓ ହାତୀ ତାଙ୍କୁ ଦଳି ଦେଇଥିଲା । ଏ ସମ୍ପର୍କରେ ଖବର ପାଇ ଜିରାଳ ବନପାଳ କବିତା ବିଶ୍ୱାଳ ଓ କର୍ମଚାରୀମାନେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଜିରାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ଢ଼େଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

# ବାୟୁସେନା ଅଧିକାରୀଙ୍କୁ ଗାଁ ମାଟିରେ ସ୍ୱାଗତ ସମ୍ବର୍ଦ୍ଧନା



କୋରେଇ(ଭାସ୍କର ନ୍ୟୁଜ): ଦେଶ ମାତୃକାର ସେବାରେ ଜୀବନର ଅଧାରୁ ଅଧିକ ସମୟ କାର୍ଯ୍ୟନିର୍ବାହ ପରେ ଜଣେ ବାୟୁସେନା ଅଧିକାରୀଙ୍କ ଅବସର ପରେ ନିଜ ଜନ୍ମିତ ଗାଁ ମାଟିକୁ ଫେରିଆସିଛନ୍ତି। ସୂଚନାଥାଉ କି ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟ ପଞ୍ଚାୟତର କେଶୁଆ ଗ୍ରାମର ପିତାମ୍ବର ବଳ ଯିଏକି ଦୀର୍ଘ ୩୮ ବର୍ଷ ଧରି ଭାରତୀୟ ବାୟୁ ସେନାରେ କାର୍ଯ୍ୟରତ ଥିଲେ। ସେ ଆଜି ସରକାରୀ ନିୟମ ଅନୁସାରେ ଅବସର ଘୋଷଣା କରାଯାଇଛି। ସେ ପ୍ରଥମେ ୧୯୮୭ ମସିହାରେ ଭାରତୀୟ ବାୟୁ ସେନାରେ ଜୟପୁରଠାରେ ଯୋଗ ଦେଇଥିଲେ, ପରେ ତାଙ୍କ ଚାକିରି ସମୟର ଜାମ୍ମୁ, ସିଂହର୍ଷି, ବରଦା, କର୍ଷାଙ୍ଗା, ଗାନ୍ଧୀ ନଗର, ନୀୟୁଦିଲ୍ଲୀ ବାୟୁ ସେନା ଭବନ, ଦରଭଙ୍ଗା, ବେଙ୍ଗାଲୁରୁ, କଳିକୁଣ୍ଡ ଓ ଶେଷ ସମୟେ ସେ କାଶ୍ମୀର ପହଲଗମ୍‌ର ବୈସରନ ଘାଟିରେ ଥିବା ବାୟୁସେନା କ୍ୟାମ୍ପରୁ ଅବସର ମିଳିଛି। ଏହା ମଧ୍ୟ ସୂଚନାଥାଉକି ୨୨ ତାରିଖ ଯେଉଁ ଆତଙ୍କବାଦୀ ଆକ୍ରମଣ ପର୍ଯ୍ୟଟକଙ୍କୁ ହୋଇଥିଲା ସେଇଦିନ ପହଲଗମ୍ ଥିଲା ଶେଷ କାର୍ଯ୍ୟ ଦିବସ।ସେ ତାଙ୍କ କାର୍ଯ୍ୟକାଳ ସମୟରେ ୧୯୯୬ ମସିହାରେ ଯୁଦ୍ଧାଭ୍ୟାସ ସମୟରେ ବାୟୁ ସେନା ଚେକ୍ ପୋଷ୍ଟଗୁଡ଼ିକୁ ୪ଟି ବିମାନ ଆକାଶ ମାର୍ଗରୁ ଖାଦ୍ୟ ବଣ୍ଟନ କରୁଥିବା ବେଳେ ହଠାତ୍ ୩ଟି ଯୁଦ୍ଧ ବିମାନ ଦୁଘଟଣାଗ୍ରସ୍ତ ହୋଇଥିଲା ସୌଭାଗ୍ୟ ବସତ୍ ଶ୍ରୀ ବଳଙ୍କ ବିମାନ ଟି ବର୍ତ୍ତି ଯାଇଥିଲା ଗ୍ରାମ ଦେବତୀ ଓ ଅଞ୍ଚଳବାସୀଙ୍କ ଅଶ୍ରିବାଦ୍ ପାଇଁ ବଞ୍ଚି ଯାଇଥିବା ତାଙ୍କ ମୁହଁରୁ ବଖାଣିଥିଲେ। ଏହି ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପରିବାର ସଦସ୍ୟ ବଡ଼ ଭାଇ ଲକ୍ଷ୍ମୀଧର ବଳ, ଅମୂଲ୍ୟ ବଳ, ସାନ ଭାଇ ଗଦାଧର ବଳ ପୁତୁରା ଅନିରୁଦ୍ଧ ବଳ, ପ୍ରଦୀପ ବଳ, ରାଜେନ୍ଦ୍ର ବଳ, ସତ୍ୟବ୍ରତ ବଳ, ଭରତ ବଳ, ଶରତ ବଳ ଓ ଦୀନବନ୍ଧୁ ବଳ, ପୁଅ ଅଭିନାଶ ବଳ, ଝିଅ ଶୁଭଶ୍ରୀ ବଳ, ଜ୍ୱାଇଁ ଗୌରବ ଦୁବେ, ଗ୍ରାମବାସୀଙ୍କ ମଧ୍ୟରୁ ଶଙ୍କର୍ଷଣ ସାହୁ, ସନାତନ ବଳ, ଶେଷଦେବ ବଳ, ସଞ୍ଜୟ ବଳ, ପିତାମ୍ବର ବଳ, ମା ମଙ୍ଗଳା ଯୁବକ ସଂଘର ଅଭୟ ବଳ, କଳ୍ପତରୁ ମଲିକ, ବିଶ୍ୱଜୀତ ବଳ, ତପନ ବଳ, ରାଜେନ୍ଦ୍ର ନାୟକ ପଞ୍ଚାୟତ ବିଜେପି ତରଫରୁ ନୀଳମଣି ସିଂ, କୁଳମଣି ସିଂ, ଅଶୋକ ପଣ୍ଡା, ଗୋପୀନାଥ ମହାପାତ୍ର, ପ୍ରବୀର ଶତପଥି, କରନ ସିଂହ, ସୁବ୍ରତ ସିହ୍ନା, କମଳାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶିମିଳିପାଳ ଅଧ୍ୟୟନ କେନ୍ଦ୍ର, ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସଂରକ୍ଷଣ ବିଭାଗର ଜାତୀୟ ଆଲୋଚନାଚକ୍ର




ବାରିପଦା(ଭାସ୍କର ନ୍ୟୁଜ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ୱଶିମିଳିପାଳ ଅଧ୍ୟୟନ କେନ୍ଦ୍ର ଓ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସଂରକ୍ଷଣ ବିଭାଗର ମିଳିତ ତତ୍ତ୍ୱାବଧାନରେ ଆୟୋଜିତ ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦଘାଟିତ ହେଇଯାଇଛି । ବିକଶିତ ଭାରତ ପରିପ୍ରେକ୍ଷୀରେ ସୁରକ୍ଷିତ ଅଞ୍ଚଳରେ ମଣିଷ-ପ୍ରକୃତି ଏବଂ ବନ୍ୟପ୍ରାଣୀ ସମ୍ପର୍କ ଶୀର୍ଷକ ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷାକ ଭାବେ ଯୋଗ ଦେଇ ଅଧକ୍ଷତା କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ପରିବେଶଗତ ଗବେଷଣା ଏବଂ ସ୍ଥାୟୀ ସଂରକ୍ଷଣ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଥିଲେ । ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ତଥା ପୂର୍ବତନ ସଦସ୍ୟ, ଲୋକାୟୁକ୍ତ, ଭୁବନେଶ୍ୱର ଡକ୍ଟର ଦେବବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବା ପାଇଁ ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ମାନବ ବିକାଶ ମଧ୍ୟରେ ନୀତିଗତ ସମନ୍ୱୟର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ବିଜ୍ଞାନ ଏକାଡେମୀର ସଚିବ ପ୍ରଫେସର ଆଶିଷ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଜୈବ ବିବିଧତା ସଂରକ୍ଷଣରେ ବୈଜ୍ଞାନିକଙ୍କ ଭୂମିକା ଏବଂ ନାଗରିକଙ୍କ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (ଦକ୍ଷିଣ)ର ଉପନିର୍ଦ୍ଦେଶକ ଡକ୍ଟର ସମ୍ରାଟ ଗୌଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂରକ୍ଷିତ କ୍ଷେତ୍ର ପରିଚାଳନାର ଜଟିଳତା ଉପରେ ଆଲୋକପାତ କରିଥିଲେ । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (ଉତ୍ତର)ର ଉପନିର୍ଦ୍ଦେଶକ ସାଇ କିରଣ ଡିଏନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ସମ୍ପ୍ରଦାୟ-ଆଧାରିତ ସଂରକ୍ଷଣ ପଦ୍ଧତି ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ବିଶ୍ୱବିଦ୍ୟାଳୟ ଶିମିଳିପାଳ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ତଥା ଆବାହକ ପ୍ରଫେସର ହେମନ୍ତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହ-ଆବାହକ ଜୈବପ୍ରଯୁକ୍ତି ବିଭାଗର ପ୍ରଫେସର ବିଶ୍ୱଜିତ ରଥ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ରଖିଥିଲେ । ଆଲୋଚନାଚକ୍ରର କାର୍ଯ୍ୟକାରୀ ସମ୍ପାଦକ ତଥା ଶିମିଳିପାଳ ଅଧ୍ୟୟନ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ବସନ୍ତ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୁଗ୍ମ କାର୍ଯ୍ୟକାରୀ ସମ୍ପାଦକଗଣ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସଂରକ୍ଷଣ ବିଭାଗର ଡ. ଶୁଭାନୀ ରଥ, ଡ. ଅଶୋକ କୁମାର ମଲ୍ଲିକ, ଡ.ରବୀନ୍ଦ୍ର କୁମାର ମିଶ୍ର, କୋଷାଧକ୍ଷ ଡ. ଦେବାଶିଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଆଲୋଚନାଚକ୍ରରେ ୧୩୦ ଗବେଷକ/ଗବେଷିକା ଓ ବିଭିନ୍ନ ବେସରକାରୀ ସଂଗଠନର ପ୍ରତିନିଧି ଭାଗ ନେଉଛନ୍ତି । ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।



ସଇଁତଲା, (ଭାସ୍କର ନ୍ୟୁଜ୍ ) : ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କେରେମେଲି ପଞ୍ଚାୟତ ଲାଟୁଟ ଗ୍ରାମରେ ଧବଳେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ପକ୍ଷରୁ ଦୀନବନ୍ଧୁ ସାହୁ ଓ ତାଙ୍କ ଧର୍ମପତ୍ନୀ ପୂର୍ଣ୍ଣମା ସାହୁ ମୁଖ୍ୟ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ପଣ୍ଡିତ ଭୋଳାନାଥ ତ୍ରିପାଠୀଙ୍କ ପୂଜା କର୍ମ ତଥା ତତ୍ୱାବଧାନରେ ପୂଜା କରାଇବା ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇଥିଲା। ମହାପ୍ରଭୁଙ୍କ ସହ ଯୋଡ଼ି ହୋଇ ରହିଲେ ଜୀବନର ସମସ୍ୟା, ଦୁଃଖ, ଅସୁବିଧା ଦୂର ହୋଇପାରିବ। ଏଥିପାଇଁ ଅନ୍ତରକୁ ଅଳିଆ ମୁକ୍ତ କରିବାକୁ ପଡ଼ିବ। ଅଳିଆ ମୁକ୍ତ ନହେଲେ ମାନବ ଜୀବନ ବୃଥା। ସତକର୍ମ କଲେ ମହାପ୍ରଭୁଙ୍କ ନିକଟତର ହୋଇପାରିବ ବୋଲି ମୁଖ୍ୟ ପୂଜକ ଗ୍ରାମବାସୀଙ୍କୁ ଉପଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ପ୍ରଥମ ଦିନ କଳସ ଶୋଭାଯାତ୍ରା ଓ ଘଟପୂଜା ଆରମ୍ଭ, ସୂର୍ଯ୍ୟପୂଜା, ବିଗ୍ରହ ମାନଙ୍କ ସ୍ନାନ ଯାତ୍ରା, ଆରତୀ, କୀର୍ତ୍ତନ, ଭଜନ ଓ ପ୍ରସାଦ ସେବନ, ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ମୋନାଲିଶା ମହାପାତ୍ରଙ୍କ ଦ୍ୱାରା ସୁନ୍ଦର କାଣ୍ଡ ପାରାୟଣ କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ କରିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୋଣ୍ଡିଆ ପ୍ରସନ୍ନ ଭୋଇ, ସରପଞ୍ଚ ଅଶୋକ ସାହୁ, ମୋତି ସାହୁ, ବୀରେନ୍ଦ୍ର ସାହୁ, ରାଜେଶ ସାହୁ, ହୃଷିକେଶ ସାହୁ, ଖୁସି ସାହୁ, ରଂଜିତ ସାହୁ, ବିଷ୍ଣୁ ବୁଡ଼େକ, ଚେରୁ ସାହୁ, ଅରଛୁ, ରାହାସ ପ୍ରଧାନ, କବି ବୁଡ଼େକ, ମକାରୁ, କୁମର, ତଥା ଲାଟୁଟ ଓ ବନାରସ ର ସମସ୍ତ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା।

# ବିଳମ୍ବିତ ରାତ୍ରରେ କାଳବୈଶାଖୀର ପ୍ରଭାବ

- ବିଳମ୍ବିତ ହେବ ଆମ୍ବ ଉତ୍ପାଦନ
- ଗଛରୁ ଆମ୍ବ ଝଡିବାରୁ ଚାଷୀ ଚିନ୍ତାରେ
- ବଜାରରେ ବେଙ୍ଗାଲୁର ଓ କୋଲକାତା ଆମ୍ବର ରାଜୁତି





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ଚଳିତବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ମାର୍ଚ୍ଚ ଶେଷ ଓ ଅପ୍ରେଲ ମାସ ଦ୍ୱିତୀୟ ସପ୍ତାହ ଆଡକୁ ଆମ୍ବ ଅମଳ ହେବାକୁ ଥିବା ବେଳେ ବେଶ କିଛିଦିନ ଗଡିଗଲାଣି ଏବେ ଯାଏ ଅମଳ ହୋଇନାହିଁ। ଏହା ଆହୁରି ବିଳମ୍ବ ହେବା ନେଇ ଆଶଙ୍କା କରାଯାଉଛି। ଅନ୍ୟ ପକ୍ଷରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ରାସାୟନିକ ସ୍ପ୍ରେ ଓ କାର୍ବାଇଟ ଦିଆ କୋଲକାତା ଓ ବେଙ୍ଗାଲୁର ଆମ୍ବ ବିକ୍ରି ବଢ଼ିବାରେ ଲାଗିଛି। ଆମ୍ବ ଉତ୍ପାଦନ ପାଇଁ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ଗାଁରେ ପ୍ରତ୍ୟେକ ବର୍ଷ ଭଲ ଆମ୍ବ ହୁଏ। ତଥ୍ୟ ଅନୁଯାୟୀ ୨୦୨୧ମସିହାରେ ଅସ୍ତରଙ୍ଗ ବ୍ଲକରେ ୫ଟନ ରୁ ୧୦ଟନରେ ଆମ୍ବ ଉତ୍ପାଦନ ହୋଇଥିବା ବେଳେ ଚଳିତବର୍ଷ ଭଲ ଉତ୍ପାଦନ ହେବ ବୋଲି ଆଶା ହୋଇଥିଲା। ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହରେ ଆମ୍ବ ଅମଳ ହେବା ଆଶା କରାଯାଉଥିବା ବେଳେ ତାହା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ପଶ୍ଚିମାଝଡ଼ ଅବା କାଳ ବୈଶାଖୀ ପ୍ରଭାବରେ ଏହା ବିଳମ୍ବ ହେଉଥିବା ବେଳେ ଉତ୍ପାଦନ ମଧ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି। ଅସ୍ତରଙ୍ଗ ଅଞ୍ଚଳ ଜଣେ ଚାଷୀ ରମେଶ ମହାନ୍ତି କହିଛନ୍ତ 'ଗତବର୍ଷ ବଗିଚାରୁ ୫୦କୁଇଣ୍ଟାଲ ଆମ୍ବ ବିକ୍ରି ହୋଇଥିଲା। କିନ୍ତୁ ଏ ବର୍ଷ କାଳ ବୈଶାଖୀ ଝଡ଼ ଯୋଗୁଁ ଅଧା ଉତ୍ପାଦନ ମଧ୍ୟ ହେବ କି ନାହିଁ, ସନ୍ଦେହ। ଏ ସମ୍ପର୍କରେ କୃଷି ବିଭାଗର କର୍ମଚାରୀ କହିଛନ୍ତି, ପଶ୍ଚିମାଝଡ଼ ଅବା କାଳ ବୈଶାଖୀ ଯୋଗୁଁ ଆମ୍ବ ଗଛରେ ଫୁଲ ଓ ଛୋଟ ଫଳ ଝଡି ପଡୁଛି। ଏହାକୁ ରୋକିବା ପାଇଁ କୃଷକ ମାନଙ୍କୁ ନିୟମିତ ଜଳସେଚନ ଓ ପୋକମାକଡା ନିୟନ୍ତ୍ରଣ ପାଇଁ ଔଷଧ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି। ତେବେ ଅନେକ କୃଷକ ଏହି ପାଗ ପରିବର୍ତ୍ତନ ଯୋଗୁଁ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାର ଆଶଙ୍କା କରୁଛନ୍ତି। ଅନ୍ୟ ପକ୍ଷରେ ସ୍ଥାନୀୟ ବଜାରରେ ବେଙ୍ଗାଲୁର ଓ କୋଲକାତା ଆମ୍ବର ଆଦୃତ୍ତି ଅଧିକ ଥିବା ଦେଖିବାକୁ ମିଳିଛି। ବେଙ୍ଗାଲୁର ଆମ୍ବ ଆକାରରେ ଛୋଟ ଓ ମିଠା ସ୍ୱାଦ ଯୋଗୁଁ ଗ୍ରାହକଙ୍କ ମନ ଜିଣୁଛି।ସେହିପରି କୋଲକାତା ଆମ୍ବର ବଡ଼ ଆକାର ଓ ରସାଳ ହେବା କାରଣରେ ବଜାରରେ ଏହାର ଚାହିଦା ରହିଥିବା ବ୍ୟବସାୟୀ କହିଛନ୍ତି। ତେବେ ଅସ୍ତରଙ୍ଗ ବ୍ଲକରେ ଆମ୍ବ ଉତ୍ପାଦନ ହ୍ରାସ ପାଇଲେ ଚଢା ଦର ରହିବା ନେଇ ବ୍ୟବସାୟ ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ଫ୍ଲାଏ ଓଭର ତଳକୁ ଖସିଲା ଟ୍ୟାଙ୍କର



ରାୟଗଡା, (ଭାସ୍କର ନ୍ୟୁଜ୍ ): ରାୟଗଡ଼ା ସହର ମଧ୍ୟ ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥରେ ରହିଥିବା ପୁରୁଣା ତଥା ଏକମାତ୍ର ଫ୍ଲାଏ ଓଭର ଉପରେ ଭାରସାମ୍ୟ ହରାଇ ତଳକୁ ଓଲଟି ପଡ଼ିଛି ଏକ ଟ୍ୟାଙ୍କର। ଏହି ଟ୍ୟାଙ୍କର ଓଲଟି ପଡ଼ିବାରୁ ଫ୍ଲାଏ ଓଭରର ପାର୍ଶ୍ୱ ପାଚେରି ଭାଙ୍ଗି ଯାଇଛି। ତେବେ ତଳେ ବସିଥିବା ବଜାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧନଜୀବନ ସୁରକ୍ଷିତ ରହିଛି। ଟ୍ୟାଙ୍କର ଓଲଟି ପଡ଼ିବା ପରେ ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, କୋରାପୁଟ ରାସ୍ତାରୁ ବ୍ରହ୍ମପୁର ରାସ୍ତାରେ ଫେରୁଥିବା ଏକ ଖାଲି ଟ୍ୟାଙ୍କର ସହରର ଜାତୀୟ ରାଜପଥ କଡ଼ରେ ଥିବା ଫ୍ଲାଏ ଓଭର ଉପର ଦେଇ ଯାଉଥିଲା। ଏହି ସମୟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଟ୍ୟାଙ୍କର ଓଲଟି ତଳେ ସହର ମଝିରେ ପଡ଼ିଯାଇଛି। ଖବର ପାଇ ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିଜେ କହଁର ଦମକଳ ବାହିନୀକୁ ସୂଚନା ଦେବା ସହ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଖବର ପାଇ ରାୟଗଡ଼ା ଏସ୍ ?ଡିପିଓ ଗୌରୀ ଶଙ୍କର ସାହୁ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଫ୍ଲାଏ ଓଭରରୁ ଟ୍ୟାଙ୍କର ଓଲଟି ପଡ଼ିବା ସମୟରେ ଏକ ସ୍କୁଟି ନଂ ଓଡ଼ି ୧୮ଏଲ ୦୯୪୭ ମଧ୍ୟ ତା' ସହିତ ତଳକୁ ଟାଣି ହୋଇଯାଇଥିଲା। ତେବେ ସ୍କୁଟି ଚାଳକ ନିଜକୁ ସୁରକ୍ଷିତ ରଖିବା ପାଇଁ ସ୍କୁଟିରୁ ଡେଇଁ ପଡ଼ିଥିଲେ। ତେବେ ଏହି ଘଟଣାରେ କେହି ଆହତ ହୋଇନଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଢ଼ଳେଇ ରାସ୍ତା ଓ ଡ୍ରେନ ନିର୍ମାଣ ଦାବି

ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ନିଆଳି ନିର୍ବାଚନ ମଣ୍ଡଳୀ କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ତ୍ରିନାଥ ବଜାରଠାରୁ ମହୀଧରପଡା, ଗବବସ୍ତ ଓ ହରିଅନ୍ତା ବଜାର ଦେଇ ଗୋବିନ୍ଦପୁରକୁ ୧୪କିଲୋମିଟର ରାସ୍ତା ଯାଇଛି। ଏହି ରାସ୍ତା ଆରମ୍ଭ ତ୍ରିନାଥ ବଜାର ଠାରୁ ୧କିଲୋମିଟର ପରେ ମହୀଧରପଡା ହାଇସ୍କୁଲ ଛକ ବଜାର। ଏହି ହାଇସ୍କୁଲ ଛକ ବଜାରରେ ବ୍ୟବସାୟୀମାନେ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଘର ଓ କୋଠାଘର କରି ନିର୍ମାଣ କରି ଭଡା ଦେଇଛନ୍ତି। ରାସ୍ତାଟି ଖାଲୁଆ ହୋଇଥିବାରୁ ଯାହାଫଳରେ ଅସରାଏ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି। ପାଣି ନିଷ୍କାସନର କୌଣସି ସୁବିଧା ମଧ୍ୟ କରାଯାଇନାହିଁ। ଯାହାଫଳରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଉଚ୍ଚ ବିଦ୍ୟାଳୟ ହୋଇଥିବାରୁ ଅସରାଏ ବର୍ଷା ହୋଇ ଗଲେ ରାସ୍ତାରେ ପାଣି ଜମାଥିବାରୁ ଛାତ୍ରଛାତ୍ରୀ ମାନେ ସେଇ ପାଣି ଦେଇ ବିଦ୍ୟାଳୟକୁ ଆସିବାକୁ ପଡୁଛି। ଏହି ରାସ୍ତାଟି ମହୀଧରପଡ଼ାରୁ ଗୋବିନ୍ଦପୁର ମୁଖ୍ୟ ରାସ୍ତା ହୋଇଥିବାରୁ ୨ ଚକିଆ ଯାନ ଓ ୪ ଚକିଆ ଯାନ ରାସ୍ତାରେ ଯିବା ସମୟରେ ପଥଚାରୀ ଉପରକୁ ପାଣି ଛିଟୁକୁଛି। ବର୍ଷାଋତୁ ପୂର୍ବରୁ ଗ୍ରାମ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ୮ଇଞ୍ଚରୁ ୧ଫୁଟ ଉଚ୍ଚତାର ଢ଼ଳେଇ ରାସ୍ତା ଓ ରାସ୍ତାପାର୍ଶ୍ୱରେ ବର୍ଷ ଜଳ ନିଷ୍କାସନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ୨୦ କେଜି ୪୭୦ ଗ୍ରାମ ଗଞ୍ଜେଇ ଜବତ୍
## ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ପୋଲିସ ପକ୍ଷରୁ ବୌଦ୍ଧ ଆଦର୍ଶ ବିଦ୍ୟାଳୟ ନିକଟରୁ ୨୦ କେଜି ୪୭୦ ଗ୍ରାମ ଗଞ୍ଜେଇ ଜବତ୍ ମାମଲାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳ ୬.୪୫ ମିନିଟ ସମୟରେ ବୌଦ୍ଧ ପୋଲିସର ପେଟ୍ରୋଲିଂ ସମୟରେ ଜାତୀୟ ରାଜପଥ ନଂ ୫୭ ର ବୌଦ୍ଧ ଆଦର୍ଶ ବିଦ୍ୟାଳୟ ନିକଟରୁ ଚାଲାଣ ପାଇଁ ଥିବା ବେଳେ ଗଞ୍ଜେଇ ଜବତ୍ କରାଯିବା ସହ ଦୁଇ ଜଣଙ୍କୁ ଗିରଫ କରା ଯାଇଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୨୦ କେଜି ୪୭୦ ଗ୍ରାମ ହୋଇଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ଉତ୍ତର ପ୍ରଦେଶ ରାଜ୍ୟ ଜାନପୁର ଜିଲ୍ଲା ନୂଆବସ୍ତା ଥାନା ଅଂଚଳର ବିମଳ ଗୌତମ ଓ ମୌଉ ଜିଲ୍ଲା ସରାଇଲାଖାନ୍ସି ଥାନା ଅଞ୍ଚଳର ବନ୍ଦନା ରାଇ ନାମକ ମହିଳାଙ୍କୁ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶ୍ରମ ବିଭାଗ ଓ ବିକଳ୍ପ ଅନୁଷ୍ଠାନ ତରଫରୁ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ରୂପେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ ଯୋଗଦେଇ ଥିଲେ। ଏହି ଅବସରରେ ଶ୍ରମିକ ଓ ଦେଶାନ୍ତର ଶ୍ରମିକ ମାନଙ୍କ ବିଭିନ୍ନ ଅଧିକାର ଉପରେ ସଚେତନ କରିବା ସହିତ ସବୁଜ ପତାକା ଦେଖାଇ ସଚେତନ ରଥର ଶୁଭାରମ୍ଭ କରିଥିଲେ। ସଚେତନତା ରଥ ବିଭିନ୍ନ ଗାଁ ଯାଇ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ ବୋଲି ବିକଳ୍ପ ଅନୁଷ୍ଠାନର ସଂଯୋଜକ ଲିଙ୍ଗରାଜ ପୁଟେଲ ପ୍ରକାଶ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ ବିଶ୍ୱାଳ, ଗଣେଶ ଭୋଇ, ସରୋଜିନୀ ସାହୁ, କରୁଣାକର ପଟେଲ, ଜିତେନ୍ଦ୍ର ପ୍ରଧାନ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୬୩ କେଜି ଗଞ୍ଜେଇ ଜବତ

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ଥାନା ବଘିଆ ପଡ଼ା ଫାଣ୍ଡି ଅନ୍ତର୍ଗତ ବଇଲ ବେଡ଼ା ଗ୍ରାମ ନିକଟ ଏକ ବୁଦା ଭିତରୁ ଜବତ ୬୩ କେଜି ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରିଛି ବୌଦ୍ଧ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଆଜି ଅପରାହ୍ନ ୧ ଘଣ୍ଟା ସମୟରେ ବୌଦ୍ଧ ପୋଲିସର ଏକ ଟିମ ବଇଲ ବେଡ଼ା ଗ୍ରାମ ନିକଟରେ ଚଢାଉ କରି ଏକ ବୁଦା ଭିତରୁ ଗଞ୍ଜେଇ ଜବତ କରିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୬୩ କେଜି ହୋଇଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନାରେ ୨୨୯/୨୫ରେ ଏନଡ଼ିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ସନ୍ଧ୍ୟାରେ କୋର୍ଟରେ ପ୍ରଦର୍ଶନ କରି ପରୀକ୍ଷଣ ପାଇଁ ନମୂନା ସଂଗ୍ରହ କରା ଯାଇଥିବା ସୂଚନା ମିଳିଛି।

# ବାଲିତୁଠ କଂଗ୍ରେସ କମିଟି ପକ୍ଷରୁ କର୍ମୀ ସମ୍ମିଳନୀ





ଏରସମା, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଶିଶୁ ମନ୍ଦିରର ନିକଟସ୍ଥ ଝାମୁ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବାଲିତୁଠ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଖିଳ ବଲ୍ଲଭ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିତୁଠ ୪ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ତଥା ଯୁବ ନେତା ପିନାକୀ ନାରାୟଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗକୁ ପଞ୍ଚାୟତରେ କଂଗ୍ରେସ ଦଳର ସାଂଗଠନିକ ଶକ୍ତି ବୃଦ୍ଧି କରି ପଞ୍ଚାୟତରେ ଦଳକୁ ଶକ୍ତିଶାଳୀ କରିବାପାଇଁ କହିଥିଲେ। ଏଥି ସହିତ ଢ଼ିଙ୍କିଆ ଚାରି ଦେଶରେ ହେବାରୁ ଥିବା ଜିନ୍ଦଲ ପ୍ରକଳ୍ପରେ ଏହି ଚାରି ନଂ ଜୋନର ପ୍ରଭାବିତ ହେବାକୁଥିବା ଅନ୍ୟ ପଞ୍ଚାୟତ ତଥା ବାଲିତୁଠ, ବାମଦେଇପୁରୁ ଚଟୁଆ ଓ ବଳେଇପୁରୁ ପଞ୍ଚାୟତର ବେକାର ଯୁବକଯୁବତୀଙ୍କ ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ସହିତ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରିବା ପାଇଁ ପ୍ରକଳ୍ପ ନିକଟରେ ଦାବି ରଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାଲିତୁଠ ପଞ୍ଚାୟତର କଂଗ୍ରେସ କମିଟିର ସଭାପତି ଅନୁଜ କୁମାର ରାୟ, ସଂପାଦକ ପ୍ରଭାଶ ଆଚାର୍ଯ୍ୟ, ମାନଗୋବିନ୍ଦ ଦାସ, ବିଶ୍ୱମ୍ବର ମହାପାତ୍ର, ନିବାରଣ ପରିଡ଼ା, ଚନ୍ଦନ ସ୍ୱାଇଁ, ନିର ଜେନା, ରବିନ୍ଦ୍ର ସାହୁ, ଫକୀର ଜେନା, ବିଜୟ ଜେନା, ଅଭୟ ବେହେରା, ପ୍ରଶନ୍ନ ମିଶ୍ର, ଇନ୍ଦ୍ରଜିତ ପରିଡ଼ା, ନିବାରଣ ପରିଡ଼ା, ରାଜେଶ ଖଟୁଆ, ସଞ୍ଜୟ ସାହୁ, କିଶୋର ସାହୁ, ଆଠ ନଂ ୱାଡ଼ସଭ୍ୟା ତଥା ନାରିନେତ୍ରୀ ରାନୁ ସାମନ୍ତରାୟ, ପ୍ରଭାତୀ ଜେନା, ରୀନା ପରିଡ଼ା, ସୂଜାତା ସତପଥି,ସରିତା ଜେନାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ଥିଲେ।

# ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଙ୍ଘ ପକ୍ଷରୁ ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍ ) : ଓଡ଼ିଶାର ଅଗ୍ରଣୀ ଶ୍ରମ ସଙ୍ଗଠନ ସମାଜ ବିକାସ କର୍ମଜୀବୀ ଶ୍ରମିକ ସଂଘ ପକ୍ଷର ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଯୋଗଦେଇ ସାମାଜିକ ସୁରକ୍ଷାକୁ ସାର୍ବଜନୀନ କରିବା ସହିତ ସମସ୍ତ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ମାସିକ ୩୦୦୦ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦେବାପାଇଁ ଦାବି କରିଥିଲେ। ମୁଖବକ୍ତା ଭାବେ ଓଡ଼ିଶାର ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ ସର୍ବନିମ୍ନ ମଜୁରୀ ସମାନ କରିବାକୁ ଦାବି କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜ ସେବୀ ମାନସ ଜେନା ବିଭିନ୍ନ ସାମାଜିକ ଅସମାନତା ଦୂର କରି ସମସ୍ତଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ କହିଥିଲେ। ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ସରକାରଙ୍କର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଶ୍ରମିକ ସଂଘ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଦିପ, ପବନେଶ୍ୱର ଜେନା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ସଂଗଠନର ସମ୍ପାଦକ ରମେଶ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଫଳ ରାଜମିସ୍ତ୍ରୀ, ରଙ୍ଗ ମିସ୍ତ୍ରୀ, ସମାଜ ସେବୀ, ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଶେଷରେ କାର୍ତ୍ତିକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଷେକ ମଲ୍ଲିକ, ସ୍ମିତିପ୍ରଜ୍ଞା ବାରିକ, ଶ୍ୟାମ ସୁନ୍ଦର ମଲ୍ଲିକ, ପ୍ରମୁଖ ସହଯୋଗ କରିଥିଲେ। ଏହି ସଭାରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ପ୍ରତିନିଧି ମାନେ ଯୋଗ ଦେଇଥିଲେ।

# ଯୁଗ୍ମ ଜିଲ୍ଲା ଟପର ହେଲେ ସୁଚିସ୍ମିତା ଓ ସମୀକ୍ଷା





କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାରେ ୬୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ଼ ପାସ କରିଥିବାବେଳେ ୨ଜଣ ଛାତ୍ରୀ ଯୁଗ୍ମ ଭାବେ ଜିଲ୍ଲା ଟପର ହୋଇଛନ୍ତି। କେନ୍ଦୁଝରଗଡ଼ ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ରୀ ସୁଚିସ୍ମିତା ମହାନ୍ତ ଏବଂ ବଡବିଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସମୀକ୍ଷା ମହାନ୍ତି ୫୭୩ ନମ୍ବର ରଖି ଯୁଗ୍ମ ଭାବେ ଜିଲ୍ଲା ଟପର ହୋଇଥିବା କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ତେବେ କେନ୍ଦୁଝର ଜିଲ୍ଲାରେ ଛାତ୍ର ମାନଙ୍କ ଅପେକ୍ଷା ଛାତ୍ରୀମାନେ ଅଧିକ ସଫଳତା ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାରେ ମୋଟ ୨୧୯୯୭ କୃତକାର୍ଯ୍ୟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୧୪୫୩ ଜଣ ଛାତ୍ରୀ ଏବଂ ୧୦୫୪୪ ଜଣ ଛାତ୍ର ପାସ କରିଥିବା ଜଣାପଡିଛି।

# ଆୟୋଜିତ ହେବ 'ରଙ୍ଗବତୀ' ଉତ୍ସବ

କେନ୍ଦୁଝର, (ଭାସ୍କକ ନ୍ୟୁଜ୍ ) : ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ, କେନ୍ଦୁଝର ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଆଦିମ୍- ସଂସ୍କୃତି, କେନ୍ଦୁଝରର ମିଳିତ ସହଯୋଗରେ କେନ୍ଦୁଝର ଜିଲ୍ଲାରେ ପଶ୍ଚିମ ଓଡ଼ିଶା ନୃତ୍ୟ, ସଂଗୀତ ଉତ୍ସବ 'ରଙ୍ଗବତୀ'ର ଆୟୋଜନ କରାଯିବ। 'ରଙ୍ଗବତୀ' ଉତ୍ସବ ଆସନ୍ତା ମେ' ୫ ତାରିଖ ଠାରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି କାଳିପଡ଼ିଆ, କେନ୍ଦୁଝର ଠାରେ ଅନୁଷ୍ଠିତ ହେବ। ରଙ୍ଗବତୀ ଉତ୍ସବରେ ରାଜ୍ୟର ମନ୍ତ୍ରୀ ମଣ୍ଡଳର ମନ୍ତ୍ରୀଗଣ, କେନ୍ଦୁଝର ଜିଲ୍ଲାର ସାଂସଦ, ବିଧାୟକ, ବହୁ ବିଶିଷ୍ଟ କଳାକାର ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବାର ଯୋଜନା ରହିଛି। ପଶ୍ଚିମ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ନୃତ୍ୟ, ସଂଗୀତ ଆଦିର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଚଳିତ ବର୍ଷର 'ରଙ୍ଗବତୀ' ଉତ୍ସବରେ ପଶ୍ଚିମ ଓଡ଼ିଶାର ବହୁ ବିଶିଷ୍ଟ ଲୋକକଳାକାର, ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀମାନେ ଯୋଗଦେଇ ନୃତ୍ୟ ଓ ସଂଗୀତ ପରିବେଷଣ କରିବେ। ଡ଼ାଲଖାଇ, ରସରକେଳି ଠାରୁ ନେଇ ହୋମୁଣ୍ଡା, ଛଉ, ଟାଙ୍ଗୁ, ଝୁମର ନୃତ୍ୟ ପର୍ଯ୍ୟନ୍ତ ଏବଂ ଢ଼ୋଲ, ତବଲା, ମୃଦଙ୍ଗ ଏବଂ ବିଭିନ୍ନ ପାରମ୍ପରିକ ବାଦ୍ୟରେ ପଶ୍ଚିମ ଓଡ଼ିଶାର ଲୋକସଂଗୀତ ପରିବେଷଣ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ। ଆମ ଓଡ଼ିଶାର ଲୋକକଳା ଓ ଲୋକସଂସ୍କୃତିକୁ ଚିର ଉଜ୍ଜୀବିତ କରି ରଖିବା ଲକ୍ଷ୍ୟରେ ଆୟୋଜିତ ହେବାକୁ ଥିବା 'ରଙ୍ଗବତୀ' ଉତ୍ସବରେ ଯୋଗଦେବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହିତ ପଶ୍ଚିମ ଓଡ଼ିଶାର ଲୋକକଳା ଓ ପରମ୍ପରାକୁ ଆଧାରିତ କରି 'ରଙ୍ଗବତୀ' ଉତ୍ସବର ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ଓ କଳାକାରମାନେ ମତପ୍ରକାଶ କରିଛନ୍ତି।

## ନିଶାମୁକ୍ତି କେନ୍ଦ୍ରର ୩୫ ଡ୍ରପଆଉଟଙ୍କୁ ବିଦ୍ୟାଳୟରେ ସାମିଲ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍ ) : କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ପରିବର୍ତ୍ତନର ୩୫ଜଣ ବିଦ୍ୟାଳୟ ଡ୍ରପଆଉଟ ଛାତ୍ରଙ୍କୁ ପୁଣିଥରେ ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିଛି ଏହାର ପରିଚାଳନା ଦାୟିତ୍ୱରେ ଥିବା ସାମାଜିକ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ । ଏହି କେନ୍ଦ୍ରରେ ରହୁଥିବା ୪୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ନିଶାମୁକ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ଅଧାରୁ ପାଠପଢ଼ା ଛାଡ଼ିଥିବା ୩୫ଜଣ ନାବାଳକଙ୍କୁ କେନ୍ଦ୍ର ତରଫରୁ ସ୍ଥାନୀୟ ଜନ୍ମେଜୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଳିଙ୍ଗ ପବ୍ଲିକ ସ୍କୁଲରେ ନାମ ଲେଖାଯାଇ ପୁନର୍ବାର ଶିକ୍ଷା ଗ୍ରହଣର ବ୍ୟବସ୍ଥା କରାଯାଇଛି। ପବ୍ଲିକ ସ୍କୁଲର ପଧାନ ଶିକ୍ଷକ ସୁଶୀଲ କୁମାର ସ୍ୱାଇଁ, ସାହିସ୍ତା ସୁଲତାନ, ଶ୍ରୀକାନ୍ତ ସୁବୁଦ୍ଧିରାୟ, ରହିମ ଖାନ, ରଶ୍ମୀ ରଞ୍ଜନ ଦାସ ପ୍ରମୁଖ ଏହି ଅସହାୟ ଓ ଦୁର୍ବଳ ଅର୍ଥିକ ପରିସ୍ଥିତିରେ ଥିବା ଛାତ୍ର ମାନଙ୍କୁ ସମସ୍ତ ସହାୟତା ଓ ସହଯୋଗ କରିବେବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟରେ ସହଯୋଗ କରିଥିବା ବିଇଓ କୁନ୍ତଳା ଖଟୁଆ, ସିଆରସିସି ରାଜେଶ କୁମାର ନାୟକ, ସୁକାନ୍ତ କୁମାର ମହାନ୍ତି ଶକ୍ତି ପ୍ରସାଦ ମହାନ୍ତି ପ୍ରମୁଖଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ନରୋତ୍ତମ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବଢ଼ିଙ୍ଗା ଗ୍ରାମର ଶିବ ମନ୍ଦିରରେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ପକ୍ଷରୁ ଆଧ୍ୟତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୮ ଘଣ୍ଟା ସମୟରେ ସାଲୁଙ୍କୀ ନଦୀରୁ କଳସ ଶୋଭାଯାତ୍ରାରେ ଆସି ମନ୍ଦିରରେ ମନ୍ତ୍ରଦ୍ୱାରା ଅଭିମନ୍ତ୍ରିତ କରିଥିଲେ। ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏଥିରେ ପୁରୀ ମୁକ୍ତିମଣ୍ଡପର କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ମିଶ୍ର, ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜ ସଭାପତି ଗୁରୁପ୍ରସାଦ ଦାଶ, ସମ୍ପାଦକ ଦେବାଶିଷ ପୁରୋହିତ, ସିଦ୍ଧେଶ୍ୱର ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ନୃସିଂହ ଚରଣ ହୋତା, ଉପଦେଷ୍ଟା ମାନସ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କର୍ତ୍ତାଭାବେ ସଭାପତି କ୍ଷେତ୍ରବାସୀ ସ୍ୱାଇଁ ଓ ତାଙ୍କ ପତ୍ନୀ ରୁକ୍ମିଣୀ ସ୍ୱାଇଁ ପ୍ରତିନିଧି ଭାବେ ବସିଥିଲେ। ପଣ୍ଡିତ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାଧ୍ୱଜା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ରାକେଶ ମିଶ୍ର, ପୁରୁଷୋତ୍ତମ ନନ୍ଦ, ସରୋଜ କୁମାର ଦାଶ, ସଞ୍ଜୀବ କୁମାର ପଣ୍ଡା, ଜ୍ଞାନରଞ୍ଜନ ଯୋଶୀ, ସୁଦାମ ପାଣିଗ୍ରାହୀ, ଶ୍ରୀଧର ପୁଝାରୀ ପ୍ରମୁଖ ପରିଚାଳନା କରିଥିଲେ। ମହାଦେବ ମନ୍ଦିରରେ ପୂଜକଙ୍କ ଦ୍ୱାରା ଜଳାଭିଷେକ କରାଯାଇଥିଲା। ସମାଜର ସମ୍ପାଦକ ହାଡିବନ୍ଧୁ ପାଢ଼ୀ ସମସ୍ତ ପରିବାରର ସଦସ୍ୟ ସାହାଯ୍ୟ ଓ ସହଯୋଗ କରିଥିଲେ।

# ଗୁଣୁପୁର ଅଦାଲତ ପରିସରରେ ସ୍ୱତନ୍ତ୍ର ଅଦାଲତ ଦାବି



ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ଓଡିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା କ୍ଷମତାପ୍ରାପ୍ତ ରାୟଗଡ଼ା ଜିଲ୍ଲାର ବହନକ୍ଷମ ବିଚାରପତି ମାନ୍ୟବର ଆନନ୍ଦ ଚନ୍ଦ୍ର ବେହେରା ଜିଲ୍ଲା ଅଦାଲତ ଦୁଇଦିନିଆ କାର୍ଯ୍ୟକ୍ରମରେ ଆସିଥିବା ସମୟରେ ଗୁଣପୁର ଓକିଲ ସଙ୍ଘ ତରଫରୁ ସଭାପତି ଗୌରି ଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଉମା ଚରଣ ପଟ୍ଟନାୟକ, ସୁଂକାରୀ ଗଣପତି, କୃଷ୍ଣ ଚନ୍ଦ୍ର ସେନାପତି, ଗଣେଶ କୁମାର ପଣ୍ଡା, ସମ୍ପାଦକ ପ୍ରବୀଣ କୁମାର ପଟ୍ଟନାୟକ ଏବଂ ରାଜ କିଶୋର ଦାସ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ସେଥିରେ ଗଂଜେଇ ସମ୍ବନ୍ଧୀୟ ମକଦ୍ଦମା ଯାହାକି, ଉଚ୍ଚ ନ୍ୟାୟାଳୟ ଆଦେଶ ଅନୁଯାୟୀ ଏକ ସ୍ୱତନ୍ତ୍ର ଅଦାଲତ ୧୯ ଗୋଟି ଜିଲ୍ଲାରେ କରାଯାଇ ମକଦ୍ଦମା ଗୁଡିକୁ ଶୀଘ୍ର ସରାଇବାର ପ୍ରାବଧାନ ରହିଛି, ତାହା ଗୁଣପୁର ପରିସରରେ କରାଯିବା ନେଇ ଅନୁରୋଧ କରାଯାଇଛି। କାରଣ ଗୁଣପୁର ଅଦାଲତରେ ପ୍ରାୟ ୪୦୧ ମକଦମ ବିଚରାଧିନ ରହିଥିବା ସ୍ଥଳେ ବିଷମ କଟକରେ ୨୦୦ ଏବଂ ରାୟଗଡାରେ ୧୦୦ ମକଦ୍ଦମା ବିଚରାଧୀନ ରହିଛି ତା ସହ ଚଳିତ ବର୍ଷ ଗୁଣପୁରରେ ୩୭ରୁ ଅଧିକ ନୂତନ ଭାବେ ପଞ୍ଜିକରଣ ହୋଇଥିବା ବେଳେ ବିଷମ କଟକରେ ୫ ଗୋଟି ଓ ରାୟଗଡାରେ କେବଳ ମାତ୍ର ୭ ଗୋଟି ମକଦ୍ଦମା ପଞ୍ଜିକରଣ ହୋଇଛି। ସେଥିପାଇଁ ଉକ୍ତ ସ୍ୱତନ୍ତ୍ର ଅଦାଲତ ଗୁଣପୁରରେ ସ୍ଥାପନ କରାଗଲେ ଉଭୟ ମୁଦାଲା ଓ ମହକିଲଙ୍କୁ ସୁବିଧା ହୋଇ ମକଦ୍ଦମା ଗୁଡିକ ଶୀଘ୍ର ସମାପ୍ତ ହୋଇପାରିବ ବଲି ଉଲ୍ଲେଖ ରହିଛି। ମାନ୍ୟବର ବିଚାରପତି ସ୍ମାରକ ପତ୍ରକୁ ଗ୍ରହଣ କରି ମୁଖ୍ୟ ବିଚାରପତିଙ୍କୁ ଉପସ୍ଥାପନା କରାଯାଇ ବିଚାରକୁ ନିଯିବ ବୋଲି କହିଥିଲେ।



ବାରିପଦା (ଭାସ୍କର ନ୍ୟୁଜ୍) : ବାରିପଦାର କରତବସା ସ୍ଥିତ ଶ୍ରୀ ଶ୍ରୀ ଗୁରୁ ଗୋବିନ୍ଦ ସାଇ ମନ୍ଦିରରେ ବାବା ବଳିଆଙ୍କ ଭକ୍ତ ଶ୍ରୀ ଗୁରୁଜୀ ଶୁକଦେବ ବାବାଙ୍କ ଦ୍ୱାରା ସାନ୍ଧ୍ୟକାଳୀନ ଶ୍ରୀଭାଗବତ ରସାମୃତ ଗାୟନ ପୂର୍ବକ ସୁନ୍ଦର ସୁମଧୂର, ସୁଲଳିତ କଣ୍ଠରେ ହରିକଥନ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଜନାଦୃତ ହୋଇପାରିଛି। ଶ୍ରୋତା ସଜ୍ଜନଙ୍କ ହୃଦୟରେ ଆଧାତ୍ମିକ ଭକ୍ତିରସ ସଞ୍ଚାର କରିବା ସହିତ ଉକ୍ତ ଅଞ୍ଚଳରେ ମଧ୍ୟ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇପାରିଛି। ଏ ନେଇ ମନ୍ଦିରର ପ୍ରତିଷ୍ଠାତା ରବିନ୍ଦ୍ରନାଥ ଦାସଙ୍କୁ ବାରିପଦାର ବୁଦ୍ଧିଜୀବୀ ଓ ଆଧାତ୍ମବାଦୀ ବ୍ୟକ୍ତି ବିଶେଷ ପ୍ରଶଂସା କରିଛନ୍ତି। କାରଣ ବର୍ତ୍ତମାନ ଯୁଗରେ ଅଧିକାଂଶ ଲୋକେ ବ୍ୟସ୍ତବହୁଳ ଜୀବନରେ ପୂଜାର୍ଚ୍ଚନା କରିବାରୁ ବଞ୍ଚିତ ହେଉଥିବା ବେଳେ କିଛି ନହେଲେ ମଧ୍ୟ ସେମାନେ ଭାଗବତ କଥାମୃତ ଶୁଣି ନିଜର ଆତ୍ମ ବୃଦ୍ଧି ହୋଇପାରିଛି ବୋଲି ମତବ୍ୟକ୍ତ କରିଛନ୍ତି। ସନ୍ଧ୍ୟା ସମୟରେ ପ୍ରାୟ ଭକ୍ତ ମନ୍ଦିର ଆସିଥାନ୍ତି ଓ ଆରତୀ ପରେ ଘରକୁ ଫେରି ଆସନ୍ତି କିନ୍ତୁ ଭକ୍ତଗଣ ବାବା ଶୁକଦେବଙ୍କ ପ୍ରବଚନ ମନ ଲଗାଇ ଶୁଣିଥିଲେ। ଉକ୍ତ ପ୍ରବଚନ ମଧ୍ୟମରେ ଭାଗବତ ରସାମୃତ ଦୀର୍ଘ ସମୟ ଧରି ଲୋକେ ଶ୍ରବଣ କଲାପରେ ନିଜନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ମନ୍ଦିର କମିଟିର ସକ୍ରିୟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ସଫଳ ଓ ପ୍ରଶଂସନୀୟ ହୋଇପାରିଛି।

# ଚିନ୍ତା ବଢ଼ାଇଲାଣି ବେଟିଂ ଆପ୍

## କୋଟିପତି ନିଶାରେ ଯୁବପିଢ଼ି

## ପ୍ରତି ପଞ୍ଚାୟତରେ ଶହେରୁ ଊର୍ଦ୍ଧ୍ୱ ଯୁବକ ଖେଳୁଛନ୍ତି



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଗୋଟିଏ ସ୍ମାର୍ଟ ଫୋନ୍ ଧରି ସେଥିରୁ ୪୯ଟଙ୍କା ବେଟିଂ ଆପ୍‌ରେ ଲଗାଇ କୋଟିପତି ହେବାର ସ୍ୱପ୍ନ ଏବେ ଯୁବକମାନଙ୍କୁ ଘାରିଛି। ୪୯ଟଙ୍କା ଜୁଆରେ ଲଗାଇ ଏକାସାଙ୍ଗରେ ୩କୋଟି ଟଙ୍କା ପାଇବାକୁ ଲାଳସା। ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରତି ପଞ୍ଚାୟତରୁ ୫୦ରୁ ୧୦୦ରୁ ଊର୍ଦ୍ଧ୍ୱ ଯୁବକ ୪୯ଟଙ୍କା ଲେଖାଏଁ ଜୁଆ ଲଗାଉଛନ୍ତି କୋଟିପତି ହେବାକୁ। ଅସ୍ତରଙ୍ଗ ବ୍ଲକର ପ୍ରତି ପଞ୍ଚାୟତରେ ଶତାଧିକ ଯୁବକ ୪୯ଟଙ୍କା ଜୁଆରେ ଲଗାଇବାରେ ଲାଗି ପଡିଛନ୍ତି। ଏହା ହେଉଛି ଯୁବବର୍ଗଙ୍କ ମନରେ ଜାଗି ଉଠୁଥିବା ଏକ ଅଜଣା ନିଶା। ସ୍ପୋର୍ଟ୍ସ ଲିଗ୍ ଯାହା ଏକ ମନୋରଞ୍ଜନର ମାଧ୍ୟମ ଭାବେ ଆରମ୍ଭ ହୋଇଥିଲା ତାହା ଆଜି ଅନେକ ଯୁବକଙ୍କ ଜୀବନରେ ଏକ ଅନିୟନ୍ତ୍ରିତ ଲୋଭର ରୂପ ନେଇଛି। ଏହି ନିଶାର ପଛରେ ରହିଛି ଏକ ସରଳ ସୂତ୍ର। ଅଳ୍ପ ଟଙ୍କାରେ ବଡ଼ ସଫଳତା, କୋଟି ପତି ହେବାର ନିଶା। କିନ୍ତୁ ଏହି ସ୍ୱପ୍ନର ପଛରେ ଲୁଚି ରହିଛି ଏକ କଠୋର ବାସ୍ତବତା, ଯାହା ଯୁବବର୍ଗଙ୍କ ଜୀବନକୁ ଅନ୍ଧକାର ଆଡକୁ ନେଇଯାଉଛି। ସମୟର ଅପଚୟ ସହ ନିଜ କ୍ୟାରିୟରକୁ ନଷ୍ଟ କରିବାରେ ଲାଗିଛନ୍ତି ଆଜିର ଯୁବପିଢ଼ି। ନିକଟସ୍ଥ ବ୍ଲକରେ ଏକ ଯୁବକ ୪୯ଟଙ୍କା ଲଗାଇ ଜିତିବା ପରେ ବୃଦ୍ଧି ପାଇଛି ଯୁବପିଢିଙ୍କ ଆଗ୍ରହ। ସ୍ପୋର୍ଟ୍ସ ଲିଗ୍‌ର ଆକର୍ଷଣ ଅତ୍ୟନ୍ତ ଶକ୍ତିଶାଳୀ। ଆଇପିଏଲ ମ୍ୟାଚ୍‌ରେ ପରି ଫାଣ୍ଟାସି ସ୍ପୋର୍ଟ୍ସରେ ଏକ ଟିମ୍ ଗଠନ କର, ଖେଳାଳି ବାଛ ଓ ମ୍ୟାଚର ଫଳାଫଳ ଅନୁସାରେ ୩କୋଟି ଟଙ୍କା, ଏକ ଫ୍ଲାଟ ଓ ଗାଡି ଜିତିବାର ନିଶା। ଏହି ସହଜ ପ୍ରତିଶ୍ରୁତି ଯୁବକମାନଙ୍କୁ ଏକ ଅଜଣା ଦୁନିଆକୁ ଟାଣି ନେଉଛି। କିନ୍ତୁ ଏହାର ଅନ୍ୟ ପାର୍ଶ୍ୱରେ ହେଉଛି ଆର୍ଥିକ କ୍ଷତି, ମାନସିକ ଚାପ ଓ ସମୟର ଅପଚୟ। ଜିତିବାର ସମ୍ଭାବନା ଏକ ଛୁଞ୍ଚି ମୁନରେ ଛିଦ୍ର ଖୋଜିବା ସହ ସମାନ। ତଥାପି ଏହି ନିଶାରେ ବୁଡି ରହିଥିବା ଯୁବକ ବାରମ୍ବାର ଟଙ୍କା ଲଗାଇ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ଏହି ନିଶାର ପ୍ରଭାବ କେବଳ ବ୍ୟକ୍ତିଗତ ଜୀବନରେ ସୀମିତ ନୁହେଁ। ଏହା ଯୁବବର୍ଗଙ୍କ ସାମାଜିକ ଓ ନୈତିକ ମୂଲ୍ୟବୋଧକୁ ମଧ ଦୁର୍ବଳ କରୁଛି। ଅଧିକ ଟଙ୍କା ଲଗାଇବା ପାଇଁ ଅନେକ ଅନୈତିକ ପନ୍ଥା ଅବଲମ୍ବନ କରୁଛନ୍ତି। ଋଣ, ଚୋରି କିମ୍ବା ପରିବାରକୁ ଠକିବା ଏହା ସେମାନଙ୍କ ଚରିତ୍ର ଓ ସମାଜରେ ସେମାନଙ୍କ ସ୍ଥିତିକୁ ଦୁର୍ବଳ କରୁଛି। ଏହା ପରେ ଫାଣ୍ଟାସି ଗେମ୍‌ରେ ଅତ୍ୟଧିକ ସମୟ ବିତାଇବା ଯୋଗୁଁ ଯୁବକମାନେ ପରିବାର ଓ ସମାଜ ଠାରୁ ଦୂରେଇ ଯାଉଛନ୍ତି। ଯାହା ସାମାଜିକ ବିଚ୍ଛିନ୍ନତାକୁ ବଢ଼ାଇଛି। ଏହି କୋଟିପତି ହେବା ନିଶାରୁ ନିବୃତ ପାଇଁ ଯୁବବର୍ଗଙ୍କୁ ସଚେତନ ନକଲେ ସେମାନଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯିବ। ୪୯ଟଙ୍କାରେ କୋଟିପତି ହେବାର ସ୍ୱପ୍ନ ନିଶ୍ଚିତ ଭାବେ ଆକର୍ଷଣୀୟ କିନ୍ତୁ ଏହା ଏକ ମାୟା ମାତ୍ର। ଜୀବନରେ ସଫଳତା ପାଇଁ କୌଣସି ସର୍ଟକଟ୍ ନାହିଁ। ଯୁବବର୍ଗଙ୍କୁ ଏହି ସତ୍ୟ ବୁଝାଇ ସେମାନଙ୍କୁ ଉଚିତ୍ ମାର୍ଗ ଦର୍ଶନ କରାଗଲେ ଅନେକ ଯୁବବର୍ଗ ଏହି ଜୁଆ ଖେଳରୁ ଦୂରେଇ ରହିପାରିବେ ଏବଂ ସମୟର ଅପଚୟ ନିଜ କ୍ୟାରିୟର ନଷ୍ଟ ହେବାରୁ ରୋକାଯାଇ ପାରିବ।

### ମା' ଖମ୍ୱେଶ୍ୱରୀଙ୍କ ବୈଶାଖୀ ଶେଷ

# ଅସ୍ଥାୟୀ ମଣ୍ଡପରେ ଦର୍ଶନ ଦେଲେ ମା'



ଆସିକା (ଭାସ୍କର ନ୍ୟୁଜ୍) : ଶେଷ ହୋଇଛି ମା'ଖମ୍ୱେଶ୍ୱରୀଙ୍କ ବୈଶାଖୀ ପର୍ବର ପଟୁଆର। ଦୀର୍ଘ ୨୨ଦିନ ଧରି ମା' ଖମ୍ୱେଶ୍ୱରୀଙ୍କ ବୈଶାଖୀ ପର୍ବ ପାଳନ ହୋଇ ଆସୁଥିଲା ବେଳେ ପରମ୍ପରା ଅନୁଯାୟୀ ବୈଶାଖ ମାସରେ ପ୍ରତିଦିନ ମା' ଖମ୍ୱେଶ୍ୱରୀଙ୍କ ଦିନ ସାରା ରୀତିନୀତି ସହ ବିଶେଷ ପୂଜାର୍ଚ୍ଚନା ସରିବା ପରେ ରାତ୍ରରେ ମା' ଖମ୍ୱେଶ୍ୱରୀ ନଗର ପରିକ୍ରମା କରିଥାନ୍ତି। ତେବେ ମା'ଙ୍କ ବୈଶାଖୀ ଯାତ୍ରାର ଶେଷ ଦିନରେ ବେଶ ଚଳଚଞ୍ଚଳ ହୋଇଛି ଆସିକା। ବିଭିନ୍ନ ପଟୁଆର ସହ ଘଣ୍ଟଘଣ୍ଟା ବାଜା ମହୁରୀ ଓ ବାଘନାଚ ସାଙ୍ଗକୁ ମା'ଙ୍କ ରୋଷଣୀ ଯାତ୍ରା ନେଇ ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳର ମଧ୍ୟ ଭାଗରେ ବିରାଜ ମାନ କରିଛନ୍ତି ଏହି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଖମ୍ୱେଶ୍ୱରୀ। କେଉଁ ଆବାହମାନ କାଳରୁ ଏଠାରେ ପୂଜା ପାଇ ଆସୁଛନ୍ତି ମା' ଖମ୍ୱେଶ୍ୱରୀ। ପ୍ରତିଦିନ ମା'ଙ୍କ ପୀଠରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲେ ମଧ ବିଶେଷ କରି ଚୈତ୍ର ଓ ବୈଶାଖ ମାସରେ ମା'ଙ୍କ ପୀଠ ଉତ୍ସବ ମୁଖରିତ ହୋଇଥାଏ। ମା' ଖମ୍ୱେଶ୍ୱରୀଙ୍କର ବୈଶାଖୀ ପର୍ବ ଅତ୍ୟନ୍ତ ନିଆରା ହୋଇଥିବା ବେଳେ ମା'ଙ୍କ ଏହି ପର୍ବକୁ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଛୁଟି ଆସନ୍ତି ଅନେକ ଶ୍ରଦ୍ଧାଳୁ ଓ ଭକ୍ତ। ଦିନ ସାରା ନୀତିକାନ୍ତି ପରେ ରାତ୍ର ପ୍ରାୟ ୯ଟାରେ ମା' ନଗର ଭ୍ରମଣରେ ବାହାରନ୍ତି। ସେଥି ପାଇଁ ମା'ଙ୍କ ପାଲିଙ୍କି ସଜା ହୁଏ। ପରେ ମନ୍ଦିରରୁ ମା'ଙ୍କ ପ୍ରତିମୂର୍ତ୍ତି ଆଣି ସିଙ୍ଗ ପାଲିଙ୍କିରେ ବିଜେ କରାଯାଏ। ପାଲିଙ୍କିରେ ବିରାଜମାନ ହେବା ପରେ ପୂଜା କାର୍ଯ୍ୟ ଶେଷ ହୋଇ ନଗର ପରିକ୍ରମାରେ ବାହାରନ୍ତି ମା' ଖମ୍ୱେଶ୍ୱରୀ। ନାନା ପ୍ରକାର ବାଜା ରୋଷଣୀରେ କମ୍ପି ଉଠେ ସାରା ସହର। ଢୋଲ ମହୁରୀ ତାଳେ ତାଳେ ଝୁମି ଉଠନ୍ତି ଭକ୍ତ। ଏହିପରି ମାସ ସାରା ନଗର ଭ୍ରମଣ କରିବା ପରେ ଶେଷ ଦିନ ଅସ୍ଥାୟୀ ମଣ୍ଡପରେ ବିଜେ କରିଥାନ୍ତି ମା' ଖମ୍ୱେଶ୍ୱରୀ। ଅସ୍ଥାୟୀ ମଣ୍ଡପରେ ଦିନଟିଏ ପୂଜା ପାଇବା ପରେ ତା'ପର ଦିନ ମା' ମନ୍ଦିରକୁ ବିଜେ କରିବା ସହ ବୈଶାଖୀ ଯାତ୍ରା ଶେଷ ହୁଏ। ମା'ଙ୍କ ବୈଶାଖୀ ପର୍ବ ଚାଲିଥିବା ବେଳେ ମାନସିକଧାରୀମାନେ ବିଭିନ୍ନ ବେଶ ଧାରଣ କରି ଘରକୁ ଘର ବୁଲୁଥିବା ଦେଖିବାକୁ ମିଳେ। ରାମ, ହନୁମାନ, କୃଷ୍ଣ ଆଦି ଭଗବାନଙ୍କ ବେଶ ସହ ରାକ୍ଷସ ବେଶ ଧରି ବେଶଧାରୀ ମାନେ ନଗର ପରିକ୍ରମା କରିଥାନ୍ତି। କୁହାଯାଏ କି ମାନସିକ ଧାରୀମାନେ ମାଆଙ୍କ ପାଖରେ ନିଜର ମାନସିକ ରଖିଥାନ୍ତି। ମାନସିକ ପୂର୍ଣ୍ଣ ହେବା ପରେ ମା'ଙ୍କ ଯାତ୍ରାରେ ବିଭିନ୍ନ ବେଶ ଧରି ବୁଲିଥାନ୍ତି। ପର୍ବର ଶେଷ ଦିନରେ ଲୋକଙ୍କୁ ଆକର୍ଷଣ କରିବା ପାଇଁ ବିଶେଷ କରି ସୁଦୂର ଆନ୍ଧ୍ରପ୍ରଦେଶ ନବଦୁର୍ଗା ନୃତ୍ୟ ପରିବେଷଣ, ବାଘ ନାଚ, କଳା ଘୋଡ଼ା ନାଚ ବିଭିନ୍ନ ଦେବଦେବୀଙ୍କ ସହ ସାମାଜିକ ଓ ସାଂସ୍କୃତିକ ଲୋକକଳା ନାଟ୍ୟ ଓ ନାଟକ ପରିବେଷଣ କରାଯାଏ। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁ, ସମ୍ପାଦକ ସଚ୍ଚିଦାନନ୍ଦ ଖଟାଇ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା'ଙ୍କ ବୈଶାଖ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଯାତ୍ରା କମିଟି ସଭାପତି ନିମେଇଁ ଚରଣ ପାଣିଗ୍ରାହୀ, ପିଣ୍ଟୁ ପ୍ରଧାନ ଓ ସାହି ବାସିନ୍ଦା ସହଯୋଗ କରିଥିଲେ। ପୂଜକ ସନ୍ନ୍ୟାସୀ ମୁନୀ, ନରସିଙ୍ଗ ମୁନୀ, ମାଧବ ମୁନୀ, ପ୍ରଶାନ୍ତ ମୁନୀ ପ୍ରମୋଦ ମୁନୀ, ଚୁଲିଆ ମୁନୀ, ମୁନା ମୁନୀ, ଭିକା ମୁନୀ, ଅଭିନାସ ମୁନୀ, ବଣ୍ଟି ମୁନୀ, ଓମ୍ ମୁନୀ ଅଜିତ ମୁନୀ, ଦିଲ୍ଲିପ ମୁନୀ, ସନ୍ତୋଷ ମୁନୀ, ଟିକି ମୁନୀ ପ୍ରମୁଖ ସେବା କାର୍ଯ୍ୟରେ ସହଯୋଗ କରିଥିଲେ। ସ୍ଥାନୀୟ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ଦାୟିତ୍ୱ ତୁଲେଇଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ସଦର ରିକ୍ଲାମେସନ୍ କଲୋନୀ ରାଇଜିଂ କ୍ଲବର ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମୀନାରାୟଣ ସେଠୀଙ୍କ ଗତ ମାସ ୩୦ ତାରିଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି ଠାରୁ ଉପବିଭାଗୀୟ ଅଧିକାରୀ ଭାବେ ଅବସରପ୍ରାପ୍ତ ହୋଇଥିବାରୁ ଆଜି ରିକ୍ଲାମେସନ୍ ରାଇଜିଂ କ୍ଲବ ଆନୁକୂଲ୍ୟରେ ୱାର୍ଡ ନଂ ୧୫ ରିକ୍ଲାମେସନ୍ କଲୋନୀ ଠାରେ ଏକ ବିରାଟ ଶୋଭାଯାତ୍ରା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସଭାପତି ରିକ୍ଲାମେସନ୍ ରାଇଜିଂ କ୍ଲବ ମନୋଜ କୁମାର ସାହା, ଉପସଭାନେତ୍ରୀ ଜି. ବିଜୟାଲକ୍ଷ୍ମୀ, ଉପସଭାପତି ବଳରାମ ନାଗ, ସମ୍ପାଦକ କେ. ରାହୁଲ, ଯୁଗ୍ମସମ୍ପାଦକ ପାର୍ବତି ଝୋଡ଼ିଆ, କୋଷାଧ୍ୟକ୍ଷ ବିକାଶ ଦାସ, ଉପଦେଷ୍ଟା ରିକ୍ଲାମେସନ୍ ରାଇଜିଂ କ୍ଲବ ତଥା ଉପବିଭାଗୀୟ ଅଧିକାରୀ ଶ୍ୟାମ ସୁନ୍ଦର ନାୟକ, ଉପଦେଷ୍ଟା ଲକ୍ଷ୍ମୀନାଥ ମହାରଣା, ଉପଦେଷ୍ଟା ଏସ୍. ପ୍ରଭାକର, ରଞ୍ଜନ ମଣ୍ଡଳ, ନିତ୍ୟାନନ୍ଦ ମହାଲଦାର, ସୁଶୀଳା ସେଠୀ, କୌଶଲ୍ୟା ମଣ୍ଡଳ, ପି. ଇନ୍ଦୁମତୀ, ବିଜୟା ହଲଦାର, ଇଲାରାଣୀ ବିଶ୍ୱାସ, ଅନିତା ଦାସ, ଚଞ୍ଚଳା ସରକାର, ଜି.ସରୋଜିନୀ, ଅନୁପମା ସଭା ନାୟକ, ସୁବ୍ରତ ଗନ୍ତାୟତ, ମନୋଜ କୁମାର ଚୌଧାରୀ, ବିନାଶ କୁମର ମିଶ୍ର, ସତ୍ୟଜିତ ଗୌଡ଼, ପ୍ରକାଶ ମଜୁମଦାର, ଶୁଭଜିତ ଗୌଡ଼ଙ୍କ ସହ ସମସ୍ତ ସଭ୍ୟ ସଭ୍ୟା ଓ କଲୋନୀ ବାସିନ୍ଦା ଉପସ୍ଥିତ ଥିଲେ।

# କରଞ୍ଜିଆ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ




କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସଂସ୍ଥାର ସଭାପତି ତଥା ଏଡିଜେ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଆଇନ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ କରଞ୍ଜିଆର ବିଶିଷ୍ଟ ଶ୍ରମିକ ନେତା ଭୁବନ ବିହାରି ସାହୁ, କରଞ୍ଜିଆ ଏସ୍‌ଡିଜେଏମ୍ ପ୍ରଭାତ କୁମାର ସାମଲ, ଓକିଲ ସଙ୍ଘର ସଭାପତି ମଦନମୋହନ ମହାନ୍ତ, ସମ୍ପାଦକ ସରୋଜ ରାଉଳ, ଯୁବ ଆଇନଜୀବୀ ଅଭିଜିତ ମହାନ୍ତ, ପଙ୍କଜ ବାସିନୀ ମହାନ୍ତି, ଓକିଲ ସଂଘର ପୂର୍ବତନ ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ନବକ୍ରିଷ୍ଣ ନାଏକ ପ୍ରାମୁଖ ଯୋଗ ଦେଇ ଶ୍ରମିକମାନଙ୍କୁ ସାହଯ୍ୟ କରୁଥିବା ବିଭିନ୍ନ ଆଇନ ଉପରେ କହିବା ସହିତ ଖଣି ଖାଦାନରେ କାମ କରୁଥିବା ଶ୍ରମିକମାନେ ନିରାପତ୍ତା ସାମଗ୍ରୀ ବ୍ୟବହାର କରିବାକୁ ସଚେତନ କରିଥିଲେ। ଶେଷରେ ସମ୍ପାଦକ ସରୋଜ କୁମାର ରାଉଳ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମେ ୨୦ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପାଇଁ ପ୍ରସ୍ତୁତି




ବାରିପଦା (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାରର ଶ୍ରମିକ, କୃଷକ, ସାଧାରଣ ମଣିଷ ବିରୋଧୀ ନୀତିର ପ୍ରତିବାଦରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ମାନଙ୍କ ପକ୍ଷରୁ ଆଗାମୀ ମେ ୨୦ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପରିପ୍ରେକ୍ଷୀରେ, ଆଜି ତୁଳସିଚୈରା ସ୍ଥିତ ମୟୂରଭଞ୍ଜ ଏଆଇଟିୟୁସି ଜିଲ୍ଲା କାର୍ଯ୍ୟାଳୟରେ ମିଳିତ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆଇଏନ୍‌ଟିୟୁସିର କୈଳାସ ଚନ୍ଦ୍ର ମହାନ୍ତ, ଏଆଇଟିୟୁସିର ମଦନମୋହନ ଜେନା, ସିଆଇଟିୟୁ ରବି ଗୋସ୍ୱାମୀ, ଏଆଇୟୁଟିୟୁସିର ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ମିଳିତ ସଭାକୁ ପରିଚାଳନା କରିଥିଲେ। ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ଆସନ୍ତା ମେ ୨୦ରେ ଅନୁଷ୍ଠିତ ହେବାକୁ ଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସିଆଇଟିୟୁର ସାଥୀ ଅମଳ ଦେ ଏହାର ସଫଳତା ପାଇଁ ଜିଲ୍ଲାର ବିଭିନ୍ନ ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ କନଭେନସନ, ବୈଠକ ଅନୁଷ୍ଠିତ କରାଯାଇ ବ୍ୟାପକ ପ୍ରସାର ଦିଗରେ ପ୍ରସ୍ତାବ ରଖିଥିଲେ। ଏଆଇୟୁଟିୟୁସିର ସାଥୀ ପ୍ରକାଶ କୁମାର ମଢେଇ ବ୍ଲକସ୍ତରୀୟ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଭନ୍ନ ବର୍ଗ ଓ ବିଭାଗର ଶ୍ରମିକ କର୍ମଚାରୀ ମାନଙ୍କ ନେତୃତ୍ୱ ଯୋଗଦାନ କରି ଉଭୟ ସରକାରଙ୍କ ମାରଣ ନୀତି ଗୁଡିକୁ କଡ଼ା ଭାଷାରେ ନିନ୍ଦା କରିବା ସହ ଆଗାମୀ ଧର୍ମଘଟକୁ ଗ୍ରାମାଞ୍ଚଳରେ ପ୍ରସାର କରିବା ଦିଗରେ ଯଥେଷ୍ଟ ଯତ୍ନବାନ ହେବାକୁ ସର୍ବ ସମ୍ମତ ହୋଇଥିଲେ। ଏଆଇଟିୟୁସିରୁ ସାଥୀ କାହ୍ନୁଚରଣ ବେହେରା, ଶ୍ରୀକାନ୍ତ ସାମଲ, ଲିପି ମିଶ୍ର, ସିଆଇଟିୟୁରୁ ରଞ୍ଜିତା ରାଉତ, ସନ୍ଧ୍ୟାରାଣୀ ବେହେରା, ବିଣାପାଣି ନାଏକ, ଶରତ ଚନ୍ଦ୍ର ବାଗ, ଜୟନ୍ତି ମହାନ୍ତ, ଲୀଳାବତୀ, ମାଳତୀ ମହାନ୍ତ, ଏଆଇୟୁଟିୟୁସିର ଗୋପିନାଥ ରାଉତ, ଅର୍ଜୁନ ମହାନ୍ତ, ମଗୁଲୁ ତିରିଆ, ତରଣୀ ରାଉତ, ଜଗବନ୍ଧୁ ମଲ୍ଲିକ ପ୍ରମୁଖ ନେତୃତ୍ୱ ଯୋଗ ଦେଇଥିଲେ। ନିଷ୍ପତ୍ତି ମୁତାବକ ଆଗାମୀ ୧୩ ତାରିଖ ଠାରୁ ୧୯ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଚାର କାର୍ଯ୍ୟକ୍ରମ ଚାଲୁ ରହିବ। କରଞ୍ଜିଆ, ରାଇରଙ୍ଗପୁର, ଉଦଳା ଉପଖଣ୍ଡରେ ୧୫ ଓ ୧୬ ତାରିଖ ପ୍ରଚାର ସହ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବ। ୧୮ ଓ ୧୯ ତାରିଖ ବାରିପଦାରେ ହେବାକୁ ସ୍ଥିର ହୋଇଛି।

## ବୌଦ୍ଧ ଜିଲ୍ଲାରେ ପାସ୍ ହାର ୯୭.୪୧ ପ୍ରତିଶତ

# ଏ-୧ରେ ୬ଜଣ ଛାତ୍ରଛାତ୍ରୀ

ବୌଦ୍ଧ (ଭାସ୍କର ନ୍ୟୁଜ୍) : ସାରା ରାଜ୍ୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ଦିନ ପ୍ରକାଶ ପାଇଛି। ଚଳିତ ବର୍ଷ ବୌଦ୍ଧ ଜିଲ୍ଲାରେ ପାସ୍‌ହାର ୯୭.୪୧ ପ୍ରତିଶତ ହୋଇଥିବା ବେଳେ ଜିଲ୍ଲାରେ ଚଳିତ ବର୍ଷ ଏ-୧ରେ ୬ଜଣ ଛାତ୍ରଛାତ୍ରୀ ପାଶ କରିଥିବା ଜଣାପଡିଛି। ସେହିପରି ଏ-୨ରେ ୮୨ଜଣ, ବି-୧ରେ ୩୧୪ ଜଣ, ବି-୨ରେ ୮୬୨ଜଣ, ସିରେ-୧୬୮୩, ଡିରେ -୨୧୩୯, ଇରେ-୧୧୩୧ ଓ ଏଫ୍‌ରେ ୧୬୩ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଏ-୧ ପାଇଥିବା ଛାତ୍ରଛାତ୍ରୀ ହେଲେ ପୁରୁଣାକଟକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସିଦ୍ଧିପ୍ରିୟଦର୍ଶନୀ ମହାରଣା (୫୬୦) ଓ ସିମ୍ପାଛାୟା ପ୍ରଧାନ (୫୫୬), ବୌଦ୍ଧ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ସ୍ୱାଶତଶେଖର ଶତପଥି (୫୬୦) ଓ ସ୍ୱୟଂଶୁରୟନ ଶାସନୀ (୫୬୦), ସଂଗ୍ରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ର ଡିପୁଲ ମେହେର (୫୪୫) ଓ ବାଉଁଶୁଣୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରୀତି ପ୍ରିୟଦର୍ଶନୀ ପଣ୍ଡା (୫୫୪) ମାର୍କ ରଖିଛନ୍ତି। ଜିଲ୍ଲାରେ ଚଳିତ ବର୍ଷ ୬୩୮୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଜିଲ୍ଲାର ୭୭ଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## କଳାଙ୍ଗ କେ.ସି. ହାଇସ୍କୁଲ ଛାତ୍ରୀ ଅର୍ପିତାଙ୍କୁ ସମ୍ବର୍ଦ୍ଧନା

ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ କଳାଙ୍ଗ କାହ୍ନୁଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମେଟ୍ରିକ ଫଳାଫଳରେ କୃତିତ୍ୱ ଅର୍ପିତା ହୋତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅର୍ପିତା ମାଟ୍ରିକ ପରୀକ୍ଷାରେ ୫୪୬ନମ୍ବର ରଖି ବୋଲଗଡ ଶିକ୍ଷା ବ୍ଲକରେ ୨ୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ପ୍ରଧାନଶିକ୍ଷକ ଜୋଚିନ୍ଦ୍ର ଦାସଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର କୁମାର ସ୍ୱାଇଁ, ନାଏବ ସରପଞ୍ଚ ପ୍ରଭାତ କୁମାର ସ୍ୱାଇଁ, ପୂର୍ବତନ ଶିକ୍ଷକ ଅଚ୍ୟୁତ ସ୍ୱାଇଁ, ଶିକ୍ଷକ ଅରୁଣ ସାହୁ ପ୍ରମୁଖ ଯୋଗଦେଇ ଅର୍ପିତା ହୋତା, ଶୁଭସ୍ମିତା ଗୁରୁ ୫୦୦ ନମ୍ବର ଓ ପ୍ରାଚୀ ପ୍ରିୟଦର୍ଶିନୀ ୪୯୧ନମ୍ବର ରଖିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ତିନିଜଣ ଛାତ୍ରୀ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଛାତ୍ରୀମାନେ ଆଗାମୀ ପିଲାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦିପ୍ତିମୟୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ ବିଭାଗ ପକ୍ଷରୁ ପାଳିତ ହେଲା ବିଶ୍ୱ ଶ୍ରମିକ ଦିବସ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ଠାରେ ପାୱାର ଏମ୍ପ୍ଲୋଇଜ୍ ୟୁନିଅନ ରାଇରଙ୍ଗପୁର, କରଞ୍ଜିଆ ଶାଖା ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ସ୍ଥାନୀୟ ସାଇ ସାଗର କନକ୍ଲେଭ ପରିସରରେ ପାଳିତ ହୋଇଯାଇଛି। ପାୱାର ଏମ୍ପ୍ଲୋଇଜ୍ ୟୁନିଅନ ବାଲେଶ୍ୱର ଶାଖାର ଉପସଭାପତ ଆର୍ତ୍ତବନ୍ଧୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ପାୱାର ଏମ୍ପ୍ଲୋଇଜ୍ ୟୁନିଅନ୍ ବାଲେଶ୍ୱର ଶାଖାର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ବେର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ଼ ଭାଗବତ ଲେଙ୍କା, ପାୱାର ଏମ୍ପ୍ଲୋଇଜ୍ ୟୁନିଅନ୍‌ର ଡିଜିଟାଲ ସେକ୍ରେଟାରୀ ସଂଜୟ କୁମାର ବାରିକ, କରଞ୍ଜିଆ ଇଲେକ୍ଟ୍ରିକାଲ ଏସ୍‌ଡିଓଏମ୍ ପ୍ରସାଦ ରାଓ, ରାଇରଙ୍ଗପୁର ଏସ୍‌ଡିଓ ଚିରଞ୍ଜିବ ସାହୁ, କେନ୍ଦୁଝର ସଙ୍ଘର ଯୁଗ୍ମ ସମ୍ପାଦକ ପଙ୍କଜ କୁମାର ଜେନା, ବାଲେଶ୍ୱର ସଙ୍ଘର ଯୁଗ୍ମ ସମ୍ପାଦକ ସତ୍ୟନାରାୟଣ ବେହେରା, ରାଇରଙ୍ଗପୁର ସଂଘର କୋଷାଧ୍ୟକ୍ଷ ବିଜୟ କୃଷ୍ଣ ମାଇତି, ରାଇରଙ୍ଗପୁର ସଂଘର ଡିଜିଟାଲ ସେକ୍ରେଟାରୀ ରାମ ଦୁଲାଲ ରାୟ, କରଞ୍ଜିଆ ବରିଷ୍ଠ ନାଗରିକ ସଙ୍ଘର ସଭାପତି ସର୍ବେଶ୍ୱର ମିଶ୍ର ଓ କରଞ୍ଜିଆ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ବିଦ୍ୟୁତ୍ କର୍ମଚାରୀଙ୍କ ନିମନ୍ତେ ଶ୍ରମିକ ସୁରକ୍ଷା ସହିତ ସଂଘ ଗୃହ ପାଇଁ ମୁଖ୍ୟ ଅତିଥି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଗୃହ ଯୋଗାଣ ଦାବିକୁ ବିଧାୟକ ପୂରଣ କରିବାକୁ ପ୍ରତିଶୃତି ଦେଇଥିଲେ। କାର୍ଯ୍ୟକ୍ରମରେ ପାୱାର ଏମ୍ପ୍ଲୋଇଜ୍ ୟୁନିଅନର ଜ୍ୟୋତି ପ୍ରକାଶ ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ଭବାନୀଶଙ୍କର ଚୌଧୁରୀ, ସମୀର ପଟ୍ଟନାୟକ, ଲାଲ ମୋହନ ମହାନ୍ତ, ସଂଜୟ ସାହୁ, ଭଗବାନ ରାଉଳ ଜଗନ୍ନାଥ ମହାକୁଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ତେବେ ୟୁନିଅନ କାର୍ଯ୍ୟାଳୟ ପରିସରରେ ସକାଳୁ ସଦସ୍ୟଗଣ ଶ୍ରମିକ ପତାକା ଉତ୍ତୋଳନ କରିବା ପରେ ସ୍ଲୋଗାନ ମାନ ଦେଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ବିଶ୍ୱ ଶ୍ରମିକ ଦିବସ ସମାରୋହ ପାଳିତ ହୋଇଥିଲା।

# ନୂଆଗଡ଼ ଗ୍ରାମର ବିଭିନ୍ନ ସମସ୍ୟା ନେଇ ସାମ୍ବାଦିକ ସମ୍ମିଳନୀ



ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ନିର୍ବାଚନ ମଣ୍ଡଳୀ କଟକ ମହାନଗର ନିଗମ ଅନ୍ତର୍ଗତ ୫୮ନଂ ୱାର୍ଡ ନୂଆଗଡ଼ ଗ୍ରାମର ବିଭିନ୍ନ ସମସ୍ୟା ଓ ଦାବି ନେଇ ଗ୍ରାମର କୁଦସାହି ତ୍ରିନାଥ ମନ୍ଦିର ପୀଠରେ ୪ ତାରିଖ ୧୧ଟା ସମୟରେ ଗ୍ରାମର ଦୀର୍ଘ ବର୍ଷର ଦାବି ଓ ସମସ୍ୟାକୁ ନେଇ ଗ୍ରାମ ଲୋକମାନେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ କି ଦୀର୍ଘ ବର୍ଷରୁ ଜମି ଓ ଘରବାଡ଼ି ପଟ୍ଟା ୨୮ଜଣ ପରିବାର ଏ ପର୍ଯ୍ୟନ୍ତ ପାଇପାରି ନାହାନ୍ତି। ଦୀର୍ଘ ବର୍ଷରୁ ଗ୍ରାମରେ ବସିଥିବା ୧୦୦ କେଭି ଟ୍ରାନ୍ସଫର୍ମରରୁ ଗ୍ରାହକ ବା ଉପଭୋକ୍ତା ବଢି ବର୍ତ୍ତମାନ ୨୦୦ରୁ ଅଧିକ ପରିବାର ଲାଇନ ନେଇଥିବାରୁ ସବୁବେଳେ ଲୋ ଭୋଲଟେଜ୍ ସାଙ୍ଗକୁ ଫ୍ରୀଜ ଓ ଏ.ସି ସେପରି ମାତ୍ରାରେ ନଚାଲିବାରୁ ଗ୍ରାହକମାନେ ବିଦ୍ୟୁତ ବା ସେସୁ ବିଭାଗକୁ ବହୁବାର ଜଣାଇବା ଓ ତାଙ୍କ କାର୍ଯ୍ୟାଳୟକୁ ଯାଇ ଦୀର୍ଘଦିନ ହେଲା ବସିଥିବା ଏହି୧୦୦ କେଭି ଟ୍ରାନ୍ସଫର୍ମର ପରିବର୍ତ୍ତେ ୨୫୦ କେଭି ଟ୍ରାନ୍ସଫର୍ମର ବସାଇବାକୁ ବହୁବାର ଦାବି କରୁଥିଲେ ମଧ ସେସୁ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ନଦେବାରୁ ଲୋଭୋଲଟେଜ୍ ଯୋଗୁଁ ଗ୍ରାହକମାନେ ଅତିଷ୍ଠ ହୋଇଗଲେଣି। ସେହିପରି ୧୬ ନମ୍ବର ଜାତୀୟ ରାଜପଥରୁ ନୂଆଗଡ ଗ୍ରାମକୁ ଆସିଥିବା ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ କିଛି ପ୍ରଭାବଶାଳୀ ବ୍ୟକ୍ତି ଦୋକାନ ବଜାର କରି ରାସ୍ତାକଡ଼କୁ ମାଡି ଆସିବାରୁ ଗ୍ରାମକୁ ଭାରି ଚାରି ଚକିଆ ଯାନ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଆସୁଥିବା ସ୍କୁଲ ବସ୍ ବହୁ ବିପଦର ସମ୍ମୁଖୀନ ହେଉଛନ୍ତି। ରାସ୍ତାକଡ଼ରୁ ଉଠାଇବା ପାଇଁ ମହାନଗର ନିଗମ କମିଶନର ଓ ସଦର ତହସିଲଦାରଙ୍କ ଠାରେ ବହୁବାର ଦାବି କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ ବୋଲି ଗ୍ରାମର ବିକ୍ରମ କିଶୋର ଶତପଥି, ବନ ବିହାରୀ ଶତପଥି, ନିରଞ୍ଜନ ବେହେରା, ବୈରାଗୀ ସାହୁ, ଯୋଗେନ୍ଦ୍ର ପ୍ରଧାନ, ଅନନ୍ତ ବାରିକ ଓ କ୍ଷୀରୋଦ ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ରହି ସମସ୍ୟାଗୁଡିକ ସାମ୍ବାଦିକମାନଙ୍କ ଦୃଷ୍ଟିକୁ ଆଣିଥିଲେ।


## କୃଷ୍ଣପ୍ରସାଦ ବ୍ଲକରେ ମାଟ୍ରିକ ଟପର ଡି ମନୋଜ ପାତ୍ର


କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ବୁଦ୍ଧିବର ଡିଆକୁଦା ହାଇସ୍କୁଲର ଛାତ୍ର ଡି ମନୋଜ ପାତ୍ର। ଚଳିତ ବର୍ଷ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଭଲ ନମ୍ବର ରଖି କୃତୀତ୍ୱ ହାସଲ କରିଥିବା ବେଳେ କୃଷ୍ଣପ୍ରସାଦ ବ୍ଲକରେ ଡି ମନୋଜ ପାତ୍ର ବାଜିମାତ କରିଛନ୍ତି। ସେ ଏ ୧ ଗ୍ରେଡରେ ପାସ୍ କରିଛନ୍ତି। ମୋଟ ନମ୍ବର ୬୦୦ରୁ ୫୪୬ ନମ୍ବର ରଖି ସମଗ୍ର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେଥିପାଇଁ ମନୋଜ ପାତ୍ର ବିଦ୍ୟାଳୟର ସମସ୍ତ ଶିକ୍ଷକ ପରିଚାଳନା କମିଟିର ସଭ୍ୟ ସଭ୍ୟାମାନଙ୍କୁ ସେ ତାଙ୍କର ଶ୍ରେୟ ଦେଇଛନ୍ତି। ଡି ମନୋଜ କହିଛନ୍ତି ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କ ଅଦମ୍ୟ ଚେଷ୍ଟା ଯୋଗୁ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ପାଇଛି।

# ରାଶିଫଳ


**ସୋମବାର, ୦୫ ମଇ ୨୦୨୫**


**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ।


**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ।


**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।


**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଖର୍ଚ୍ଚ ହ୍ରାସ କରନ୍ତୁ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।


**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି। ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ। ଭଲ ଲାଭଦାୟକ ଫଳାଫଳ ଦେବ।


**ଧନୁ:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।


**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।


**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।


**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଗୁଣୁପୁର(ଭାସ୍କର ନ୍ୟୁଜ): ଓଡିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା କ୍ଷମତାପ୍ରାପ୍ତ ରାୟଗଡା ଜିଲ୍ଲାର ସ୍ୱତନ୍ତ୍ର ବିଚାରପତି ଆନନ୍ଦଚନ୍ଦ୍ର ବେହେରା ଜିଲ୍ଲା ଅଦାଲତ ପୁନର୍ବିଚାର କାର୍ଯ୍ୟକ୍ରମ ରେ ଅଧିଷ୍ଠିତ ସମୟରେ ଗୁଣୁପୁର ଓକିଲ ସଂଘ ତରଫରୁ ସଭାପତି ଗୌରି ଶଙ୍କର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଉପାଚରଣ ପଟ୍ଟନାୟକ, ସଂପାଦକ ଗଣପତି, କୃଷ୍ଣଚନ୍ଦ୍ର ସେନାପତି, ଗଣେଶ କୁମାର ପଣ୍ଡା, ସମ୍ପାଦକ ପ୍ରବୀଣ କୁମାର ପଟ୍ଟନାୟକ ଏବଂ ଶ୍ରୀ ରାଜକିଶୋର ଦାସ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଥିରେ ଗଂଗେଇ ସଂଖ୍ୟାୟ ମକଦମା ଯୋଗୁଁ, ଉଚ୍ଚ ନ୍ୟାୟାଳୟ ଆଦେଶ ଅନୁଯାୟୀ ଏକ ସ୍ୱତନ୍ତ୍ର ଅଦାଲତ ୧୯ ଗୋଟି ଜିଲ୍ଲାରେ କରାଯାଇ ମକଦମା ଗୁଡିକୁ ଶୀଘ୍ର ସମାପ୍ତ କରିବାର ପ୍ରାବଧାନ ରହିଛି । ତେବେ ତାହା ଗୁଣୁପୁର ପରିସରରେ କରାଯିବା ନେଇ ଅନୁରୋଧ କରାଯାଇଛି । କାରଣ ଗୁଣୁପୁର ଅଦାଲତ ରେ ପ୍ରାୟ ୪୦୧ ମକଦମା ବିଚାରାଧୀନ ରହିଥିବା ସ୍ଥଳେ ବିଷମକଟକ ରେ ୨୦୦ ଏବଂ ରାୟଗଡା ରେ ୧୦୦ ମକଦମା ବିଚାରାଧୀନ ରହିଛି ତା ସହ ଚଳିତ ବର୍ଷ ଗୁଣୁପୁର ରେ ୩୭ ରୁ ଅଧିକ ନୂତନ ଭାବେ ପଞ୍ଜିକରଣ ହୋଇଥିବା ବେଳେ ବିଷମକଟକ ରେ ୫ ଗୋଟି ଓ ରାୟଗଡା ରେ କେବଳ ମାତ୍ର ୭ ଗୋଟି ମକଦମା ପଞ୍ଜିକରଣ ହୋଇଛି । ସେଥିପାଇଁ ଉକ୍ତ ସ୍ୱତନ୍ତ୍ର ଅଦାଲତ ଗୁଣୁପୁରରେ ସ୍ଥାପନ କରାଗଲେ ଉଭୟ ମୁଦାଲା ଓ ମହକିଲଙ୍କୁ ସୁବିଧା ହୋଇ ମକଦମା ଗୁଡିକ ଶୀଘ୍ର ସମାପ୍ତ ହୋଇପାରିବ ବୋଲି ଉଲ୍ଲେଖ ରହିଛି । ମାନ୍ୟବର ବିଚାରପତି ସ୍ମାରକପତ୍ରକୁ ଗ୍ରହଣ କରି ମୁଖ୍ୟ ବିଚାରପତିଙ୍କୁ ଉପସ୍ଥାପନା କରାଯାଇ ବିଚାର କୁ ନିଆଯିବ ବୋଲି କହିଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା (ବନ୍ୟା) କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଏବଂ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଲୋକସଭା ସାଂସଦ ପ୍ରତିନିଧି ପ୍ରହ୍ଲାଦ ତ୍ରିପାଠୀ, ଝରିଗାଁ ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ଦାସ, ନବରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା , ଜିଲ୍ଲା ଜରୁରୀକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ନିର୍ବାହି ଅଧିକାରୀ, ପୌରସଂସ୍ଥା, ନବରଙ୍ଗପୁର ଏବଂ ଉମରକୋଟ ଯୋଗ ଦେଇଥିଲେ। ବିପର୍ଯ୍ୟୟ ସମୟରେ ମିଳିତ ଭାବରେ ପରସ୍ପର ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିଲେ ବିପର୍ଯ୍ୟୟ କୁ ଆମେ ସହଜରେ ଏଡାଇ ପାରିବା ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଥିଲେ । ବିଶେଷ କରି ବର୍ଷାଦିନ ବନ୍ୟା ସମୟରେ ଏହାର ସଫଳ ମୁକାବିଲା କିପରି ଭାବରେ କରାଯାଇ ପାରିବ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଥିବା ଦୁର୍ବଳ ନଦୀବନ୍ଧ ଗୁଡିକ ଶୀଘ୍ର ଚିହ୍ନଟ କରି ତାର ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଡ଼ଃ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ବନ୍ୟା ପ୍ରବଣ ଅଞ୍ଚଳ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଚାଉଳ, କିରୋସିନି, ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ ବ୍ୟତୀତ ଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଉପରେ ଯଥା ସମ୍ଭବ ଆଗୁଆ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବନ୍ୟା ପ୍ରଭାବିତ ଅଞ୍ଚଳ ମାନଙ୍କରେ ସମ୍ଭାବ୍ୟ ମହାମାରୀକୁ ପ୍ରତିହିତ କରିବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସହିତ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହିତ ବନ୍ୟା ପ୍ଲାବିତ ଅଞ୍ଚଳରେ ଆବଶ୍ୟକୀୟ ଔଷଧ ତଥା ସାପ କାମୁଡ଼ା ଇଞ୍ଜେକସନ୍ , ହେଲୋଜିନ୍ ବଟିକା, ଓ ଆର୍ ଏସ୍, ବ୍ଲିଚିଙ୍ଗ ଇତ୍ୟାଦି ମହଜୁଦ ରଖିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ବିପର୍ଯ୍ୟୟ ସମୟରେ ଯେମିତି ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରି ଆଶ୍ରୟସ୍ଥଳୀ ରେ ରଖିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ, ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧ ବୃଦ୍ଧା ସୁରକ୍ଷିତ ସ୍ଥାନାନ୍ତରିତ ଉପରେ ଆଲୋକପାତ କରିଥିଲେ। ବର୍ଷା ପୂର୍ବରୁ ନଦୀବନ୍ଧ ଘାଇ ମରାମତି, ସହରାଞ୍ଚଳରେ ନାଳ ସଫେଇ ଓ ମରାମତି, ପାଇପ୍ ଦ୍ୱାରା ବିଶୁଦ୍ଧ ବିଶୋଧନ ଜଳ ଯୋଗାଣ ନଳକୂପ ବିଶୋଧନ, ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ଏବଂ ବିପର୍ଯ୍ୟୟ ସମୟରେ ରାସ୍ତା ଅବରୋଧକୁ ହଟାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ବନ୍ୟା ବାତ୍ୟା ପରେ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ସଡକ ପରିଷ୍କାର, ଅର୍ଦ୍ଧ ଭଗ୍ନ ବିଦ୍ୟୁତ ଖୁଣ୍ଟ ଗୁଡିକର ମରାମତି ଓ ପୁନରୁଦ୍ଧାର ଆଦି ସମସ୍ତ ପ୍ରକାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ସଠିକ କ୍ଷୟକ୍ଷତିର ପରିମାଣ ଜିଲ୍ଲା ଜରୁରୀ କାଳୀନ ଉପବିଭାଗ କୁ ପ୍ରେରଣ କରିବା ପାଇଁ ସମ୍ପୃକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡା ୨୦୨୫ ପୁସ୍ତକ ଉପସ୍ଥିତ ଥିବା ମନ୍ତ୍ରୀ ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା ।

# ଇନ୍ଦ୍ରାବତୀ ନଦୀ ପଠାରୁ ଅଜଣା ନରକଙ୍କାଳ ଉଦ୍ଧାର



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଏକମ୍ବା ଓ ନୂଆଗାଁ ମଧ୍ୟରେ ଥିବା ଇନ୍ଦ୍ରାବତୀ ନଦୀ ବାଲିପଠାରେ ଏକ ଅଜଣା ବ୍ୟକ୍ତିଙ୍କ କଙ୍କାଳ ଉଦ୍ଧାର କରିଛି ତେନ୍ତୁଳିଖୁଣ୍ଟି ପୋଲିସ । ଆଜି ସକାଳେ କିଛି ଗ୍ରାମ ବାସୀ ନଦୀରେ ଗାଧେଇବା ପାଇଁ ଯାଉଥିବା ବେଳେ ବାଲି ରେ ମଣିଷ ର ହାଡ଼ କଙ୍କାଳ ଦେଖିବାକୁ ପାଇଥିଲେ । ସେଠାରୁ ଗ୍ରାମ ବାସି ମାନେ ସ୍ଥାନୀୟ ସରପଞ୍ଚ କୁ ଜଣାଇଥିଲେ। ଏ ବାବଦରେ ସ୍ଥାନୀୟ ସରପଞ୍ଚ ତେନ୍ତୁଳିଖୁଣ୍ଟି ଥାନାରେ ଜଣାଇଥିଲେ । ଖବର ପାଇ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ ଟୁଡୁ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି। ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣିଆଙ୍କ ଉପସ୍ଥିତି ରେ କଙ୍କାଳ ଜବତ କରାଯାଇଛି, କଙ୍କାଳ ସହ ଏକ ମୋବାଇଲ ଇଏର ଫୋନ ଥିବା ଯୋଗୁଁ ଏକ ପୁରୁଷ ଲୋକ ର ଶବ ହୋଇଥିବା ଅନୁମାନ କରାଯାଉଛି। ପ୍ରାଥମିକ ତଦନ୍ତରୁ ଏହା ହତ୍ୟା କରାଯାଇଥିବା ସନ୍ଦେହ କରୁଛି ପୋଲିସ । ଘଟଣା ସ୍ଥଳରେ ସାଇନଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ ସହ ଅଧିକ ତଦନ୍ତ କରିଛନ୍ତି। ପୋଲିସ ୬/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରୀ ରଖିଛି।

# ମାଉଲି ମା'ଙ୍କ ମଣ୍ଡେଇ ଯାତ୍ରା

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଧୋଡ୍ରା ପାରା ଠାରେ ଥିବା ମାଉଲିଙ୍କ ମଣ୍ଡେଇ ଯାତ୍ରା ଶନିବାର ଅର୍ଥାତ୪,୫,୨୦୨୫ ତାରିଖ ଦିନ ହୋଇଛି । ଏହି ଅବସରରେ ପରମ୍ପରା ଅନୁଯାୟୀ ଗାଉଁଟିଆ, ସାତ ପାଲି ର ସିଆନ୍ ସୁଜନ, ମନ୍ଦିର ପରିଚାଳନା କମିଟି ତରଫରୁ ଜିଲ୍ଲା ତଥା ଗ୍ରାମାଞ୍ଚଳ ର ଦେବା ଦେବୀ , ଶିରା ଗାଉଁଟିଆ, ମହୁରିଆ ଶିଆନ୍, ସୁଜନ ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ନିମନ୍ତ୍ରଣ ରକ୍ଷା କରି ଦେବାଦେବୀଙ୍କ ପ୍ରତୀକ ଲାଠି, ଖଣ୍ଡା,ଚୌକି, ବିମାନ, ପାଲିଙ୍କି ନେଇ ମଣ୍ଡେଇ ଯାତ୍ରା ରେ ଆସି ପହଞ୍ଚିଥିଲେ। ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ଭେଟଘାଟ ସହ ମା ଙ୍କ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ ବୋଲି ସାତପାଲି ର ଗ୍ରାମ ମୁଖ୍ୟା ସୂଚନା ଦେଇଛନ୍ତି। ଯାହା ଫଳରେ ଚଳ ଚଞ୍ଚଳ ହୋଇ ଉଠିଛି ମା ଙ୍କ ପୀଠ।

# ପହଲଗାମ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



ଉମରକୋଟ:(ଭାସ୍କର ନ୍ୟୁଜ୍): ଜମ୍ମୁ କାଶ୍ମୀରର ପହଲଗାମରେ ନିରୀହ ୨୬ ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଧର୍ମ ପଚାରି ଗୁଳି କରି ହତ୍ୟା କରିଥିବା ପ୍ରତିବାଦରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବଣିକ ସଂଘ ଓ ସ୍ଥାନୀୟ ହିନ୍ଦୁ ସଂଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ଥାନୀୟ ହନୁମାନ ମନ୍ଦିର ଛକରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପହଲଗାମରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ପରେ ବସଷ୍ଟାଣ୍ଡ ଠାରେ ନିରବ ପାର୍ଥନା କରିବା ସହ ପାକିସ୍ତାନ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଣିକ ସଂଘ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ପଦ୍ମଶ୍ରୀ ଡଃ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦଶମ ବାର୍ଷିକ ଉତ୍ସବ ପାଳିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଟାଉନ ହଲ ଠାରେ ପଦ୍ମଶ୍ରୀ ଡ଼ଃ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତିର ଦଶମ ବାର୍ଷିକ ଉତ୍ସବ ପାଳନ କରାଯାଇଅଛି। ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥିଭାବେ ପାରଳା ବିଧାୟକ ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିରେ ବିଧାୟକ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବର ଶୁଭାରମ୍ଭ କରିଥିଲେ ଏବଂ ଏହି ବାର୍ଷିକ ଉତ୍ସବରେ ନୃତ୍ୟ ପରିବେଷଣ କରିଥିବା ନୃତ୍ୟ କଳାକାରମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ । ଏହି ବାର୍ଷିକ ଉତ୍ସବରେ ବିଧାୟକ ସହ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାସ, ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ଏବଂ ସଙ୍ଗୀତଜ୍ଞ ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଦିବାସୀଙ୍କ ଜମି ହସ୍ତାନ୍ତର ଦାବି



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଆଦିବାସୀ ବଙ୍ଗାଳିଙ୍କ ମଧ୍ୟରେ ଜମି ବିବାଦ କଥା କିଛି ନୂଆ କଥା ନୁହଁ। ପ୍ରତ୍ୟେକ ବର୍ଷ ଜିଲ୍ଲାର ବିଭିନ୍ନ ଅଂଚଳରେ ବଙ୍ଗାଳି ଆଦିବାସୀ ମଧ୍ୟରେ ଜମିଜମା ସଂଘର୍ଷ ଲାଗିରହିଥାଏ। କିନ୍ତୁ ସମସ୍ତ ଘଟଣା ଲୋକଲୋଚନକୁ ଆସୁନାହିଁ। ନିକଟରେ ଚିତ୍ରକୋଣ୍ଡା ତହସିଲ ଅନ୍ତର୍ଗତ କାମଓ୍ୱାଡା ମୌଜାରେ ଚଳିତ ମାସ ୨୦ ତାରିଖ ଦିନ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଜମିଜମା ଘଟଣାକୁ ନେଇ ବଚସା ହୋଇଥିଲା। ଜିଲ୍ଲା ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ସମସ୍ୟା ନିୟନ୍ତ୍ରଣକୁ ଆସିଥିଲା। ଆଦିବାସୀମାନେ ଜମିର ଉର୍ବରତା ବଢ଼େଇବା ପାଇଁ ପଦା ଜମିଗୁଡିକ ବର୍ଷେ ଦି'ବର୍ଷ ବ୍ୟବଧାନରେ ଚାଷ କରିଥାନ୍ତି। ଏହାର ସୁଯୋଗ ନେଇ ପୂର୍ବ ପାକିସ୍ତାନ ଶରଣାର୍ଥୀ, ବାଂଲାଦେଶୀ ଶରଣାର୍ଥୀ କିମ୍ବା ବେଆଇନ ଭାବେ ଅନୁପ୍ରବେଶକାରୀମାନେ ତହସିଲର ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଚଂଚକତା କରି ଆଦିବାସୀ ଚାଷ କରିଆସୁଥିବା ଦଖଲ ଜମିଗୁଡ଼ାକ ନିଜ ନାମରେ ଏନକ୍ରୋଚ କେସ କରେଇବାରେ ସଫଳ ହୋଇ ଜମି ହଡପ କରୁଛନ୍ତି। ଏଣୁ ସମସ୍ତ ଏନକ୍ରୋଚ କେସଗୁଡିକ ବାତିଲ କରି ମୂଳ ଜମି ଆଦିବାସୀଙ୍କୁ ଫେରେଇବାକୁ ଦାବି କରିଛି ଅନୁସୂଚିତ ଜାତି/ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି। ଆଉ ମଧ ଅନେକ ଜାଗାରେ ଆଦିବାସୀଙ୍କ ପଟ୍ଟା ଜମି ମଧ ପୂର୍ବ ପାକିସ୍ତାନର ଶରଣାର୍ଥୀମାନେ ହଡପ କରି ରଖିଛନ୍ତି। ସେ ସମସ୍ତ ଜମି ମୂଳ ଆଦିବାସୀଙ୍କୁ ଫେରସ୍ତ କରିବାକୁ ଦାବିକରି ଜମିହୀନ ମୂଳନିବାସୀଙ୍କୁ ୪୦ ଡ଼ିସିମିଲ ଘରବାରି ପଟ୍ଟା ଓ ପାଂଚ ଏକର ଚାଷ ଉପଯୋଗୀ ଜମି ପ୍ରଦାନ କରିବାକୁ କ୍ରିୟାନୁଷ୍ଠାନ କମିଟି ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମହାମହିମ ରାଜ୍ୟପାଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଘଟଣାକୁ ଏଡାଇ ଦିଆଯାଇନପାରେ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକ ପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟିର ସଭାପତି ଜାରାଶବର ମାଢ଼ି, ସାଧାରଣ ସମ୍ପାଦକ ହରିବନ୍ଧୁ ଗୋଲାରୀ, ଉପଦେଷ୍ଟା ପ୍ରଭାକର ହନ୍ତାଳ, ଉପ ସଭାପତି କାମେଶ୍ୱର ରାଓ, ଜିଲ୍ଲା ଆଦିବାସୀ ସଂଘ ସଭାପତି ବାଲରାଜୁ ଗେମେଲ, କୋଷାଧ୍ୟକ୍ଷ ବୁଦ୍ରା କାର୍ତାମି କାର୍ଯ୍ୟକାରୀ ସଭାପତି ସୋନୁ ଅନୁଗୁ, ଜିଲ୍ଲା ସରପଂଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି, କୋୟା ସମାଜ ସଭାପତି ମୁକୁନ୍ଦ ପଡ଼ିଆମି, ସାଙ୍ଗଠନିକ ସମ୍ପାଦକ ସନାତନ କବାସୀ ଓ ବାଗା ମାଢ଼ି ପ୍ରମୁଖ ଉପସ୍ଥିତ ଥିଲେ।

# କାଜୁ ରପ୍ତାନୀ ପ୍ରୋତ୍ସାହନ ଓ ମାର୍କେଟିଂ କର୍ମଶାଳା



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାର ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ କାଜୁ ରପ୍ତାନୀ , ପ୍ରୋତ୍ସାହନ ଏବଂ ମାର୍କେଟିଂ କର୍ମଶାଳା ଶିବିର ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମଶାଳା ଶିବିରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବରେ ଅଶୋକ କୁମାର ବେହେରା, ନିର୍ଦ୍ଦେଶକ,ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା, ଶ୍ରୀ କମଳଜିତ ଦାସ, ଯୁଗ୍ମ ସଚିବ, ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା, ଶ୍ରୀ କମଳ କାନ୍ତ ସାହୁ, ମୁଖ୍ୟ ଭାରତୀୟ ରପ୍ତାନୀ ସଂଗଠନ ଫେଡେରେସନ୍ , ଓଡ଼ିଶା , ସଞ୍ଜୟ କୁମାର ପ୍ରଧାନ, ସିଇଓ , ୟୁଲଟ୍ରା ବାଣିଜ୍ୟ ଓ ଯୋଗାଯୋଗ ଓଡ଼ିଶା , ନୀତେଶ ମହାନ୍ତି, ସହକାରୀ ସାଧାରଣ ପରିଚାଳନା, ୟୁକୋ ବ୍ୟାଙ୍କ, ସୁନାରାମ ସିଂ, ଜିଲ୍ଲା ସାଧାରଣ ପରିଚାଳନା,ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ, ଗଜପତି ଓ ପ୍ରଣବ କୁମାର, ବ୍ରାଞ୍ଚ ପରିଚାଳକ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଏହି କର୍ମଶାଳା ମାଧ୍ୟମରେ ଗଜପତି ଜିଲ୍ଲାର ଛୋଟ ଛୋଟ ବ୍ୟବସାୟୀଙ୍କୁ ଉତ୍ସାହିତ କରିବା ସହ କାଜୁ ବ୍ୟବସାୟୀଙ୍କ ରପ୍ତାନୀ କରିବାପାଇଁ ସଚେତନତା ସୃଷ୍ଟି କରିବା । ଏହି ଅବସରରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ପକ୍ଷରୁ ଏକ ପାମ୍ପଲେଟ ଜିଲ୍ଲାପାଳଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ପରେ ପରେ କର୍ମଶାଳାରେ କାଜୁ ରପ୍ତାନୀ ଓ ବ୍ୟବସାୟ କ୍ଷେତ୍ରରେ ସପୁରି, ଆମ୍ବ, ପଣସ, ଅମୃତ ଭଣ୍ଡା ଓ ଗୋଲ ମରିଚ ଇତ୍ୟାଦି କିପରି ଅଧିକରୁ ଅଧିକ ବ୍ୟବସାୟ କରି ଅର୍ଥ ଉପାର୍ଜନ କରିପାରିବେ ସେନେଇ କର୍ମଶାଳାରେ ଆଲୋଚନା କରାଯାଇଥିଲା । ଏହି କର୍ମଶାଳାରେ ଏନ.ବିରାରାଜୁ, ଅଧ୍ୟକ୍ଷ, ପଞ୍ଚାୟତ ସମିତି ଗୋସାଣୀ,ଶ୍ରୀ ରବିନ୍ଦ୍ର ଆଡେକ, ମୁଖ୍ୟ କୃଷି ଅଧିକାରୀ ଗଜପତି, ଶ୍ରୀ ସୁଶାନ୍ତ ରଞ୍ଜନ ଦାସ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଗଜପତି, ଶ୍ରୀ ଟିମନ ବାରା, ଡିପିଏମ, ଓଏଲଏମ, ଗଜପତି, ପ୍ରଦୀପ୍ତ ଗୁରୁମାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଜପତି, ଦିପା କମ୍ପାନୀର ଜେନରାଲ ମ୍ୟାନେଜର ଶ୍ରୀ ବଦ୍ରିନାରାୟଣ ମିଶ୍ର,ଶ୍ରୀ ସୁଭଲ ଜେନା ମଣି, ସିଇଓ ,ଓର୍ମାସ୍ ଗଜପତି , କାଜୁ ବ୍ୟବସାୟୀ ସଂଘ ସଭାପତି ଅନିଲ କୁମାର ଓ ସେକ୍ରେଟାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କାଜୁ ମାଲିକ ଓ କାଜୁ ବ୍ୟବସାୟୀ ଓ କୃଷକ ପ୍ରମୁଖ ଯୋଗଦେଇଥିଲେ।

# ଦଶମ ପରୀକ୍ଷାରେ ମାଲକାନଗିରି ଛାତ୍ରଛାତ୍ରୀଙ୍କ ସଫଳତା

ମାଲକାନଗିରି (ଭାସ୍କର ନ୍ୟୁଜ୍): ଚଳିତ ୨୦୨୪-୨୫ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ମାଲକାନଗିରି ଜିଲ୍ଲା ଆଶାନୁରୂପ ସଫଳତା ହାସଲ କରିଅଛି । ଜିଲ୍ଲାର ମୋଟ ୮୦୩୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ଏ୧ ଗ୍ରେଡ୍ ରେ ୧୨ ଜଣ, ଏ୨ ଗ୍ରେଡ୍‌ରେ ୪୬ ଜଣ, ଏ୧ ଗ୍ରେଡରେ ୧୨୧ ଜଣ, ଏ୨ ଗ୍ରେଡ୍ ରେ ୫୪୬ ଜଣ, ସି ଗ୍ରେଡ୍‌ରେ ୧୮୯୯ ଜଣ, ଡ ଗ୍ରେଡ୍‌ରେ ୩୫୬୯ ଜଣ ଓ ଇ ଗ୍ରେଡ୍‌ରେ ୧୫୫୭ ଜଣ ସ୍ଥାନ ଅଧିକାର କରି ମୋଟ ଶତକଡା ୯୬.୪୧ ଭାଗ ଛାତ୍ର ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ରାଜ୍ୟସ୍ତରରେ ଜିଲ୍ଲା ୧୯ ତମ ସ୍ଥାନ ହାସଲ କରିଅଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ସଫଳତା ହାର ବୃଦ୍ଧି ପାଇଅଛି ଓ ରାଜ୍ୟରେ ୨୫ ତମ ସ୍ଥାନରୁ ୧୯ ତମ ସ୍ଥାନକୁ ଉନ୍ନୀତ ହୋଇଅଛି । ଜିଲ୍ଲାର ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ତତ୍ପରତା ଓ ସଚେତନତା, ଜିଲ୍ଲା ପ୍ରଶାସନର ମାର୍ଗଦର୍ଶନ ଓ ସହାୟତା ଯୋଗୁଁ ସମ୍ଭବ ହୋଇପାରିଛି । ଏତଦ୍ ବ୍ୟତୀତ ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ତତ୍ତ୍ୱାବଧାନ, ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପ୍ରୟାସ ଓ ଶିକ୍ଷାର୍ଥୀ ମାନଙ୍କ କଠିନ ପରିଶ୍ରମ ଓ ଏକାଗ୍ରତା ଏହି ସଫଳତା ଆଣି ଦେଇଅଛି । ଏ୧ ଓ ଏ୨ ଫଳ ହାସଲ ପାଇଁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଦ୍ୱାରା ବିଭିନ୍ନ ବ୍ଲକରେ ୮ ଟି ଶିକ୍ଷଣ କେନ୍ଦ୍ର ସ୍ଥାପନ କରି ପ୍ରତି ଶନିବାର ଦିନ ଭର୍ଚୁଆଲ୍ ଶ୍ରେଣୀ ପରିଚାଳନା, ପ୍ରତି ରବିବାର ଦିନ ପ୍ରତ୍ୟକ୍ଷ ଶ୍ରେଣୀ ପରିଚାଳନା, ସାପ୍ତାହିକ ସନ୍ଦେହମୋଚନ ଓ ପରୀକ୍ଷା ପରିଚାଳନା କରି ଗଠନମୂଳକ ପଦକ୍ଷେପ ଦ୍ୱାରା ଜିଲ୍ଲାର ଏହି ସଫଳତା ବୃଦ୍ଧି ପାଇଅଛି ଓ ଏ୧ ଓ ଏ୨ ଶ୍ରେଣୀରେ ଅଧିକ ପିଲା ସ୍ଥାନ ଅଧିକାର କରିଛନ୍ତି । ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାର ଏହି ସଫଳତା ଆଗାମୀ ଦିନରେ ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ମାନଙ୍କୁ ପ୍ରେରଣା ଯୋଗାଇ ଅଧିକ ସଫଳତା ପାଇଁ ଉତ୍ସାହିତ କରିବ ବୋଲି ଆଶା କରାଯାଉଅଛି ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଜଏଣ୍ଟ ତଦନ୍ତ ନିର୍ଦ୍ଦେଶ

ସମ୍ବଲପୁର(ଭାସ୍କର ନ୍ୟୁଜ୍): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ନୋଡ଼ାଲ ହାଇସ୍କୁଲ ପାରୁଆ ଭାଡିରେ ମହାଦୁର୍ନୀତି ସଂକ୍ରାନ୍ତରେ ପାରୁଆ ଭାଡିର ପୁରାତନ ସରପଞ୍ଚ ଜଗଦୀଶ ପ୍ରସାଦ ଖଣ୍ଡେଲଓ୍ୱାଲ ଓ ଗ୍ରାମବାସୀ ଗୁରୁତର ଅଭିଯୋଗ କରିଥିଲେ। ତଦମତେ ଦୈନିକ ଓଡିଶା ଭାସ୍କରରେ ଏହି ଖବର ପ୍ରକାଶ ପାଇଥିଲା। ପାରୁଆଭାଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ୧ବର୍ଷ ହେଲା ଡିଇଓ, ବିଇଓ ଏବଂ ସବ୍‌କମିଟି ଗଠନ ପରେ, ୩ଜଣ ଅନ୍ୟାନ୍ୟ ପ୍ରଧାନଶିକ୍ଷକ ତଦନ୍ତ ରିପୋର୍ଟ ସମ୍ବଲପୁର ଶିକ୍ଷାବିଭାଗର ଡିଇଓଙ୍କୁ ପ୍ରଦାନ କରିଥିଲେ, କିନ୍ତୁ ତଦନ୍ତ ରିପୋର୍ଟ ପାଇବାପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚପାଇ ଦିଆଯାଇଥିଲା, ପୂର୍ବତନ ଡିଇଓଙ୍କ କାର୍ଯ୍ୟକଳାପରେ ଉତ୍‌କ୍ଷିପ୍ତ ଥିଲେ

**'ଓଡିଶା ଭାସ୍କର'ର ପ୍ରଭାବ**

ଗ୍ରାମବାସୀ ଓ ପୂର୍ବତନ ସରପଞ୍ଚ । ଏତେ ବଡ଼ ତଥ୍ୟଭିତ୍ତି କ ପ୍ରମାଣ ସହ, ସମ୍ବଲପୁର ମୁଖ୍ୟମନ୍ତ୍ରୀ ଗ୍ରୀଭାନ୍ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତକରି ଅଭିଯୋଗ କରିଥିଲେ। ରେଫେରେନ୍ସଡିଏନ୍ ୨୦୨୪୯୯୬୭୭୪ମିଶ ମେନେଜମେଣ୍ଟ ଚିଠି ଓଡିଶା ଶିକ୍ଷାସଚିବ ପ୍ରାପ୍ତ ପରେ ଡିବି ଓ ସମ୍ବଲପୁର ଇଏସ୍‌ଏସ୍ ଟି ନଂ ୩୩୬୮ ତା୧୧.କ୍ଷ୪,୨୦୨୫ରେ ସମ୍ବଲପୁର ଜିଲ୍ଲାପାଳ ଓ ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛନ୍ତି। ଚିଠିରେ ପ୍ରଧାନ ଶିକ୍ଷୟିତ୍ରୀ ଅନୁସୟା ବେହେରାଙ୍କୁ ତୁରନ୍ତ ଓଡିଶାର ଅନ୍ୟ ହାଇସ୍କୁଲକୁ ବଦଳି କରିବା, ଏବଂ ଯେହେତୁ ଅଭିଯୋଗର ସତ୍ୟତା ରହିଛି, ଏଣୁ ତାଙ୍କ ନାମରେ ଜଏଣ୍ଟ ତଦନ୍ତ କରି ପ୍ରୋସିଡିଂ କରିବା ସହ, ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି। ଏହି ଜଏଣ୍ଟ ତଦନ୍ତ ସମ୍ବଲପୁର ଜିଲ୍ଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା ଓ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି।

# ହତ୍ୟା କରି ଆତ୍ମସମର୍ପଣ କଲା ଅଭିଯୁକ୍ତ

ଗୁଣୁପୁର(ଭାସ୍କର ନ୍ୟୁଜ): ଶାନ୍ତ ଅଂଚଳ ଅଶାନ୍ତ ହଇପଡିଛି । ଡବଲ ମର୍ଡର ଘଟଣାକୁ ନେଇ ଅଂଚଳରେ ଚାଂଚଲ୍ୟ ଖେଳିଯାଇଥିବା ବେଳେ ଆଉ ଏକ ହତ୍ୟା ଘଟଣା ସାଧାରଣରେ ଆତଙ୍କ ଖେଳାଇଦେଇଛ। ରାୟଗଡା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ଡମ୍ବସରା ପଞ୍ଚାୟତ ସଉରା ବିକ୍ରମପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ନିର୍ମମ ହତ୍ୟା କରାଯାଇଛି। ମୃତକ ହେଲେ ଚୈତନ୍ୟ ଶବର ବୟସ ୪୮ ରହିଥିବା ଜଣାପଡିଛି। ମୃତ ବ୍ୟକ୍ତି ଜଣକ ନିଜ ଘରେ ଖାଉଥିବା ସମୟରେ ପଡୋଶୀ ଯୁବକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ମୃତକ ପତ୍ନୀ ମେଲୁଣି ଶବର କହିଛନ୍ତି। ପଡୋଶୀ ବ୍ୟକ୍ତି ଜଣକ ପଣ୍ଡା ଶବର ଓ ତାଙ୍କ ପୁଅ ମିଶିକି ଘର ଭିତରକୁ ଆସି ହତ୍ୟାକରିଥିଲେ ବୋଲି ମୃତକ ଙ୍କ ପତ୍ନୀ କହିଛନ୍ତି। ହତ୍ୟାକାରୀ ପଣ୍ଡା ଶବର ପଦ୍ମପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଚୈତନ୍ୟକୁ ହତ୍ୟା କରାଯାଇଥିବା ନେଇ ପଦ୍ମପୁର ଥାନା ରେ ମୃତକ ଝିଅ ଅଭିଯୋଗ କରିଛି। ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ୍ ଟିମ୍‌ର ସହାୟତା ଲୋଡିଛି ପୋଲିସ୍। ଏନେଇ ସୂଚନା ଦେଇଛନ୍ତି ଥାନା ଅଧିକାରୀ ଧରଣୀଧର ପ୍ରଧାନ।

# ଅଷ୍ଟମ ବାର୍ଷିକ ସ୍ମରଣ ମହୋତ୍ସବ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ର ସଦର ମହକୁମା ର ଶ୍ରୀ ନୃସିଂହନାଥ ମଠ ଠାରେ ଗତ ଏପ୍ରିଲ ୨୬ ତାରିଖ ଠାରୁ ଚଳିତ ମାସ ୪ ପର୍ଯ୍ୟନ୍ତ ଚାଲୁଥିଲା । ଗତ ୨୬ ତାରିଖ ଦିନ କଳସ ଯାତ୍ରା ଅନଷ୍ଠିତ ହୋଇଥିଲା। ଗତ ୨୭ ତାରିଖ ରବିବାର ଠାରୁ ୩ ତାରିଖ ପର୍ଯ୍ୟନ୍ତ ଭାଗବତ ସପ୍ତାହ ଜ୍ଞାନ ଯଜ୍ଞ ସକାଳ ୭.୩୦ ଠାରୁ ଅପରାହ୍ନ ୧୨.୩୦ ଓ ସଂଧ୍ୟା ୭ ଠାରୁ ୯ ଘଣ୍ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ପାରାୟଣ ବ୍ୟାସ ମହନ୍ତ ସନାତନ ଦାସ ମହାରାଜ ( ବୃନ୍ଦାବନ), ମହନ୍ତ ସନ୍ତ ଚରଣ ଦାସଜୀ, ଧାରକ ପଣ୍ଡିତ ମହାରାଜ (ବ୍ରହ୍ମପୁର) , ଶ୍ରୀ ଗୋପାଳ କୃଷ୍ଣ ରଥ, ପ୍ରବଚକ ଶ୍ରୀ ମହନ୍ତ ରାମକୃଷ୍ଣ ଦାସଜୀ ମହାରାଜ (ଗାଙ୍ଗଦହଣୀ,ଗଞ୍ଜାମ) , ଆଜି ଅନ୍ତିମ ଦିବସରେ ଅଷ୍ଟପ୍ରହରୀ ସହ ,୫୬ ଭୋଗ ଆରାଧନା ଓ ସଂଧ୍ୟା ରେ ନଗର ସଂକୀର୍ତ୍ତନ ଓ ପ୍ରସାଦ ସେବନ କରାଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମ ନୃସିଂହନାଥ ମଠର ଶ୍ରୀ ମହନ୍ତ ମଦନ ଗୋପାଳ ଦାସଜୀ ମହାରାଜ ଓ ଶିଷ୍ୟ ବୃନ୍ଦ ପରିଚାଳନା କରିଥିଲେ ।



# ||| ଅବକାରୀ ଚଢ଼ାଉ |||

# ୩୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ



ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ଅବକାରୀ ମୋବାଇଲ (ଜିଲ୍ଲାର) ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଇ ଏପ୍ରିଲ ମାସରେ ୫୨ଟି ମୋବାଇଲ କେଶ୍ କରାଯାଇ ୧୪ ଜଣ ମଦ ଚୋରା ଚାଲାଣକାରୀଙ୍କୁ ଗିରଫ୍ କରାଯିବା ପରେ କୋର୍ଟ ଫରଓ୍ୱାର୍ଡ୍ କରାଯାଇଥିବା ଜଣାଇଯାଇଛି । ଜିଲ୍ଲା ଅବକାରୀ ଅଧିକ୍ଷକ ସୁବନ୍ନ ନାୟକଙ୍କ ନିର୍ଦ୍ଦେଶରେ ଓ ଅବକାରୀ (ମୋବାଇଲ) ଇନ୍ସପେକ୍ଟର୍ ରଶ୍ମିତା ଲାକ୍ରା, ଗୋକୁଲ ଧର, ଏ.ଏସ୍.ଆଇ. ନନ୍ଦି କେଶରୀ ପ୍ରଧାନ, ଶ୍ରୀକାନ୍ତ ସାହୁ, ଅମିତ୍ ଦୀପ୍, କୁନ୍ତଳା ଭୁଏ, ଅସିତ୍ ଭୋଇ ପ୍ରମୁଖ କର୍ମଚାରୀଙ୍କ ଦ୍ୱାରା ଜିଲ୍ଲା ତମାମ୍ ଅବକାରୀ ଚଢ଼ାଉରେ ଆଇ.ଡି. ଲିକର୍ ୧୫୯୯ ଲିଟର୍, ମହୁଲ ପୋଚ୍ ୩୧ ହଜାର ଛଅ ଶହ କ୍ୱିନ୍‌ଟାଲ୍, ଓ.ଏସ୍. ଲିକର୍ ୩୪୬ ଲିଟର୍, ବିଅର ୯ ଲିଟର, ମହୁଲ ଫୁଲ ୩୪ କ୍ୱିନ୍‌ଟାଲ୍ ୨୦ କେ.ଜି., ଅପମିଶ୍ରିତ ମଦ ସହ ୨ଟି ପିକ୍‌ଅପ୍ ଭ୍ୟାନ୍ ମୋଟ୍ ୩୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ୍ ହୋଇଛି ।

# ବିଶ୍ୱ ପ୍ରେସ ଦିବସ ପାଳିତ



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ଦୁଇ ଠାରେ ବିଶ୍ୱ ସାମ୍ବାଦିକ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ।ଏଥିରେ ବରିଷ୍ଠ ସାମ୍ବାଦିକ, ଖଡ଼ିଆଳ କାର୍ଯ୍ୟରତ ସାମ୍ବାଦିକ ପରିଷଦର ସଂଯୋଜକ ତପନ ରଞ୍ଜନ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ନୂଆପଡା ଜିଲ୍ଲା ବରିଷ୍ଠ ସାମ୍ବାଦିକ ଅଜିତ କୁମାର ପଣ୍ଡା, ସହ- ସଂଯୋଜକ ମୋତିଲାଲ ବାଗ, କୋର କମିଟି ସଦସ୍ୟ ପରମେଶ୍ୱର ବାରିକ, କୋର କମିଟି ସଦସ୍ୟ ଯୋଗେଶ୍ୱର ସଗରିଆ, ମଂଚାସୀନ ଥିଲେ। ସଭାରେ ଅତିଥି ମାନେ ସାମ୍ବାଦିକ ଓ ସାମ୍ବାଦିକତା ଉପରେ ନିଜ ନିଜର ମନ୍ତବ୍ୟ ରଖିଥିଲେ। ସଭାରେ ବହୁତ ଶିକ୍ଷଣୀୟ ମନ୍ତବ୍ୟ ଶୁଣିବାକୁ ମିଳିଥିଲା। ପରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସହିସ ପତ୍ନୀଙ୍କ ବିୟୋଗ ତାଙ୍କ ଅମର ଆତ୍ମାର ସତଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।ବୈଠକରେ ପରମେଶ୍ୱର ବାରିକ ଅତିଥି ପରିଚୟ କରିଥିବା ବେଳେ ଯୋଗେଶ୍ୱର ସଗରିଆ, ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସାମ୍ବାଦିକଙ୍କ ମଧ୍ୟରୁ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସହିସ,ସନ୍ତୋଷ କୁମାର ଦଣ୍ଡସେନା,ହେମନ୍ତ କୁମାର ବେହେରା, କୁନାଲ ଚରଣ ବେହେରା, ଗଣେଶ ରଣା,ପିନା ସାହୁ, ସମୀର ମେହେର, ଯୁଗଳ ମହାନନ୍ଦ, ଦେବେଶ ହୋତା, ସତ୍ୟ ବ୍ରତ ଷଡ଼ଙ୍ଗୀ,ଚନ୍ଦ୍ର ଶେଖର ବେହେରା, ଦୀନବନ୍ଧୁ ଛତ୍ରିଆ,ଶ୍ୟାମ ସୁନ୍ଦର ସଗରିଆ, ମାଇକେଲ ନନ୍ଦ, ପ୍ରମୁଖ ସାମିଲ ଥିଲେ।



ଗୋପ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନାଗପୁର ଗ୍ରାମ ପଞ୍ଚାୟତ ନାଗପୁର ନୋଡାଲ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ନିର୍ମଳ କୁମାର ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ମହା ଆଡ଼ମ୍ବରରେ ଆୟୋଜନ କରାଯାଇଥିଲା । ଏହି ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜ ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅଳ ଓଷ୍ଟାନ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଆଜୀବନ ସଭାପତି ରମାକାନ୍ତ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ସୁକାନ୍ତ କୁମାର ପୃଷ୍ଟି, ମୁଖ୍ୟବକ୍ତା ଭାବେ ସେହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦୟାନିଧି ଦାଶ, ସୂର୍ଯ୍ୟକାନ୍ତ ମହାପାତ୍ର, ଜଗନ୍ନାଥ ହାଇସ୍କୁଲର ପ୍ରଧାନ ଶିକ୍ଷକ ରମାକାନ୍ତ ସେଠୀ, ଗଣେଶ୍ୱରପୁର ହାଇ ସ୍କୁଲ ର ପ୍ରଧାନ ଶିକ୍ଷକ ଇଶ୍ୱର ଚନ୍ଦ୍ର ପୃଷ୍ଟି ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଦସ୍ୟ ସଦସ୍ୟା, ବିଦ୍ୟାଳୟର ସମସ୍ତ ସହକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ଛାତ୍ର ଛାତ୍ରୀ ଉପକଣ୍ଠରେ ସହ ବିଦାୟ ନେଉଥିବା ଶିକ୍ଷକ ନିର୍ମଳ କୁମାର ଦାଶ ଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଗୀତା, ଭାଗବତ ଗ୍ରନ୍ଥ, ପିଲାମାନେ ଆଣିଥିବା ଗିଫ୍ଟ ଦେଇ ବାଜା ବାଣ ରୋଶଣାରେ ବଜାର ପରିକ୍ରମା କରି ତାଙ୍କ ଜନ୍ମ ସ୍ଥାନ ଲକ୍ଷ୍ମୀ ନାରାୟଣ ପୁର ଶାସନ ନାଗପୁରରେ ଛାଡ଼ିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଭଞ୍ଜ, ବିଚିତ୍ରା ନନ୍ଦ ପ୍ରଧାନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।



## ପୁଣି ସର୍ବ କୁମାର ବିଷୋୟୀ ମାଲକାନଗିରି ବ୍ଲକ ବିଜେଡି ସଭାପତି



ମାଲକାନଗିରି (ଭାସ୍କର ନ୍ୟୁଜ): ରାଜ୍ୟ ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତିଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଏବଂ ସହରାଞ୍ଚଳରୁ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ । ଆଜିର ଏହି ବୈଠକରେ ଜିଲ୍ଲାରେ ଥିବା ମୁନିଶିପାଲିଟି ଓ ଏନ୍‌ଏସି ସହ ସାତୋଟି ବ୍ଲକରେ ବିଜେଡ଼ିକୁ ସୁଦୃଢ଼ କରିବା ପାଇଁ ନୂତନ ଭାବେ ସଭାପତି ତାଲିକା ଘୋଷଣା କରାଜାଇ ତାର ତାଲିକା ରାଜ୍ୟ ବିଜେଡି ସୁପ୍ରିମୋଙ୍କ ନିକଟକୁ ପଠାଯାଇଥିଲା । ସେଥି ମଧ୍ୟରୁ ମାଲକାନଗିରି ବ୍ଲକ ସଭାପତି ପାଇଁ ପୁଣି ଆସ୍ଥା ଏବଂ ବିଶ୍ୱାସ ପ୍ରକଟ କରି ସର୍ବ କୁମାର ବିଷୋୟୀଙ୍କ ନାମ ଘୋଷଣା କରାଯାଇଥିଲା । ମାଲକାନଗିରି ବ୍ଲକର ବିଜେଡିର ଜଣେ ଦକ୍ଷ, ଛାମୁଆ, ସମସ୍ତଙ୍କ ପରିଚିତ, ଲୋକପ୍ରିୟ, ସମାଜସେବୀ ଏବଂ ସୁସଂଗଠକ ସର୍ବ କୁମାର ବିଶୋଇ ପୁଣିଥରେ ମାଲକାନଗିରି ବ୍ଲକର ବିଜେଡି ସଭାପତି ରୂପେ ମନୋନୀତ ହୋଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ଶ୍ରୀ ବିଶୋଇ ୨୦୧୨ ମସିହାରୁ ଲଗାତାର ଭାବରେ ଦୀର୍ଘ ୦୯ ବର୍ଷରୁ ଅଧିକା ସମୟ ବ୍ଲକର ଜଣେ ସଫଳ ସଭାପତି ରୂପେ ବହୁ ଜନହିତକର କାର୍ଯ୍ୟ କରିବାର ନଜର ରହିଛି । ତାଙ୍କ ସମୟରେ ରାଜ୍ୟ ବିଜେଡି ମାଲକାନଗିରି ବିଧାନ ସଭା ଆସନ, ଜିଲା ପରିଷଦ ଆସନ ଏବଂ ପଞ୍ଚାୟତ ସମିତି ଅଧକ୍ଷ ପଦବୀ ଆକ୍ଲେଶରେ ଅକ୍ତିଆର କରିବାର ସୂଚନା ରହିଛି । ସେହିଭଳି ମାଲକାନଗିରି ମୁନିସିପାଲଟି ପାଇଁ ବି.ବାଲାରାଜୁ , ବାଲିମେଲା ଏନ୍ ଏ ସି ପାଇଁ ରାଜେନ୍ଦ୍ର କୁଲଦୀପ, ପଡ଼ିଆ ବ୍ଲକ ପାଇଁ ସି ଏଚ୍ ରାବିଡ କୁମାର, କାଲିମେଳା ପାଇଁ ଶଙ୍କର ହାଲଦାର , ଚିତ୍ରକୋଣ୍ଡା ପାଇଁ ରାମ ଚନ୍ଦ୍ର ଗଲେଲ , ଖାଇରପୁଟ ପାଇଁ ସାଧୁ ହେନ୍ତାଳ , ମାଥିଲି ପାଇଁ ସଦାଶିବ ପୁଜାରୀ ଓ କୋରୁକୋଣ୍ଡ ବ୍ଲକ ପାଇଁ ତ୍ରିଲୋଚନ ଚୌଧୁରୀ ଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରି ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମି ସମସ୍ତ କର୍ମୀଙ୍କ ଉପସ୍ଥିତି ରେ ଘୋଷଣା କରିଥିବା ସୁଚନା ରହିଛି ।

## ସୋମବାରଠାରୁ ମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ କେନ୍ଦୁଝର ଗସ୍ତ
## ଧରଣୀଧରଙ୍କ ଜୟନ୍ତୀରେ ଯୋଗଦେବେ



କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେ ୫ତାରିଖ ସୋମବାର ଦିନ ଦୁଇ ଦିନିଆ ଗସ୍ତରେ କେନ୍ଦୁଝର ଜିଲ୍ଲାକୁ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସରକାରୀ ଭାବେ ସୂଚନା ରହିଛି । ଭୁବନେଶ୍ୱରରୁ ସେ ସୋମବାର ସକାଳୁ ଏକ ସ୍ୱତନ୍ତ୍ର ବିମାନରେ କେନ୍ଦୁଝର ଜିଲ୍ଲାର ସଦରବ୍ଲକ ଅନ୍ତର୍ଗତ ଉପର କୁସୁମିତା ଯାଇ ମହାନ ବିପ୍ଳବୀ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପୂର୍ବାହ୍ନ ୧୦.୪୫ମିନିଟରେ ଜୟନ୍ତୀ ସଭାରେ ଯୋଗ ଦେବେ । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଭିଟି-ଏଚଏଲକ୍ୟୁ ହେଲିକପ୍ଟରରେ ଦିନ ୧୦ .୦୦ରେ ଉପର କୁସୁମିତା ଅସ୍ଥାୟୀ ହେଲିପ୍ୟାଡରେ ପହଂଚିବାର କାର୍ଯ୍ୟକ୍ରମ ରହିଛି । ସେଠାରୁ ଉପର କୁସୁମିତା ଗ୍ରାମକୁ ଯାଇ ସଭାରେ ଯୋଗ ଦେଇ କେନ୍ଦୁଝର ସଦର ମହକୁମାକୁ ଆସି ସର୍କିଟ ହାଉସରେ ବିଶ୍ରାମ ନେଇ ଅପରାହ୍ନ ୪.୩୦ରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଯାଇ ଟ୍ରମା କେୟାର ଓ ରୋଗୀଙ୍କ ଅନ୍ତଃ ବିଭାଗର ଉଦଘାଟନ କରିବେ । ଏହା ପରେ ଅପରାହ୍ନ ୫. ୨୫ମିନିଟରେ ପୋଲିସ ରିଜର୍ଭଠାରେ ନୂତନ କାର୍ଯ୍ୟାଳୟ ଓ ପରେ ଟାଉନ ଥାନାର ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିବେ । ଏହାପରେ କାଳିପଡିଆ ଠାରେ ଆୟୋଜିତ ରଙ୍ଗବତୀ ମହୋତ୍ସବରେ ଯୋଗ ଦେଇ ରାତିରେ ସର୍କିଟ ହାଉସରେ ରାତ୍ରୀଯାପନ କରିବେ । ମଙ୍ଗଳବାର ଦିନର ସମସ୍ତ କାର୍ଯ୍ୟକ୍ରମ ସଂରକ୍ଷିତ ରଖାଯାଇଥିବା ବେଳେ ଅପରାହ୍ନ ୩.୦୦ରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ରହିଛି ।

## ତିନି ରଥର ମୋଟ ୨୮ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ



ପୁରୀ (ଭାସ୍କର ନ୍ୟୁଜ) : ଆଜି ରଥ ନିର୍ମାଣର ଚତୁର୍ଥ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ସକାଳ ଘ.୮.୦୦ ଟିକା ପୂର୍ବରୁ ରଥ ଖଳା ଠାରେ ଉପସ୍ଥିତ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଗତ କାଲି ତୃତୀୟ ଦିନର ନିର୍ମାଣ କାର୍ଯ୍ୟ ଶେଷ ସୁଦ୍ଧା ତିନି ରଥଚାଳିକୁ କରତୀ ସେବକ ଯୋଗାଇଥିବା ମୋଟ ୪୦ ଗୋଟି ତୁମ୍ବ ଗଡରୁ ତିନି ରଥର ମହାରଣା ସେବକମାନେ ୬ ଟି ଲେଖାଏଁ ମୋଟ ୧୮ ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଥିଲେ । ତେବେ ଆଜିର କାର୍ଯ୍ୟ ଶେଷ ସୁଦ୍ଧା ତିନି ରଥର ମୋଟ ୨୮ ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି । ଆଜିର ନିର୍ମାଣ କାର୍ଯ୍ୟ ଶେଷ ସୁଦ୍ଧା ତାଳଧ୍ୱଜ ରଥ ଏବଂ ନନ୍ଦିଘଷା ରଥର ମହାରଣା ମାନେ ୧୦ଟି ଲେଖାଏଁ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଥିବାବେଳେ ଦେବୀ ରଥର ମହାରଣା ସେବକ ମାନେ ୮ ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି । ତିନି ରଥର ୪୨ ଗୋଟି ଚକ ପାଇଁ ୪୨ ଟି ତୁମ୍ବର ଆବଶ୍ୟକତା ଥିବାବେଳେ କରତୀ ସେବକ ମାନେ ଆଜି ସୁଦ୍ଧା ୪୧ ଗୋଟି ତୁମ୍ବ ଗଡ କରି ଯୋଗାଉଛନ୍ତି । ଚିହ୍ନଟ ହୋଇଥିବା ତୁମ୍ବ କାଠକୁ କରତୀ ସେବକ ମାନେ କଟିଙ୍ଗ କଲାପରେ ଉକ୍ତ ତୁମ୍ବ ଗଡ ପୋଲା ପଡିବା ନଜରକୁ ଆସିବାରେ ତାଳଧ୍ୱଜ ରଥ ମୁଖ୍ୟ ମହାରଣା, ଦେବୀ ରଥ ମୁଖ୍ୟ ମହାରଣା ଏବଂ ରଥ ଅମୀନ ରଥ ଖଳାରେ ଗଚ୍ଛିତ ଥିବା ଅନ୍ୟ ତୁମ୍ବ କାଠକୁ ଚିହ୍ନଟ କରିଛନ୍ତି । ଆସନ୍ତାକାଲି କରତୀ ସେବକମାନେ ଚିହ୍ନଟ ତୁମ୍ବକାଠ କୁ କଟିଙ୍ଗ କରି ଯୋଗାଇବେ । ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳ ପାଇଁ ସେଡ୍ ପ୍ରସ୍ତୁତ ସହ ଶାଳ ପ୍ରସ୍ତୁତ ଶେଷ ହେବା ପରେ ଆଜିଠାରୁ ଶାଳ କାର୍ଯ୍ୟକ୍ଷମ ହୋଇଛି । ଆଜି ସକାଳ ୮ଟାରେ ତିନି ରଥର ମୁଖ୍ୟ ଓଝା ସେବକ ମାନେ କମାର ଶାଳ ପୂଜା ସହ ତିନି ରଥର ଚକ ପାଇଁ ଅର କଣ୍ଟା ପ୍ରସ୍ତୁତ କରିଛନ୍ତି । ଆଜିର କାର୍ଯ୍ୟ ଶେଷ ବେଳକୁ ଗୋଟିଏ ଗୋଟିଏ ଚକ ପାଇଁ ଆବଶ୍ୟକ ୬/୭ ଇଞ୍ଚିଆ ଅର କଣ୍ଟା ପ୍ରସ୍ତୁତ ସହ ବାକି ଚକ ଗୁଡ଼ିକର ଅର କଣ୍ଟା ନିର୍ମାଣ ପାଇଁ ଜି.ଆଇ ଲୁହା ରଡ଼ ମାପ ପ୍ରକାରେ କଟିଂ କରି ରଖିଛନ୍ତି । ରଥ ନିର୍ମାଣର ଚତୁର୍ଥ ଦିବସରେ ୩୮ ଜଣ ମହାରଣା, ୧୯ ଜଣ ଭୋଇ, ୪ ଜଣ କରତିଆ ଏବଂ ୬ ଜଣ କମାର ସେବକ ଓ ଜଣେ ରଥଖଳା ସହାୟକ କାର୍ଯ୍ୟରେ ଲାଗିଛନ୍ତି ।

## ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିନ୍ଦୁ ସାହିତ୍ୟ ସମାଜ, ଭୁବନେଶ୍ୱର ତରଫରୁ ଦଶମ ବାର୍ଷିକୋତ୍ସବ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ଠାରେ ପାଳିତ ହୋଇଯାଇଛି । ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାହିତ୍ୟିକ ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ, ସମ୍ମାନୀତ ଅତିଥି ଭାବେ ଦୈନିକ ନିତିଦିନର ସଂପାଦକ, ମନୋଜ କୁମାର ମହାପାତ୍ର, ଏବଂ ସୁସାହିତ୍ୟିକ ଡ଼କ୍ଟର ରଘୁନାଥ ପାଢୀ ଶର୍ମା ଯୋଗ ଦେଇ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ସାମଲ ଅବକ୍ଷୟମୁଖୀ ଆମ ଭାଷାର ସୁରକ୍ଷା ପାଇଁ ଯୁବ କବି ଓ ଲେଖକ ମାନେ ଆଗେଇ ଆସନ୍ତୁ ବୋଲି କହିଥିଲେ । ସମ୍ମାନିତ ଅତିଥି ଶ୍ରୀଯୁକ୍ତ ମହାପାତ୍ର ତାଙ୍କ ଅଭିଭାଷଣରେ ଓଡିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ବିନ୍ଦୁ ସାହାଯ୍ୟ ସମାଜର ଉଦ୍ୟମକୁ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଡଃ ପାଢୀ ଶର୍ମା ସାହିତ୍ୟ, ସଂସ୍କୃତି ସହ ଧର୍ମର ସମନ୍ୱୟକୁ ବିଭିନ୍ନ ଦୃଷ୍ଟିକୋଣରେ ତର୍ଜମା କରିଥିଲେ । ଇତ୍ୟବସରରେ ୨୦୨୪-୨୦୨୫ ପାଇଁ 'ବିନ୍ଦୁ ସାହିତ୍ୟ ସମ୍ମାନ', ଲବ୍ଧ ପ୍ରତିଷ୍ଠିତ କବି ବାଦଲ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା । ଏହାପରେ 'ବିନ୍ଦୁ ପ୍ରତିଭା ସମ୍ମାନ ୨୦୨୪-୨୦୨୫', ଦେବବ୍ରତ ଜେନା, ଆଶୁତୋଷ ମେହେର, ସୁରଞ୍ଜନ ପାତ୍ର ଏବଂ ଅନୁରାଧା ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା ।

## ବିଷ୍ଣୁ ଚରଣ ମହାପାତ୍ର ଓ ଅନ୍ୟ ଦୁଇ ଜଣ ବିଜେଡିରୁ ବହିଷ୍କୃତ



ବିଞ୍ଝାରପୁର ( ଭାସ୍କର ନ୍ୟୁଜ): ବିଷ୍ଣୁ ଚରଣ ମହାପାତ୍ର ବିଜେଡ଼ିର ବରିଷ୍ଠ ନେତା । ଦଶରଥପୁର ପଞ୍ଚାୟତ ସମିତିର ପୂର୍ବତନ ଉପାଧକ୍ଷ । ଏବେ ଗ୍ରାମ ନନ୍ଦିପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି । ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତଦଳର ଛାମୁଆ ନେତା । ଦଳରେ ଥାଇ ସେ ଅଲୋଡ଼ା, ଅଖୋଜା ଥିଲେ । ବର୍ଷକ ତଳୁ ସେ ଏକପ୍ରକାର ବିଜେଡ଼ି ପକ୍ଷରୁ ଛାଡ଼ିଥିଲେ । ଦଳର ପ୍ରାଥମିକ ସଭ୍ୟ ହୋଇ ନଥିଲେ । ପ୍ରାୟ ମାସକୁ ତଳୁ ସେ ବିଜେପିରେ ମିଶିବା ପାଇଁ କସରତ ଆରମ୍ଭ କରିଥିଲେ । ବରିଷ୍ଠ ବିଜେପି ନେତା ଗୌତମ ରାୟ, ଦଳୀୟ ବିଧାନ ସଭା ପ୍ରାର୍ଥିନି ବବିତା ମଲ୍ଲିକଙ୍କ ସହ ସଂପର୍କରେ ଥିଲେ । ଅମୁକ ମନ୍ତ୍ରୀଙ୍କ ଉପସ୍ଥିତିରେ ନିଜ ପଞ୍ଚାୟତରେ ଶହ ଶହ ସମର୍ଥକଙ୍କ ସେ ପଦ୍ମ ଧରିବେ । ରାଜଧାନୀରେ ମିଶ୍ରଣ ପର୍ବରେ ମିଶିବେ ନାହିଁ ବୋଲି ଶ୍ରୀ ମହାପାତ୍ର ଜିଦ୍ କରି ଥିଲେ । ଏଥିପାଇଁ ଉଭୟ ଗୌତମ ଓ ବବିତା କ୍ଷେତ୍ର ପ୍ରସ୍ତୁତ କରୁଥିଲେ । ଚଳିତ ମାସ ମିଶ୍ରଣ ପର୍ବ ହେବ ଓ ଶ୍ରୀ ମହାପାତ୍ର ଆନୁଷ୍ଠାନିକ ଭାବେ ବିଜେଡ଼ି ଛାଡ଼ି ପଦ୍ମ ଧରିବେ ବୋଲି ଏକ ପ୍ରକାର ଚୂଡାନ୍ତ ହୋଇଛି । ଏହାର ବାସ୍ନା ବାରିନେଲା ବିଜେଡ଼ି । ଆଜି ଶ୍ରୀ ମହାପାତ୍ରଙ୍କ ସମେତ ସମିତି ସଭ୍ୟା ରଶ୍ମିତା ଦାସ ଓ ମନୋରଂଜନ ପଣ୍ଡାଙ୍କୁ ଦଳ ବିରୋଧି ଓ ବିଶୃଙ୍ଖଳିତ ଆଚରଣ ପାଇଁ ଦଳରୁ ବହିଷ୍କୃତ କରିଛନ୍ତି । ତେବେ ଏହାକୁ ନେଇ ଶ୍ରୀ ମହାପାତ୍ର କୁହନ୍ତିଯେ ସେ ଦଳରେ ନଥିଲେ । ତାଙ୍କୁ ଦଳରେ ଉପଯୁକ୍ତ ସମ୍ମାନ ମିଳୁ ନଥିଲା । କୌଣସି ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଉ ନଥିଲେ । ଏପରିକି ସେ ଦଳର ପ୍ରାଥମିକ ସଭ୍ୟ ହେବାକୁ ଆଗ୍ରହ ପ୍ରକାଶ କରିନଥିଲେ । ଏହି ନିଷ୍ପତ୍ତି ଶିର ନାସ୍ତି ଶିର ପୀଡ଼ା ସଦୃଶ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହା ତାଙ୍କ ରାଜନୈତିକ ଜୀବନରେ ସାମାନ୍ୟତମ ପ୍ରଭାବ ପକାଇବ ନାହିଁ ।

## ଜିଲ୍ଲା ପ୍ରେସ୍‌କ୍ଲବ ନିର୍ବାଚନ: ଶୁଭ୍ରାଂଶୁ ସଭାପତି, ଦିଲ୍ଲୀପ ସମ୍ପାଦକ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ର ୨୦୨୫-୨୦୨୬ ବର୍ଷ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିର୍ବାଚନ ପରିଚାଳନା ଅଧିକାରୀ ଭାବରେ ଅବ୍ୟକ୍ତ ହରି ହର ଖାଡ଼ଙ୍ଗାଙ୍କୁ ନିଯୁକ୍ତ କରାଯାଇଥିଲା । ପ୍ରେସ କ୍ଲବ ପରିଚାଳନା ପରିଷଦ ସଦସ୍ୟଙ୍କ ମତାମତ ଆଧାରରେ ସର୍ବସମ୍ମତିକ୍ରମେ ପ୍ରେସ କ୍ଲବର କର୍ମକର୍ତ୍ତା ଚୟନ କରାଯାଇଥିଲା । କ୍ଲବର ସଦସ୍ୟ ରଞ୍ଜିତ ସାମନ୍ତରାୟ ସଭାପତି ପ୍ରାର୍ଥୀ ଭାବେ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଓ କୃଷ୍ଣ ଚନ୍ଦ୍ର ଦାଶ ସମର୍ଥନ କରିଥିଲେ । ଜିତେନ୍ଦ୍ର କୁମାର ଭଞ୍ଜ ସମ୍ପାଦକ ପ୍ରାର୍ଥୀ ଭାବେ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ପ୍ରସନ୍ନ ପାଇକରାୟ ଏବଂ ମହମ୍ମଦ ମୋତାହାର ୟୁସୁଫ ସମର୍ଥନ କରିଥିଲେ । ଉପ-ସଭାପତି ଭାବେ ପ୍ରସନ୍ନ ପାଇକରାୟ ଓ ଲଳିତ ମୋହନ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ରଞ୍ଜିତ କୁମାର ପାଟଶାଣୀ ଓ ଗୋପାଳ କୃଷ୍ଣ ପ୍ରଧାନ, ସହ-ସମ୍ପାଦକ ସୟଦ ଲିୟାକତ ଅଲ୍ଲୀ, କୋଷାଧକ୍ଷ ଶୁଭ୍ରକାନ୍ତ ମହାପାତ୍ର, ଆବାହକ ପ୍ରକାଶ କୁମାର ହାତୀ, ଆଇନ ପରାମର୍ଶଦାତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ସଂଗ୍ରାମ କେଶରୀ ହୋତା, ମୁଖ୍ୟ ପରାମର୍ଶଦାତା, ତପନ କୁମାର ନାୟକ,ଗଣମାଧ୍ୟମ ସଂଯୋଜକ ଭାବେ ସନ୍ତୋଷ ଚୌଧୁରୀ ଏବଂ ପରିଚାଳନା ସଦସ୍ୟ ଭାବେ, ଗୋପାଳ କୃଷ୍ଣ ଦାସ, ରାମ ନାରାୟଣ ଦାଶ, ସନ୍ଦୀପ ବର୍ମନ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସନ୍ତୋଷ ବାରିକ, ପ୍ରବୀଣ ଭଞ୍ଜ, ପ୍ରକାଶ ପଟ୍ଟନାୟକ ଓ ଜିତେନ୍ଦ୍ର ଭଞ୍ଜ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଶ୍ରୀ ଖାଡ଼ଙ୍ଗା ଘୋଷଣା କରିଥିଲେ । ପ୍ରେସ କ୍ଲବ ପକ୍ଷରୁ ନବନିର୍ବାଚିତ ସଦସ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ଆଗାମୀ ଦିନରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବକୁ ସମସ୍ତ ସଦସ୍ୟ ମାନଙ୍କ ସହଯୋଗ ରେ ରାଜ୍ୟରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବରେ ଗଢିତୋଳିବାକୁ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ନବ ନିର୍ବାଚିତ ସଭାପତି ଶ୍ରୀ ସାମନ୍ତରାୟ ତାଙ୍କ ବକ୍ତବ୍ୟରେ କହିବା ସହିତ ତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରି ସଭାପତି ଭାବରେ ନିର୍ବାଚିତ କରିଥିବାରୁ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବର ସମସ୍ତ ସଦସ୍ୟ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଅନ୍ତର୍ଜାତୀୟ ଅଗ୍ନିଶମ ବାହିନୀର ଶୁଭେଚ୍ଛା ଜଣାଇଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ଅଗ୍ନିଶମ ବାହିନୀର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଅଗ୍ନିଶମ ବାହିନୀର ଫାଇଟରମାନେ ପ୍ରତିଦିନ ଲୋକଙ୍କ ଧନଜୀବନ ରକ୍ଷା କରିବା ସେମାନଙ୍କ ଜୀବନକୁ ଉତ୍ସର୍ଗ କରୁଛନ୍ତି । ଏହି ଅନ୍ତର୍ଜାତୀୟ ଅଗ୍ନିଶମ ବାହନୀ ଦିବସ ଅବସରରେ ଆସନ୍ତୁ ଆମେ ସେମାନଙ୍କର ସାହସ, ଆତ୍ମୋତ୍ସର୍ଗ ଓ ନିବିଡ଼ ସମର୍ପଣକୁ ସ୍ମରଣ କରିବା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩ ଯବାନ...

ମୃତ ଯବାନଙ୍କ ମୃତଦେହଗୁଡ଼ିକୁ ରାମବନ ଜିଲ୍ଲା ହସ୍ପିଟାଲକୁ ପଠାଇ ଦିଆଯାଇଛି । ସହିଦ ଯବାନଙ୍କୁ ଚିହ୍ନଟ କରାଯାଇଛି । ସେମାନେ ହେଲେ ଅମିତ କୁମାର, ସୁଜିତ କୁମାର ଓ ମନ ବାହାଦୂର । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇପାରି ନାହିଁ । ଏଥିପୂର୍ବରୁ ଗତ ଜାନୁଆରୀ ୪ ତାରିଖରେ ବାନ୍ଦିପୋରାରେ ସେନାର ଏକ ଟ୍ରକ୍ ଖାଇକୁ ଖସିପଡ଼ିବା ଫଳରେ ୪ଜଣ ଯବାନ ସହିଦ ହୋଇଥିଲେ ।

### ପାକିସ୍ତାନ ବିରୋଧରେ...

ଉପେନ୍ଦ୍ର ଦ୍ୱିବେଦୀ ଗତ ୩୦ରେ ମୋଦୀଙ୍କୁ ଭେଟିଥିଲେ । ସେସମୟରେ ବୈଦେଶିକ ମନ୍ତ୍ରୀ ଏବଂ ଏନଏସଏସ ମଧ୍ୟ ଉପସ୍ଥିତ ରହିଥିଲେ । ପ୍ରଧାନମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସେନା, ସମୟ, ପଦ୍ଧତି ଓ ଲକ୍ଷ୍ୟ ସ୍ଥିର କରିବ । ପୂର୍ବରୁ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଭାରତ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ ।

### ଲଗାତାର ୧୦ମ...

ଗୁଳିମାଡ଼ ଚାଲିଥିଲା । ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ଏଲଓସିର ଲମ୍ବ ୭୪୦ କିମି । ଏହାର ଉଭୟ ପାର୍ଶ୍ୱରେ ଭାରତ-ପାକିସ୍ତାନ ସେନା ସୁରକ୍ଷାପାଇଁ ନିୟୋଜିତ ରହିଛନ୍ତି । ଦୁଇଦେଶ ମଧ୍ୟରେ ହୋଇଥିବା ବୈଠକରେ କେହି କାହା ଉପରେ ଫାଙ୍କା ଗୁଳିଚାଳନା କରିବେ ନାହିଁ ବୋଲି ଅସ୍ତ୍ରବିରତି ଚୁକ୍ତି ସମ୍ପାଦିତ ହୋଇଥିଲା । ତେବେ ପାକିସ୍ତାନ ଚୁକ୍ତିକୁ ବେଖାତିର କରି ଗୁଳିମାଡ଼ ଜାରି ରଖିଛି ।

### ୧୭ ମାଉଜର...

ଶେରଗଡ଼, ଚମାଖଣ୍ଡି, କୋଟିନଡ଼ା, ଭଞ୍ଜନଗର ଓ ପୋଲସରା ଥାନା ଅଞ୍ଚଳରେ ଏହା କରାଯାଇଥିଲା । ଆସିକା, ପୁରୁଷୋତ୍ତମପୁର ଓ ଭଞ୍ଜନଗର ଏସଡିପିଓଙ୍କ ନେତୃତ୍ୱରେ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ । ଚଢାଉ ସମୟରେ ୬ଟି ଥାନା ଅଞ୍ଚଳରୁ ୧୮ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୭ଟି ମାଉଜର, ୬୬ଟି ଅଫୁଟା ଗୁଳି, ୧୬ଟି ମୋବାଇଲ ଓ ୪ଟି ଖୋକା ଜବତ କରାଯାଇଛି । ଗିରଫ ଅପରାଧୀମାନେ ହେଲେ ଶେରଗଡ଼ ଥାନା ବରଗଡ଼ ଗାଁର ରିଣ୍ଟୁ ଓରଫ ପ୍ରଶାନ୍ତ ପ୍ରଧାନ, କବିସୂର୍ଯ୍ୟନଗର ଥାନା ସୁନାପଲ୍ଲୀ ଗାଁର କୁନା ନାହାକ, ଛତ୍ରପୁର ଥାନା ସୁନ୍ଦରପୁର ଗାଁର ପିଙ୍କୁ ସାହୁ, ଶେରଗଡ଼ ଥାନା ଷଡ଼ଙ୍ଗୀପଲ୍ଲୀ ଗାଁର ଅଜିତ ଗୌଡ଼, ସୋରଡ଼ା ଥାନା ଏସ.ଗୁଣ୍ଡୁରିବାଡ଼ି ଗାଁର ସୁରଜ ସୁପ୍ରିୟା ନାୟକ ଓ ଚମାଖଣ୍ଡି ଥାନା ଟାଙ୍ଗଣାପଲ୍ଲୀ ଗାଁର ଶିଶିର ପଣ୍ଡା ରହିଛନ୍ତି । ସେହିପରି ଆସିକା ଥାନା ତୁମ୍ପଠେଙ୍ଗାପଲ୍ଲୀ ଗାଁର ଏ.ଶ୍ରୀକାନ୍ତ, ମାମୁଡିହ ଗାଁର ଶଙ୍କର ଗୌଡ଼, ଗାଙ୍ଗପୁର ଥାନା ବଡ଼ସଦର ଗାଁର ଶିବ ଗୌଡ଼ ଓ ଭଞ୍ଜନଗର ଥାନା କାଇଣ୍ଡି ଗାଁର ଶିବପ୍ରସାଦ ଜେନାକୁ ପୋଲିସ ଗିରଫ କରିଛି । ଅନ୍ୟପକ୍ଷରେ କୋଟିନଡ଼ା ଥାନା ପକ୍ଷରୁ କବିସୂର୍ଯ୍ୟନଗର ଥାନା ବାଲିଆପଲ୍ଲୀ ଗାଁର କମଳ ଲୋଚନ ଗୌଡ଼, କୁମୁଟି ଗାଁର ଧର୍ମରାଜ ଜେନା, ପୋଲସରା ଥାନା ତୋଟାସାହି ଗାଁର ଶୁଭମ ଭୂୟାଁ, ଭଞ୍ଜନଗର ଥାନା ଜିଲୁଣ୍ଡି ଗାଁର ଜଗନ୍ନାଥ ପ୍ରଧାନ, ପବିତ୍ର ପ୍ରଧାନ, ପୋଲସରା ଥାନା ପକ୍ଷରୁ କବିସୂର୍ଯ୍ୟନଗର ଥାନା ପାଇକଯମୁନା ଗାଁର ରାକେଶ ଦାସ, ଟାଙ୍ଗଣାପଲ୍ଲୀ ଗାଁର ପିଣ୍ଟୁ ଓରଫ ବାଳକୃଷ୍ଣ ଶତପଥୀ ଓ ଭଞ୍ଜନଗର ଥାନା ଚାକୁଣ୍ଡାପଲ୍ଲୀ ଗାଁର କାହ୍ନୁ ଗୌଡ଼ ଗିରଫ ହୋଇଛନ୍ତି । ତେବେ ଏହି ମାଉଜରଗୁଡ଼ିକୁ ଅପରାଧୀମାନେ କେଉଁଠୁ ଆଣିଲେ ସେ ନେଇ ତଦନ୍ତ ଆରମ୍ଭ ହୋଇଛି ।

### ସେବାୟତଙ୍କୁ...

ମହାପାତ୍ର । ନିଜର ଦ୍ୱନ୍ଦ୍ୱାତ୍ମକ ବୟାନ ଦ୍ୱାରା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଗଣିତ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ମାନସରେ ବିଭ୍ରାନ୍ତି ସୃଷ୍ଟି ଏବଂ ଶ୍ରୀମନ୍ଦିର ଗରିମାକୁ କ୍ଷୁର୍ଣ୍ଣ କରିବା ଅଭିଯୋଗରେ ଦଇତାପତି ସେବକ ଶ୍ରୀ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ କୈଫିୟତ୍ ତଲବ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ନୋଟିସ ପାଇବାର ୭ ଦିନ ମଧ୍ୟରେ କୈଫିୟତ୍ ଦାଖଲ କରିବାକୁ ସମୟ ଦିଆଯାଇଛି କ୍ଷ ଏହି ସମୟ ଭିତରେ ସନ୍ତୋଷ ଜନକ କୈଫିୟତ୍ ହସ୍ତଗତ ନହେଲେ,ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ କୁହାଯାଇଛି । ପଶ୍ଚିମବଙ୍ଗ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା/ଉଦଘାଟନ ଉତ୍ସବରେ ଯୋଗଦାନ କରି ଏବଂ ଶ୍ରୀମନ୍ଦିର ଚତୁର୍ଦ୍ଧାମୂର୍ତ୍ତିଙ୍କର ନବକଳେବର ବକଳା ଦାରୁରେ ନିର୍ମିତ ମୂର୍ତ୍ତି ସେହି ଦୀଘା ମନ୍ଦିରକୁ ପ୍ରଦାନ କରିଥିବା ଶ୍ରୀ ଦାସ ମହାପାତ୍ର ବଙ୍ଗୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିବା ଅଭିଯୋଗ ହୋଇଥିଲା । ପରେ ଓଡିଶା ଗଣମାଧ୍ୟମରେ ସେ ଏହାକୁ ଖଣ୍ଡନ କରିଥିବା ସହ ଅନ୍ୟ ନିମ୍ବ କାଠରେ ବିଗ୍ରହ ନିର୍ମାଣ କରି ନେଇ ନିଜେ ତାକୁ ପ୍ରତିଷ୍ଠା କରିଥିବା କହିଥିଲେ । ନବକଳେବରରେ ସଂଗୃହୀତ ଦାରୁ ମଧ୍ୟରୁ ବଳକା ଦାରୁ ଶ୍ରୀମନ୍ଦିର "ଦାରୁଘର"ରେ ସଂରକ୍ଷିତ ରହିବାର ବିଧି ରହିଥିବା ବେଳେ ଆବଶ୍ୟକ ସମୟରେ କେବଳ ଶ୍ରୀଜୀଉମାନଙ୍କ ବ୍ୟବହାରରେ ବିନିଯୋଗର ବିଧି ତଥା ପରମ୍ପରା ରହିଛି । ଜଣେ ଅଭିଜ୍ଞ ତଥା ବରିଷ୍ଠ ଦଇତାପତି ଭାବେ ସେନେଇ ଅବଗତ ଥାଇ ମଧ୍ୟ ଶ୍ରୀ ଦାସ ମହାପାତ୍ର ଏଭଳି ବୟାନ ଦେବା ଦ୍ୱାରା ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମାନସରେ ବିଭ୍ରାନ୍ତି ସୃଷ୍ଟି ହୋଇଥିବା ନୋଟିସରେ କୁହାଯାଇଛି । ଦଇତାପତି ଶ୍ରୀ ଦାସମହାପାତ୍ରଙ୍କ ଦ୍ୱନ୍ଦ୍ୱାତ୍ମକ ବୟାନ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଲୋଡ଼ନ ସୃଷ୍ଟି କରିବା ସହ ତାଙ୍କ ଧାର୍ମିକ ଭାବନାରେ ଗଭୀର ଆଘାତ ଦେବା ସହ ଶ୍ରୀମନ୍ଦିରର ଗରିମା ଓ ଐତିହ୍ୟକୁ କ୍ଷୁର୍ଣ୍ଣ କରିଥିବା ନୋଟିସରେ ଦର୍ଶାଯାଇଛି ।

## ଅଭିଭାବକ ବୈଠକରେ ବିଶୃଙ୍ଖଳିତ ଆଚରଣ ପାଇଁ ୩ ଶିକ୍ଷକଙ୍କୁ ଦଣ୍ଡାଦେଶ

ଭାପୁର(ଭାସ୍କର ନ୍ୟୁଜ): ଭାପୁର ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅଭିଭାବକ ବୈଠକ ରେ ମରିଚିଆ ଗ୍ରାମର ଅଭିଭାବିକା କଳ୍ପନା ଦଳଦେହେରା ବିଦ୍ୟାଳୟ ସମସ୍ୟା ଉପରେ ମନ୍ତବ୍ୟ ଦେବାରୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ହଠାତ ରାଗିଯାଇ ମାଡ ମାରିବା ସହିତ ଗାଳିଗୁଲଜ କରିଥିଲେ । ଏ ବିଷୟରେ କଳ୍ପନା ଏବଂ ବିଦ୍ୟାଳୟ ପରିଚାଳନା କମିଟି ର ସଭ୍ୟ ମାନେ ଭାପୁର ବିଟ ହାଉସରେ ଲିଖିତ ଅଭିଯୋଗ କରିଥିଲେ ଫଳରେ, ଥାନା ପକ୍ଷରୁ ୨ଟି ମାମଲା ରୁଜୁ ହୋଇଥିଲା । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ ବିଦ୍ୟାଳୟ ପରିସରକୁ ଆସି ତଦାରଖ କରି ଫେରିଥିଲେ । ବିଦ୍ୟାଳୟର କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବ୍ୟକ୍ତିଗତ ଭାବରେ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କ ଠାରୁ ଲିଖିତ ମତାମତ ନେଇଥିଲେ । ସମସ୍ତ ସାକ୍ଷ୍ୟ ଓ ପ୍ରମାଣ କୁ ଭିତ୍ତି କରି ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ରଥ ଦାୟିତ୍ୱରେ ଅବହେଳା ନେଇ ପ୍ରଧାନଶିକ୍ଷକ ଶ୍ରୀଧର ସେଠୀ ଙ୍କୁ ନିଲମ୍ବିତ କରିଥିବାବେଳେ ଦୁଇ ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଏବଂ ସବିତା ଜାଲ୍ଲି ଙ୍କୁ ବଦଳି କରିଛନ୍ତି ।

## ବୋଲଗଡ ଉନ୍ନୟନ ପରିଷଦ ବୈଠକ



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ଉର୍ଣ୍ଣୟନ ର ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ପୌରୋହିତ୍ୟରେ ଓ ଐତିହାସିକ ରବୀନ୍ଦ୍ର ପରିଡାଙ୍କ ଆବାହକତ୍ୱରେ ଏକ ଜରୁରି ବୈଠକ ସ୍ଥାନୀୟ ଟାଉନ କ୍ଲବ ଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ବରିଷ୍ଠ ସମଜସେବୀ ତଥା ସ୍ୱର୍ଗତଃ କଳାକାର କୃଷ୍ଣ ମୋହନ ପାଲଟାସିଂହଙ୍କ ଅମରଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା । ବୋଲଗଡ ଉର୍ନ୍ନୟନ ପରିଷଦର ସାଧାରଣ ସମ୍ପାଦକ ରଘୁନାଥ ଦଳବେହେରା ଗତ ଅଧିବେଶନର ବିବରଣୀ ପଠନ କରିଥିଲେ । ସାଧାରଣ ସମ୍ପାଦକ ରାମଚନ୍ଦ୍ର ମାର୍ଥା ସମସ୍ତଙ୍କୁ ସ୍ୱାଗତ ଜଣାଇ ବୋଲଗଡ ଅଞ୍ଚଳ ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ସୂଚନା ପ୍ରଦାନ କରିଥିଲେ । ଗତ ବିଜେଡି ସରକାର ବୋଲଗଡ ବ୍ଲକକୁ ନୂତନ ଭାବେ ବିଜ୍ଞାପିତ ଅଂଚଳ ପରିଷଦ ଘୋଷଣା କରିଥିଲେ । କିନ୍ତୁ ସରକାରୀ ନଥିପତ୍ରରେ ଆଜି ପର୍ଯ୍ୟନ୍ତ ତାହାକୁ ସରକାରୀ ମାନ୍ୟତା ଦିଆଯାଇ ନଥିବାରୁ ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବାପାଇଁ ବୈଠକରେ ଆଲୋଚନା କରାଯାଇଥିଲା ଏବଂ ଖୋର୍ଦ୍ଧା ଜିଲ୍ଲା ପାଳଙ୍କୁ ଏଇ ସମ୍ପର୍କରେ ଲିଖିତ ଅଭିଯୋଗ ଦିଆ ଯିବାପାଇଁ ନିଷ୍ପତ୍ତି ନିଆଗଲା । ବୋଲଗଡରେ ଶୀଘ୍ର ଅସ୍ଥାୟୀ ଭାବେ ଜେମ ଏଫ ସି କୋର୍ଟ ଶୀଘ୍ର କାର୍ଯ୍ୟକାରୀ କରାଯିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣାଙ୍କୁ ଅନୁରୋଧ କରାଯାଇଛି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୋଲଗଡ ରେଳ ପାସେଞ୍ଜର ହଲଟକୁ ବଡ଼ ରେଳ ଷ୍ଟେସନରେ ପରିଣତ କରିଥିଲେ ଓ ଏଠାରେ ସମସ୍ତ ରେଳ ଗାଡି ସହିତ ପାସେଞ୍ଜର ରେଳଗାଡ଼ି ରହଣି କରିବ ବୋଲି ଘୋଷଣା କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ପୂର୍ବତଟ ରେଳ ଡିଭିଜନର ଡିଭିଜିନାଲ ରେଳ ମ୍ୟାନେଜର କୌଣସି ଉର୍ନ୍ନୟନ ମୂଳକ କାର୍ଯ୍ୟ କରୁନଥିବାରୁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି ବୋଲି ବୈଠକରେ ଆଲୋଚନା କରାଗଲା । ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ବୋଲଗଡ ଉର୍ନ୍ନୟନ ପରିଷଦ କମିଟି ଖୋର୍ଦ୍ଧା ରୋଡ ସ୍ଥିତ ଡିଆରଏମ୍‌ଙ୍କୁ ସାକ୍ଷାତ କରିବେ ବୋଲି ନିଷ୍ପତ୍ତି ନିଆଗଲା । ବ୍ଲକ ଛକ ଠାରୁ ବୋଲଗଡ ରେଳ ଷ୍ଟେସନ ଭୟ ନନ୍ଦପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତା କୁ ଗ୍ରାମ୍ୟଉର୍ନ୍ନୟନ ରାସ୍ତା ରେ ପରିଣତ କରି ଶୀଘ୍ର କାର୍ଯ୍ୟ କରିବାକୁ କମିଟି ସଦସ୍ୟ ମାନେ ଦାବି ଜଣାଇ ଅଛନ୍ତି । ବୋଲଗଡ ଡାକ୍ତରଖାନାରେ ଡାକ୍ତର ଅଭାବରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡୁଛି ବୋଲି ବୈଠକ ରେ ଉଦବେଗ ପ୍ରକାଶ ପାଇଲା ।

## ରାଧାମାଳିପୁରୁ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଯୋଗଦେଲେ ରାଜ୍ୟ ବିଜେପି ସଭାପତି ମନମୋହନ



ରାଜନଗର (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗରବ୍ଲକ ତାଲଚୁଆ ପଞ୍ଚାୟତ ରାଧାମାଳିପୁରୁ ଗ୍ରାମରେ ଆଜି ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ଯୋଗ ଦେଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ଶ୍ରୀ ସାମଲଙ୍କୁ ବିରାଟ ଶୋଭାଯାତ୍ରାରେ ହଜାର ହଜାର ଲୋକମାନେ ମନ୍ଦିର ପ୍ରତିଷ୍ଠା ସ୍ଥଳୀକୁ ନେଇଥିଲେ । ସେଠାରେ ପୂଜକ ରୀତିନୀତି ଅନୁଯାୟୀ ଜଗନ୍ନାଥ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା, ହୋମ ଯଜ୍ଞ କରି ପ୍ରାଣ ପ୍ରତିଷ୍ଠା କରିଥିଲେ । ସଭାପତି ଶ୍ରୀ ସାମଲ ପ୍ରଭୁଙ୍କ ଆଶୀର୍ବାଦ ନେବା ସହ ଲୋକମାନଙ୍କର ସମସ୍ୟା ବୁଝିଥିଲେ । ସଭାପତିଙ୍କ ସହ ରାଜନଗର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଲଳିତ ବେହେରା, ଜିଲ୍ଲା ସଭାପତି ଶ୍ରୀ ଶଶାଙ୍କ ଶେଖର ସେଠୀ ଓ ମହାକାଳପଡା ବିଧାୟକ ଏବଂ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ ଯୋଗଦାନ କରିଥିଲେ । ଏହି ଅବସରରେ ଅଞ୍ଚଳରୁ ହଜାର ହଜାର ବିଜେପି କର୍ମୀ ସାମିଲ ହୋଇଥିଲେ ।

OHPC
ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE: 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
CAD-283

No. HHEP/WK-52/7, Vol-II/ 2516 Date : 03.05.2025

NOTICE INVITING TENDER NO. HHEP- 22 /2025

Sealed Tenders are invited in single part in sealed envelopes from Govt. registered Contractors / Agencies having similar type of work experience during the last three years for the following works as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refund-able) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Replacement of seals of Intake gate servo cylinder of Unit #4 of HHEP, Burla. | 4,720/- (Rs.4,000 /- + GST@18 %) | 7,500/- | From 06.05.2025, (09:00AM) to 20.05.2025 Up to 11:00 AM | 20.5.25 Up to 11:30 AM | 20.5.25 at 12:00 Noon |

For details of the tender documents, terms and conditions please visit our website www.ohpcltd.com
If any of the above dates fall on holiday (s), or the office is closed due to any other reason the next working day will be treated as the effective date

Sd/-
C & P Head, HHEP, Burla

OIPR 04007/11/0042/2526

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଜାମ୍ମୁ-କାଶ୍ମୀରର ପହଲଗାଓଁରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପରଠାରୁ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଭାରତର ଆକ୍ରମଣ ଭୟରେ ପାକିସ୍ତାନର ନିଦ ହଜିଯାଇଛି। ଏଣୁ ପାକ୍ ପ୍ରଧାନମନ୍ତ୍ରୀ ଶେହୱାଜ ସରିଫ ସମର୍ଥନ ହାତେଇବା ଲାଗି ତୁର୍କୀ ରାଷ୍ଟ୍ରପତି ରେଚେପ ତୈୟେପ ଏର୍ଦୋଗାନଙ୍କ ଶରଣ ପଶିଛନ୍ତି। କରାଚିରେ ପହଞ୍ଚିଛି ତୁର୍କୀର ଯୁଦ୍ଧ ଜାହାଜ 'ଟିସିଜି ବୁୟୁକାଡା'। ନିକଟରେ କିଛି ଦିନ ତଳେ ତୁର୍କୀ ଯୁଦ୍ଧ ବିମାନ ପଠାଇଥିବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ତୁର୍କୀ ଯୁଦ୍ଧ ଜାହାଜ ପଠାଇବା ପ୍ରସଙ୍ଗ ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସହଯୋଗ ବୃଦ୍ଧି ଦିଗରେ ଏକ ପଦକ୍ଷେପ ବୋଲି କୁହାଯାଉଛି। ଭାରତ ପାକିସ୍ତାନକୁ ଆତଙ୍କବାଦୀ ଆକ୍ରମଣର ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ତୁର୍କୀର ଏହି ପଦକ୍ଷେପ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

## ସଂସ୍କୃତ ସମ୍ଭାଷଣ ଶିବିରର ଉଦଯାପନୀ ଉତ୍ସବରେ ଯୋଗ ଦେଲେ ଶାହ




ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ରବିବାର ନୂଆଦିଲ୍ଲୀରେ ୧୦୦୮ଟି ସଂସ୍କୃତ ସମ୍ଭାଷଣ ଶିବିରର ଭବ୍ୟ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ୧୦୦୮ଟି ସଂସ୍କୃତ ସମ୍ଭାଷଣ ଶିବିର ଆୟୋଜନ କରିବାରେ ସଂସ୍କୃତ ଭାରତୀର ଉଲ୍ଲେଖନୀୟ ଏବଂ ସାହସିକ ପଦକ୍ଷେପକୁ ପ୍ରଶଂସା କରିଥିଲେ ଶ୍ରୀ ଶାହା। ଅମିତ ଶାହ କହିଥିଲେ ଯେ ୧୯୮୧ମସିହାରୁ ସଂସ୍କୃତ ଭାରତୀ ସଂସ୍କୃତରେ ଉପଲବ୍ଧ ବ୍ୟାପକ ଜ୍ଞାନକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ସଂସ୍କୃତ କହିବା ଏବଂ ଶିଖିବା ପାଇଁ ତାଲିମ ଦେବା ଏବଂ ସକ୍ଷମ କରିବା ପାଇଁ କାର୍ଯ୍ୟ କରିଆସୁଛି। ଶ୍ରୀ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ସଂସ୍କୃତକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ମୋଦୀ ସରକାରଙ୍କ ନୂତନ ଜାତୀୟ ଶିକ୍ଷା ନୀତି (ଏନଇପି) ଭାରତୀୟ ଜ୍ଞାନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛି, ଯାହାର ମୁଖ୍ୟ ସ୍ତମ୍ଭ ହେଉଛି ସଂସ୍କୃତ। ସେ ଉଲ୍ଲେଖ କରିଥିଲେ ଯେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନକୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପାଣ୍ଡୁଲିପି ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ୫୦୦କୋଟି ଟଙ୍କାର ମୌଳିକ ପାଣ୍ଠି ସହିତ ଜ୍ଞାନ ଭାରତମ୍ ମିଶନର ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ପ୍ରତ୍ୟେକ ବଜେଟରେ ଯୋଜନାଆବଣ୍ଟନ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଆଜି ଏଠାରେ ୧୦୦୮ଟି ସଂସ୍କୃତ ସମ୍ଭାଷଣ ଶିବିର ସମାପ୍ତ ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଥିଲେ ଯେ ସଂସ୍କୃତ କେବଳ ବିଶ୍ୱର ସର୍ବାଧିକ ବିଜ୍ଞାନ ସମ୍ମତ ଭାଷା ନୁହେଁ, ବରଂ ଏଥିରେ ଏକ ଅଦ୍ୱିତୀୟ ବ୍ୟାକରଣଗତ ଢାଞ୍ଚା ମଧ୍ୟ ରହିଛି। ସେ ଉଲ୍ଲେଖ କରିଥିଲେ ଯେ ମିଟର ଏବଂ ଶବ୍ଦାଂଶର ବ୍ୟବହାରକୁ ପରିମାର୍ଜିତ କରିବାରେ ସଂସ୍କୃତ ହେଉଛି ପ୍ରଥମ ଭାଷା, ଯାହା ଆଜି ମଧ୍ୟ ଏହାର ନିରନ୍ତର ଜୀବନ୍ତତା ଏବଂ ପ୍ରାସଙ୍ଗିକତାରେ ଯୋଗଦାନ ଦେଇଛି।

## ଦେଶ ବିରୁଦ୍ଧରେ ଆଖି ଉଠାଇଥିବା ଲୋକଙ୍କୁ ଉଚିତ ଜବାବ ଦିଆଯିବ: ରାଜନାଥ



ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରଠାରୁ, ସାରା ଦେଶରେ ପାକିସ୍ତାନ ବିରୁଦ୍ଧରେ କ୍ରୋଧର ବାତାବରଣ ରହିଛି। ଏହି ସମୟରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଦିଲ୍ଲୀରେ ସଂସ୍କୃତି ଜାଗରଣ ମହୋତ୍ସବରେ ପାକିସ୍ତାନକୁ କଡ଼ା ଶବ୍ଦରେ ଚେତାବନୀ ଦେଇଥିଲେ। ରାଜନାଥ ସିଂହ କହିଛନ୍ତି ଯେ ଦେଶ ବିରୁଦ୍ଧରେ ଆଖି ଉଠାଇଥିବା ଲୋକଙ୍କୁ ଉଚିତ ଜବାବ ଦିଆଯିବ। ସେ କହିଥିଲେ ଯେ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଭାବରେ, ଆମର ସୀମାକୁ ସୁରକ୍ଷା ଦେବା ମୋର ଦାୟିତ୍ୱ। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଜନତା ଯେଉଁ ଭାଷାରେ ଚାହାଁନ୍ତି ସେହି ଭାଷାରେ ଶତ୍ରୁକୁ ଜବାବ ଦେବେ। ଆପଣ ଯାହା ଚାହିଁବେ ତାହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ହେବ। ସେ କହିଥିଲେ ଯେ ବିଶ୍ୱର କୌଣସି ଶକ୍ତି ଭାରତକୁ ଧ୍ୱଂସ କରିପାରିବ ନାହିଁ, ଭାରତ ଅମର ରହିବ। ସେ କହିଥିଲେ ଯେ ଜଣେ ପ୍ରତିରକ୍ଷା ମନ୍ତ୍ରୀ ଭାବରେ, ମୋର ସୈନିକମାନଙ୍କ ସହିତ ଦେଶର ସୀମାର ସୁରକ୍ଷା ସୁନିଶ୍ଚିତ କରିବା ମୋର ଦାୟିତ୍ୱ। ରାଜନାଥ ସିଂହ କହିଛନ୍ତି ଯେ ଦେଶ ଉପରେ ଆଖି ଉଠାଇଥିବା ଲୋକଙ୍କୁ ମୋର ସେନା ସହିତ ଉଚିତ ଜବାବ ଦେବା ମୋର କର୍ତ୍ତବ୍ୟ। ସେ କହିଥିଲେ ଯେ ଭାରତର ଶକ୍ତି କେବଳ ସାମରିକ ଶକ୍ତିରେ ନୁହେଁ ବରଂ ଏହାର ସଂସ୍କୃତି ଏବଂ ଆଧ୍ୟାତ୍ମିକତାରେ ମଧ୍ୟ ରହିଛି। ସେ କହିଥିଲେ ଯେ ଇତିହାସ ସାକ୍ଷୀ ଯେ ଭାରତର ସନ୍ଥମାନେ କେବଳ ଆଧ୍ୟାତ୍ମିକ ଶିକ୍ଷା ଦେଇନଥିଲେ ବରଂ ସାମାଜିକ ସଂସ୍କାର, ଶିକ୍ଷା ଏବଂ ଜାତୀୟ ଏକତାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଲୋକ ନୃତ୍ୟ, ଲୋକ ଗୀତ ମାଧ୍ୟମରେ ବିଷ୍ଣୁଦେବଙ୍କୁ ସମ୍ବର୍ଦ୍ଧନା



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ମଧ୍ୟପ୍ରଦେଶର ମଣ୍ଡଲା ଜିଲ୍ଲା ରାମନଗରରେ ଆୟୋଜିତ ଆଦି ଉତ୍ସବରେ ସାମିଲ ହୋଇଥିଲେ। ଏହି ଉତ୍ସବ ଆଦିବାସୀ ସମାଜର ଗୌରବ ଅଟେ। ଆଦି ଉତ୍ସବ କାର୍ଯ୍ୟକ୍ରମରେ ଜନ ଜାତି ସମାଜର ରୀତି, ନୀତି, ପରମ୍ପରା, ସଂସ୍କୃତି, ଇତିହାସ ଆଦି ସଂପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସାମିଲ ହୋଇଥିଲେ। ତାଙ୍କ ଆଗମନରେ ସ୍ଥାନୀୟ ଅଧିବାସୀ ଖୁସି ପ୍ରକଟ କରିବା ସହ ତାଙ୍କୁ ଫୁଲ ମାଳ ପିନ୍ଧାଇ ଲୋକନୃତ୍ୟ ଓ ଲୋକଗୀତ ମାଧ୍ୟମରେ ସ୍ୱାଗତ କରିଥିଲେ। ଏହି ସମାରୋହରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଜାତୀୟ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି କମିଶନର ଅଧ୍ୟକ୍ଷ ଅନ୍ତରସିଂ ଆର୍ଯ୍ୟ, ମଧ୍ୟପ୍ରଦେଶ ଜନସ୍ୱାସ୍ଥ୍ୟ ମନ୍ତ୍ରୀ ସମ୍ପତିଆ ଓ୍ୱିକେ, ଉତ୍ତରପ୍ରଦେଶ ସରକାରଙ୍କ ରାଜ୍ୟ ମନ୍ତ୍ରୀ ଅନୁଜା ଏବଂ ସଞ୍ଜୀବ ଗୌଡ, ସାଂସଦ ଫଗନସିଂ କୁଲସ୍ତେ, ଭୋଜରାଜ ନାଗଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଏହି ଆଦି ଉତ୍ସବ କାର୍ଯ୍ୟକ୍ରମ ମହାକୁମ୍ଭ ସହ ସାମନ। ଏଥିରେ ସେ ସାମିଲ ହୋଇ ନିଜକୁ ଗୌରବାନ୍ୱିତ କରିବା ସହ ଆଦିବାସୀ ସମାଜର ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ସେ କହିଥିଲେ ଅଟଳ ବିହାରୀ ବାଜପେୟୀଙ୍କ ସରକାରଙ୍କ ସମୟରେ ଛତିଶଗଡ ରାଜ୍ୟ ଗଠନ ହୋଇଥିଲା। ଇତି ମଧ୍ୟରେ ଏହା ୨୫ବର୍ଷ ପୂରଣ କରିଛି। ଏହି ଉତ୍ସବର ଉଦ୍‌ଘାଟନ କରିଥିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ଏ ଅବସରରେ ଆଦିବାସୀ ସମାଜର ରୀତିନୀତି ସଂପର୍କରେ ଜାଣିବାର ଅବକାଶ ମଧ୍ୟ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିବର୍ଷ ଜନଜାତିଙ୍କ ବିକାଶ ପାଇଁ କୋଟିକୋଟି ଟଙ୍କା ବଜେଟ ଆବଣ୍ଟନ କରୁଥିବା ଶ୍ରୀ ସାଏ କହିଥିଲେ।

## ୱେଭ ଶିଖର ସମ୍ମିଳନୀରେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ କଲେ ମନ୍ତ୍ରୀ




ନୂଆଦିଲ୍ଲୀ: କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ. ମୁରୁଗାନ ଶନିବାର ମୁମ୍ବାଇରେ ଚାଲିଥିବା ୱେଭ ଶିଖର ସମ୍ମିଳନୀରେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ କରିଛନ୍ତି । ଏସବୁ ରିପୋର୍ଟ ସାମୂହିକ ଭାବରେ ଭାରତର ଗତିଶୀଳ ଏବଂ ଦ୍ରୁତ ଗତିରେ ବିକଶିତ ଗଣମାଧ୍ୟମ ଓ ମନୋରଞ୍ଜନ ଇକୋସିଷ୍ଟମର ଏକ ବିସ୍ତୃତ ସମୀକ୍ଷା ଉପସ୍ଥାପନ କରିଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ପରିସଂଖ୍ୟାନ ପୁସ୍ତିକା ତଥ୍ୟ ପରିଚାଳିତ ନୀତି ଏବଂ ନିଷ୍ପତ୍ତି ନେବା ପାଇଁ ଏକ ଅତ୍ୟାବଶ୍ୟକ ଉତ୍ସ ଭାବରେ କାର୍ଯ୍ୟ କରେ। ଏହା ଆଞ୍ଚଳିକ ଧାରା, ଦର୍ଶକଙ୍କ ଆଚରଣ, ରାଜସ୍ୱ ଅଭିବୃଦ୍ଧି ଧାରା ଏବଂ ଆଞ୍ଚଳିକ ତଥା ଜାତୀୟ ଗତିପଥକୁ ପ୍ରତିଫଳିତ କରିଥାଏ। ଏହି ପୁସ୍ତିକାରେ ପରିସଂଖ୍ୟାନ ପୁସ୍ତିକାରେ ସ୍ଥାନିତ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟରେ ରହିଛି ପଞ୍ଜୀକୃତ ଛାପା ଗଣମାଧ୍ୟମ ସଂଖ୍ୟା ୧୯୫୭ରେ ମାତ୍ର ୫,୯୩୨ରୁ ୨୦୨୪-୨୫ରେ ୧୫୪,୫୨୩ରେ ପହଞ୍ଚିବା। ସେହିପରି ଶିଶୁ ସାହିତ୍ୟ, ଇତିହାସ ଏବଂ ସ୍ୱାଧୀନତା ସଂଗ୍ରାମ, ବ୍ୟକ୍ତିତ୍ୱ ଏବଂ ଜୀବନୀ, ଆଧୁନିକ ଭାରତର ନିର୍ମାତା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ପରିବେଶ ଏବଂ ଅନ୍ୟାନ୍ୟ ବିଷୟବସ୍ତୁ ସମେତ ବିଭିନ୍ନ ବିଷୟବସ୍ତୁ ଉପରେ ମୋଟ ୧୩୦ଟି ପୁସ୍ତକ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ୨୦୨୪-୨୫ରେ ପ୍ରକାଶିତ ହୋଇଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ୧୦୦% ଭୌଗଳିକ କ୍ଷେତ୍ରରେ ଡିଟୁଏଚ୍ ସେବା ପହଞ୍ଚି ପାରିଛି। ଦୂରଦର୍ଶନ ଫ୍ରି ଡିଶ୍ ଚାନେଲ ସଂଖ୍ୟା ୨୦୦୪ରେ ୩୩ରୁ ୨୦୨୫ରେ ୩୮୧କୁ ବୃଦ୍ଧି ପାଇଛି । ଆକାଶବାଣୀ ୯୮% ଲୋକଙ୍କ ପାଖରେ ପହଞ୍ଚିଛି । ଘରେ ସାଟେଲାଇଟ ଚାନେଲ ୨୦୦୪-୦୫ରେ ୧୩୦ ଥିବା ବେଳେ ୨୦୨୪-୨୫ରେ ଏହା ୯୦୮କୁ ବୃଦ୍ଧି ପାଇଛି। ସେହିପରି ଘରୋଇ ଏଫଏମ୍ ଷ୍ଟେସନ ସଂଖ୍ୟା ୨୦୦୧ରେ ମାତ୍ର ୪ ଥିବା ବେଳେ ୨୦୨୪ରେ ୩୮୮କୁ ବୃଦ୍ଧି ପାଇଛି। ୧୯୮୩ ରେ ୭୪୧ଟି ଭାରତୀୟ ଫିଚର ଚଳଚ୍ଚିତ୍ର ପ୍ରମାଣିତ ହୋଇଥିଲା, ଯାହା ୨୦୨୪-୨୫ରେ ୩୪୫୫ କୁ ବୃଦ୍ଧି ପାଇଥିଲା। ୨୦୨୪-୨୫ ସୁଦ୍ଧା ଏହା ସମଷ୍ଟିଗତ ଭାବେ ୬୯,୧୧୩ ସେ ପହଞ୍ଚିଥିଲା। ଏହାବ୍ୟତୀତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ଡିଜିଟାଲ ମିଡ଼ିଆ, ଓଟିଟି, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି, କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜ ଆଦି ସମ୍ପର୍କରେ ତଥ୍ୟ ମଧ୍ୟ ଏଥିରେ ସ୍ଥାନ ପାଇଛି। ଏହି ରିପୋର୍ଟରେ ଡିଜିଟାଲ ଯୁଗରେ ଭାରତର ସ୍ରଷ୍ଟା ଅର୍ଥବ୍ୟବସ୍ଥାର ଅଭୂତପୂର୍ବ ପରିମାଣ ଏବଂ ପ୍ରଭାବ ଉପରେ ଆଲୋକପାତ କରାଯାଇଛି। ଏହି ଉନ୍ମୋଚନ ସମାରୋହରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ, ମନ୍ତ୍ରଣାଳୟର ବରିଷ୍ଠ ଅର୍ଥନୈତିକ ପରାମର୍ଶଦାତା ଆର୍. କେ. ଜେନା, ଯୁଗ୍ମ ସଚିବ ଏମ୍. ମୀନୁ ବାତ୍ରା, ଏବଂ ଯୁଗ୍ମ ସଚିବଏବଂ ଏନ୍.ଏଫ୍.ଡି.ସି.ଏମଡିଶ୍ରୀ ପୃଥୁଲ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ଜିନୋମ୍ ସମ୍ପାଦିତ ଧାନର ଦୁଇଟି ନୂତନ କିସମ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ

## ଦେଶରେ ଦ୍ୱିତୀୟ ସବୁଜ ବିପ୍ଳବ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ: କୃଷି ମନ୍ତ୍ରୀ



ନୂଆଦିଲ୍ଲୀ: ନୂଆଦିଲ୍ଲୀର ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)ରେ ଦେଶରେ ବିକଶିତ ବିଶ୍ୱର ପ୍ରଥମ ଦୁଇଟି ଜିନୋମ୍ ସମ୍ପାଦିତ ଧାନ କିସମର ଘୋଷଣା ପରେ କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଥିଲେ ଯେ ଏହି ନୂତନ କିସମଗୁଡ଼ିକ ଦେଶରେ ଦ୍ୱିତୀୟ ସବୁଜ ବିପ୍ଳବ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସୂଚନା ଦେଇଛନ୍ତି ଯେ ବୈଜ୍ଞାନିକମାନେ ଦୁଇଟି ନୂତନ ଧାନ କିସମ ବିକଶିତ କରିଛନ୍ତି, ଯାହା ମଧ୍ୟରୁ ଗୋଟିଏ ହେଉଛି କମଳା (ଡିଆରଆର ଧାନ ୧୦୦): ଯାହାକୁ ଆଇସିଏଆର-ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର-ଆଇଆଇଆରଆର), ହାଇଦ୍ରାବାଦ ଜିନୋମ୍ ଏଡିଟିଂ ମାଧ୍ୟମରେ ସାମ୍ବା ମହସୁରୀ (ବିପିଟି ୫୨୦୪), ଏକ ଲୋକପ୍ରିୟ ସୂକ୍ଷ୍ମ ଦାନାଯୁକ୍ତ କିସମରେ ଶସ୍ୟ ସଂଖ୍ୟା ବୃଦ୍ଧି କରିବା ପାଇଁ ବିକଶିତ କରିଛନ୍ତି। ନୂତନ କିସମ କମଳାର ଅମଳ ଭଲ, ମରୁଡ଼ି ସହନଶୀଳତା, ନାଇଟ୍ରୋଜେନ ବ୍ୟବହାର ଦକ୍ଷତା ଏବଂ ଏହାର ମୂଳ କିସମ ସାମ୍ବା ମାହସୁରୀ (ବିପିଟି ୫୨୦୪) ଅପେକ୍ଷା ୨୦ ଦିନ ପୂର୍ବରୁ ପରିପକ୍ୱତା ହାସଲ କରେ। ସର୍ବଭାରତୀୟ ପରୀକ୍ଷଣରେ ଡିଆରଆର ଧନ ୧୦୦ (କମଳା)ର ହାରାହାରି ଉତ୍ପାଦନ ହେକ୍ଟର ପ୍ରତି ୫.୩ ଟନ୍ ଥିଲା। ଯାହା ସାମ୍ବା ମାହସୁରୀ (୪.୫ ଟନ୍) ଅପେକ୍ଷା ୧୯% ଅଧିକ ଥିଲା। ଦ୍ୱିତୀୟ ଧାନ କିସମ, ପୁସା ଡିଏସଟି ଚାଉଳ ୧ ବିଷୟରେ ଆଲୋଚନା କରି ଶିବରାଜ ସିଂହ କହିଛନ୍ତି ଯେ ନୂଆଦିଲ୍ଲୀର ପୁସା ସଂସ୍ଥାନର ଆଇସିଏଆର ଲୋକପ୍ରିୟ ଧାନ କିସମ ଏମଟିୟୁ ୧୦୧୦ ରେ ମରୁଡ଼ି ପ୍ରତିରୋଧ ଏବଂ ଲୁଣ ସହନଶୀଳତା ପାଇଁ ଦାୟୀ 'ଡିଏସଟି' ଜିନ୍‌କୁ ସମ୍ପାଦନ କରି ଏକ ନୂତନ ପ୍ରକାର ଡିଏସଟି ଚାଉଳ ୧ ବିକଶିତ କରିଛି। ସେ କହିଛନ୍ତି ଯେ ଏମଟିୟୁ୧୦୧୦ ଚାଷୀଙ୍କ ମଧ୍ୟରେ ବହୁତ ଲୋକପ୍ରିୟ କାରଣ ଏଥିରେ ଲମ୍ବା ସୂକ୍ଷ୍ମ ଶସ୍ୟ ଅଛି, ଯାହା ଦକ୍ଷିଣ ଭାରତରେ ରବି ଋତୁର ଧାନ ଚାଷ ପାଇଁ ଅତ୍ୟନ୍ତ ଉପଯୁକ୍ତ। ଏହା ମରୁଡ଼ି ଏବଂ ଲବଣାକ୍ତତା ସମେତ ଅନେକ ଅଜୈବିକ ଚାପ ପ୍ରତି ସମ୍ବେଦନଶୀଳ। ଲୁଣିଆ ଏବଂ କ୍ଷାରୀୟ ମାଟିରେ ପୁସା ଡିଏସଟି ଧାନ ୧, ଏମଟିୟୁ ୧୦୧୦ ଅପେକ୍ଷା ୨୦% ଅଧିକ ଅମଳ ଦିଏ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ଯେ ଏହି କିସମ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ପୁଡୁଚେରୀ, କେରଳ, ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ପାଇଁ ବିକଶିତ କରାଯାଇଛି। ସେ କହିଥିଲେ ଯେ ସୁପାରିଶ କରାଯାଇଥିବା ପ୍ରାୟ ୫୦ ଲକ୍ଷ ହେକ୍ଟର ଅଞ୍ଚଳରେ ଏହି କିସମଗୁଡିକ ଚାଷ କଲେ ୪.୫ ଲକ୍ଷ ଟନ୍ ଅଧିକ ଧାନ ଉତ୍ପାଦନ ହେବ। ସବୁଜ ଗୃହ ଗ୍ୟାସ ନିର୍ଗମନ ୨୦ ପ୍ରତିଶତ ଅର୍ଥାତ୍ ୩୨୦୦ ଟନ୍ ହ୍ରାସ ପାଇବ।

# ବାଣିଜ୍ୟ



ନୂଆଦିଲ୍ଲୀ : ଆମାଜନ ଇଣ୍ଡିଆ ପକ୍ଷରୁ ୨୦୨୫ ଶେଷ ସୁଦ୍ଧା ଦେଶବ୍ୟାପୀ ମେଡିକାଲ କ୍ୟାମ୍ପଗୁଡିକର ଏକ ସିରିଜ ମାଧ୍ୟମରେ ୮୦,୦୦୦ରୁ ଅଧିକ ଡେଲିଭରି ଆସୋସିଏଟଙ୍କୁ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ସୁବିଧା ପ୍ରଦାନ କରିବା ପାଇଁ ଘୋଷଣା କରାଯାଇଛି। ତାମିଲନାଡୁ ଓ ଦିଲ୍ଲୀ ଏନସିଆର ଅଂଚଳରେ ୪ଟି କ୍ୟାମ୍ପର ଆୟୋଜନ କରାଯିବା ସହ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପ ଡେଲିଭରି ଆସୋସିଏଟ ଓ ଡେଲିଭରି ପାର୍ଟନରମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ଆମାଜନର ପ୍ରତିବଦ୍ଧତାକୁ ହାଇଲାଇଟ କରୁଛି। ଏହି ମେଡିକାଲ କ୍ୟାମ୍ପଗୁଡିକୁ ମାର୍ସ ଆଣ୍ଡ କେୟାର ଇନ୍ସୁରାନ୍ସ ଦ୍ୱାରା ପରିଚାଳନା କରାଯାଉଛି ଏବଂ ଏହା ଚକ୍ଷୁ ପରୀକ୍ଷା, ଦାଁ'ର ଯାଂଚ, ବିଏମଆଇ ମୂଲ୍ୟାୟନ ଓ ସାଧାରଣ ଡାକ୍ତରୀ ପରାମର୍ଶ ସମେତ ଜରୁରୀ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି। ଡେଲିଭରି ଆସୋସିଏଟ ଓ ଡେଲିଭରି ପାର୍ଟନରମାନେ ଆମାଜନର ଲାଷ୍ଟ-ମାଇଲ ଡେଲିଭରି ଷ୍ଟେସନଗୁଡିକରେ ସ୍ଥାପିତ ଯେକୌଣସି କ୍ୟାମ୍ପରେ ସରକାରଙ୍କ ଦ୍ୱାରା ଜାରି ଏକ ପରିଚୟ ପତ୍ର ଉପସ୍ଥାପନ କରି ଏହି ସେବାଗୁଡିକୁ ପାଇପାରିବେ। ଏସମ୍ପର୍କରେ ଆମାଜନ ଇଣ୍ଡିଆର ଆମାଜନ ଲଜିଷ୍ଟିକ୍ସ ବିଭାଗର ଭିପି ଡା. କରୁଣା ଶଙ୍କର ପାଣ୍ଡେ କହିଛନ୍ତି, 'ଆମେ ଡେଲିଭରି ଆସୋସିଏଟ ଓ ଡେଲିଭରି ପାର୍ଟନରମାନଙ୍କର ସୁସ୍ଥତାକୁ ସପୋର୍ଟ କରିବା ପାଇଁ ଭାରତବ୍ୟାପୀ ଏଭଳି ବିସ୍ତୃତ ମେଡିକାଲ କ୍ୟାମ୍ପଗୁଡିକୁ ଲଂଚ କରି ଗର୍ବିତ।

## ୟୁନିଭର୍ସିଟି ଇନୋଭେସନ ପ୍ରୋଗ୍ରାମର ବିଜେତାଙ୍କ ନାମ ଘୋଷଣା



ନୂଆଦିଲ୍ଲୀ: ବୋଇଙ୍ଗ (ଏନୱାଇଏସଇ:ବିଏ) ପକ୍ଷରୁ ବୋଇଙ୍ଗ ୟୁନିଭର୍ସିଟି ଇନୋଭେସନ ଲିଡରସିପ ଡେଭ୍‌ଲପମେଣ୍ଟ (ବିଲ୍ଡ) ପ୍ରୋଗ୍ରାମ ୨୦୨୪-୨୫ର ୪ର୍ଥ ସଂସ୍କରଣର ବିଜେତା ଭାବେ ୭ଟି ଟିମ୍‌ର ନାମ ଘୋଷଣା କରାଯାଇଛି। ଯେଉଁଥିରେ ୟୁନିଭର୍ସିଟି ଛାତ୍ରଛାତ୍ରୀ ଓ ପ୍ରାରମ୍ଭିକ ପର୍ଯ୍ୟାୟର ଷ୍ଟାର୍ଟଅପର ଉଦ୍ୟୋଗୀମାନେ ସାମିଲ ଅଛନ୍ତି। ୭ ଜଣ ବିଜେତା ଟିମ ହେଉଛନ୍ତି ଟ୍ରଷ୍ଟୱର୍କସ ଡାଇନେଟିକ୍ସ, ନେକ୍ସସ ପାୱର, ଏକ୍ସଟ୍ରାଇଭ ଇନୋଭେସନ୍ସ, କ୍ୱାଲିଭନ ଟେକ୍ନୋଲେଶଜିସ, ରଫା ବାୟୋନିକ୍ସ, ହାଇପ୍ରିକ୍ସ ଏଭିଏସନ ଏବଂ ତ୍ରିଶୂଳ ସ୍ପେସ। ଏହି ବିଜେତାମାନଙ୍କୁ ସେମାନଙ୍କର ବିଚାରଗୁଡିକୁ ବଜାର ପ୍ରସ୍ତୁତ ଓ ମୂଲ୍ୟବାନ ବ୍ୟବସାୟିକ ସମାଧାନରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଆସନ୍ତା ୬ ମାସ ମଧ୍ୟରେ ବୋଇଙ୍ଗ ଓ ସେମାନଙ୍କର ଇନ୍‌କ୍ୟୁବେଟର ପାର୍ଟନରଙ୍କ ଦ୍ୱାରା ସହଯୋଗ ପ୍ରଦାନ କରାଯିବ। ଏହି ବିଜେତା ଦଳଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଙ୍କୁ ଆର୍ଥିକ ଅନୁଦାନ ଭାବରେ ୧୦ ଲକ୍ଷ ଟଙ୍କା ମିଳିବ ଯାହା ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ଟେକ୍ନୋଲୋଜି, ସାମାଜିକ ପ୍ରଭାବ ଏବଂ ସ୍ଥାୟୀତ୍ୱ କ୍ଷେତ୍ରରେ ସେମାନଙ୍କ ଚିଂାଧାରାକୁ ପ୍ରୋତ୍ସାହିତ କରିବ। ଗତକାଲି ବେଙ୍ଗାଲୁରୁର ବିଆଇଇଟିସି କ୍ୟାମ୍ପସ ଠାରେ ଆୟୋଜିତ ହୋଇଥିବା ଫିନାଲେରେ ଦ ବୋଇଙ୍ଗ କମ୍ପାନୀ, ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ ଡାଟା ଆନାଲିଟିକ୍ସର ମୁଖ୍ୟ ସୂଚନା ଡିଜିଟାଲ ଅଧିକାରୀ ଓ ବରିଷ୍ଠ ଉପାଧ୍ୟକ୍ଷ ଡାନା ଡେଜି, ବରିଷ୍ଠ ଭିପି, ବୋଇଙ୍ଗ ଇଣ୍ଡିଆ ଓ ସାଉଥ ଏସିଆର ଅଧ୍ୟକ୍ଷ ସଲିଲ ଗୁପ୍ତେ, ବୋଇଙ୍ଗ ଇଣ୍ଡିଆ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ସେଂଟର (ବିଆଇଇଟିସି)ର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ବୋଇଙ୍ଗ ଇଣ୍ଡିଆର ଚିଫ୍ ଇଞ୍ଜିନିୟର ଷ୍ଟାସି ସାୟାର ଏବଂ ଅନ୍ୟ ବୋଇଙ୍ଗ ଗ୍ଲୋବାଲ ଓ ଇଣ୍ଡିଆ ଲିଡର ଏବଂ ବୋଇଙ୍ଗର ଇନ୍‌କ୍ୟୁବେଟର ପାର୍ଟନରମାନେ ଯୋଗ ଦେଇଥିଲେ। ଏହି ଅବସରରେ ବୋଇଙ୍ଗ ଇଣ୍ଡିଆ ଓ ସାଉଥ ଏସିଆର ଅଧ୍ୟକ୍ଷ ସଲିଲ ଗୁପ୍ତେ କହିଛନ୍ତି, 'ବିଗତ ବର୍ଷଗୁଡିକରେ ବିୟୁଆଇଏଲଡି ପ୍ରୋଗ୍ରାମ ଏକ ପ୍ଲାଟଫର୍ମ ଭାବେ ବିକଶିତ ହୋଇଛି ଯାହା ଭାରତର ବିକଶିତ ଷ୍ଟାର୍ଟଅପ ଇକୋସିଷ୍ଟମର ଆକାଂକ୍ଷାଗୁଡିକୁ ପ୍ରତିଫଳନ କରୁଛି। ବିଆଇଇଟିସିର ଭିପି, ଏମ୍‌ଡି ଏବଂ ବୋଇଙ୍ଗ ଇଣ୍ଡିଆର ମୁଖ୍ୟ ଇଞ୍ଜିନିୟର ଷ୍ଟାସି ସାୟାର କହିଛନ୍ତି, ବିୟୁଆଇଏଲଡି ହେଉଛି ଏକ କ୍ଷେତ୍ର ଯେଉଁଠାରେ ମାର୍ଗଦର୍ଶନ ଓ ବୋଇଙ୍ଗର ସୂଚନା ପରିସର ମାଧ୍ୟମରେ ବିଚାରଧାରାଗୁଡିକୁ ସମାଧାନର ରୂପ ଦିଆଯାଉଛି। ଏଠାରେ ଆଶାୟୀ ପ୍ରାର୍ଥୀମାନେ ସିଧାସଳଖ ବୋଇଙ୍ଗ ଇଞ୍ଜିନିୟର ଓ ଟେକ୍ନୋଲୋଜିଷ୍ଟଙ୍କ ସହ ଆଲୋଚନା କରିପାରିଥାନ୍ତି, ଯାହା ସେମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟର ପ୍ରସଙ୍ଗ ଓ ଧାରଣାଗୁଡିକୁ ମୂଲ୍ୟବାନ ଓ ବିସ୍ତୃତ ସମାଧାନରେ ରୂପାନ୍ତରିତ କରିବାରେ ସାହାଯ୍ୟ କରିଥାଏ।'

## ଆମାଜନ ଇଣ୍ଡିଆର ଗ୍ରେଟ ସମର ସେଲ ଘୋଷଣା

ନୂଆଦିଲ୍ଲୀ: ଆମାଜନ ଇଣ୍ଡିଆ ଗ୍ରେଟ୍ ସମର ସେଲ୍ ପାଇଁ ବ୍ଲକବଷ୍ଟର ଡିଲ୍ ଘୋଷଣା କରିଛି। ସାମସଙ୍ଗ ଏଆଇ ଦ୍ୱାରା ପରିଚାଳିତ ଏହି ବହୁ ପ୍ରତୀକ୍ଷିତ ସେଲ୍ ଚଳିତ ଋତୁରେ ଗ୍ରାହକଙ୍କୁ ଆନନ୍ଦିତ କରିବା ପାଇଁ ଅଗ୍ରଣୀ ବ୍ରାଣ୍ଡ ଗୁଡ଼ିକରେ ଏକ ଅସାଧାରଣ ଡିଲ ଆଣିଛି। ଗ୍ରାହକମାନେ ସାମସଙ୍ଗ ଏଆଇ ଏବଂ ଇଂଟେଲର ପ୍ରିମିୟମ ଟେକ୍ନୋଲୋଜି, ସାମସଙ୍ଗ ଆପ୍ଲାଏନ୍ସ ଏବଂ ଟିଭି, ଟିସିଏଲ୍ ଏବଂ ହିସେନ୍ସର ଅତ୍ୟାଧୁନିକ ଘରୋଇ ମନୋରନ ସମାଧାନ ଏବଂ ଟାଟା ଉତ୍ପାଦ, ମସଲ୍ ବ୍ଲେଜ୍, ଭୋଲିନି, ଏଚୟୁଏଲ, କେଲୋଗ୍ସ ଏବଂ ବୋଟର ବିଶ୍ୱସ୍ତ ଉପଭୋକ୍ତା ପସନ୍ଦ ଉପରେ ଉଲ୍ଲେଖନୀୟ ଅଫର ପାଇ ପାରିବେ। ସପିଂ, ଟିକେଟ୍ ବୁକିଂ କିମ୍ବା ବିଲ୍ ପୈଠ କରିବା ସମୟରେ ୫୦୦୦ ଟଙ୍କା ମୂଲ୍ୟର ବମ୍ପର ପୁରସ୍କାର, ପ୍ରଥମ, ପଂଚମ ଏବଂ ଦଶମ ଟ୍ରାଜକ୍ସନ ଉପରେ ସ୍ୱତନ୍ତ୍ର ଅଫର ରହିଛି। ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ପ୍ରାଇମ ମେମ୍ବରମାନେ ଅସୀମିତ ୫% କ୍ୟାସବ୍ୟାକ୍ ସହ ୨୫୦୦ ଟଙ୍କାର ସ୍ୱାଗତ ପୁରସ୍କାର ପାଇପାରିବେ । ଏହି ସେଲ୍ ରେ ବିମାନ ବୁକିଂ ଉପରେ ୨୦% ପର୍ଯ୍ୟନ୍ତ ଏବଂ ହୋଟେଲ ଏବଂ ହୋମଷ୍ଟେ ଉପରେ ୩୫% ପର୍ଯ୍ୟନ୍ତ ସଂଚୟ ମିଳିବ । ଯୋଗ୍ୟ ଗ୍ରାହକମାନେ ଆମାଜନ ପେ ଲ୍ୟାଟରରେ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ତୁର' କ୍ରେଡିଟ୍ ପାଇପାରିବେ ଏବଂ ୬୦୦ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ହାସଲ କରିପାରିବେ । ଏହାବ୍ୟତୀତ ଗ୍ରାହକମାନେ ନିଜ ଆମାଜନ ପେ ୱାଲେଟ୍ ରେ ୧୦୦୦ ଟଙ୍କା ମିଶାଇଲେ ୧୦୦ ଟଙ୍କା ପର୍ଯ୍ୟ' କ୍ୟାସବ୍ୟାକ୍ ପାଇପାରିବେ। ଆମାଜନ ୨୦୨୪ ରେ ସମାନ/ପରବର୍ତୀ ଦିନ ଡେଲିଭରି ପିନ କୋଡ୍‌କୁ ୧୧% ବୃଦ୍ଧି କରିଛି, ଯେଉଁଥିରେ ୧୦+ ଲକ୍ଷ ଆଇଟମ୍ ଉପରେ ସମାନ ଦିନରେ ଡେଲିଭରି, ୪୦+ ଲକ୍ଷ ଆଇଟମ୍ ଉପରେ ନେକ୍ସଟ୍-ଡେ ଏବଂ ୨୦,୦୦୦ ରୁ ଅଧିକ ବେଷ୍ଟସେଲିଂ ଆଇଟମ୍ ଉପରେ ୪ ଘଂଟାର ଡେଲିଭରି ପ୍ରଦାନ କରାଯାଇଛି। ଗ୍ରାହକମାନେ ଗ୍ରେଟ୍ ସମର ସେଲ୍ ସମୟରେ ସ୍ମାର୍ଟଫୋନ୍ ଏବଂ ଆକ୍ସେସରିଜ୍ ଉପରେ ୮୦% ପର୍ଯ୍ୟ' ରିହାତି, ଉପକରଣ ଏବଂ ହୋମ୍ ଉପରେ ୮୦% ପର୍ଯ୍ୟ' ରିହାତି, ଏସି ଏବଂ କୁଲିଂ ସାମଗ୍ରୀ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ସାମସଙ୍ଗ, ଏଲଜି, ହାୟର, ଗୋଦରେଜ, ବୋଶ, ଆଇଏଫବି ଫ୍ରିଜରେ ୫୫% ରିହାତି, ୱାସିଂ ମେସିନ୍‌ରେ ୬୦% ରିହାତି, ଫେବର, ଏଲିକା, ଗ୍ଲେନ୍, କ୍ରମ୍ପଟନ୍ ଚିମନିରେ ୬୫% ରିହାତି, ସାମସଙ୍ଗ, ଏଲଜି, ହାୟର ମାଇକ୍ରୋୱେଭ୍‌ରେ ୬୦% ରିହାତି, ଡିସ୍ ୱାଶର୍ସରେ ୫୫% ରିହାତି, ଟେକ୍ ଏବଂ ଏଂଟରଟେନମେଂଟରେ ୮୦% ପର୍ଯ୍ୟ' ରିହାତି, ଫ୍ୟାସନ ଆଣ୍ଡ ବିୟୁଟି ଉପରେ ୫୦-୮୫% ରିହାତି, ଗ୍ରୋସରୀ ଏବଂ ଦୈନିକ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଘର, ରୋଷେଇ ଘର ଓ ଆଉଟଡୋର ଉପରେ ୮୦% ପର୍ଯ୍ୟ' ରିହାତି ଭଳି ସୁବିଧା ରହିଛି ।

## ନୁଭୋକୋର ତ୍ରୈମାସିକ ଫଳାଫଳ ଘୋଷଣା

NUVOCO
Shaping a new world

ନୂଆଦିଲ୍ଲୀ: ଭାରତର ଏକ ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଗତ ମାର୍ଚ୍ଚ ୩୧ ତାରିଖ ୨୦୨୫ରେ ଶେଷ ହୋଇଥିବା ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ପାଇଁ ଏହାର ଅଡିଟ ହୋଇନଥିବା ଆର୍ଥିକ ଫଳାଫଳ ଘୋଷଣା କରିଛି। ବଦରାଜ ସିମେଂଟ ଲିମିଟେଡ (ଭିସିଏଲ)ର ଅଧିଗ୍ରହଣ ପାଇଁ ଏନ୍‌ସିଏଲ୍‌ଟି ରିଜୋଲ୍ୟୁସନ ପ୍ଲାନକୁ ମଞ୍ଜୁର କରିବା ପରେ କମ୍ପାନୀ ୨୦୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା ୩୧ ଏମଏମଟିପିଏ ସିମେଂଟ କ୍ଷମତା ହାସଲ କରିବା ପାଇଁ ଟ୍ରାକ୍‌ରେ ରହିଛି। କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ ୫.୭ ଏମଏମଟିର ମୋଟ ସିମେଂଟ ବିକ୍ରି ରେକର୍ଡ ହାସଲ କରିଥିବା ବେଳେ ମୋଟ ଆର୍ଥିକ ବର୍ଷରେ ୧୯.୪ ଏମଏମଟି ସିମେଂଟ ବିକ୍ରି କରିଛି। ୪ର୍ଥ ତ୍ରୈମାସିକରେ ପରିଚାଳନାରୁ ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୪% ବୃଦ୍ଧି ପାଇ ୩୦୪୨ କୋଟି ଟଙ୍କା ରହିଛି ଯାହା ୨୦୨୪-୨୫ ଆର୍ଥିକ ବର୍ଷର ମୋଟ ରାଜସ୍ୱ ୧୦୩୫୭ କୋଟି ଟଙ୍କାରେ ପହଂଚାଇଛି। କମ୍ପାନୀ ଏହି ତ୍ରୈମାସିକରେ ଏହାର ୫୫୬ କୋଟି ଟଙ୍କାର ସର୍ବୋଚ୍ଚ ତ୍ରୈମାସିକ ମୋଟ ଏବିଟଡା ହାସଲ କରିଥିବା ବେଳେ ମୋଟ ଆର୍ଥିକ ବର୍ଷରେ ୧୩୯୧ କୋଟି ଟଙ୍କାର ଏବିଟଡା ହାସଲ କରିଛି। କମ୍ପାନୀ ବାର୍ଷିକ ଆଧାରରେ ଏହାର ଶୁଦ୍ଧ ଋଣକୁ ୩୯୦ କୋଟି ଟଙ୍କା ହ୍ରାସ କରି ୩୬୪୦ କୋଟି ଟଙ୍କା ରଖିବା ସହ ଏହାର ଡିଲାଭରେଜିଂ ଏଜେଣ୍ଡା ପ୍ରତି ପ୍ରତିବଦ୍ଧ ରହିଛି। କମ୍ପାନୀ ଏହାର ବ୍ରାଣ୍ଡ ଉପସ୍ଥିତିକୁ ଉନ୍ନତ କରିବା ପାଇଁ ପ୍ରମୁଖ ମାର୍କେଟିଂ ପଦକ୍ଷେପଗୁଡିକୁ କାର୍ଯ୍ୟକାରୀ କରିଛି। ଏଗୁଡିକରେ 'ମହାକୁମ୍ଭ ୨୦୨୫ରେ ସାରଥୀ ପ୍ରୋଗ୍ରାମ' ସାମିଲ ରହିଛି ଯାହା ୨୫,୦୦୦ରୁ ଅଧିକ ପରିଦର୍ଶକଙ୍କୁ ଏକ ନିମଜ୍ଜିତ ଅନୁଭୂତି ଦେଇଥିଲା, ଏହା ଚ୍ୟାନେଲ ପାର୍ଟନର ଓ ଇନ୍‌ଫ୍ଲୁଏନ୍ସରଙ୍କ ପ୍ରତି କମ୍ପାନୀର ପ୍ରତିଶ୍ରୁତିବଦ୍ଧତାକୁ ମଜବୁତ କରିଛି। ଏହାବ୍ୟତୀତ ହରିଆନାର ପ୍ରେମିୟର ରେସ୍‌ଲିଂ ଚାମ୍ପିଅନସିପ 'ସବ୍‌ସେ ଖାସ ପେହେଲୱାନ'ର ଶୁଭାରମ୍ଭ ରେସ୍‌ଲିଂ ଚାମ୍ପିଅନମାନଙ୍କ ଶକ୍ତି ଓ ସ୍ଥିରତା ସହ ସମନ୍ୱିତ କରି ଡ୍ୟୁରାଗାର୍ଡ ସିମେଂଟର ବ୍ରାଣ୍ଡକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିଥିଲା। ଏହାବ୍ୟତୀତ ଉତରାଂଚଳ ବଜାରର ଚାହିଦା ପୂରଣ କରିବା ପାଇଁ କମ୍ପାନୀ ପକ୍ଷରୁ ହରିଆନା ସିମେଂଟ ପ୍ଲାଂଟରେ ଡ୍ୟୁରାଗାର୍ଡ ମାଇକ୍ରୋଫାଇବର ସିମେଂଟର ଉତ୍ପାଦନ ଆରମ୍ଭ କରାଯାଇଛି। ୫୮ଟି କାର୍ଯ୍ୟକ୍ଷମ ପ୍ଲାଂଟ୍ ସହିତ ଆର୍‌ଏମ୍‌ଏକ୍ସ ବ୍ୟବସାୟ ଉତମ ସଫଳତା ହାସଲ କରୁଛି ଯାହା କମ୍ପାନୀର ସାମଗ୍ରିକ ବିକାଶରେ ଯୋଗଦାନ ଦେଉଛି। ଏମ୍‌ବିଏମ ବ୍ୟବସାୟରେ ଟାଇଲ ଆଡେସିଭ, କନ୍‌ଷ୍ଟ୍ରକ୍ସନ କେମିକାଲ, କଭର ବ୍ଲକ ଓ ବ୍ଲକ ଜଏଂଟିଂ ମୋର୍ଟାର ଭଳି ଉତ୍ପାଦଗୁଡିକ ମଜବୁତ ବିକ୍ରି ସଫଳତା ପାଉଛନ୍ତି ଯାହା ପ୍ରଦର୍ଶନକୁ ଆହୁରି ତ୍ୱରାନ୍ୱିତ କରୁଛି। କମ୍ପାନୀର କାର୍ଯ୍ୟଦକ୍ଷତା ଉପରେ ମତପ୍ରକାଶ କରି ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ' ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧ ଭାଗରେ କମ୍ ଚାହିଦା ଥିବା ସତ୍ତ୍ୱେ କମ୍ପାନୀ ଦ୍ୱିତୀୟାର୍ଦ୍ଧରେ ଦୃଢ଼ ପ୍ରତ୍ୟାବର୍ତନ କରିଥିଲା। କମ୍ପାନୀ ଏହାର ବଜାର ଉପସ୍ଥିତିକୁ ମଜବୁତ କରିବା ପାଇଁ ନୂଆ ସୁଯୋଗଗୁଡିକ ଉପରେ ପୁଞ୍ଜି ହାସଲ କରି ସୁଗମତାର ସହ ପ୍ରତିକ୍ରିୟା ଦେଇଥିଲା। କ୍ରମାଗତ ଭାବେ ତ୍ରୈମାସିକଗୁଡିକରେ ଉନ୍ନତ ଚାହିଦା ପ୍ରିମିୟମାଇଜେଶନ ଉପରେ ଆମର ମହତ୍ତ୍ୱ ସହ ଜଡୀତ ଥିଲା, ଯାହା ବର୍ଦ୍ଧିତ ସଫଳତାରେ ଯୋଗଦାନ ଦେଇଥିଲା, ଫଳରେ କମ୍ପାନୀ ଐତିହାସିକ ରୂପେ ସର୍ବୋଚ୍ଚ ତ୍ରୈମାସିକ ଏବିଟଡା ହାସଲ କରିପାରିଛି।'

## 'ପ୍ରତ୍ୟେକ ଆପତ୍ତି ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି'

ନୂଆଦିଲ୍ଲୀ: ଫିଟଜି ଲିମିଟେଡର ଅଧ୍ୟକ୍ଷ ଡି.କେ.ଗୋଏଲ ଏହି ପ୍ରତିଷ୍ଠାନରେ ନାମ ଲେଖାଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଫିଟଜି ଆଗାମୀ ମାସଗୁଡିକରେ ତାହାର ପୂର୍ବ ସ୍ଥିତିକୁ ଫେରିବ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଦ୍ୱାରା କରାଯାଇଥିବା ସମସ୍ତ ଅଭିଯୋଗକୁ ସେ ଦୃଢ ଭାବରେ ଖଣ୍ଡନ କରିଛନ୍ତି। ସେ ପୁନଶ୍ଚ ସ୍ପଷ୍ଟ କରିଦେଇ କହିଛନ୍ତି ଯେ ଫିଟଜି ବନ୍ଦ ହେଉନାହିଁ ଏବଂ ସାମୟିକ ଭାବରେ ବନ୍ଦ ହୋଇଥିବା ସମସ୍ତ ସେଣ୍ଟର ଆଗାମୀ ମାସରେ ପୁନଶ୍ଚ କାର୍ଯ୍ୟକ୍ଷମ ହେବ। ଶ୍ରୀ ଗୋଏଲ କହିଛନ୍ତି ଯେ, କିଛି ଖଳ ପ୍ରକୃତିର ଅଂଶୀଦାର ଏବଂ ଷ୍ଟାଫ ସଦସ୍ୟଙ୍କ ଦ୍ୱାରା ଆର୍ଥିକ ସମସ୍ୟା ସୃଷ୍ଟି କରାଯାଇଥିଲା ଏବଂ ତାହା ଫିଟଜି ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇନାହିଁ। ସେ କହିଛନ୍ତି ଯେ, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ (ଉତ୍ତର ପୂର୍ବ, ଦ୍ୱାରକା ଓ ଦକ୍ଷିଣ), ହାଇଦରାବାଦ (ଦିଲଖୁସନଗର, କୁକଟପାଲ୍ଲି ଏବଂ ସଇଫାବାଦ), କୋଚି, କଲକାତା (ଉତ୍ତର ଓ ଦକ୍ଷିଣ) ଏବଂ ବିଜୟୱାଡା ସେଣ୍ଟରଗୁଡିକରେ କ୍ଲାସରୁମ ପାଠ୍ୟକ୍ରମ ଏବେ ମଧ୍ୟ ଚାଲିଛି। ଶ୍ରୀ ଗୋଏଲ ସମସ୍ତ ପଞ୍ଜିକୃତ ଛାତ୍ରଛାତ୍ରୀଙ୍କୁ ଭରସା ଦେଇ କହିଛନ୍ତି ଯେ ଶିକ୍ଷାଗ୍ରହଣ ପାଇଁ ସେମାନଙ୍କର ଅଧିକାର ଏଫଆଇଆଇଟି ଜେଇଇରେ ସୁରକ୍ଷିତ ରହିଛି ଏବଂ ପରିଚାଳନା କର୍ତ୍ତୃପକ୍ଷ ସେମାନଙ୍କର ସମସ୍ତ ଆପତ୍ତି ଅଭିଯୋଗ ପ୍ରତି ଧ୍ୟାନ ଦେବାକୁ ପୂର୍ଣ୍ଣ ପ୍ରତିବଦ୍ଧ ରହିଛନ୍ତି। ଫିଟଜି ନିମନ୍ତେ ଜେଇଇ ମେନ ଫଳାଫଳ ପୂର୍ବ ବର୍ଷଗୁଡିକ ଭଳି ଚଳିତ ବର୍ଷ ମଧ୍ୟ ଭଲ ହୋଇଛି। ଚାଲେଞ୍ଜଗୁଡିକ ସତ୍ତ୍ୱେ ଶ୍ରୀ ଗୋଏଲ ଭରସା ଦେଇ କହିଛନ୍ତି ଯେ, ଫିଟଜି ଚଳିତ ଶିକ୍ଷା ନିମନ୍ତେ ସେବା ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛି। ଶ୍ରୀ ଗୋଏଲ ସରକାର ଏବଂ ତଦନ୍ତକାରୀ ସଂସ୍ଥାଗୁଡିକ ଏକ ନ୍ୟାୟସଙ୍ଗତ ଏବଂ ନିରପେକ୍ଷ ତଦନ୍ତ କରିବା ସହିତ ଛାତ୍ର ଛାତ୍ରୀଙ୍କର ଶିକ୍ଷାଗ୍ରହଣରେ ଯେଭଳି ଅନାବଶ୍ୟକ ଭାବରେ ବ୍ୟାଘାତ ସୃଷ୍ଟି ନହୁଏ ତାହା ସୁନିଶ୍ଚିତ ନହୁଏ ସେଥିପାଇଁ ନିବେଦନ କରିଛନ୍ତି। ବ୍ୟାଙ୍କ ଆକାଉଣ୍ଟ ଅକାମୀ ଏବଂ ଗଣମାଧ୍ୟମରେ ଭୁଲ ତଥ୍ୟ ଉପସ୍ଥାପନ କରାଯିବା ସତ୍ତ୍ୱେ ଏଫଆଇଆଟି ଜେଇଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ ରହିଛି।

## ନୂଆ ନେକ୍ସଟ ଜେନ ଫ୍ୟାନ୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ: ଅଗ୍ରଣୀ ଉପଭୋକ୍ତା ସାମଗ୍ରୀ ପ୍ରସ୍ତୁତି କମ୍ପାନୀ ଉଷା ଇଂଟରନେସନାଲ ଦ ଷ୍ଟାଇଲିସ୍ ଏରୋଏଜ୍ ଏବଂ ଏରୋଏଜ୍ ପ୍ଲସ୍ ନାମରେ ନିଜର ସଦ୍ୟତମ ଉଚ୍ଚ ପ୍ରଦର୍ଶନକ୍ଷମ ସିଲିଂ ଫ୍ୟାନର ଶୁଭାରମ୍ଭ କରିଛି। ଅତିଶୟ ଗରମ ଅନୁଭବ କରୁଥିବା ଭାରତୀୟ ଉପଭୋକ୍ତାଙ୍କର ପରିବର୍ତିତ ଆବଶ୍ୟକତାକୁ ପୂରଣ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏସବୁ ଫ୍ୟାନ୍ ଚମତ୍କାର ଆରାମ, ସର୍ବୋତମ ଶକ୍ତି ଦକ୍ଷତା ଏବଂ ଆଧୁନିକ ସମୟର ସୁନ୍ଦରତାରେ ସମ୍ପନ୍ନ ତଥା ବର୍ତମାନର ଘରଗୁଡ଼ିକ ପାଇଁ ଶ୍ରେଷ୍ଠ ଶୀତଳତା ପ୍ରଦାନ କରିଥାନ୍ତି। ଏରୋଏଜ୍ ପ୍ଲସ୍ ଏବଂ ଏରୋଏଜ୍ ବିଏଲଡିସି ସିଲିଂ ଫ୍ୟାନ ସୌନ୍ଦର୍ଯ୍ୟ ଏବଂ ପ୍ରଯୁକ୍ତିର ଉପଯୁକ୍ତ ମିଶ୍ରଣର ପ୍ରତୀକ ଏବଂ ବିଇଇ ଷ୍ଟାର ରେଟିଂରେ ସୁସଜ୍ଜିତ ଯାହାକି ଏଗୁଡ଼ିକର ଶକ୍ତି ଦକ୍ଷତା ଏବଂ ଦୀର୍ଘକାଳୀନ ମୂଲ୍ୟ ପ୍ରଭାବଶୀଳତାକୁ ଦର୍ଶାଉଛି। ଏରୋଏଜ୍ ପ୍ଲସ୍ ୩୫୦ ଆରପିଏମର ଉଚ୍ଚ ବେଗ ଏବଂ ୨୨୦ ଏମ୩/ମିନିଟର ଏୟାର ଡେଲିଭରୀ ପ୍ରଦାନ କରିଥାଏ। ଏଥିରେ ଦ୍ୱିମୁଖୀ ଘୂର୍ଣ୍ଣନ ସୁବିଧା ରହିଛି, ଯାହା ଏହାକୁ ସବୁ-ପାଣିପାଗ ପାଇଁ ଏକ ଉପଯୁକ୍ତ ଫ୍ୟାନ୍ କରୁଛି । ଏଥିରେ ଦ୍ରୁତ ଶୀତଳତା ପାଇଁ ଏକ ବୁଷ୍ଟ୍ ମୋଡ୍, ଏବଂ ଅତିରିକ୍ତ ସୁବିଧା ପାଇଁ ଟାଇମର୍ କାର୍ଯ୍ୟକାରିତା, ଏଲଇଡି ସ୍ପିଡ ଇଣ୍ଡିକେଟର ରହିଛି। ଏହି ଫ୍ୟାନ୍ ୪ଟି ଆକର୍ଷଣୀୟ ରଙ୍ଗରେ ଯଥା ସ୍ମୋକ ବ୍ରାଉନ, ବ୍ରାଉନ, ରିଚ୍ ହ୍ୱାଇଟ୍ ଏବଂ ଆଇଭରିରେ ଉପଲବ୍ଧ । ଏରୋଏଜ୍ ଫ୍ୟାନରେ ଏକ ହାଇ-ସ୍ପିଡ୍ ୩୫୦ ଆରପିଏମ ମୋଟର ରହିଛି, ଯାହା ଏକ ଚିତାକର୍ଷକ ୨୨୦ ଏମ୩/ମିନିଟ ବାୟୁପ୍ରବାହ ପ୍ରଦାନ କରିଥାଏ। ଏକ ବିଏଲଡିସି ମୋଟର ଏବଂ ଏକ ୧୦୦% କର୍ପ ୱାଇଣ୍ଡିଂ ଦ୍ୱାରା ପରିଚାଳିତ, ଏହା ଶବ୍ଦ ହୀନ କାର୍ଯ୍ୟକ୍ଷମତା, ଅସାଧାରଣ ଶକ୍ତି ସଂଚୟ ଏବଂ ଅଧିକ ସ୍ଥାୟିତ୍ୱ ସୁନିଶ୍ଚିତ କରିଥାଏ। ଫ୍ୟାନଟି ସ୍ମୋକ ବ୍ରାଉନ, ମ୍ୟାଟ୍ ବ୍ରାଉନ୍, ରିଚ୍ ହ୍ୱାଇଟ ଏବଂ ଆଇଭରୀ ଭଳି ୪ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ।



ବେଙ୍ଗାଲୁରୁ: ଆଇପିଏଲ୍ ୨୦୨୫ରେ ଖେଳାଳିମାନେ ବିଭିନ୍ନ ରେକର୍ଡ କରିବାରେ ଲାଗିଛନ୍ତି। କିଏ ବ୍ୟାଟିଂରେ ତ କିଏ ବୋଲିଂରେ ରେକର୍ଡ କରୁଛନ୍ତି। ଏହି କ୍ରମରେ କିଙ୍ଗ ବିରାଟ କୋହଲି ଚମତ୍କାର ପ୍ରଦର୍ଶନ ଜାରୀ ରଖିଛନ୍ତି। ସେ ରେକର୍ଡ ପରେ ରେକର୍ଡ କରି ଚାଲିଛନ୍ତି। ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚରେ କୋହଲି ୩୩ ବଲରେ ୬୨ ରନ ସଂଗ୍ରହ କରିଥିଲେ । ଏଥିସହ ସେ ଆଇପିଏଲରେ ଡେଭିଡ ୱାର୍ଣ୍ଣରଙ୍କ ଏକ ବଡ ରେକର୍ଡ ଭାଙ୍ଗି ଦେଇଛନ୍ତି। ୱାର୍ଣ୍ଣର ଆଇପିଏଲରେ ସର୍ବାଧିକ ଥର ୫୦୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲେ । ସେ ୭ ଥର ଏହି ସଫଳତା ହାସଲ କରିଥିବା ବେଳେ କୋହଲି ତାଙ୍କ ରେକର୍ଡ ଭଙ୍ଗ କରିଛନ୍ତି । କୋହଲି ୮ ଥର ଗୋଟିଏ ସିଜନରେ ୫୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି । ଏହି ତାଲିକାରେ କେଏଲ ରାହୁଲ ଓ ଶିଖର ଧାୱନ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି । ରାହୁଲ ୬ ଓ ଧାୱନ ୫ ଥର ୫୦୦ରୁ ଅଧିକ ରନ କରିଛନ୍ତି । କୋହଲି ଆଇପିଏଲରେ ୬୨ ତମ ଅର୍ଦ୍ଧଶତକ ହାସଲ କରିଛନ୍ତି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରର ପ୍ରଦର୍ଶନ ଚଳିତ ସଂସ୍କରଣରେ ସନ୍ତୋଷ ଜନକ ରହିଛି । ଦଳ ଏବେ ପ୍ଲେ ଅଫର ନିକଟତର ହୋଇଛି । ସୂଚନାଯୋଗ୍ୟ ଆରସିବି ଏ ପର୍ଯ୍ୟନ୍ତ ଆଇପିଏଲ ଟାଇଟଲ ହାସଲ କରିପାରି ନାହିଁ। ଏଥର ଦଳ ଯେପରି ଖେଳୁଛି ଟାଇଟାଲ ହାତେଇ ବୋଲି ଅନୁମାନ କରାଯାଉଛି।

**୫୩ତମ ମ୍ୟାଚ୍** | **କୋଲକାତା ନାଇଟ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ**

# କେକେଆର୍ ୧ରନ୍‌ରେ ବିଜୟୀ



କୋଲକାତା: କୋଲକାତାର ଇଡେନ ଗାର୍ଡେନ୍ସଠାରେ ଚାଲିଥିବା ଆଇପିଏଲ ୨୦୨୫ର ୫୩ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୧ ରନରେ ହରାଇ ଦେଇଛି କୋଲକାତା ନାଇଟ ରାଇଡର୍ସ (କେକେଆର)। ଏହି ରୋମାଞ୍ଚକର ମ୍ୟାଚରେ ରାଜସ୍ଥାନ ଆଗରେ ୨୦୭ ରନର ଲକ୍ଷ୍ୟ ଥିବାବେଳେ ଦଳ ୨୦୫ ରନ ହିଁ କରିପାରିଥିଲା। ରାଜସ୍ଥାନ ପକ୍ଷରୁ ରିୟାନ ପରାଗ ୮ଟି ଛକା ୬ଟି ଚୌକା ସହ ୯୫ କରିଥିଲେ । ଯଶସ୍ୱୀ ଜୟସ୍ୱାଲ ୩୪ ରନ କରିଥିବାବେଳେ ଶୁଭମ ଦୁବେ ୨୫ ରନ ଓ ସିମରନ ହେଟମେୟର ୨୯ ରନ କରିଥିଲେ। କନ୍ତୁ ଭାଇରାଲ ବଏ ବୈଭବ ସୂର୍ଯ୍ୟବଂଶୀ ପୁଣି ବଡ ରନ୍ କରିବାରେ ବିଫଳ ହୋଇଥିଲେ। କୋଲକାତା ପକ୍ଷରୁ ହର୍ଷିତ ରାଣା, ମୋଇନ ଅଲି ଓ ବରୁଣ ଚକ୍ରବର୍ତ୍ତି ୨ଟି ଲେଖାଏଁ ୱିକେଟ ନେଇଥିଲେ। କୋଲକାତା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ରହମାନୁଲ୍ଲା ଗୁରବାଜ ଓ ସୁନୀଲ ନାରାୟଣ ବ୍ୟାଟିଂ ଓପନ କରିଥିଲେ । ତେବେ ସୁନୀଲ ମାତ୍ର ୧୧ ରନ କରି ଆଉଟ ହୋଇଥିଲେ। ତେବେ ଗୁରବାଜ ଓ ଅଜିଙ୍କ୍ୟ ରାହାଣେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ଗୁରବାଜ ୩୫ ରନ ଓ ରାହାଣେ ୩୦ ରନ କରିଥିଲେ । ଅଙ୍ଗକ୍ରିସ ରଘୁବଂଶୀ ୪୪ ରନ କରିଥିବାବେଳେ ଆନ୍ଦ୍ରେ ରସେଲ୍ ମାତ୍ର ୨୫ ବଲରେ ୫୭ ରନ କରିଥିଲେ । ନିଜର ଏହି ଇନିଂସରେ ସେ ୬ଟି ଛକା ଓ ୪ଟି ଚୌକା ମାରିଥିଲେ । କୋଲାକାତା ନିର୍ଦ୍ଧାରିତ ୨୦ ଓଭରରେ ୨୦୬ ରନ କରିଥିଲା। ଏହି ମ୍ୟାଚ୍‌ଟି ଶେଷ ପର୍ଯ୍ୟନ୍ତ ରୋମାଞ୍ଚ ଭରି ଦେଇଥିଲା। ଯେପରି ଲାଗୁଥିଲା ଗୁଜୁରାଟ ଏହି ମ୍ୟାଚ୍ ଜିତି ନେବ। ଜୋଫ୍ରା ଆଚର ରନ୍ ଆଉଟ ହୋଇଯିବାରୁ ଏହି ମ୍ୟାଚ୍ ହାତଛଡା କରିଦେଇଥିଲେ। ଶୁଭମ ଦୁବେ ଶେଷ ପର୍ଯ୍ୟନ୍ତ ନଟ୍‌ଆଉଟ୍ ଥିଲେ ମଧ୍ୟ ମ୍ୟାଚ୍ ଜିତି ପାରି ନଥିଲେ।

**୫୪ତମ ମ୍ୟାଚ୍** | **ପଞ୍ଜାବ କିଙ୍ଗସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ**

# ପଞ୍ଜାବ କିଙ୍ଗ୍‌ସ ୩୭ରନ୍‌ରେ ବିଜୟୀ



ଧର୍ମଶାଳା : ଧର୍ମଶାଳାଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୫୪ତମ ମ୍ୟାଚ ଲକ୍ଷ୍ନୌ ସୁପରଜାୟାଣ୍ଟସ ଓ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ପଞ୍ଜାବ କିଙ୍ଗସ୍ ୩୭ ରନ୍‌ରେ ଜିତି ନେଇଛି। ଲକ୍ଷ୍ନୌ ସୁପରଜାୟାଣ୍ଟସ୍ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୩୫ ରନ କରିଥିଲା। ଦଳ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟା ମାତ୍ର ୧ ରନ କରି ଆଉଟ୍ ହେବା ପରେ ପ୍ରଭସିମରନ ସିଂ ଓ ଜୋସ ଇଂଗଲିସ୍ ସତର୍କତାର ସହ ଖେଳି ସ୍କୋରକୁ ଆଗେଇ ନେଇଥିଲେ। ପ୍ରଭସିମରନ ମାତ୍ର ୪୮ଟି ବଲରେ ୭ ଛକା ୬ ଚୌକା ସହ ୯୧ ରନ କରିଥିଲେ। ଇଂଗଲିସ୍ ୩୦ ରନ କରିଥିବାବେଳେ ଶ୍ରେୟାସ ଆୟର ୪୫ ରନ କରିଥିଲେ। ସେହିପରି ଶଶାଙ୍କ ସିଂ ୩୩ ରନ କରିଥିବାବେଳେ ନେହାଲ ୱାଧେରା ୧୬ ରନ ଓ ମାର୍କସ ଷ୍ଟୋଇନିସ୍ ୧୫ ରନ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ଦିଗଭେସ ସିଂ ରାଥି ଓ ଆକାଶ ମହାରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ। ୨୩୬ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ଲକ୍ଷ୍ନୌ ସୁପରଜାୟାଣ୍ଟସ୍। ଦଳ ୨୦ଓଭରରେ ୭ୱିକେଟ ହରାଇ ୧୯୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଏଡେନ୍ ମାର୍କମ ୧୩, ନିକଲସ ପୁରନ ୬, ଅଧିନାୟକ ରିଷଭ ପନ୍ତ ୧୮, ଆୟୁଷ ବଦାନି ସର୍ବାଧିକ ୭୪ରନ୍ କରିଥିଲେ। ଏଥିରେ ୫ଛକା, ୫ଚୌକା ସାମିଲ। ସେହିପରି ଡେଭିଡ ମିଲର ୧୧, ଅବଦୁଲ ସାମ୍ଦ ୪୫, ଅଭେଷ ଖାନ୍ ୧୯ ଓ ପ୍ରିନ୍ସ ଯାଦବ ୧ ରନ୍ କରିଥିଲେ। ପଞ୍ଜାବ ପକ୍ଷରୁ ଅର୍ସଦୀପ ସିଂ ୩ୱିକେଟ୍, ମାକ୍ରୋ ଜନସନ ୧, ଆଜମାତୁଲାହ ଓମରାଜୀ ୨ ଓ ୟୁଜେନ୍ଦ୍ର ଚହଲ ୧ୱିକେଟ ଅକ୍ତିଆର କରିଥିଲେ।

# ଆଇପିଏଲ୍‌ର ଦ୍ରୁତତମ ଅର୍ଦ୍ଧଶତକ କଲେ ରୋମାରିଓ ସେଫର୍ଡ



ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ର ଦ୍ରୁତତମ ଅର୍ଦ୍ଧଶତକ କଲେ ରୋମାରିଓ ସେଫର୍ଡ। ପ୍ରଥମ ୭ଟି ମ୍ୟାଚ୍‌ରେ ସେ ଟିମରେ ନଥିଲେ। କିନ୍ତୁ ସୁଯୋଗ ମିଳିବା ପରେ ମାତ୍ର ୨ ଓଭରରେ ମ୍ୟାଚ୍‌ର ରୂପ ବଦଳାଇ ଦେଲେ। ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରସିବି ଏବଂ ସିଏସକେ ଖେଳାଯାଇଥିବା ମ୍ୟାଚ୍‌ରେ ରୋମାରିଓ ସେଫର୍ଡ ଛକା, ଚୌକା ବୃଷ୍ଟି କରିଥିଲେ। ଚଳିତ ସିଜିନରେ ମାତ୍ର ୧୪ ବଲ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ରୋମାରିଓ ସେଫର୍ଡ ପ୍ରଥମ ଇନିଂସ ଶେଷ ୨ ଓଭରରେ ଚେନ୍ନାଇ ବୋଲରଙ୍କୁ ନିସ୍ତୁକ ପ୍ରହାର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁକୁ ବିରାଟ କୋହଲି ଏବଂ ଜାକବ୍ ବେଥେଲ୍ ଏକ ଦମଦାର ଆରମ୍ଭ ଦେଇଥିଲେ । ଏହି ଦୁଇ ବ୍ୟାଟର ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ବଳରେ ବେଙ୍ଗାଲୁରୁ ବିଶାଳ ସ୍କୋର ସହଜରେ ହାସଲ କରିବା ପରି ଦେଖାଯାଉଥିଲା । କିନ୍ତୁ ଦୁହେଁ ଆଉଟ୍ ହେବା ମାତ୍ରେ ରନ୍ ଗତି କମିଗଲା। ଯେପରି ଲାଗୁଥିଲା ବେଙ୍ଗାଲୁରୁ ପାଇଁ ୨୦୦ ରନ କରିବା ତ ଦୂରର କଥା, ୧୮୦ ରନ କରିବା ମଧ୍ୟ ଚ୍ୟାଲେଞ୍ଜପୂର୍ଣ୍ଣ ମନେ ହେଉଥିଲା । ଏପରି ସମୟରେ ରୋମାରିଓ ସେଫର୍ଡ କ୍ରିଜ୍‌କୁ ଆସିଥିଲେ । ସେ ୧୮ତମ ଓଭରର ପଞ୍ଚମ ବଲ୍‌ରେ କ୍ରିଜ୍‌କୁ ଆସିଥିଲେ । ୧୮ତମ ଓଭର ଶେଷରେ ଦଳର ସ୍କୋର ଥିଲା ମାତ୍ର ୧୫୯ ରନ୍ । କିନ୍ତୁ ଶେଷ ୨ ଓଭରରେ ତାଙ୍କ ବିସ୍ଫୋରଣ ବ୍ୟାଟିଂ ପୂରା ଚିତ୍ର ବଦଳାଇ ଦେଲେ । ସେଫର୍ଡ ୧୯ତମ ଓଭରରେ ଖଲିଲ ଅହମ୍ମଦଙ୍କୁ ଟାର୍ଗେଟ୍ କରିଥିଲେ । ଏହି ଓଭରରେ ୪ଟି ଛକା ଏବଂ ୨ଟି ଚୌକା ମାରି ୩୩ ରନ କରିଥିଲେ । ଯାହା ଏହି ସିଜନର ସବୁଠାରୁ ମହଙ୍ଗା ଓଭର ହୋଇଥିଲା। ତା'ପରେ ୨୦ତମ ଓଭରର ଦ୍ୱିତୀୟ ବଲ୍‌ରେ, ସେଫର୍ଡଙ୍କୁ ଷ୍ଟ୍ରାଇକ୍ ମିଳିଥିଲା । ଏଥର ମାଥିଶା ପଥିରଣାଙ୍କୁ ଦୁଇଟି ଚୌକା ଏବଂ ଦୁଇଟି ଛକା ମାରିଥିଲେ । ଶେଷ ବଲରେ ଛକା ମାରି ସେଫର୍ଡ ମାତ୍ର ୧୪ ବଲରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ । ଏହା ଏହି ସିଜିନରେ ଦ୍ରୁତତମ ଅର୍ଦ୍ଧଶତକ ଏବଂ ଆଇପିଏଲ୍ ଇତିହାସରେ ମିଳିତ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ । ସେଫର୍ଡଙ୍କ ଆକ୍ରମଣ ବଳରେ, ବେଙ୍ଗାଲୁରୁ ଶେଷ ୨ ଓଭରରେ ୫୪ ରନ୍ କରିଥିଲା । ଏହାସହ ଦଳ ୨୧୩ ରନର ଏକ ବଡ଼ ସ୍କୋର କରିଥିଲା। ରୋମାରିଓ ସେଫର୍ଡ ମାତ୍ର ୧୪ ବଲ୍‌ରେ ୬ଟି ଛକା ଏବଂ ୪ଟି ଚୌକା ସହିତ ୫୩ ରନ୍ କରି ଅପରାଜିତ ରହିଥିଲେ।

# କଳିଙ୍ଗ ସୁପର କପ୍: ଗୋଆ ଚାମ୍ପିଅନ୍







ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବୋର୍ଜା ହେରେରା ଗୋଞ୍ଜାଲେଜଙ୍କ ଡବଲ ଗୋଲ ବଳରେ ଏଫ୍‌ସି ଗୋଆ ୩-୦ ଗୋଲରେ ଜାମଶେଦପୁର ଏଫ୍‌ସିକୁ ହରାଇ ଚାମ୍ପିୟନ ହୋଇଛି। ପୂର୍ବରୁ ୨୦୧୯ରେ ଚାମ୍ପିୟନ ହୋଇଥିବା ଗୋଆ ପ୍ରଥମ ଦଳଭାବେ ୨ ଥର ଟାଇଟଲ ଜିତିବାକୁ ସକ୍ଷମ ହୋଇଛି। ଡବଲ ଗୋଲ ସ୍କୋରର ବୋର୍ଜା ଗୋଞ୍ଜାଲେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଗୋଆର ଇକର ଗୌରୋକ୍ସେନା ଓ ବୋର୍ଜା ଗୋଞ୍ଜାଲେଜ ୪ଟି ଲେଖାଏ ଗୋଲ ଦେଇ ଯୁଗ୍ମ ଟପ୍ ସ୍କୋରର ବିବେଚିତ ହୋଇଥିଲେ। ଚାମ୍ପିୟନ ହୋଇଥିବା ଗୋଆ ଦଳ ୨୦୨୫-୨୬ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚ ଆରମ୍ଭ ହେବାକ୍ଷଣି ଜାମଶେଦପୁର ଏଫ୍‌ସି ଆକ୍ରମଣାତ୍ମକ ଆଭିମୁଖ୍ୟ ଅବଲମ୍ବନ କରି ଗୋଲ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଜାଭି ହର୍ନାଣ୍ଡେଜଙ୍କ ଶଟ୍‌କୁ ଗୋଆ ଗୋଲକିପର ସେଭ୍ କରି ଦେଇଥିଲେ। ପ୍ରତି ଆକ୍ରମଣକରି ସଫଳ ହୋଇଥିଲା ଗୋଆ। ୨୩ତମ ମିନିଟ୍ ?ରେ ବୋର୍ଜା ହର୍ନାଣ୍ଡେଜ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରିଥିଲେ। ଜାମଶେଦପୁର ଏଫ୍ ?ସି ଗୋଲକିପର ଆଲବିନୋ ଗୋମ୍ସ ୨ ଥର ସେଭ୍ କରିଥିଲେ ହେଁ ବୋର୍ଜା ଚତୁରତାର ସହ ରିବାଉଣ୍ଡ ଶଟ୍ ସହ ଏହାକୁ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଗୋଆ ୧-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଜାମଶେଦପୁର ଗୋଲ ପରିଶୋଧ କରିବାକୁ ଉଦ୍ୟମରେ ଥିବାବେଳେ ୫୨ତମ ମିନିଟ୍‌ରେ ବୋର୍ଜା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଗୋଆକୁ ଡ୍ରାଇଭର ସିଟରେ ବସାଇ ଦେଇଥିଲେ। ୮୦ତମ ମିନିଟ୍‌ରେ ଡେଜାନ ଡ୍ରାଜିକ୍ ଆଉ ଏକ ଗୋଲ ଦେବାରୁ ଗୋଆର ବିଜୟ ଏକ ପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ସଭାପତି ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏଆଇଏଫ୍ କାର୍ଯ୍ୟକାରିଣୀ ସଦସ୍ୟ ମେନଲା ଏଥେନପା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚୟ ହେବା ସହ ସେମାନଙ୍କୁ ଶୁଭକାମନା ଜ୍ଞାପନ କରିଥିଲେ।

### ଡୋପ୍ ଟେଷ୍ଟରେ ଫେଲ

# ବାସନ୍ଦ ହେଲେ ହେମରାଜ ଓ ଅଞ୍ଜଳି





ନୂଆଦିଲ୍ଲୀ: ଲଙ୍ଗ ଡିଷ୍ଟାନ୍ସ ରନର ହେମ୍‌ରାଜ ଗୁର୍ଜାର ଓ ଅଞ୍ଜଳୀ କୁମାରୀ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା ଯଥାକ୍ରମେ ୪ ଓ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଉଭୟେ ଗତବର୍ଷ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୫ ବର୍ଷୀୟ ଗୁର୍ଜାର ୨୦୨୩ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ର ୫୦୦୦ ମିଟର ରେସ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦୨୩ ଓ ୨୦୨୪ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ନିଷ୍ପତ୍ତି ତାରିଖ ଏପ୍ରିଲ ୨୦ରୁ ସେ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ହୋଇଛନ୍ତି। ଗୁର୍ଜାର ଆହୁରି ମଧ୍ୟ ଗତବର୍ଷ ୱାର୍ଲଡ ଆଥଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କଠାରୁ ସଂଗୃହୀତ ଡୋପ୍ ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ଡାର୍ବେପୋଟିନ (ଡେପୋ) ଠାବ କରାଯିବା ପରେ ନାଡା ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଥିଲା। ଅନ୍ୟପକ୍ଷରେ ଅଞ୍ଜଳୀଙ୍କ ୬ ବର୍ଷ ବାସନ୍ଦ ଦଣ୍ଡ ମାର୍ଚ୍ଚ ୩୧ରୁ କାର୍ଯ୍ୟକାରୀ ହେବ ବୋଲି ନାଡା ୱେବ୍‌ସାଇଟ୍‌ରେ ସଦ୍ୟତମ ଅପଡେଟ୍‌ରୁ ଜଣାପଡ଼ିଛି। ଏଥିରେ ଏହାଠାରୁ ଅଧିକ କିଛି ତଥ୍ୟ ପ୍ରଦାନ କରାଯାଇ ନାହିଁ। ଅଞ୍ଜଳୀ ଆହୁରି ମଧ୍ୟ ଗତବର୍ଷ ଦେଶରୁ ୱାର୍ଲଡ ଆଥଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ପ୍ରତିନିଧିତ୍ୱ କରିଥିଲେ।

# ୨୧ରୁ କୋମନା ପ୍ରିମିୟର ଲିଗ୍ କ୍ରିକେଟ୍

ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲା କୋମନା କଲ୍ୟାଣ ମଣ୍ଡପଠାରେ ଶନିବାର ପ୍ରଥମ ଦିବାରାତ୍ର କୋମନା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ପାସା ମହାନ୍ଦଙ୍କୁ ସଭାପତି ଭାବରେ ମନୋନୀତ କରାଯାଇଛି। ରାହୁଳ ଭୋଇ ସମ୍ପାଦକ, ସନ୍ତୋଷ ଶଗରିଆ ଉପ ସଭାପତି, ଅନୁରାଗ ବୁକ ସହ ସମ୍ପାଦକ ଓ ଶହରୁଖ କାନଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରଯାଇଛି। ମିତ୍ରଭାନୁ ପ୍ରଧାନ, ବଳରାମ ସରାଫ, କୈଳାସ ଚନ୍ଦ୍ର ବାଗ, ଚନ୍ଦ୍ରଧ୍ୱଜ ମାଝି ପ୍ରମୁଖ ଉପଦେଷ୍ଟା ଭାବରେ ମନୋନୀତ ହୋଇଛନ୍ତି । ଆସନ୍ତା ୨୧ରୁ ଖେଳ ଆରମ୍ଭ ହେବ। ଏଥିରେ କେବଳ କୋମନା ବ୍ଲକର ୮ଟି ଟିମ ଭାଗ ନେବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ବର୍ତ୍ତମାନ ୧୬୦ ଜଣ ଖେଳାଳି ସେମାନଙ୍କ ନାମ ପଞ୍ଜୀକୃତ କରିଥିବା କମିଟି ପକ୍ଷରୁ ସୂଚନା ମିଳିଛି।

# ସ୍ୱଦେଶୀ ଖେଳ କେବଳ ଶାରୀରିକ ପ୍ରତିଯୋଗିତା ନୁହେଁ, ବରଂ ଆମ ସମ୍ପ୍ରଦାୟ, ପରମ୍ପରା ଏବଂ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ: ମୁଖ୍ୟମନ୍ତ୍ରୀ



ମୁମ୍ବାଇ : ଶନିବାର ମୁମ୍ବାଇର ୱେଭ୍ସରେ ଅନୁଷ୍ଠିତ ଏକ ଉତ୍ସାହୀ ଏବଂ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ପ୍ୟାନେଲ ଆଲୋଚନାରେ, ସ୍ୱଦେଶୀ କ୍ରୀଡାର ସମୃଦ୍ଧ ଐତିହ୍ୟ ଏବଂ ଭାରତୀୟ କ୍ଷେତ୍ରରୁ ବିଶ୍ୱସ୍ତରୀୟ କ୍ଷେତ୍ରକୁ ସେମାନଙ୍କର ବୃଦ୍ଧି ପାଉଥିବା ଯାତ୍ରା ଉପରେ ଆଲୋକପାତ କରାଯାଇଥିଲା। 'ସ୍ୱଦେଶୀ କ୍ରୀଡ଼ା: ଭାରତରୁ ବିଶ୍ୱ ମଞ୍ଚ ପର୍ଯ୍ୟନ୍ତ' ଶୀର୍ଷକ ଏହି ଅଧିବେଶନରେ ପ୍ରଭାବଶାଳୀ ନୀତି ନିର୍ଦ୍ଧାରକ, ପ୍ରସିଦ୍ଧ କ୍ରୀଡ଼ାବିତ, କ୍ରୀଡ଼ା ଉଦ୍ୟୋଗୀ ଏବଂ ଚିନ୍ତାନାୟକମାନେ ଏକ ସମାନ ଦୃଷ୍ଟିକୋଣ : ଭାରତର ସ୍ୱଦେଶୀ କ୍ରୀଡ଼ାକୁ ଅନ୍ତର୍ଜାତୀୟ ସ୍ୱୀକୃତି ଏବଂ ସଫଳତା ପାଇଁ ପ୍ରେରିତ କରିବା' ପ୍ରସଙ୍ଗ ନେଇ ଏକତ୍ରିତ ହୋଇଥିଲେ। ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତରେ ସ୍ୱଦେଶୀ କ୍ରୀଡାର ଗଭୀର ସାଂସ୍କୃତିକ ଆଧାର ଉପରେ ଆଗ୍ରହର ସହିତ ଆଲୋକପାତ କରିଥିଲେ। ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଶକ୍ତି କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପାଇଁ କୃତଜ୍ଞତା ପ୍ରକାଶ କରି ସେ କହିଥିଲେ ଯେ 'ଏହି ଖେଳଗୁଡ଼ିକ କେବଳ ଶାରୀରିକ ପ୍ରତିଯୋଗିତା ନୁହେଁ; ଏଗୁଡ଼ିକ ଆମ ସମ୍ପ୍ରଦାୟ, ଆମର ପରମ୍ପରା ଏବଂ ଆମର ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡସେ ଏହି ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ବିଷୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୱେଭ୍ସମଞ୍ଚକୁହାର୍ଦ୍ଦିକ କୃତଜ୍ଞତା ଜଣାଇଥିଲେ। ପ୍ରୋ କବାଡି ଲିଗର ଲିଗ୍ କମିଶନର ଅନୁପମ ଗୋସ୍ୱାମୀ ଏକ କ୍ରୀଡା ବଜାର ଭାବରେ ଭାରତର ବିଶାଳ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଇରାନର ଜଣେ ପ୍ରତିଷ୍ଠିତ ପିକେଏଲକ୍ରୀଡାବିତ୍ ଫାଜେଲ ଅତ୍ରାଚଲି, କବାଡି ଜୀବନକୁ କିପରି ପରିବର୍ତ୍ତନ କରିଛି ତାହା କହିଥିଲେ। 'ପିକେଏଲକୁ ଧନ୍ୟବାଦ, କବାଡି ଏକ ବୃତ୍ତିଗତ ଖେଳ ପାଲଟିଛି, ଯାହା ଖେଳାଳିମାନଙ୍କୁ ପ୍ରସିଦ୍ଧି ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି' ବୋଲି କହିବା ସହିତ ଫାଜେଲ ଆନନ୍ଦ ପ୍ରକାଶ କରିଥିଲେ। ଇଂଲିସ୍ କ୍ରିକେଟ୍ ବୋର୍ଡର ନିୟାମକ ଅଧକ୍ଷ ନିକ୍ କାଉର୍ଡ ଜଗତୀକରଣ ଏବଂ ଆଧୁନିକ ବିତରଣ ଚ୍ୟାନେଲର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ବିଶ୍ୱବ୍ୟାପୀ ପାରମ୍ପରିକ କ୍ରୀଡାକୁ ଲୋକପ୍ରିୟ କରିବା ପାଇଁ, ଆମକୁ ଇ-କ୍ରୀଡା ସମେତ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକୁ ଗ୍ରହଣ କରିବାକୁ ପଡିବ' ବୋଲି ସେ ସ୍ପଷ୍ଟ କରିଥିଲେ। ଖୋ-ଖୋ ମହାସଂଘର ସଭାପତି ସୁଧାଂଶୁ ମିତ୍ତଲ ପ୍ରକାଶ କରିଛନ୍ତି ଯେ, ଖୋ-ଖୋ ବର୍ତ୍ତମାନ ୫୫ ଟି ଦେଶରେ ଖେଳାଯାଉଛି, ବର୍ଷ ଶେଷ ସୁଦ୍ଧା ୯୦ ରୁ ଅଧିକ ଦେଶରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି। 'ଆମର ସ୍ୱଦେଶୀ ଖେଳଗୁଡ଼ିକ ଅନନ୍ୟ - ଏଥିପାଇଁ ଅଧିକ ରଣନୀତି, ସହନଶକ୍ତି ଏବଂ ମନୋବଳର ଆବଶ୍ୟକତା ରହିଛି। ଏଗୁଡ଼ିକର ବିଶ୍ୱବ୍ୟାପୀ ଆକର୍ଷଣ ରହିଛି। କିନ୍ତୁ ଏଗୁଡ଼ିକୁ ସରକାରୀ ସମର୍ଥନ, ବ୍ରାଣ୍ଡିଂ ଏବଂ କୂଟନୈତିକ ସମର୍ଥନ ଆବଶ୍ୟକ' ବୋଲି ସେ ଦୃଢ଼ତାର ସହିତ କହିଥିଲେ। ଫ୍ୟାନକୋଡର ପ୍ରତିଷ୍ଠାତା ଯାନିକ୍ କୋଲାକୋ, ପ୍ରଯୁକ୍ତିବିଦ୍ୟାକୁ ଏକ ଖେଳ ପରିବର୍ତ୍ତନକାରୀ ଭାବରେ ଇଙ୍ଗିତ କରିଥିଲେ। ସେ କହିଥିଲେ ଯେ, 'ପ୍ରବେଶ ଏବଂ ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ। ସଠିକ୍ ପ୍ରଯୁକ୍ତିବିଦ୍ୟା ସହିତ, ଆମେ ପ୍ରଶଂସକଙ୍କ ସହିତ ଅଧିକ ଗଭୀର ସମ୍ପର୍କ ସୃଷ୍ଟି କରିପାରିବା ଏବଂ ଭାରତୀୟ କ୍ରୀଡ଼ାକୁ ବିଶ୍ୱସ୍ତରୀୟ କରିପାରିବା' ବୋଲି ସେ ଆହୁରି ମଧ୍ୟ କହିଛନ୍ତି। ଅଧିବେଶନଟି ମନ୍ତ୍ର ମୁମ୍ବଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା, ଯିଏ ବିବିଧ ଅନ୍ତର୍ଦୃଷ୍ଟି ଏବଂ ଭବିଷ୍ୟତ ରଣନୀତିକୁ ଏକତ୍ର କରି ଆଲୋଚନାକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ।

### ଦଳରୁ ବାଦ୍

# ପଡ଼ିଲେ ମ୍ୟାକ୍ସୱେଲ୍

ନୂଆଦିଲ୍ଲୀ: ଆଇପିଏଲ ୨୦୨୫ ମଧ୍ୟରେ ପଞ୍ଜାବ କିଙ୍ଗସ୍ ଏକ ବଡ଼ ନିଷ୍ପତ୍ତି ନେଇଛି। ଆଘାତ ଯୋଗୁଁ ଗ୍ଲେନ୍ ମ୍ୟାକ୍ସୱେଲ୍ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ୍‌ରୁ ବାଦ ପଡ଼ିଛନ୍ତି। ଏହାପରେ ପଞ୍ଜାବ କିଙ୍ଗସ ମ୍ୟାନେଜମେଣ୍ଟ ମ୍ୟାକ୍ସୱେଲଙ୍କ ସ୍ଥାନରେ ଘାତକ ଅଷ୍ଟ୍ରେଲିୟ ଅଲରାଉଣ୍ଡର ମିଚେଲ୍ ଓୱେନଙ୍କୁ ସାମିଲ କରିଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଏହାର ଅଫିସିଆଲ୍ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ଏହି ସୂଚନା ଦେଇଛି। ଓୱେନ ବର୍ତ୍ତମାନ ପାକିସ୍ତାନ ସୁପର ଲିଗ୍‌ରେ ପେଶାୱାର ଜାଲମି ପାଇଁ ଖେଳୁଛନ୍ତି। ବିଗ୍ ବାସ ଲିଗ୍‌ରେ ତାଙ୍କର ଦମଦାର ପ୍ରଦର୍ଶନ ଯୋଗୁଁ ମିଚେଲ୍ ଓୱେନ୍ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ବିବିଏଲ୍ ୨୦୨୫ର ଶେଷ ମ୍ୟାଚ୍‌ରେ, ସେ ୪୨ ବଲ୍‌ରେ ୧୦୮ ରନ୍ କରି ହୋବାର୍ଟ ହରିକେନ୍ସକୁ ଟାଇଟଲ୍ ବିଜୟୀ କରାଇଥିଲେ। ଏବେ ମ୍ୟାକ୍ସୱେଲଙ୍କ ବଦଳ ସ୍ୱରୂପ, ପଞ୍ଜାବ କିଙ୍ଗ୍ସ ଓୱେନଙ୍କୁ ୩ କୋଟି ଟଙ୍କାରେ ସାମିଲ କରିଛି। ମ୍ୟାକ୍ସୱେଲ ଆଙ୍ଗୁଠିରେ ଆଘାତ ଯୋଗୁଁ ତାଙ୍କୁ ଆଇପିଏଲ ୨୦୨୫ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚରୁ ବାଦ ହେବାକୁ ପଡିଛି। ମିଚେଲ ଓୱେନଙ୍କ ଆଗମନ ପଞ୍ଜାବ କିଙ୍ଗ୍ସର ଭାଗ୍ୟ ବଦଳାଇ ପାରେ କାରଣ ସେ କେବଳ ଦ୍ରୁତ ବୋଲିଂ କରିପାରିବେ ନାହିଁ ବରଂ ମଧ୍ୟକ୍ରମରେ ମଧ ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଜଣେ ଓପନିଂ ବ୍ୟାଟସମ୍ୟାନ୍ ମଧ୍ୟ।

# ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ୍ ଲିଗ୍ ଉଦ୍‌ଯାପିତ





ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡିଶା ଦ୍ୱାରା ଗତ ମେ ୨ ରୁ ୪ ତାରିଖ ମଧ୍ୟରେ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର ରାଜ୍ୟ ସ୍ତରୀୟ କ୍ୱାଟର ଫାଇନାଲ ତଥା ସେମି ଫାଇନାଲ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଯାଇଥିବାବେଳେ, ଶେଷ ଦିନ ଏହାର ଫାଇନାଲ ମ୍ୟାଚ ଓଡ଼ିଶାର ୪ ଦଳ ମାନଙ୍କ ମଧ୍ୟରୁ ଉତ୍ତର ଏବଂ ଦକ୍ଷିଣ ଦଳମାନଙ୍କ ମଧ୍ୟରେ, ଭୁବନେଶ୍ୱର ସ୍ଥିତ ହାଇ-ଟେକ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ୪ ତାରିଖ ଦିନ ଏହାର ଉଦ୍‌ଘାଟନୀ ସମାରୋହ ହୋଇଥିବାବେଳେ, ଶେଷ ଦିନ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ହୋଇଥିଲେ ପାରଳାଖେମୁଣ୍ଡିର ସମ୍ମାନନୀୟ ବିଧାୟକ, ରୁପେଶ କୁମାର ପାଣିଗାହୀ, ହାଇଟେକ ଗ୍ରୁପ ଓଫ୍ ଇନଷ୍ଟିଚ୍ୟୁସନ୍‌ର ଡାଇରେକ୍ଟର ଓଫ୍ ସ୍ପୋର୍ଟସ, ଲଳିତ ମହାନ୍ତି, ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡିଶାର, ରାଜ୍ୟ ସଭାପତି, ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ରାଜ୍ୟ ଉପ-ସଭାପତି, ସି. ସାଇ ପ୍ରସାଦ, ରାଜ୍ୟ ଯୁଗ୍ମ ଯୁବ ସଂଯୋଜକ, ଅଞ୍ଜନୀ ପଟ୍ଟନାୟକ, ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍ : ଓଡିଶା ଚ୍ୟାପ୍ଟରର କାର୍ଯ୍ୟକର୍ତ୍ତା, ଶୀତଲ ସ୍ୱରୂପ ତ୍ରିପାଠୀ, ଶ୍ରୀ ସତ୍ୟସାଇ ସେବା ସଂଗଠନ, ଭୁବନେଶ୍ୱର ସାଇ ଜିଲ୍ଲାର ଜିଲ୍ଲା ସଭାପତି, ପ୍ରତାପ ଚନ୍ଦ୍ର ପଣ୍ଡା ତଥା ଅନ୍ୟମାନ୍ୟ କର୍ମକର୍ତ୍ତା ଏବଂ ସେବାଦଳମାନେ। ସେହିପରି, ଏହାର ଉଦଯାପନୀ ସମାରୋହରେ ଉପସ୍ଥିତ ହୋଇଥିଲେ, ଲଳିତ ମହାନ୍ତି, ଶ୍ରୀ ସତ୍ୟସାଇ ସେବା ସଂଗଠନ, ପୂର୍ବ ଭାରତର ମଣ୍ଡଳ ସଭାପତି, ନାରାୟଣ ପ୍ରସାଦ ସର, ରାଜ୍ୟ ଯୁବ ସଂଯୋଜକ, ତୁଷାରକାନ୍ତ ନାଥ, ରାଜ୍ୟ ଯୁଗ୍ମ ଯୁବ ସଂଯୋଜକ, ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର କାର୍ଯ୍ୟକର୍ତ୍ତା, ଭୁବନେଶ୍ୱର ସାଇ ଜିଲ୍ଲାର ଜିଲ୍ଲା ସଭାପତି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ।



ପଇଡ଼ ପାଣିକୁ ନେଚୁରାଲ ଏନର୍ଜୀ ଡ୍ରିଙ୍କର ନାମ ଦିଆଯାଇଥାଏ। ଖରାରେ ଏହା ସବୁଠୁ ଅଧିକ ସେବନ କରାଯାଇଥାଏ। ଖରାଦିନେ ଏହାକୁ ଅଧିକ ସେବନ କରାଯାଇଥାଏ। ଏହା ଶରୀରକୁ ହାଇଡ୍ରେଟ୍ କରିବା ସହ ଇଲେକ୍ଟ୍ରୋଲାଇଟ୍ସକୁ ପୂରଣ କରିଥାଏ। ହେଲେ ଆପଣ ଜାଣିଛନ୍ତି କି, ଏହି ପାଣି ପିଇବା ଦ୍ୱାରା ଆମର କେତେ ବଢିଯାଏ ସୁଗାର ଲେବଲ୍ ଆସନ୍ତୁ ଜାଣିବା ଏହି ବିଷୟରେ.. ।ପଇଡ଼ ପାଣିରେ ଥିବା ମିଠାପଣ ପ୍ରାକୃତିକ ଅଟେ। ଯାହା ମୁଖ୍ୟ ରୂପେ ଗ୍ଲୁକୋଜ ଏବଂ ଫ୍ରକ୍ଟୋଜ ଭଳି ସୁଗାର ତତ୍ତ୍ୱରେ ଆସିଥାଏ। ଏକ ମଧ୍ୟମ ଆକାରର ସବୁଜ ପଇଡ଼ରେ ହାରାହାରି ୨୦୦-୨୫୦ ମିଲି ପାଣି ଥାଏ, ଯେଉଁଥିରେ ହାରାହାରି ୫-୬ ଗ୍ରାମର ନେଚୁରାଲ ସୁଗାର ହୋଇପାରେ। ଏହି ମାତ୍ରା ଖୁବ ଅଧିକ ନୁହେଁ, ହେଲେ ସଂପୂର୍ଣ୍ଣ ବାବେ ଜିରୋ ବି ନୁହେଁ। ଏଥିରେ ଏହାର ସନ୍ତୁଳିତ ମାତ୍ରାରେ ସେବନ କରିବା ଉଚିତ୍। ପଇଡ଼ ପାଣିରେ ସୁଗାରର ମାତ୍ରା କମ ରହିଥାଏ ଏବଂ ଏହା ଏକ ଲୋକ ଗ୍ଲାଇସେମିକ ଇଣ୍ଡେକ୍ସର ଡ୍ରିଙ୍କ ଅଟେ। ଏହାର ଅର୍ଥ ଏହା ଧିରେ ଧିରେ ବ୍ଲଡ ସୁଗାରକୁ ବଢାଇଥାଏ, ଯାହା ଅଚାନକ ବ୍ଲଡ ସୁଗାର ସ୍ପାଇକ ହେବାର ବିପଦ କମ ରହିଥାଏ। ଡାଇବେଟିସ୍ ଲୋକେ ଏହାକୁ ଆବଶ୍ୟକ ମୁତାବକ ପିଇବା ଆବଶ୍ୟକ।

# ପିଲାଙ୍କୁ ଶିକ୍ଷା



*ଆପଣଙ୍କ ପିଲା ଅର୍ଥାତ୍ ଆପଣଙ୍କ ଜୀବନ, ଆପଣଙ୍କ ସ୍ୱପ୍ନ ଏବଂ ଆପଣଙ୍କର ଭବିଷ୍ୟତ କହିଲେ ଅତ୍ୟୁକ୍ତି ହେବନାହିଁ। ଉଚିତ ଏବଂ ଆନନ୍ଦମୟ ତଥା ସମାଜ ପ୍ରତି ସମର୍ପିତ ଶିକ୍ଷା ପ୍ରଦାନ କରିବା ବାପା-ମାଆ ଓ ଅଭିଭାବକଙ୍କ ପ୍ରଥମ ଓ ମୁଖ୍ୟ ଜୀବନ ଧର୍ମ। ଆସନ୍ତୁ ଜାଣିବା ବିଭିନ୍ନ ବୟସର ପିଲାମାନଙ୍କୁ କିପରି ଆପଣ ସତଶିକ୍ଷା ପ୍ରଦାନ କରିବେ ଯାହାଦ୍ୱାରା ସେ ସମାଜ ଓ ଦେଶର ମଙ୍ଗଳ ପାଇଁ ଜଣେ ଯଥାର୍ଥ ନାଗରିକ ଭାବେ ନିଜକୁ ପ୍ରତୀୟମାନ କରିପାରିବେ...*

## ଦୁଇରୁ ପାଞ୍ଚବର୍ଷ ପିଲା

ସାଧାରଣତଃ ଛୋଟ ପିଲା ମାଟଣି ପିଣ୍ଡୁଳା ସଦୃଶ। ତାକୁ ଯେପରି ଗଢ଼ିବା ସେ ବଡ଼ ହେଲେ ସେହିପରି ହେବ। କିନ୍ତୁ ବେଳେବେଳେ ମା'-ବାପାଙ୍କର ଅତିରିକ୍ତ ସ୍ନେହ ପିଲାମାନଙ୍କୁ ଏତେ ବିଗାଡ଼ି ଦିଏ ଯେ ସେମାନେ ପ୍ରତ୍ୟେକ କଥାକୁ ଜିଦ୍‌ଧରି ବସନ୍ତି। ଖେଳନା ଗୁଡ଼ିକୁ ଏଣେତେଣେ ଫିଙ୍ଗିବା ବା ନୂଆ ଖେଳନା କିଣା ହେବା ଜିଦିରେ ପୁରୁଣା ଖେଳନାକୁ ଭାଙ୍ଗି ଘରଦ୍ୱାର ଅସନା କରିଥାନ୍ତି। ଯେତେ ବୁଝାଇଲେ ମଧ୍ୟ ଆଦୌ ବୁଝି ନଥାନ୍ତି। ଯଦି ଆପଣଙ୍କ ପିଲା ଏହିପରି କରୁଥାଏ, ତେବେ ସେ କ୍ଷେତ୍ରରେ ଆପଣ ତାକୁ ବୁଝାଇବା ପରିବର୍ତ୍ତେ ତା ସହିତ ଏକ ନୂଆ ଧରଣର ଖେଳ ଖେଳନ୍ତୁ। ସିଏ ଖେଳନାଗୁଡ଼ିକୁ ଏତେ ତେଣେ ଫିଙ୍ଗୁଥିବା ସମୟରେ ଆପଣ ତାଙ୍କୁ କୁହନ୍ତୁ ଯେ, ବାବା ତୋତେ ଏତିକି ସମୟ ଦିଆଗଲା ତୁ ସେହି ସମୟ ଭିତରେ ସବୁଯାକ ଖେଳନାକୁ ଗୋଟାଇ ସାଇତି କରି ରଖିଲେ ମୁଁ ତୋତେ ଏଇୟ ଦେବି। ଏହିପରି କରିବା ଦ୍ୱାରା ଆପଣଙ୍କ ପିଲା ଜିନିଷଗୁଡ଼ିକୁ ସାଇତି କରି ରଖାଯାଏ ତାହା ଜାଣିବା ସହିତ କମ୍ ସମୟ ଭିତରେ କିପରି ଅଧିକ କାମ କରାଯାଇ ପାରିବ ତାହା ମଧ୍ୟ ତାର ଅଭ୍ୟାସରେ ପରିଣତ ହୋଇଯିବ।

## ଛଅରୁ ଆଠ ବର୍ଷର ପିଲା



ଏହି ବୟସରେ ପିଲାମାନେ ସାଧାରଣତଃ ଚଗଲା ପ୍ରଭୃତିର ହୋଇଥାନ୍ତି। ସ୍କୁଲ ଗଲାବେଳେ କାନ୍ଦିବା, ହୋମୱାର୍କ ଠିକ୍ ସମୟରେ ନକରିବା ଯେପରି ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଏ। ପାଠପଢ଼ା ଛାଡ଼ି ଟିଭି ଦେଖିବା, କମ୍ପ୍ୟୁଟର କିମ୍ବା ଭିଡ଼ିଓଗେମ୍‌ରେ ଖେଳିବାକୁ ସେମାନେ ଅଧିକ ପସନ୍ଦ କରିଥାନ୍ତି। ତେଣୁ ପିଲାଙ୍କର ଏଭଳି ଅଭ୍ୟାସକୁ ବଦଳାଇବା ପାଇଁ ଆପଣ ସେମାନଙ୍କୁ ଟିଭି, କମ୍ପ୍ୟୁଟର, ଭିଡ଼ିଓଗେମ୍, ଇଣ୍ଟରନେଟ୍, ଆଇପଡ଼, ମୋବାଇଲ ଫୋନ ଭଳି ଇଲେକ୍ଟ୍ରୋନିକ୍ ଜିନିଷ ଗୁଡ଼ିକ ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ପାଠପଢ଼ାର ବୋଝକୁ ହାଲ୍‌କା କରିବା ପାଇଁ ଆପଣ ସେମାନଙ୍କୁ ମଝିରେ ମଝିରେ ବିଜ୍ଞାନମେଳା, ପୁସ୍ତକମେଳା କିମ୍ବା କୌଣସି ଦର୍ଶନୀୟ ସ୍ଥାନକୁ ବୁଲେଇବା ପାଇଁ ନେଇଯାଇପାରିବେ। ଏହାଦ୍ୱାରା ସେମାନଙ୍କର ବୁଲିବା ହୋଇଯିବ ଏବଂ କେତେକ ନୂଆ କଥା ମଧ୍ୟ ଜାଣିପାରିବେ।

## ଆଠରୁ ଦଶ ବର୍ଷର ପିଲା

ଏହି ବୟସରେ ଆପଣ ପିଲାଙ୍କୁ ଦାୟିତ୍ୱବାନ କିପରି ହେବା କଥା ସେ ବିଷୟରେ ଶିକ୍ଷା ଦେଇପାରିବେ। ସେଥିପାଇଁ ଆପଣ ସେମାନଙ୍କୁ ଘରର ଛୋଟମୋଟ କାମ ଯେପରିକି ଫ୍ରିଜ୍‌ରେ ପରିବା ରଖିବା, ନିଜ ଡ୍ରେସକୁ ଥାକରେ ଭାଙ୍ଗି ରଖିବା, ବଗିଚାରେ ପାଣି ଦେବା, ପୋଷା ବିଲେଇ ବା କୁକୁରକୁ ଖାଇବା ପାଇଁ ଦେବା, ଝରକା ଓ କବାଟରେ ଲାଗିଥିବା କାଚକୁ ସଫା କରିବା ପାଇଁ କୁହନ୍ତି। ଏହିପରି କରିବାଦ୍ୱାରା ଆପଣଙ୍କ ଉପରେ ଥିବା କାମର ବୋଝ କିଛି ମାତ୍ରାରେ କମିଯିବା ସହିତ ଆପଣଙ୍କ ପିଲା ମଧ୍ୟ ଦାୟିତ୍ୱବାନ ହୋଇଯିବ।

## ଦଶରୁ ବାର ବର୍ଷର ପିଲା

ବୟସ ବଢ଼ିବା ସହିତ ପିଲାଙ୍କର ଦୁଷ୍ଟାମି ମଧ୍ୟ ଧୀରେ ଧୀରେ ବଢ଼ିବାକୁ ଲାଗିଥାଏ। ଦୁଷ୍ଟାମି ଏତେମାତ୍ରାରେ ବଢ଼ିଯାଏ ଯେ, ସାଙ୍ଗସାଥୀ ଭିତରେ ମାଡ଼ଗୋଳ ଲାଗି ମୁଣ୍ଡ ଫଟାଫଟି ହେବା, ବ୍ୟାଟ୍‌ବଲ ଖେଳି କାହା ଘରର ଝରକା କାଚ ଭାଙ୍ଗିବା କିମ୍ବା ଟିଭି ରିମୋଟ୍‌କୁ ଚିପି ଚିପି ଖରାପ କରିବାକୁ ସେମାନଙ୍କୁ ଯେମିତି ଭଲ ଲାଗେ। ତେଣୁ ସେମାନଙ୍କୁ ଏଥିରୁ ବାରଣ କରିବା ପାଇଁ ତାଙ୍କୁ କୌଣସି ଶାରୀରିକ ଦଣ୍ଡ ନଦେଇ ତାଙ୍କ ପକେଟ୍ ମନିରୁ କିଛି କିଛି ପଇସା କାଟି ରଖନ୍ତୁ। ପଇସା କାଟିବା ଦ୍ୱାରା ସେମାନେ ଏ ବିଷୟରେ ବୁଝିପାରିବେ ଏବଂ ପୁନର୍ବାର କୌଣସି ଜିନିଷ ଭାଙ୍ଗିବା ପାଇଁ ଭୟ ମଧ୍ୟ କରିବେ।

ଏହିପରି କେତେକ ସାଧାରଣ ଉପାୟ ମାଧ୍ୟମରେ ଆପଣ ନିଜ ପିଲାକୁ ଶୃଙ୍ଖଳିତ ତଥା ମାର୍ଜିତ କରିପାରିବେ। କୌଣସି ଶାରୀରିକ ଦଣ୍ଡ ଦ୍ୱାରା ଆପଣଙ୍କ ପିଲା କେବଳ ଯେ ଦାୟିତ୍ୱ ସମ୍ପନ୍ନ ହେବ ତାହା ନୁହେଁ ଏଥି ସହିତ ସେ ତା'ର କାମକୁ ସଠିକ୍ ଭାବେ କିପରି କରିପାରିବ ତାହା ମଧ୍ୟ ସେ ଧୀରେ ଧୀରେ ଶିଖିଯାଇପାରିବ। ପିଲାଟିର ଉତ୍ତମ ବନ୍ଧୁ ହୁଅନ୍ତୁ ଏବଂ ଆପଣଙ୍କର ନିଜ ଜୀବନର ଉତ୍ତମ ଜୀବନଚର୍ଯ୍ୟା ଓ ମାନବିକତା ପିଲାଟିର ଜୀବନକୁ ପ୍ରଭାବିତ କରିବା ସହ ସମାଜର ମଙ୍ଗଳ ଗଠନରେ ସେ ଯେପରି ନିରନ୍ତର ବ୍ରତୀ ରହିବ ସେ ଦିଗଟିକୁ ଦାୟିତ୍ୱବାନ ଭାବେ ନିର୍ବାହ କରନ୍ତୁ।



# ଭୂକମ୍ପରେ ଭାଙ୍ଗିବନି ଏହି ଘର

ଜାପାନ ହେଉଛି ଭୂମିକମ୍ପ ପ୍ରଭାବିତ ଅଞ୍ଚଳ। ଏଠାରେ ଭୂମିକମ୍ପ କେବେ ବି କେତେବେଳେ ବି ଆସିଯାଏ। ଆଉ ଧୂଳିସାତ୍ କରିଦିଏ ସବୁକିଛି। ଆଖିଆଗରେ ଭାଙ୍ଗିଯାଏ ଘର, ଚାଲିଯାଏ ନିଜ ଲୋକଙ୍କ ଜୀବନ। ନିଜକୁ ସମ୍ଭାଳି ଯେବେ ମଣିଷ ଅଣ୍ଟା ସଳଖେ, ଠିକ୍ ସେତିକିବେଳେ ଭୂମିକମ୍ପ ପୁଣିଥରେ ଭାଙ୍ଗିଦିଏ ଅଣ୍ଟା। ଏମିତି ବାରମ୍ବାର ହେବାଯୋଗୁ ଜାପାନରେ ଏବେ ତିଆରି ହୋଇଛି ବବଲ୍ ପରି ବା ଗମ୍ବୁଜ ଆକାର ଘର। ଦକ୍ଷିଣ ଜାପାନର କୁମାମୋଟୋ ପ୍ରାନ୍ତର ଜ୍ୱାଳାମୁଖୀ ନିକଟସ୍ଥ ଏକ ରିସର୍ଟ ଦ୍ୱାରା ତିଆରି କରାଯାଇଛି ଭୂମିକମ୍ପରେ କ୍ଷତିଗ୍ରସ୍ତ ହେଉ ନ ଥିବା ଏହି ଗମ୍ବୁଜାକାର ଘର, ଯାହାକୁ ସୁନ୍ଦର ରଙ୍ଗରେ ରଙ୍ଗାଯିବା ସହ ଚିତ୍ର ବିଚିତ୍ର କରାଯାଇଛି। ଏଠାରେ ଏହିଭଳି ୪୫୦ଟି ଘର ଅଛି। ଏହି ଘରକୁ ତିଆରି କରିବା ଲାଗି ପଲିଷ୍ଟାଇନ୍ ଫୋମ୍‌ର କିଛି ପିସ୍ ବ୍ୟବହାର କରାଯାଏ, ଯାହାକୁ ପରସ୍ପର ସହ ଯୋଡି ଦେଲେ ଗମ୍ବୁଜାକାର ଘରରେ ପରିଣତ ହୋଇଯାଏ। ଏହି ଘର ପାଇଁ ଆବଶ୍ୟକ ଏହି ପଲିଷ୍ଟାଇନ୍ ଖଣ୍ଡଗୁଡିକ ବେଶ୍ ହାଲୁକା। ହେଲେ ଜୋର ପବନ ବହିଲେ କି ଭୂମିକମ୍ପରେ ଏହି ଘରର କିଛି କ୍ଷତି ହୋଇନଥାଏ। ୨୦୧୬ରେ ହୋଇଥିବା ଭୂମିକମ୍ପରେ ବି ଏହାର କିଛି କ୍ଷତି ହୋଇ ନ ଥିଲା। ଏହାପରେ ଏହାର ବିକ୍ରି ତିନି ଗୁଣ ବଢିଗଲା। ଏହି ଗମ୍ବୁଜାକାର କ୍ୟାବିନ ଭଳି ଘରର ଡିଜାଇନ୍ ରିସର୍ଟ ପ୍ରମୁଖ କାତ୍ସୁୟୁକି କିତାଗାବା କରିଛନ୍ତି।





# ସିଦ୍ଧିବିନାୟକ ମନ୍ଦିର ଦର୍ଶନ କଲେ ପଲକ


ପଲକ ତିୱାରୀ ଆଜିକାଲି ଫିଲ୍ମ 'ଦ ଭୂତନୀ' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ ନିକଟରେ ରିଲିଜ୍ ହୋଇଛି। ଏହି ଫିଲ୍ମଟି ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ପାଉଛି। ଏପରି ପରିସ୍ଥିତିରେ, ଅଭିନେତ୍ରୀ ଦର୍ଶନ ପାଇଁ ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିରରେ ପହଞ୍ଚିଥିଲେ। ଯେଉଁଥିରେ ସେ ଏକ ଦେଶୀ ଲୁକ୍‌ରେ ନଜର ଆସିଥିଲେ।ମନ୍ଦିରରେ ଆଶୀର୍ବାଦ ନେବା ସମୟରେ ପଲକ ତିୱାରୀ ତାଙ୍କର କିଛି ଫଟୋ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଫଟୋଗୁଡ଼ିକରେ, ଅଭିନେତ୍ରୀ ହଳଦିଆ ରଙ୍ଗର ପୋଷାକ ପିନ୍ଧିଥିବା ନଜର ଆସନ୍ତି। ଏହି ଫଟୋଗୁଡ଼ିକ ମଧ୍ୟରୁ ଗୋଟିଏରେ ପଲକ ତାଙ୍କ ପ୍ରଶଂସକମାନଙ୍କୁ ଦର୍ଶନର ଝଲକ ଦେଇଛନ୍ତି। ଫଟୋରେ, ସେ ମୁଣ୍ଡରେ ଦୁପାଟା ପକାଇ ଭକ୍ତିରେ ବୁଡ଼ି ରହିଥିବା ନଜର ଆସନ୍ତି। ଏହି ଫଟୋରେ, ପଲକ ତାଙ୍କ ଗାଡ଼ିରେ ବସି ଏକ ସେଲ୍‌ଫି ନେଉଛନ୍ତି। ସେ ତାଙ୍କ କପାଳରେ ତିଳକ ମଧ୍ୟ ଲଗାଇଛନ୍ତି। ସମସ୍ତେ ଜାଣନ୍ତି ଯେ ପଲକ ତିୱାରୀ ଟିଭି ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କ ଝିଅ। ସେ ସଲମାନ ଖାନଙ୍କ ଫିଲ୍ମ 'କିସି କା ଭାଇ କିସି କୀ ଜାନ' ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ବର୍ତ୍ତମାନ 'ଭୂତ୍‌ନୀ' ହେଉଛି ପଲକ ତିୱାରୀଙ୍କର ଦ୍ୱିତୀୟ ଚଳଚ୍ଚିତ୍ର। ଏଥିରେ ସେ ସଞ୍ଜୟ ଦତ୍ତ ଏବଂ ମୌନୀ ରୟଙ୍କ ଭଳି ଷ୍ଟାରଙ୍କ ସହ ନଜର ଆସିଛନ୍ତି। ଏହି ଫିଲ୍ମରେ ମୌନୀ ରୟ ଏକ ଭୂତୁଣୀ ଭୂମିକାରେ ଅଭିନୟ କରିଛନ୍ତି। ଅଭିନେତା ସନ୍ନି ସିଂହ ମଧ୍ୟ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଫିଲ୍ମ ସହିତ ପଲକ ତିୱାରୀ ତାଙ୍କ ପ୍ରେମ ଜୀବନ ପାଇଁ ମଧ୍ୟ ଖବରର ଶିରୋନାମାରେ ରହିଥାନ୍ତି। ସେ ସୈଫ୍ ଅଲ୍ଲୀ ଖାନଙ୍କ ପୁଅ ଇବ୍ରାହିମଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୁଏ।



# 'ଗଲି ବଏ' ଅଭିନେତାଙ୍କୁ ଡେଟ୍ କରୁଛନ୍ତି ସାରା

ପୁଣି ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର। କେତେବେଳେ ବଲିଉଡ୍ ଅଭିନେତାଙ୍କ ସହ ପାର୍ଟି ତ କେବେ କ୍ରିକେଟର ଶୁଭମନ ଗିଲଙ୍କୁ ଡେଟ୍ କରିବା ନେଇ ସେ ଖବରରେ ରହି ଆସୁଛନ୍ତି। କିଛିଦିନ ତଳେ ତାଙ୍କର ବ୍ରେକ୍‌ଅପ୍ ହୋଇଥିବା କୁହାଯାଉଥିଲା। ହେଲେ ଏବେ ତାଙ୍କ ଜୀବନରେ ଜଣେ ନୂଆ ପୁରୁଷଙ୍କ ଏଣ୍ଟ୍ରି ହୋଇଛି। ଜଣେ ବଲିଉଡ ଅଭିନେତାଙ୍କ ସହ ସାରାଙ୍କ ନାମ ଯୋଡ଼ା ଯାଉଛି। ସେ ହେଲେ 'ଗଲି ବଏ' ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀ। ଏବେ ଦୁହେଁ ଏକାଠି ସମୟ ବିତାଉଛନ୍ତି। ଦୁହେଁ ଏକାଠି ସମୟ ବିତାଉଛନ୍ତି। ବନ୍ଧୁତାରୁ ଆରମ୍ଭ ହୋଇଥିବା ଏହି ସମ୍ପର୍କଧିରେ ଧିରେ ଆଗକୁ ବଢୁଛି। ଏଣୁ ସେମାନେ ଏନେଇ କାହାରିକୁ କିଛି କହିବାକୁ ଚାହୁଁ ନାହାନ୍ତି। ପୂର୍ବରୁ ସିଦ୍ଧାନ୍ତଙ୍କ ନାମ ଅମିତାଭ ବଚ୍ଚନଙ୍କ ନାତୁଣୀଙ୍କୁ ନବ୍ୟା ନବେଲି ନନ୍ଦାଙ୍କ ସହ ଯୋଡ଼ା ଯାଇଥିଲା। ସେ ନବ୍ୟାଙ୍କ ଫଟୋରେ କମେଣ୍ଟ କରୁଥିଲେ। ହେଲେ ପୁଣି ଦିନେ ହଠାତ ସେ ପରସ୍ପରକୁ ଅନ୍ ?ଫଲୋ କରିଦେଇଥିଲେ। ନିଜ କ୍ୟାରିୟରରେ ସିଦ୍ଧାନ୍ତ ୫ ଫିଲ୍ମରେ କାମ କରିଛନ୍ତି। ହେଲେ ତାଙ୍କୁ ଅସଲ ନାମ ଦୀପିକାଙ୍କ ଫିଲ୍ମ 'ଗହରାଇୟା'ରୁ ମିଳିଥିଲା। ଉଭୟଙ୍କ ରୋମାନ୍ସ ଦର୍ଶକଙ୍କ ମନ ଜିତିଥିଲା।

## ଆଜି ଦୁନିଆକୁ ଆସିଥିଲେ କାର୍ଲମାର୍କ୍ସ



ସମଗ୍ର ପୃଥିବୀରେ ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ ଥିଲେ ସେ, ତାଙ୍କ ଲେଖନୀ ଓ ଚିନ୍ତନ ସବୁବେଳେ ଅବହେଳିତ ଓ ଶୋଷିତ ଶ୍ରେଣୀ ସଂଗ୍ରାମ ପାଇଁ ଉତ୍ସର୍ଗ ଥିଲା। ନିଜ ଜୀବନକୁ ଏହି ମେହେନତିଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ତିଳ ତିଳ ଉତ୍ସର୍ଗ କରିଥିବା ଅଦିତ୍ୟ ମହାନାୟକ ହେଉଛନ୍ତି କାର୍ଲ ମାର୍କସ। କାର୍ଲ ହେନ୍‌ରିଖ ମାର୍କସ୍ ଜର୍ମାନ ଦାର୍ଶନିକ, ଅର୍ଥଶାସ୍ତ୍ରୀ ଏବଂ ବୈଜ୍ଞାନିକ ସମାଜବାଦର ପ୍ରଣେତା ଥିଲେ । ତାଙ୍କ ଦର୍ଶନ ଆଜି ବି ମାର୍କସ୍‌ବାଦ ରୂପରେ ଆମ ସମାଜରେ ବଞ୍ଚି ରହିଛି । ମାର୍କସ୍‌ବାଦ ଏଭଳି ଏକ ବିଜ୍ଞାନ ଥିବା ଯାହା ତତ୍‌କାଳୀନ ସମୟର ଘଟଣାଗୁଡ଼ିକୁ ବିଶ୍ଳେଷଣ କରି ଶ୍ରମିକ ଶ୍ରେଣୀ ଏବଂ ସାମ୍ୟବାଦ କାର୍ଯ୍ୟକଳାପକୁ ମାର୍ଗଦର୍ଶନ କରି ଆସିଥିଲା । ମାତ୍ର ୧୭ ବର୍ଷ ବୟସରେ ବନ୍ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଲାଭ କରିବା ଲାଗି ଭର୍ତ୍ତି ହୋଇଥିବା କାର୍ଲ ମାର୍କସ୍ ପରେ ବର୍ଲିନ ଓ ଜେନ୍ ବିଶ୍ୱ ବିଦ୍ୟାଳୟରୁ ସାହିତ୍ୟ, ଇତିହାସ ଏବଂ ଦର୍ଶନରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ମାର୍କସ୍ ୧୮୪୮ରେ ଫ୍ରେଡ଼ରିକ୍ ଆଙ୍ଗଲସ୍‌ଙ୍କ ସହ ମିଶି କମ୍ୟୁନିଷ୍ଟ ମେନିଫେଷ୍ଟୋ ଲେଖିଥିଲେ । ଏହାକୁ ଶ୍ରମିକ ବର୍ଗଙ୍କ ନିମନ୍ତେ ସର୍ବପ୍ରଥମ ରାଜନୈତିକ ଘୋଷଣାପତ୍ର କୁହାଯାଇଥାଏ । ତାଙ୍କ ଦର୍ଶନ ଅବହେଳିତ ଶ୍ରମଜୀବୀଙ୍କ ଅଧିକାରକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଏକତ୍ର ହେବା ଲାଗି ପ୍ରେରଣା ଯୋଗାଇଥିଲା । ପୁଞ୍ଜିପତିଙ୍କ ଦ୍ୱାରା ଶ୍ରମିକଙ୍କ ଶୋଷଣକୁ ସେ ବିରୋଧ କରୁଥିଲେ । ଉତ୍ପାଦନ ଏବଂ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଶ୍ରମିକଙ୍କ ଗୁରୁତ୍ୱ ରହିଛି ଏହି ଧାରଣା କାର୍ଲମାର୍କସ୍ ସୃଷ୍ଟି କରିପାରିଥିଲେ। ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେବା ଯୋଗୁଁ ତାଙ୍କୁ ୧୮୪୫ରେ ଜର୍ମାନୀରୁ ବହିଷ୍କାର କରି ଦିଆଯାଇଥିଲା । ସେଠାରୁ ସେ ପ୍ୟାରିସ୍ ଚାଲିଯାଇଥିଲେ । ପରେ ବ୍ରୁସେଲସ୍ ଯାଇ କମ୍ୟୁନିଷ୍ଟ ଲିଗ୍ ଗଠନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜର୍ମାନୀର ସମାଜବାଦୀ ବିପ୍ଳବକୁ ସହାୟତା ଯୋଗାଇ ଦେଇଥିବାରୁ ସେଠାରୁ ମଧ୍ୟ ତାଙ୍କୁ ବହିଷ୍କାର କରି ଦିଆଯାଇଥିଲା । ଏହାପରେ ସେ ଲଣ୍ଡନ ଚାଲିଯାଇ ଜୀବନର ଶେଷ ପର୍ଯ୍ୟନ୍ତ ସେଠାରେ ରହିଥିଲେ । ସାରା ଦୁନିଆର ଦର୍ଶନ, ଇତିହାସ ଓ ନିଜ ଅନୁଭବକୁ ପାଥେୟ କରି କାର୍ଲମାର୍କସ ସମାଜର ଶ୍ରମିକବର୍ଗ ଓ ଶ୍ରମଜୀବୀଙ୍କୁ ମାର୍କସବାଦ୍‌ଙ୍କ ରୂପରେ ଏକ ଅମୋଘ ଅସ୍ତ୍ର ପ୍ରଦାନ କରିଥିଲେ । ତାଙ୍କ ଦର୍ଶନକୁ ତତ୍‌କାଳୀନ ସମୟରେ ବିରୋଧ କରାଯାଇଥିଲେ ମଧ୍ୟ ରୁଷ ଭଳି ରାଷ୍ଟ୍ର ଏବେ କାର୍ଲମାର୍କସ୍‌ଙ୍କ ଦର୍ଶନ ଆଧାରରେ ଚାଲି ଆସିଛି । କେବଳ ରୁଷ ନୁହେଁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ମାର୍କସ ସମାଜବାଦୀ ନୀତିକୁ ଗ୍ରହଣ କରିଛନ୍ତି । ଏଯାବତ୍ ଭାରତ ଓ ପୃଥିବୀର ବିଭିନ୍ନ ପାଠ୍ୟ ଶ୍ରେଣୀ କ୍ରମରେ କାର୍ଲ ମାର୍କସଙ୍କ ପୁସ୍ତକ ଓ ତାଙ୍କ ସମ୍ଭାଷଣ ସ୍ଥାନିତ ହୋଇଛି। ନିଜର ଶେଷ ଜୀବନକୁ ସେ ବସ୍ତୀ ଅଞ୍ଚଳର ପିଲା ଓ ଅବହେଳିତ ଶ୍ରମିକ ଶ୍ରେଣୀ ସମାଜ ପାଇଁ ନିଜ ଜୀବନ ସହ ସମସ୍ତ ରୋଜଗାର ବ୍ୟୟିତ କରିଥିଲେ। ଏହି ମହାନ ଦାର୍ଶନିକ ଜର୍ମାନୀର ପ୍ରୁସିଆ ଅନ୍ତର୍ଗତ ଟ୍ରିଅର୍ ଠାରେ ମଇ ୫ ତାରିଖ ୧୮୧୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ କେନ୍ଦୁଝର ପକ୍ଷରୁ ରବିବାର ପ୍ରାତଃରେ କେନ୍ଦୁଝର ସହରସ୍ଥ ରୋଟାରୀ ପିସ ଟାୱାର ନିକଟରୁ ଜଙ୍ଗଲ ସୁରକ୍ଷା ସଚେତନତା ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବା ପରେ ବାଁପାର ସାଇ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା, ରୋଟାରୀ ୩୨୬୨ଜିଲ୍ଲା ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଞ୍ଜୟ ମହାପାତ୍ର, ସୁରେଶ ଖଟୋଇ, ସଞ୍ଜୀବ ଓଗା, ବିଜୟ ବେହେରା, ବିଜୟ କପୁର, ଦେବବ୍ରତ ସ୍ୱାଇଁ, ଅର୍ପିତ ପଟ୍ଟନାୟକ, ସତ୍ୟବ୍ରତ ପଣ୍ଡା, ପ୍ରିୟଦର୍ଶିନୀ ପଟ୍ଟନାୟକ, ବୁଲୁ ବେହେରା, ସନ୍ଦିପ ପଟ୍ଟନାୟକ, ବିଭୂତି ସାହୁ, ରୀତା କପୁର ଓ ଉମେଶ ଚନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ଶତାଧିକ ସାଇକ୍ଲିଷ୍ଟଙ୍କ ସହିତ ପୋଲିସ ହାଇସ୍କୁଲର ଛାତ୍ରଛାତ୍ରୀ ପ୍ଲାକାର୍ଡ ସହିତ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସଭାପତି ରାଜଲକ୍ଷ୍ମୀଙ୍କ ନେତୃତ୍ୱରେ ରୋଟାରୀ କ୍ଲବ ବର୍ଷାଧିକ କାଳ ନିୟମିତ ଭାବେ ଲୋକକଲ୍ୟାଣ ମୂଳକ କାର୍ଯ୍ୟ କରି ସାଧାରଣରେ ପ୍ରଶଂସିତ ହୋଇପାରିଛନ୍ତି।

# ଟେକ୍ସିଷ୍ଟାଣ୍ଡ ଠାରେ ଜମି ରହୁଛି ବର୍ଷା ଜଳ ସମସ୍ୟାର ସମାଧାନ ପାଇଁ ଦାବି

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବା ଟେକ୍ସି ଷ୍ଟାଣ୍ଡ ନିକଟରେ ବର୍ଷା ଜଳ ଓ ଆବର୍ଜନା ଜଳ ଜମି ରହୁଥିବା ସ୍ଥାନୀୟ ଜନ ସାଧାରଣ ଅଭିଯୋଗ କରିଛନ୍ତି। ସେଥିପାଇଁ ଟେକ୍ସି ଚାଳକ, ଯାତ୍ରୀ ଓ ଜନସାଧାରଣ ନାହିଁ ନଥିବା ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ଟେକ୍ସି ଚାଳକ ସଂଘ ପକ୍ଷରୁ ଏନଏସି କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମସ୍ୟାକୁ ସ୍ୱୀକାର କରିବା ସହ ଟେକ୍ସିଷ୍ଟାଣ୍ଡର ଉନ୍ନତି କରଣ କାର୍ଯ୍ୟର ଟେଣ୍ଡର ସରିଛି ଓ ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି



କହିଥିଲେ। ତା' ସହିତ ତୁରନ୍ତ ଜମି ରହିଥିବା ଆବର୍ଜନା ଜଳକୁ ସେସପୁଲ ଗାଡ଼ି ସାହାଯ୍ୟରେ ତୁରନ୍ତ ନିଷ୍କାସନ କରିବାକୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

## ଅଭିଯୋଗ ପରେ ବି ମଲାଲା ରୁଜୁ କରୁନି ପୋଲିସ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅଧୀନସ୍ଥ ବଡ଼ ପଟସୁନ୍ଦରପୁର ଗ୍ରାମର ନିରଞ୍ଜନ ଭୋଇଙ୍କୁ ସେହି ଗ୍ରାମର ରବି ଭୋଇଙ୍କ ପୁଅ କର୍ଣ୍ଣଭୋଇ ଗତ ୨୫ ଏପ୍ରିଲରେ ମରଣାନ୍ତକ ଆକ୍ରମଣ କରିଥିଲେ। ନିରଞ୍ଜନ ଭୋଇଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତ ସ୍ରାବ ହେତୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅଡସପୁର ମେଡିକାଲ ପଠାଇଥିଲେ। ଘଟଣା ବିଷୟରେ ନିରଞ୍ଜନ ଭୋଇ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଦଶ ଦିନ ବିତିଯାଇଥିଲେ ସୁଦ୍ଧା ଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ଙ୍କ ବିରୁଦ୍ଧରେ ମାମଲା ରୁଜୁ ନ କରି ଚୁପ୍ ହୋଇ ବସିଛି। ଏପରି କି ନିରଞ୍ଜନ ଭୋଇ ଥାନାକୁ ବାରମ୍ବାର ଦୌଡ଼ିବା ସହିତ ଅଭିଯୋଗର ନକଲ ଦେଉନାହାନ୍ତି। ଦୀର୍ଘଦିନ ହେବ ଏହି ଥାନାର ଆଇଆଇସି ପଦ ଖାଲି ପଡ଼ିଥିବା ବେଳେ ଜଣେ ଏସାଇ କାର୍ଯ୍ୟ ଭାର ତୁଲାଉଥିବାରୁ ଥାନାରେ ଏପରି ଢିଲାପଣ ଅବସ୍ଥା ଦେଖିବାକୁ ମିଳୁଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। କାହା ଚାପରେ ଗୋବିନ୍ଦପୁର ପୋଲିସ ଚୁପ୍ ହୋଇ ଅଭିଯୁକ୍ତ



ପ୍ରତି ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଛାଉଛି ତାହା ଜଣା ପଡିନାହିଁ। ପୀଡିତ ନିରଞ୍ଜନ ନ୍ୟାୟ ପାଇଁ ଘଟଣା ବିଷୟରେ ଗ୍ରାମାଞ୍ଚଳ ଏସପି କଟକ, ଡିଜିପି କଟକ ଓ ଏସଡିପିଓ ଙ୍କୁ ଜଣାଇବା ସହିତ ଧାରଣ ରେ ବସିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଦେଖିବାକୁ ବାକି ରହିଲା ଗୋବିନ୍ଦପୁର ପୋଲିସ କେବେ ଦେଉଛି ପୀଡିତଙ୍କୁ ନ୍ୟାୟ ... ?

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ମହମବତୀ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କାଶ୍ମୀର ପହେଲଗାମ ଠାରେ ଆତଙ୍କଙ୍କ ଗୁଳିମାଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସହରର ଖଡିଅଙ୍ଗସ୍ଥିତ ହନୁମାନଜୀଉଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ପୁରୁଣା ବସଷ୍ଟାଣ୍ଡକୁ ଯାଇଥିଲା। ସେଠାରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମଞ୍ଚର ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ଉପସଭାପତି ପ୍ରହଲ୍ଲାଦ ମଲ୍ଲ, ନରୋତ୍ତମ ଜେନା, ଫକୀର ଚରଣ ଖଟୁଆ, ଶୈଳେନ୍ଦ୍ର ମହାନ୍ତି, ବୈଷ୍ଣବ ଚରଣ ପ୍ରଧାନ, କିଶୋର ଚନ୍ଦ୍ର ପରିଡା, ରାଜେନ୍ଦ୍ର କୁମାର ରାଉତରାୟ, ପ୍ରସନ୍ନ କୁମାର ବେହେରା, ଲକ୍ଷ୍ମୀକାନ୍ତ ପତି, ବସନ୍ତ କୁମାର ଓଝା, ରାଜକିଶୋର ରାଉତ, ବଳରାମ ଦାସ, ନିତ୍ୟାନନ୍ଦ ସୁଆର, ରଘୁନାଥ ସ୍ୱାଇଁ ଓ ବିଷ୍ଣୁ ଚରଣ ପତି ପ୍ରମୁଖ ସାମିଲ ହୋଇ ଆତଙ୍କୀଙ୍କ ଗୁଳିମାଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




# ଗୋରୁ ବୋଝେଇ ପିକପ୍ ଜବତ ସହ ୨ ଗିରଫ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ଥାନା ଅନ୍ତର୍ଗତ ବାଘଡା କେନାଲ ଦେଇ ପଶ୍ଚିମ ବଙ୍ଗକୁ ଗୋ ଚାଲାଣ ହେଉଥିବା ବେଳେ ମାଡ଼ି ବସିଛି ଶୁଳିଆପଦା ପୋଲିସ। ଗୋଟିଏ ପିକପ୍ ଭ୍ୟାନ (ଓଡ଼ି ୧୧ଏଲ୍ ୪୯୧୧)ରେ ପଶ୍ଚିମ ବଙ୍ଗକୁ ୪ଟି ଗୋରୁ ଓ ୧ଟି ବାଛୁରୀ ଚାଲାଣ ହେଉଥିବା ସମୟରେ ଅଚାନକ ଶୁଳିଆପଦା ପୋଲିସ ଟିମ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ସହ ଗାଡ଼ି ଚାଳକ ଓ ସହଯୋଗୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ହେଲେ ରଘୁନାଥପୁର ଅଞ୍ଚଳର ଗୁଲଠୁ ସିଂ(୨୫) ଓ ଅନ୍ୟ ଜଣେ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ମନୋରଞ୍ଜନ ଘୋଷ (୪୬)। ତେବେ ଥାନାରେ କେସ ନମ୍ବର



୭୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

# ଅବସର କାଳୀନ ସମ୍ବର୍ଦ୍ଧନା ସଭା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ଅନୁସୂଚିତ ଜାତି ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିଭାଗ ତରଫରୁ କାଲିମେଳା ବ୍ଲକ୍ ଭେଙ୍କଟାପଲମ ଆଶ୍ରମ ବିଦ୍ୟାଳୟ ଠାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଣେ ପ୍ରଧାନଶିକ୍ଷକ ଏବଂ ଅନ୍ୟ ଜଣେ ପୂର୍ବତନ ମଙ୍ଗଳ ବିଭାଗର କର୍ମଚାରୀ ଅବସର ଗ୍ରହଣ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ସୂଚନା ଅନୁଯାୟୀ, ମୋଟୁ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ ଏପ୍ରିଲ ୩୦ ତାରିଖରେ ଅବସର ଗ୍ରହଣ କରିଥିବା ବେଳେ ମଙ୍ଗଳ ବିଭାଗର ପୂର୍ବତନ କର୍ମଚାରୀ ତଥା କାଲିମେଳା ବ୍ଲକ୍ କାର୍ଯ୍ୟାଳୟର ମୁଖ୍ୟ କିରାଣି ଭାବେ କାର୍ଯ୍ୟ କରୁଥିବା କେଶବ ଚନ୍ଦ୍ର ରାଉଳ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସଭାରେ ମାଲକାନଗିରି ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଲାଲ ବାହାଦୁର ମଲ୍ଲିକ, ବୁଦ୍ରା କବାସି, ରଘୁନାଥ ନାୟକ, ବସନ୍ତ କୁମାର ମହାପାତ୍ର, ବିଜୟ କୁମାର ପାତ୍ର ଏବଂ ଜିଲାର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। କାଲିମେଳା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌର୍ଯ୍ୟ ରଞ୍ଜନ ନାୟକ ସଭାପତି ଦାୟିତ୍ୱ ତୁଲାଇଥିଲେ। କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରା ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅବସର ଗ୍ରହଣ କରିଥିବା ୨ ଜଣଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ତିହିଡି ବ୍ଲକ ବରିଷ୍ଠ ନାଗରିକ ସଂଘର ବୈଠକ

ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡିବ୍ଲକ ବରିଷ୍ଠ ନାଗରିକ ସଂଘର ବୈଠକ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜର୍ମାନୀ ଗବେଷକ ଜୋନ ଗୁଡନାଫ କହିଥିଲେ ବରିଷ୍ଠମାନେ ସମାଜ ଗଠନର ମେରୁଦଣ୍ଡ। ସେମାନେ ସୁସ୍ଥ ରହିବା ପାଇଁ ହେଲେ ପ୍ରତିଦିନ ଲିଖନ ପଠନ ଓ କଥନର ତିନିଟି ଟାବଲେଟ ଖାଇବା ଉଚିତ। ଏହାଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ ଓ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ଏହା ସହାୟକ ହୋଇଥାଏ। ଆଲୋଚକ ଭାବେ ବରିଷ୍ଠ ନାଗରିକ ସୁରେନ୍ଦ୍ର କୁମାର ନାୟକ, ଶିକ୍ଷାବିତ ତ୍ୟାନନ୍ଦ ମଲ୍ଲିକ, ଶିକ୍ଷାବିତ ସୋମନାଥ ପାଢୀ, ସମ୍ପାଦକ ବିଭୂତି ଭୂଷଣ ସେନାପତି, ସନ୍ୟାସୀ ବ୍ରହ୍ମ, ଧନେଶ୍ୱର ବିଶ୍ୱାଳ, ଅକ୍ଷୟ. କୁମାର ବ୍ରହ୍ମ, ଜଗନ୍ନାଥ ନାୟକ, ହରିଶ୍ଚନ୍ଦ୍ର ବାରିକ, କୃତ୍ତିବାସ ଜେନା, ପି. ହୃଷିକେଶ, ମଥୁରା ମୋହନ ବେହେରା, ନରହରି ନାୟକ, ରାଜନେତା ରଘୁନାଥ ପାତ୍ର, ଗୟାଧର ବଳ ପ୍ରମୁଖ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ତିହିଡି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଶତାଧିକ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରି କହିଥିଲେ ଯେ, ମୋର ଗୁରୁଜନ ହେଉଛନ୍ତି ବରିଷ୍ଠ ନାଗରିକ। ସେମାନଙ୍କୁ ସୁବିଧା ସୁଯୋଗ ଓ ଆଇନ ଅନୁଯାୟୀ ସହାୟତା ଯୋଗାଇବା ପୋଲିସର କର୍ତ୍ତବ୍ୟ ଅଟେ।



# ରେଲୱେ ଟ୍ରାକ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗିର ମୁରିବାହାଲ ବ୍ଲକ ମାଳିଶିରା- ବିଟାବନ୍ଧ (ନୂଆପଡା) ରେଳ ଫାଟକ ନିକଟ ରେଳଲାଇନ ପାଶ୍ୱରେ ଏକ ଯୁବକଙ୍କ ମୃତଦେହ ପଡିରହିଥିଲା। ଏହା ଏକ ହତ୍ୟା ଘଟଣା ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଛି। ତାଙ୍କର ଏକ ମୋବାଇଲ ମଧ୍ୟ ପଡ଼ିରହିଛି। ଘଟଣା ସ୍ଥଳରେ କିଛି ମଦ ବୋତଲ ଆଉ ଏକ ବୁଲେଟ ମଧ୍ୟ ରହିଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡୁଛି ଯେ, ଯୁବକଙ୍କୁ ହତ୍ୟା କରାଯାଇଛି କାରଣ ତାଙ୍କର ଶରୀରର ବିଭିନ୍ନ ସ୍ଥାନରେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବାର ଚିହ୍ନ ରହିଛି। ଶନିବାର ସକାଳ ସମୟରେ କିଛି ଲୋକ ସେହି ରାସ୍ତା ଦେଇ ଯାଉଥିବା ବେଳେ ମୃତ ଦେହଟିକୁ ଦେଖିବାକୁ ପାଇଥିଲେ। ମୃତଦେହଟି ସିନ୍ଧେକେଲା ଥାନା ଠେମରା ଗ୍ରାମର ରାମବ୍ରିଜ ମହାନନ୍ଦଙ୍କ ପୁଅ ବୈଷ୍ଣବ





ମହାନନ୍ଦ (୨୫)ଙ୍କର ବୋଲି ଜଣାପଡିଥିଲା। ଘଟଣାସ୍ଥଳରେ ପରିବାରବର୍ଗ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରିବାର ବର୍ଗ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି। ଯାହାଫଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣା ସ୍ଥଳରେ ଟିଟିଲାଗଡ଼ ଜିଆରପି ପୋଲିସ ଓ ମୁରିବାହାଲ ଥାନା ପୋଲିସ ବିଭାଗ ପହଞ୍ଚିଥିଲେ। ଉଭୟ ବିଭାଗ ପକ୍ଷରୁ ଅଧିକ ତଦନ୍ତ କଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ମୃତ ବ୍ୟକ୍ତିଙ୍କୁ ଘଟଣାସ୍ଥଳରେ ମଦ ପିଇ ହତ୍ୟା କରାଯାଇଛି ନା ବାହାରେ କେଉଁଠି ହତ୍ୟା କରି ଏଠାରେ ଫିଙ୍ଗିଦିଆଯାଇଛି ତାହା ଅଧିକ ତଦନ୍ତ ପରେ ଜଣାପଡିବ ବୋଲି ଆଲେଚନା ହେଉଛି।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

## ସହାୟତା ଅପେକ୍ଷାରେ ଜୀବନସହ ସଂଘର୍ଷ କରୁଛନ୍ତି ପ୍ରଶାନ୍ତ

ଆଳି, (ଭାସ୍କର ନ୍ୟୁଜ୍): ସୁଖର ଜୀବନରେ ଦୁଃଖ କେତେବେଳେ ଆସେ କେହି କେବେ ଜାଣି ନଥାଏ। ଆଉ ଯେତେବେଳେ ଚିକିତ୍ସାରେ ଅର୍ଥ ବାଧକ ସାଜେ ସେତେବେଳେ ଜଣେ ସାଧାରଣ ମଣିଷର ଦୁଃଖ ଦୁଇଗୁଣିତ ହୋଇଯାଏ। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଦେସାହି ଗ୍ରାମରେ। ଉକ୍ତ ଗ୍ରାମର ମୃତ୍ୟୁଞ୍ଜୟ କାଣ୍ଡିଙ୍କ ପୁଅ ପ୍ରଶାନ୍ତ କାଣ୍ଡି ଜଣେ ମେଧାବୀ ଛାତ୍ର ଭାବେ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇ ଦୁଇବର୍ଷ ହେବ ଇଲେକ୍ଟ୍ରିକାଲ ଡିପ୍ଲୋମା ପାଠ ପଢି ଆସୁଥିଲେ। ଗତବର୍ଷ ତାଙ୍କ ବାପା ମୃତ୍ୟୁଞ୍ଜୟ କାଣ୍ଡି ରାଜ୍ୟ ବାହାରେ ପାଣି ପାଇପ କାମ କରୁଥିବା ବେଳେ ଲିଭର ଜନିତ ରୋଗରେ ପୀଡିତ ହୋଇ ଗାଁ'କୁ ଫେରି ଆସିଥିଲେ। ରୋଜଗାର କ୍ଷମ ବାପାଘରକୁ ଫେରିଆସିବା ଫଳରେ ବାପାଙ୍କ ଔଷଧ ଖର୍ଚ୍ଚ ଘରର ଆର୍ଥିକ ସମ୍ବଳ ସ୍ୱଚ୍ଛଳ ନଥିବାରୁ ପ୍ରଶାନ୍ତ ନିଜ ପାଠପଢା ସହ ଅବସର ସମୟରେ ଏକ ଘରୋଇ ଇଲେକ୍ଟ୍ରିକ ଦୋକାନରେ ପାର୍ଟ ଟାଇମ କାର୍ଯ୍ୟ କରିଆସୁଥିଲେ। ସେଥିରୁ ଯାହା



ଟଙ୍କା ରୋଜଗାର ହୁଏ ସେ ବହୁକଷ୍ଟର ସହ ପାଠ ପଢିବା ସହିତ ଘରକୁ ମଧ୍ୟ କିଛି ଟଙ୍କା ପଠାଉଥିଲେ। ସବୁଦିନ ପରି ପାଠ ପଡା ସାରି ଇଲେକ୍ଟ୍ରିକ ଦୋକାନକୁ କାମ କରିବାକୁ ଯାଇଥିବା ବେଳେ ଆଜିକୁ ପ୍ରାୟ ଦେଢ଼ମାସ ପୂର୍ବେ ଦୋକାନରୁ ଏକ କାର୍ଯ୍ୟସ୍ଥଳକୁ ଯାଇ ଫ୍ୟାନ ଲଗାଇବା ସମୟରେ ଏକ ମହଲା ଛାତରୁ ଖସିପଡିବାରୁ ତା'ର ମୁଣ୍ଡ, ଦୁଇହାତ ଓ ମୁହଁରେ ଗଭୀର ଆଘାତ ଲାଗିବା ଫଳରେ ତାହାର ମୁଣ୍ଡରେ ଦୁଇଦୁଇ ଥର ଅସ୍ତ୍ରୋପଚାର କରାଯାଇଥିଲା। ପ୍ରଥମ ଅସ୍ତ୍ରୋପଚାରର ଦୀର୍ଘ ବାଇଶି ଦିନ ପର୍ଯ୍ୟନ୍ତ ସେ କୋମାରେ ରହିବା ପରେ ଟିକେ ଭଲ ହେବା ପରେ ମୁଣ୍ଡରେ ଦ୍ୱିତୀୟଥର ପାଇଁ ଅସ୍ତ୍ରୋପଚାର କରାଯାଇଥିଲା। ମୁଣ୍ଡର ଅପରେସନ ପରେ ପରେ ତା'ର ଦୁଇ ହାତ ଏବଂ ବେକରେ ରଡ଼ ଦିଆଯାଇ ଅସ୍ତ୍ରୋପଚାର କରାଯାଇଥିଲା। ଏତେମାତ୍ରାରେ ଅସ୍ତ୍ରୋପଚାର କରିବା ଦ୍ୱାରା ତା'ର ଏକ ଆଖି ନଷ୍ଟ ହୋଇ ନିଜର ଦୃଷ୍ଟିଶକ୍ତି ହରାଇ ବସିଛି। ସ୍ଥାନୀୟ ଗ୍ରାମବାସୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ଆରମ୍ଭରୁ ପ୍ରଶାନ୍ତର ଚିକିତ୍ସା କରାଯାଇ ଟଙ୍କା ସରିଯିବା ପରେ ଘରେ ଗଚ୍ଛିତ ଥିବା କିଛି ଟଙ୍କା ସହିତ ସୁନାରୂପା ବିକ୍ରି କରି ଦୀର୍ଘ ୫୨ଦିନ ପରେ ପୁଅକୁ ଘରକୁ ନେଇଆସିଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ ପ୍ରଶାନ୍ତଙ୍କ ଚିକିତ୍ସା ପ୍ରାୟ ଏକବର୍ଷ ଧରି ଚାଲୁରହିବ। ପ୍ରଶାନ୍ତକୁ ପ୍ରତ୍ୟେକ ମାସରେ ଦୁଇଥର ଲେଖାଏଁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଯିବାକୁ ପଡିବ। ପ୍ରତ୍ୟେକ ମାସରେ ପ୍ରଶାନ୍ତଙ୍କ ଚିକିତ୍ସା ବାବଦରେ ପ୍ରାୟ ପଚାଶହଜାର ଟଙ୍କା ଖର୍ଚ୍ଚ ହେବ। ଘରେ ଗଚ୍ଛିତ ଥିବା ସମସ୍ତ ଅର୍ଥ ଚିକିତ୍ସା ବାବଦରେ ସରିଯାଇଥିବା ବେଳେ ଏବେ ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ଚିନ୍ତାରେ ପୁରା ପରିବାର। ପ୍ରଶାନ୍ତଙ୍କୁ ନେଇ ପୁରା ପରିବାର ଭାଙ୍ଗି ପଡ଼ିଥିବା ବେଳେ ପ୍ରଶାନ୍ତଙ୍କ ମା କଳାବତୀ ଆଖି ଛଳଛଳ କରି ହାତ ଯୋଡି ଅନୁରୋଧ କରିଛନ୍ତି ସରକାରୀ ସହାୟତା ସହ କିଛି ସ୍ୱେଚ୍ଛାସେବୀ ବ୍ୟକ୍ତି ବିଶେଷ ସହଯୋଗର ହାତ ବଢ଼ାନ୍ତି ମୋ ପୁଅର ଚିକିତ୍ସା ଜାରି ରୁହନ୍ତା। ଏନେଇ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି ନିଶ୍ଚିନ୍ତ ପ୍ରଶାସନ ତରଫରୁ ପ୍ରଶାନ୍ତଙ୍କୁ ଯାହା ସମ୍ଭବ ତାହା ଯୋଗାଇ ଦିଆଯିବ।

# ଆତ୍ମା ଅଧ୍ୟକ୍ଷକୁ ନେଇ ନିଆଳିରେ ଝଡ଼

ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି କୃଷି ଅଧିକାରୀ କାର୍ଯ୍ୟାଳୟରେ ଆତ୍ମା ଅଧକ୍ଷ ଏବେ କିଏ ଏବଂ କୃଷି କାର୍ଯ୍ୟାଳୟକୁ ନିୟମିତ କାହିଁକି ଆସୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି ନିଆଳି ଚାଷୀ। ବହୁ ଚାଷୀ କୃଷି କାର୍ଯ୍ୟାଳୟକୁ ଯାଇ ଆତ୍ମା ଅଧକ୍ଷଙ୍କୁ ନପାଇ ଫେରୁଛନ୍ତି। ପ୍ରକୃତରେ ଆତ୍ମା ଅଧକ୍ଷ କୃଷି କାର୍ଯ୍ୟାଳୟକୁ ଆସୁନାହାଁନ୍ତି କାହିଁକି ? କୃଷକମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ନିଆଳି କୃଷି କାର୍ଯ୍ୟାଳୟରେ ଦୀର୍ଘବର୍ଷ ଧରି ଆତ୍ମା ଅଧକ୍ଷ ନେଇ ଲାଗି ରହିଛି ଛକାପଞ୍ଝା। ମିଳିଥିବା ସୂଚନା ଅନୁସାରେ କଟକ ଜିଲ୍ଲାର ନିଆଳି କୃଷି କାର୍ଯ୍ୟାଳୟରେ ବିଜେଡ଼ି ସରକାର ସମୟରେ ବିଜେଡିର ଯୁବ ସଙ୍ଗଠକ ବିଷ୍ଣୁ ଚରଣ ସ୍ୱାଇଁ ଆତ୍ମା ଅଧକ୍ଷ ଦାୟିତ୍ୱ ତୁଲାଉଛନ୍ତି। ଗତ ସାଧାରଣ ନିର୍ବାଚନରେ ନିଆଳିରୁ ବିଜେଡି ନେତା ପ୍ରମୋଦ ମଲିକ ହାରିଯିବା ପରେ ବିଜେପିରୁ ଛବି ମଲ୍ଲିକ ବିଜୟୀ ହୋଇଛନ୍ତି। କଣ୍ଟାପଡ଼ା ବ୍ଲକରେ ଆତ୍ମା ଅଧକ୍ଷ ପଦବୀ ପରିବର୍ତ୍ତନ କରିଛନ୍ତି ବିଧାୟକ। କିନ୍ତୁ ସାଧାରଣ ନିର୍ବାଚନକୁ ଆଉ ଦିନ କେଇଟା ପରେ ବର୍ଷେ ପୂରିବ, କିନ୍ତୁ ଆଜି ପର୍ଯ୍ୟନ୍ତ ନିଆଳି କୃଷି କାର୍ଯ୍ୟାଳୟରେ ଆତ୍ମା ଅଧକ୍ଷ ପରିବର୍ତ୍ତନ ହୋଇ ନଥିବା ସୂଚନା ମିଳିଛି। କିନ୍ତୁ ବିଜେଡି ଅମଳରୁ ନିଯୁକ୍ତି ହୋଇଥିବା ବିଷ୍ଣୁ ଚରଣ ସ୍ୱାଇଁ ଏବେ ଆତ୍ମା ଅଧକ୍ଷ ପଦବୀରେ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି କିନ୍ତୁ କାର୍ଯ୍ୟାଳୟକୁ ଆସୁନାହାଁନ୍ତି। ଫଳରେ ଚାଷୀମାନେ ଆତ୍ମା ଅଧକ୍ଷଙ୍କ ଠାରୁ ଯାହା ଉପକ୍ଷମ ପାଇବା କଥା ତାହା ପାଇବାରୁ ବଞ୍ଚିତ ହେଉଥିବା ନେଇ ଅଭିଯୋଗ ହୋଇଛି। ଅନ୍ୟପଟେ ଆତ୍ମା ଅଧକ୍ଷ ପଦବୀକୁ ନେଇ ମଧ୍ୟ ନିଆଳିରେ ଝଡ ସୃଷ୍ଟି ହୋଇଛି। ବିଜେପି ସରକାର ସମୟରେ କିଭଳି ଜଣେ ବିଜେଡି ସାଙ୍ଗଠନିକ ନେତା ଓ କେଉଁ ପରିସ୍ଥିତିରେ ଆତ୍ମା ଅଧକ୍ଷ ପଦବୀରେ ଅଛନ୍ତି ଏହା ସହ ସେ କାର୍ଯ୍ୟାଳୟକୁ ଆସୁନାହାଁନ୍ତି ବୋଲି ପ୍ରଶ୍ନ ଉଠୁଛି। ଫଳରେ ବିଜେଡି କର୍ମୀମାନଙ୍କ ମହଲରେ ବିଷ୍ଣୁ ଚରଣ ସ୍ୱାଇଁଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ବଢୁଥିବା ବେଳେ ବିଜେପି କର୍ମୀମାନଙ୍କ ମହଲରେ ଜଣେ ବିଜେଡି କର୍ମୀ ଆତ୍ମା ଅଧକ୍ଷ କାହିଁକି ରହିବେ ବୋଲି ପ୍ରଶ୍ନ କରିଛନ୍ତି। ଆତ୍ମା ଅଧକ୍ଷ ବିଜେଡି ହାତରେ ରହିବା ପାଇଁ ଏହି ମନ୍ତ୍ରଣା ରଚିଛି କିଏ? ଅସଲ ଭଦ୍ର ମୁଖା ଯୁବକ ଜଣକ କିଏ?

# ବାରିକପୁର ଡିଗ୍ରୀ କଲେଜରେ ପ୍ରତିଭା ସମ୍ମାନ ଉତ୍ସବ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରତିଭାବାନ ପୁରାତନ ଛାତ୍ରଛାତ୍ରୀ ଓ ଆଦର୍ଶ ଅଧ୍ୟାପକଙ୍କୁ ସମ୍ମାନିତ କରାଯାଇଛି। ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ ମନୋଜ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ ମୁଖ୍ୟଅତିଥି, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା, ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେଉରିଆ, ୬୬୨ କଲେଜ ସଂଘ ସଭାପତି ଗୋଲକ ନାୟକ ଓ ଅଧ୍ୟାପକ ଆଦିତ୍ୟ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତରୁଣ ଓ ଅନିସନ୍ଧିତ୍ସୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷାର ବିକାଶ ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରତ୍ୟେକ ସମ୍ମାନ (ବିଷୟ)ରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ୨୦୨୪ ମସିହାର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ସମେତ ଇଂରାଜୀ ଅଧ୍ୟାପକ ଗୌରାଙ୍ଗ ଚରଣ ନାଥଙ୍କୁ ଉତ୍କର୍ଷ ଶିକ୍ଷାଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଉମାକାନ୍ତ ମହାଳିକ ଅତିଥି ପରିଚୟ ଓ ଶିକ୍ଷା ଡେମନେଷ୍ଟ୍ରେଟର ବିଜୟ କୁମାର ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ବିବି ମଡ଼େଲ ହାଇସ୍କୁଲର ଏ-୧ ଓ ଏ-୨ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ଦୋହଳି ସ୍ଥିତ ବିବି ମଡ଼େଲ ହାଇସ୍କୁଲର ଛାତ୍ରଛାତ୍ରମାନେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ରେ ସୁଦର୍ଶନ ପଣ୍ଡା ଓ ଶୁଭଙ୍କର ମନ୍ତ୍ରୀ ଉତୀର୍ଣ୍ଣ ହୋଇଥିବା ବେଳେ ଏ-୨ରେ ଐଶିକା ମହାପାତ୍ର, ଗାୟତ୍ରୀ ବାହାଲିଆ, ଭବାନୀଶଙ୍କର ଦାଶ, ଶ୍ରେୟାସଙ୍ଗ ପରିଡ଼ା ଉତୀର୍ଣ୍ଣ ହୋଇଛନ୍ତି। ରବିବାର ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସଙ୍କ ସଭାପତିତ୍ୱରେ ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି, ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ଆଲୋକ କୁମାର ଜେନା, ବ୍ରଜେନ୍ଦୁ କର, ପବିତ୍ର ଚନ୍ଦ୍ର ଦାସ, ପ୍ରକାଶ ରଞ୍ଜନ ଦାସ ଓ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ, ଅନିତା ପଣ୍ଡା, ବିଜୟଲକ୍ଷ୍ମୀ ଦାଶ, ସୁଚିସ୍ମିତା ତ୍ରିପାଠୀ, ପ୍ରଜ୍ଞାପରମିତା ମିଶ୍ର, ମମତା ମହାନ୍ତି, ସଦାଶିବ ସାହୁ, ସସ୍ମିତା ବଳ, ତବସୁମ ବେଗମ, ଏବଂ ବିଦ୍ୟାଳୟର କର୍ମଚାରୀ ମଳୟ ପ୍ରସାଦ ରଥ, ସତ୍ୟବ୍ରତ ପତି, ନଳିନୀ ଗୋଛାୟତ ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ୬ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।




# ଜୀବନ, ଜୀବିକା ନେଇ ଚିନ୍ତାରେ ଧୀବର

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବର୍ଷକ ୧୨ମାସରୁ ୭ମାସ କଟକଣାରେ ଚାଲି ଯାଉଛି। କେତେବେଳେ ଅଲିଭି ରିଡେଲ କଇଁଛଙ୍କ ସୁରକ୍ଷା ନାମରେ ତ ଆଉ କେତେବେଳେ ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇଁ ତ ଆଉ କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଲାଗୁଛି କଟକଣା। ୧୨ମାସ ମଧ୍ୟରୁ ୭ରୁ ୮ମାସ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଉଛି ଧୀବରଙ୍କୁ। ବାକି ୪ମାସ ମାଛ ଧରିବାକୁ ଯାଉଥିଲେ ମଧ୍ୟ ଡିଜେଲ, ବରଫ ଦର ବୃଦ୍ଧିରେ ଯେତିକି ଖର୍ଚ୍ଚ ହେଉଛି ସେହିଅନୁପାତରେ ଜାଲରେ ମାଛ ପଡୁ ନାହାନ୍ତି। ସେଥିପାଇଁ ଧୀବର ମାନଙ୍କୁ ନିଜ ଜୀବନ ଜୀବିକା ହରାଇବାକୁ ପଡିଲାଣି। ବିଶେଷକରି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର,ଆଳସାହି, ବାଲିଡିଆ, କାଳିଆକଣ, ପାଟସୁନ୍ଦରପୁର,ସହନ, ସୁଦିକେଶର, ଡାଲୁଅକଣି ମତ୍ସ୍ୟଜୀବୀ ଦେବୀ ନଦୀ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ହଜାର ହଜାର ମତ୍ସ୍ୟଜୀବୀ ଏବେ ଜୀବିକା ନିର୍ବାହରୁ



ବଞ୍ଚିତ ରହି ଘୋର ଅନାଟନ ମଧ୍ୟରେ କାଳ କାଟୁଛନ୍ତି। ଜୀବନ ଓ ଜୀବିକାକୁ ନେଇ ଏବେ ସେମାନେ ଚିନ୍ତାରେ ପଡିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳକୁ ଦେବୀ ନଦୀ ଅବବାହିକାରେ ବିରଳ ଅଲିଭ ରିଡଲେ କଇଁଛ ଆସି ଅଣ୍ଡାଦାନ କରୁଛନ୍ତି। ଏହି କଇଁଛଙ୍କ ସୁରକ୍ଷା ପାଇଁ ସରକାର ମାଛ ଧରିବାକୁ ବାରଣ କରିଥିଲେ। ଏହା ପରେ ସମୁଦ୍ରରେ ମାଛଙ୍କ ବଂଶବୃଦ୍ଧି ପାଇଁ କଟକଣା ଲାଗିଛି। ସେହିପରି ଲଘୁଚାପ ଯୋଗୁଁ ଏବେ ମତ୍ସ୍ୟଜୀବୀମାନେ ଅଧିକ ପ୍ରଭାବିତ ହୋଇଛନ୍ତି। ଅନେକ ବୋଟ ଓ ମାଛଧରା ଟ୍ରଲର କ୍ଷତିଗ୍ରସ୍ତ ହୋଇଥିବା ବେଳେ ସରକାରଙ୍କ କଟକଣା ଏବେ ତାଙ୍କୁ ଅଡୁଆରେ ପକାଇଛି। ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହକୁ ଅଗ୍ରାଧିକାର ଦେଇ ସରକାର ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ଯୋଗାଇ ନଦେଲେ ଏହି ମତ୍ସ୍ୟଜୀବୀମାନେ ଅସୁବିଧାର ସମ୍ମୁଖୀନ ପ୍ରତିବର୍ଷ ଭଳି ହେବେ। ଏ ନେଇ ରାଜ୍ୟ ପାରମ୍ପରିକ ସଂଘ ରାଜ୍ୟ ସଭାପତି ପ୍ରଶନ ବେହେରା କହିଛନ୍ତି ମତ୍ସ୍ୟଜୀବୀମାନେ ସମୁଦ୍ର ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି କିନ୍ତୁ କଟକଣା ସମୟରେ ସରକାରଙ୍କ ଠାରୁ ମିଳୁଥିବା ଆର୍ଥିକ ରାଶି ୧୫ହଜାରରୁ ବୃଦ୍ଧି କରି ୩୦ହଜାର ଟଙ୍କା ପ୍ରଦାନ ପାଇଁ ଦାବୀ କରିଛନ୍ତି। ଏହାସହ ମତ୍ସ୍ୟଜୀବୀଙ୍କ ମୃତ୍ୟୁ କାଳୀନ ସହାୟତା ୨ଲକ୍ଷରୁ ଅଧିକ ପ୍ରଦାନ କରିବା, ସରକାର ପ୍ରଣୟନ କରିଥିବା ମତ୍ସ୍ୟ କାର୍ଡକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା, ମତ୍ସ୍ୟ ରପ୍ତାନିକାରୀ ସଂସ୍ଥା ଉପରେ ଅଙ୍କୁଶ ଲଗାଇବା, ମାଛର ସର୍ବନିମ୍ନ ମୂଲ୍ୟ ଘୋଷଣା କରିବାସହ ଅନେକ ଦାବୀ ରହିଛି। ସରକାର ଏ ଦିଗରେ ସଚେତନ ନ ହେଲେ ମତ୍ସ୍ୟଜୀବୀମାନେ ସେମାନଙ୍କ ଜୀବିକା ହରାଇବେ ବୋଲି ଅସ୍ତରଙ୍ଗ ଅଞ୍ଚଳ ମତ୍ସ୍ୟଜୀବୀ କହିଛନ୍ତି।

# କଣାସ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କଣାସ, (ଭାସ୍କର ନ୍ୟୁଜ୍): ଲୋକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ କଣାସ ମହୋତ୍ସବ ହେବା ପାଇଁ ପ୍ରସ୍ତୁତି ବୈଠକ ଗତକାଲି ସଂନ୍ଧ୍ୟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସ୍ଥାୟୀ ସଭାପତି ସୁବାଷ ଚନ୍ଦ୍ର ଗଜେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୁବର୍ଣ୍ଣ କେଶରୀ ବଳିୟାରସିଂହ, କୋଷାଧ୍ୟକ୍ଷ ସୁକାନ୍ତ କିଶୋର ସାମନ୍ତରାୟ, କର୍ମକର୍ତ୍ତା ଶିକ୍ଷାବିତ କସ୍ତୁରୀ ଚରଣ ଚମ୍ପତି, ସମାଜସେବୀ ଶ୍ରୀକାନ୍ତ ପଟ୍ଟଯୋଷୀ, ସାମ୍ବାଦିକ କୃପାସିନ୍ଧୁ ବିଶ୍ୱାଳ, ଶିକ୍ଷାବିତ ସାରଥୀ ଜେନା ପ୍ରମୁଖ ଯୋଗଦେଇ ଚଳିତବର୍ଷ କଣାସ ମହୋତ୍ସବକୁ କିପରି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।




ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ବାନପୁର ପଂଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ବାଲୁକେଶ୍ୱର ମହାଦେବ ପୀଠ ସନ୍ନିକଟ ଶ୍ରୀ ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ଦିବସର ୧୯ ତମ ସ୍ମରଣୋତ୍ସବ ଭାବରେ ଆଜି ଉଦଯାପିତ ହୋଇଯାଇଛି। ମହାରୁଦ୍ର ମହାବୀର କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମରଣୋତ୍ସବ ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଗତ ପଞ୍ଚମୀ ଅକ୍ଷୟ ତୃତୀୟା ଦିବସ ଠାରୁ ଆରମ୍ଭ ହୋଇ ଗୁରୁବାର କଳସଯାତ୍ରା ଓ ଯଜ୍ଞ କୁଣ୍ଡରେ ଗୌରାଗ୍ନି ସ୍ଥାପନ କରାଯାଇଥିଲା। ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା, ବସ୍ତୁପାଠ, ଚଣ୍ଡି ହବନ ଏବଂ ଆଜି ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ହନୁମତ ଉପଚାର ପୂଜା, ଗୀତା ହବନ, ପରେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ରବିବାର ଉଦଯାପନ ଉତ୍ସବରେ ଶ୍ରଦ୍ଧାଳୁ ମାନଙ୍କୁ ଚରୁଅନ୍ନ ବଂଟନ କରାଯିବା ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୁଜକ ଚନ୍ଦ୍ର ଶେଖର ମିଶ୍ର, ବେଣୁଧର ପ୍ରଧାନ, ସତ୍ୟକାନ୍ତ ମହାନ୍ତି, ଦିବ୍ୟକାନ୍ତ ସାହୁ, ରଞ୍ଜନ କୁମାର ଘଡ଼େଇ, ଭଞ୍ଜନ କୁମାର ମହାନ୍ତି ଓ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।

## ବାଲି ଚୋରା ଚାଲାଣ, ବିଦ୍ୟାଳୟ ରାସ୍ତା ବିପର୍ଯ୍ୟସ୍ତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଖୋଳମପୁର ପଞ୍ଚାୟତ ଦାଣ୍ଡକୁଳ ଗ୍ରାମର ଉଭୟ ପାର୍ଶ୍ୱରେ ଥିବା ଗେଙ୍ଗୁଟି ଓ ବୈତରଣୀ ନଦୀ ଶଯ୍ୟାରୁ ବିପୁଳ ବାଲି ବେଆଇନ ଭାବେ ଉତ୍ତୋଳନ ଓ ପରିବହନ କରାଯାଉଥିବା ଜଣାଯାଇଛି। ଭଣ୍ଡାରିପୋଖରୀ ଥାନା ଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ ହୋଇଥିବାରୁ ବାଲିମାଫିଆମାନେ ନିର୍ଭୟରେ ବାଲି ଉତ୍ତୋଳନ କରୁଥିବା ଜଣାଯାଇଛି। ଜଳଧାରା ରହିତ ଗେଙ୍ଗୁଟି ନଦୀ ଗର୍ଭରେ ଗଚ୍ଛିତ ବାଲିକୁ ୧୦ ଫୁଟ ଗଭୀରରେ ଜେସିବି ମେସିନ ସହାୟତାରେ ଉତ୍ତୋଳନ କରାଯାଇ ଧାମନଗର ଥାନା ଅନ୍ତର୍ଗତ ଦେହୁରିଆନନ୍ଦପୁର ରାସ୍ତାରେ ହାଇୱା ଯୋଗେ ପରିବହନ କରାଯାଉଛି। ଅପେକ୍ଷାକୃତ ନିଛାଟିଆ ହୋଇଥିବାରୁ ରାତ୍ରକାଳୀନ ବାଲି ଉତ୍ତୋଳନ ବିନା ବାଧାରେ କରାଯାଉଥିବା ଜଣାଯାଇଛି। ତହସିଲ, ଥାନା, ବନବିଭାଗ ଓ ଲଘୁଖଣିଜ ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଯାଇ ବାଲି ଉତ୍ତୋଳନକୁ ନିଷେଧ ବୋଲି ଲେଖାଯାଇଛି। ଲେଖାରେ ନିଷେଧ କରାଯାଇଥିଲେ ବି ଖୋଦ ଲଘୁଖଣିଜ ବିଭାଗର କର୍ମଚାରୀମାନେ ଏହି ବେଆଇନ ବାଲି ଉତ୍ତୋଳନରେ ଭାଗିଦାରୀ ରହିଥିବା ସମ୍ପର୍କରେ ସ୍ଥାନୀୟ ବାଲି ମାଫିଆମାନେ ଖୋଲାଖୋଲି ଭାବେ ପ୍ରକାଶ କରୁଛନ୍ତି। ଏହି ବାଲି ଉତ୍ତୋଳନକୁ ବିରୋଧ କରୁଥିବା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ପୁଲିସ ଓ ଲଘୁଖଣିଜ ବିଭାଗ କର୍ମଚାରୀଙ୍କୁ ଜଣାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ବାଲି ମାଫିଆଙ୍କ ଉକ୍ତି ସତ୍ୟ ବୋଲି ଲୋକେ ଗ୍ରହଣ କରିନେଉଛନ୍ତି। ବାଲି ମାଫିଆମାନଙ୍କୁ ପୂର୍ବ ସୂଚନା ଦେଇ ପୁଲିସ ଓ ଲଘୁଖଣିଜ କର୍ମଚାରୀମାନେ ଦିନ ବେଳା ଏହି ସ୍ଥାନକୁ ଲେକଦେଖାଣିଆ ଭାବେ ବୁଲି ଆସୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ପ୍ରତି ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବାଲିମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସ୍ଥାନୀୟ ଲୋକେ ଆଶା ହରାଇଛନ୍ତି ବୋଲି ମତ ରଖିଛନ୍ତି।

## ଶାଶୁ ଦେହରେ ନିଆଁ ଲଗାଇ ପୋଡ଼ିଦେଲେ ବୋହୂ



ମାଲକାନଗିରି, (ଭାସ୍କର ନ୍ୟୁଜ): ବୋହୂର ଟଙ୍କାଚୋରୀ କରୁଥିବା ବିଷୟ ଶାଶୁଙ୍କୁ ଜଣାପଡିଥିବାରୁ ଶୋଇଥିବା ଅବସ୍ଥାରେ ଶାଶୁଙ୍କ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ପୋଡିଦେଲେ ବୋହୂ। ଏପରି ଏକ ଅଭାବନୀୟ ଘଟଣା ମାଲକାନଗିରି ଥାନା ଅନ୍ତର୍ଗତ ଏମ୍.ଭି. ୧୮ ଗ୍ରାମରେ ଦେଖିବାକୁ ମିଳିଛି। ତଥ୍ୟ ଅନୁଯାୟୀ ଏମ୍.ଭି. ୧୮ ଗ୍ରାମର ଅବିନାଶ ବୈଦ୍ୟ ନାମକ ବ୍ୟକ୍ତି ଛତିଶଗଡ଼ର କୋଣ୍ଡା ଗ୍ରାମର ଜୟା ନାମକ ଝିଅକୁ ଗତ ଦୁଇବର୍ଷ ପୂର୍ବେ ବିବାହ କରିଥିଲେ। ତେବେ ଅବିନାଶ ବାହାର ରାଜ୍ୟରେ କାମ କରୁଥିବା ବେଳେ ଅବିନାଶଙ୍କ ମା' ରେଣୁକା ବୈଦ୍ୟ ଓ ବୋହୂ ଜୟା ଦୁହେଁ ଘରେ ରହୁଥିଲେ। ଏମ୍.ଭି. ୧୮ ଗ୍ରାମରେ ଅବିନାଶଙ୍କ ଏକ ଛୋଟିଆ କିରାଣୀ ଦୋକାନ ମଧ୍ୟ ରହିଛି। ତେବେ ବୋହୂ ଜୟା ସବୁବେଳେ ଘରେ ଟଙ୍କା, ସୁନା ଇତ୍ୟାଦି ଚୋରି କରୁଥିବା ବେଳେ ଏ ବିଷୟରେ ଶାଶୁ ରେଣୁକା ଜାଣିପାରି ପୁଅ ଜଗଦିଶଙ୍କୁ କହିଥିଲେ। ଏଥିସହ ଘରେ ସିସି କ୍ୟାମେରା ଲଗାଇବା ପାଇଁ କହିଥିଲେ। ଟଙ୍କା ଚୋରି କରୁଥିବା ବିଷୟ ଜୟାଙ୍କ ଶାଶୁ ରେଣୁକାଙ୍କୁ ଜଣା ପଡିଥିବା ବିଷୟ ଜୟା ଜାଣିବା ପରେ ତାଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଗତ ଦୁଇଦିନ ପୂର୍ବେ ରେଣୁକା ତାଙ୍କ ବଖରାରେ ଶୋଇଥିବା ସମୟରେ ବୋହୂ ଜୟା ତାଙ୍କ ବଖରାକୁ ଯାଇ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ଘର କବାଟ ବନ୍ଦ କରି ଜୟାଙ୍କ ଚାରିମାସର ପୁତ୍ର ସନ୍ତାନ ସହ ନିଜ ଗ୍ରାମ ଛତିଶଗଡ଼ର କୋଣ୍ଡାକୁ ଚାଲି ଯାଇଥିଲେ। ପରିବାର ବର୍ଗ ଓ ଗ୍ରାମବାସୀ ଦେଖି ସଙ୍ଗେସଙ୍ଗେ ରେଣୁକାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଓ ରେଣୁକାଙ୍କ ଦେହ ପ୍ରାୟ ୭୫ ପ୍ରତିଶତରୁ ଅଧିକ ପୋଡି ଯାଇଥିବାରୁ ଉନ୍ନତ ଚିକିତ୍ସା ନିମନ୍ତେ ରାୟପୁରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ବନ୍ଧରେ ରେଣୁକାଙ୍କ ପୁଅ ଅବିନାଶ ମାଲକାନଗିରି ଥାନାରେ ଅଭିଯୋଗ କରିଥିବା ବେଳେ ମାଲକାନଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ ଜାରି ରଖିଛନ୍ତି ଏବଂ ଯଥାଶୀଘ୍ର ଜୟାଙ୍କୁ ଗିରଫ କରିବେ ବୋଲି କହିଛନ୍ତି। ତେବେ ରେଣୁକାଙ୍କୁ ପେଟ୍ରୋଲ ପକାଇ ନିଆଁ ଲଗାଇଥିବା ବେଳେ ଜୟାଙ୍କ ଦୁଇ ହାତ ମଧ୍ୟ ପୋଡିଥିବା ଜଣାପଡିଛି।

## ଗୋରୁ ବୋଝେଇ ଗାଡ଼ି ଜବତ କଲେ ଧର୍ମରକ୍ଷା ସେନା




ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମେଘପୁର ପଞ୍ଚାୟତ ହାଇସ୍କୁଲ ନିକଟରେ ଏକ କଣ୍ଟେନର ଗୋରୁ ବୋଝେଇ ଗାଡ଼ିକୁ ଜବତ କଲେ ଧର୍ମରକ୍ଷା ସେନା। ଗାଡ଼ିରେ ୯ଟି ଗାଈ ଶଗଡ଼ ବନ୍ଦ କରି ନେଇ ଗାଡ଼ି ଆଳି ଅଭିମୁଖେ ଯାଉଥିଲା। ବିଶେଷସୂତ୍ରରୁ ଖବର ପାଇ ଧର୍ମରକ୍ଷା ସେନା ସଦସ୍ୟମାନେ ଗାଡ଼ିଲୋଡ଼ ସମୟରେ ଗାଡ଼ିକୁ କାବୁ କରିନେବା ପରେପରେ ପୋଲିସ ପହଁଚି ଗାଡ଼ିକୁ ବୋଝେଇ ଗାଡ଼ିକୁ ଜବତ କରି ରାଜନଗର ରାମଚନ୍ଦ୍ରପୁର ଘଡ଼ିଆମାଳ ସ୍ଥିତ କାମଧେନୁ ଗୋଶାଳା ନେଇଥିବା ଜଣା ପଡ଼ିଛି। ପରେ ଗାଡ଼ିକୁ ସୁରକ୍ଷା ଦେଉଥିବା ଯୁବକ ମାନେ ଧର୍ମରକ୍ଷା ସେନା ସଦସ୍ୟଙ୍କୁ ଦେଖି ଚମ୍ପଟ ମାରିଥିଲେ। ଗୋରୁ ଗାଡ଼ି ଆଳି ମାର୍କେଟ ଦେଇଯିବା ସମୟରେ ଆଳି ମୁଖ୍ୟରାସ୍ତାରେ ଥିବା ଷ୍ଟ୍ରିଟ ଲାଇଟକୁ ପ୍ରଶାସନ ସହଯୋଗରେ ବନ୍ଦ କରି ଗୋ'ମାଫିଆଙ୍କୁ ସହଯୋଗ କରୁଥିବା ନେଇ ଧର୍ମରକ୍ଷା ସେନା ଅଭିଯୋଗ ଆଣିଛି। ଆଳି ଥାନା ଅଧୀନରେ ଥିବା ବହୁ ଗ୍ରାମରୁ ଗୋ'ମାଫିଆମାନେ ବେଧଡ଼କ ଭାବେ ବେଆଇନ ଗୋ' ଚାଲାଣ କରିଆସୁଛନ୍ତି, ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଳି ପୋଲିସର ଏକ ଟିମ ଗାଈଗୋରୁ ଗୁଡିକୁ ରାଜନଗର ଗୋଶାଳାରେ ଛାଡ଼ି କଣ୍ଟେନର ଗାଡିଟିକୁ ଜବତ କରି ଆଳି ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଆଳି ଥାନା ଅଧିକାରୀ ଜଣାଇଛନ୍ତି।

## ମର୍ମନ୍ତୁଦ ଦୁର୍ଘଟଣାରେ ଚାରି ଆହତ



ରାଇଘର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଲାଲ ମାଟି ଛକରେ ରବିବାର ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଟଣା ଘଟିଥିବା ଜଣାଯାଇଛି। ଖବର ନେବାରେ ଜଣାଯାଇଛି ଯେ ଗୋଟାଏ ବାଇକ୍‌ରେ ଦୁଇଜଣ ଯୁବକ ଛତିଶ ଗଡ଼ ଗମରି ଠାରେ ଚାଲିଥିବା ମଣ୍ଡେଇ ଦେଖି ରାଇଘର ଫେରୁଥିଲେ। ଫେରୁଥିବା ବେଳେ ଆଉ ଦୁଇ ଜଣ ସେହି ରାସ୍ତା ଦେଇ ଯାଉଥିବା ସମୟରେ ଉଭୟଙ୍କ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉମରକୋଟକୁ ସ୍ଥାନାନ୍ତର କରଯାଇଥିବା ବେଳେ ଅନ୍ୟ ତିନିଜଣ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଥିବା ଜଣା ପଡ଼ିଛି।

## ରାସ୍ତା ତଳକୁ ଓଲଟି ପଡ଼ିଲା ପିକ୍‌ଅପ୍

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ଟାଙ୍ଗୁରୁସାହି ନିକଟରେ ରବିବାର ଦିନ ଏକ ପିକଅପ୍ ଭାରସାମ୍ୟ ହରାଇ ରାସ୍ତା କଡ ବିଲରେ ପଲଟିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ ରବିବାର ସକାଳ ପ୍ରାୟ ୭ ଘଟିକା ସମୟରେ ଭଦ୍ରକରୁ ଏହି ପିକଅପ୍ ଭ୍ୟାନ ଶ୍ରମିକଙ୍କୁ ଆଣି କରଞ୍ଜିଆ ଓ ଏହାର ଆଖପାଖ ଅଞ୍ଚଳରେ ସେମାନଙ୍କ ଗ୍ରାମ ମାନଙ୍କରେ ଛାଡ଼ି ଫେରୁଥିବା ବେଳେ ଟାଙ୍ଗୁରୁସାହି ନିକଟରେ ଥିବା ଏକ ବନ୍ଧ ମଧ୍ୟକୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ତେବେ ଏହି ଦୁର୍ଘଟଣାରେ ଅଳ୍ପକେ ଚାଳକ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲା। ଏହି ସ୍ଥାନରେ ଦୁଇଦିନ ତଳେ ଦୁଇଟି ପିକଅପ୍ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡ଼ିର ଚାଳକ ଗୁରୁତର ହୋଇ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ପୂର୍ବରୁ ମଧ୍ୟ ଏହି ସ୍ଥାନରେ ବହୁବାର ଦୁର୍ଘଟଣା ହୋଇଥିବାରୁ ସ୍ଥାନଟିକୁ ଦୁର୍ଘଟଣା ପ୍ରବଣ ଭାବେ ବୋର୍ଡ ଲଗାଇ ଲୋକଙ୍କୁ ସଚେତନ କରିବାକୁ ସ୍ଥାନୀୟ ଜନସାଧାରଣ ନିବେଦନ କରିଛନ୍ତି।



## ନିମ୍ନ ମାନର କାର୍ଯ୍ୟକୁ ବନ୍ଦ କଲେ ଅଧିକ୍ଷଣ ଯନ୍ତ୍ରୀ

ଗୋପ, (ଭାସ୍କର ନ୍ୟୁଜ): ଗୋପ କୁଶଭଦ୍ରା ନଦୀର ଖୋଲପୁର ଠାରୁ ମଦରଙ୍ଗ ପର୍ଯ୍ୟନ୍ତ ନଦୀବନ୍ଧ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଫାଟି ଯିବା ସହିତ ନଦୀ ବନ୍ଧ ଭାଙ୍ଗି ନଦୀ ଭିତରକୁ ଚାଲିଯାଇଛି। ଯାହାର ସୁରକ୍ଷା ନିମନ୍ତେ କୋଟିକୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ନଦୀ ବନ୍ଧ ପ୍ରତିବର୍ଷ ଅଧାରୁ ଭାଙ୍ଗିଯାଇ ନଦୀ ଭିତରେ ଲୀନ ହେଉଛି। ଚଳିତ ବର୍ଷ ଏହି ବନ୍ଧର ସୁରକ୍ଷା ନିମନ୍ତେ ପ୍ରାଥମିକ ଭାବେ ବନ୍ଧ ଧସିଥିବା ସ୍ଥାନରେ ୨୦୦ ମିଟର ଟଫ୍ ଓାଲ କାର୍ଯ୍ୟ ୧.୫୬କୋଟି ଟଙ୍କା ବିନିମୟରେ କାର୍ଯ୍ୟ ଚାଲିଛି। ଉଦ୍ଦେଶ୍ୟ ରହିଛି ଯଦି ନଦୀ ବନ୍ଧ ବନ୍ୟା ସମୟରେ ଧସିଯାଏ ତେବେ ଏହି ଟଫ୍ ଓାଲ୍ ବାହାର ପାର୍ଶ୍ୱରୁ ଏହାକୁ ସୁରକ୍ଷା ଦେବ। ମାତ୍ର କାର୍ଯ୍ୟ ଆରମ୍ଭରୁ ଏଥିରେ ଯନ୍ତ୍ରୀଙ୍କ ସମେତ ଠିକାଦାର ମିଳିତ ଭାବେ ଲୁଟିବା ଆରମ୍ଭ କଲେଣି। ଏ ନେଇ ଖୋଲପୁର ଗ୍ରାମର ବାସିନ୍ଦାମାନେ ଏହାର ଘୋର ବିରୋଧ କରିବା ସହିତ ନିମାପଡା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇଙ୍କୁ ଅଭିଯୋଗ ହେବା ପରେ ସେ ଶନିବାର କାର୍ଯ୍ୟସ୍ଥଳକୁ ଆସିଥିଲେ ଏବଂ ନିମ୍ନମାନର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ସମ୍ପୃକ୍ତ ଯନ୍ତ୍ରୀଙ୍କୁ କାର୍ଯ୍ୟରୁ ବିଦା କରିବାକୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଠିକାଦାରଙ୍କୁ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏହି ନିର୍ଦ୍ଦେଶ ସମୟରେ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ମଧ୍ୟ ଏହି କାର୍ଯ୍ୟ ଠିକଠାକ ନଚାଲିଲେ ଠିକାଦାରଙ୍କୁ ହଟାଇ ଦିଆଯିବ ବୋଲି ମଧ୍ୟ କହିଥିଲେ। ଗ୍ରାମାବସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ମହେଶ୍ୱର ବେହେରାଙ୍କୁ ବାଦ୍ ଦିଆଯାଇ ବିଭାଗର ଅନ୍ୟ ଏକ ଯନ୍ତ୍ରୀ ସଞ୍ଜିବ ସାହୁଙ୍କୁ ଦାୟିତ୍ୱ ଦିଆଯିବ ବୋଲି ମଧ୍ୟ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟ ଉପରେ ହିଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପରଦିନ ଅଧିକ୍ଷଣ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ କରିଦେଇ ସମ୍ପୃକ୍ତ ଯନ୍ତ୍ରୀ ମହେଶ୍ୱର ବେହେରା କାର୍ଯ୍ୟ ପୁନଃ ଆରମ୍ଭ କରିଥିଲେ ଏବଂ ଠିକାଦାର ମଧ୍ୟ ଯନ୍ତ୍ରୀଙ୍କ ଆଦେଶକୁ ପାଳନ କରିନଥିଲେ। ସୂଚନା ଯୋଗ୍ୟ ଯେ, ନଦୀ ବନ୍ଧର ଦକ୍ଷିଣ ପାର୍ଶ୍ୱ ଏବଂ ଗୋପ-ମଦରଙ୍ଗ କେନାଲର ଆଭ୍ୟନ୍ତରୀଣ ଅଂଶରେ ଏହି ଟଫ୍ ଓାଲ ନିର୍ମାଣ ଚାଲିଛି। ଏଥିରେ ୧୬ମିମି, ୧୨ମିମିର ରଡ ବ୍ୟବହାର ହେବାକୁ ଥିବାବେଳେ ଏହା ପ୍ରତି ୬ଇଞ୍ଚ ଅନୁଯାୟୀ ରଡ ଏବଂ ଏମ-୧୫ ଗୋଡି ବ୍ୟବହାର ହେବାକୁ ନିର୍ଦ୍ଦେଶ ଥିବା ବେଳେ ସେଥିରେ ୧୦ଇଞ୍ଚରେ ରଡ ବ୍ୟବହାର କରାଯାଇ ଏମ-୩୦ ଗୋଡି ବ୍ୟବହାର କରାଯିବାରୁ ଏବେ ଏହି ପ୍ରକଳ୍ପର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅନିୟମିତତାକୁ ଖୋଦ ଗ୍ରାମବାସୀ ଧରିବା ସହିତ ଅଧିକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ଏହି କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ଏହି କାର୍ଯ୍ୟ ଚାଲୁ ରହିଥିବାରୁ ଦୁର୍ନୀତି କେତେ ଆକାର ରେ କରାଯାଉଛି ତାହା ଏବେ ଜଳଜଳ ହୋଇ ଦିଶିଲାଣି। ସୂଚନାଯୋଗ୍ୟ ଯେ, ଗୋପ ଅଞ୍ଚଳର ଜୀବନରେଖା ବୋଲାଉଥିବା କୁଶଭଦ୍ରା ନଦୀ ବନ୍ଧ ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହାର ଦକ୍ଷିଣ ପାର୍ଶ୍ୱ ଅର୍ଥାତ୍ ଖୋଲପୁର ଠାରୁ ମଦରଙ୍ଗ ପର୍ଯ୍ୟନ୍ତ ନଦୀ ବନ୍ଧ ରାସ୍ତା ମଝିରୁ ଫାଟି ଆଁ କରିଛି। କେବଳ ସେତିକି ନୁହେଁ ଏହି ନଦୀ ବନ୍ଧ ମଝିରେ ରହିଥିବା ତିନିମୁହାଣି ସ୍ଲୁଇସ୍ ଗେଟ୍ ମଧ୍ୟ ଏହି ବନ୍ଧ ଧସିବା ଯୋଗୁଁ ଭୁଷୁଡିବାକୁ ବସିଛି। ଅଦ୍ୟାବଧି ହୋଇଥିବା ଟଫ୍ ଓାଲ କାର୍ଯ୍ୟ ଯଦି ପୁନଃ ଭାଙ୍ଗି ନକରାଯାଏ ତେବେ ଆସନ୍ତା ସପ୍ତାହରେ ଖୋଲପୁର ଗ୍ରାମବାସୀ ମାନଙ୍କ ସହିତ ୯ଟି ପଂଚାୟତର ଲୋକମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ଗୋପ ବ୍ଲକ ଦୁର୍ନୀତି ନିବାରଣ ମଞ୍ଚ ଭିଜିଲାନ୍ସର ଦ୍ୱାରସ୍ଥ ହେବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ନିମାପଡା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି ଯେ ମୁଁ ନିମ୍ନମାନର କାର୍ଯ୍ୟ ହୋଇଥିବା ଦେଖିଛି ଏବଂ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲି। ଯଦି ଏହା ବାଦ ସେମାନେ ଏହି କାର୍ଯ୍ୟ କରୁଛନ୍ତି ତେବେ ମୁଁ ସମ୍ପୃକ୍ତ ଯନ୍ତ୍ରୀଙ୍କ ଏବଂ ଠିକାଦାରଙ୍କ ବିରୋଧରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବି।

## ୮୦ ଲକ୍ଷ ଟଙ୍କା ଠକେଇ ମାମଲାରେ ଜଣେ ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ମହକୁମାର ଜଣେ ବ୍ୟବସାୟୀଙ୍କ ଠାରୁ ୮୦ ଲକ୍ଷ ଟଙ୍କା ଠକେଇ କରିଥିବା ମାମଲାରେ ଆସାମ୍‌ରୁ ଜଣଙ୍କୁ ମାଲକାନଗିରି ପୋଲିସ ଗିରଫ କରିବାରେ ସଫଳ ହୋଇଛି। ତଥ୍ୟ ଅନୁଯାୟୀ ମାଲକାନଗିରି ସଦର ମହକୁମା ତଳସାହି ନିବାସୀ ଜିତେନ୍ଦ୍ର ପାତ୍ର ନାମକ ବ୍ୟକ୍ତି ଗତ ସେପ୍ଟେମ୍ବର ମାସ ୪ ତାରିଖ ଦିନ ମାଲକାନଗିରି ଥାନାରେ ଏକ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ୨୦୧୭ ମସିହାରେ ବରଗଡ ଜିଲ୍ଲା ଭିଏସଏସନଗର ଗ୍ରାମର ଦେବଜିତ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ଜିତେନ୍ଦ୍ର ପାତ୍ରଙ୍କ ଦୋକାନକୁ ଆସିଥିଲେ। ତାଙ୍କ ସହ କଥାବାର୍ତ୍ତା ହେବା ସହ ଦେବଜିତ ତ୍ରିପାଠୀ କଟକ ନିବାସୀ ବୋଲି ନିଜକୁ ପରିଚୟ ଦେବା ସହ ସେ ମାଲକାନଗିରି ରେ କମଡିଟି ଟ୍ରେଡିଙ୍ଗ ନାମକ ସଂସ୍ଥା ଖୋଲିବା ସମ୍ବନ୍ଧରେ କହିଥିଲା। ଏଥିସହ ଏହି ଟ୍ରେଡିଙ୍ଗ ରେ ଟଙ୍କା ବାନ୍ଧିଲେ ତିନିମାସ ମଧ୍ୟରେ ୨୦ପ୍ରତିଶତ ଟଙ୍କା ଅଧିକ ମିଳିବ ବୋଲି କହିଥିଲା। ତାଙ୍କ କଥାକୁ ବିଶ୍ୱାସ କରି ପାତ୍ର କିଛି ଟଙ୍କା ତ୍ରିପାଠୀଙ୍କ ନିକଟରେ ବାନ୍ଧିବା ପରେ ତିନିମାସ ପରେ ତ୍ରିପାଠୀ ୨୦ ପ୍ରତିଶତ ଅଧିକ ଟଙ୍କା ମିଶାଇ ପାତ୍ରଙ୍କୁ ଫେରସ୍ତ କରିଥିଲା। ପାତ୍ର ତାଙ୍କ ଉପରେ ବିଶ୍ୱାସ କରି ବିଭିନ୍ନ ସମୟରେ ବିଭିନ୍ନ ଆକାଉଣ୍ଟ ମାଧ୍ୟମରେ ୪୦ ଲକ୍ଷ ଟଙ୍କା ବାନ୍ଧି ଥିଲା, କିନ୍ତୁ ତିନିମାସ ପରେ ତାଙ୍କ ଟଙ୍କା ତ୍ରିପାଠୀ ଫେରସ୍ତ ଦେଇ ନଥିଲା। ଫଳରେ ପାତ୍ର ଟ୍ରେଡିଙ୍ଗ ଆଇଡି ମାଗିଥିଲେ ଓ ଉକ୍ତ ଆଇଡି ବିଷୟରେ ପଚାରିବାରୁ ପାତ୍ରଙ୍କ ଏକାଉଣ୍ଟ ବ୍ଲକ ହୋଇ ଥିବା ଜାଣିବାକୁ ପାଇଥିଲେ। ଏହି ଆକାଉଣ୍ଟ ପୁନର୍ବାର ଖୋଲିବା ନିମନ୍ତେ ୨୨ ଲକ୍ଷ ଟଙ୍କା ବାନ୍ଧିବାକୁ ହେବ ବୋଲି ତ୍ରିପାଠୀ କହିବାରୁ ସେ ପୁନର୍ବାର ୨୨ ଲକ୍ଷ ଟଙ୍କା ଯୋଗାଡ କରି ବାନ୍ଧିଥିଲା। ପରେ ପୁନର୍ବାର ତାଙ୍କ ପାନକାର୍ଡ଼ ଓ ଆଧାର କାର୍ଡ ଆକାଉଣ୍ଟ ସହିତ ଖାପ ଖାଉନାହିଁ ବୋଲି କହି ଆଉ ୧୦ଲକ୍ଷ ଟଙ୍କା ମାଗିଥିଲେ। ପାତ୍ର ବିଶ୍ୱାସ କରି ଆଉ ୧୦ଲକ୍ଷ ଟଙ୍କା ବାନ୍ଧିଥିଲେ। ଏପରି ଭାବେ ମୋଟ ୮୦ଲକ୍ଷ ଟଙ୍କା ବାନ୍ଧିବା ପରେ ତ୍ରିପାଠୀ ଉକ୍ତ ଟଙ୍କା ନେଇ ଫେରାର ହୋଇ ଯାଇଥିଲା। ସେହି ଦିନଠାରୁ ପାତ୍ର ଯୋଗାଯୋଗ କରିଲେ ମଧ ତ୍ରିପାଠୀଙ୍କ ସହ ଯୋଗାଯୋଗ ହୋଇ ପାରୁନଥିଲା। ଏ ସମ୍ବନ୍ଧରେ ଥାନାରେ ଏତଲା ଦେବା ପରେ ପୋଲିସ ଏହାର ତଦନ୍ତ କରି ଆସାମୀ ଜଣକ ଆସାମ ରାଜ୍ୟ ସୋନିତପୁର ଜିଲ୍ଲା ତେଜପୁରରୁ ଗତ ୩୦ ତାରିଖ ଦିନ ଗିରଫ କରିବାରେ ସଫଳ ହୋଇଛି। ତାଙ୍କ ନାମରେ ମାଲକାନଗିରି ଥାନାରେ ମୋଟ ୫ଟି କେଶ୍ ହୋଇଥିବା ବେଳେ ମାଲାକନଗିରି ଥାନାରେ ଏହାର ତଦନ୍ତ କରି ଆସନ୍ତା କାଲି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଓଡ଼ିଶା ନାଟ୍ୟସଂଘ ପଶ୍ଚିମ ପ୍ରାନ୍ତ ବୈଠକ ଅନୁଷ୍ଠିତ



ଝାରସୁଗୁଡ଼ା/ ବେଲପାହାଡ଼, (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ମିରର୍ ଥିଏଟର ଠାରେ ଓଡ଼ିଶା ନାଟ୍ୟ ସଂଘ ପଶ୍ଚିମ ପ୍ରାନ୍ତ ବୈଠକ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକକୁ ଓଡ଼ିଶା ନାଟ୍ୟସଂଘ ପଶ୍ଚିମ ପ୍ରାନ୍ତର ଉପ ସଭାପତି ସତ୍ୟନାରାୟଣ ବେହାରା ସଭାପତିତ୍ୱ କରିବା ସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଦ୍ୟସ୍ୟଙ୍କ ପରିଚୟ କରିଥିଲେ। ସଂଯୁକ୍ତ ସାଧାରଣ ସମ୍ପାଦକ ଆଲୋକ ରଂଜନ ବୋଷ ବୈଠକର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ନାଟ୍ୟ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚିତ୍ତରଂଜନ ଦାଶ ଓଡ଼ିଶା ନାଟ୍ୟ ସଂଘ ପଶ୍ଚିମ ପ୍ରାନ୍ତର ନାଟକ ମହୋତ୍ସବ ଆୟୋଜନ ପାଇଁ ପୂର୍ବରୁ ହୋଇଥିବା ବରଗଡ଼ ଓ ଆଭାଷି ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ବେଲପାହାଡ଼ ମିରର୍ ଥିଏଟର ଠାରେ ହୋଇଥିବା ବୈଠକରେ ଆଗାମୀ ସେପ୍ଟମ୍ବର ୭ ରୁ ୧୧ ତାରିଖ ୫ ଦିନଧରି ପଶ୍ଚିମ ଓଡ଼ିଶା ସ୍ତରୀୟ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏହି ନାଟକ ମହୋତ୍ସବରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ବଲାଙ୍ଗିର, ସୋନପୁର ନୂଆପଡ଼ା, ବୌଧ ଓ କଳାହାଣ୍ଡି ଭଳି ଜିଲ୍ଲାର ୧୦ଟି ନାଟକ ପ୍ରଦର୍ଶନ ହେବ। ଏହି ନାଟକ ମହୋତ୍ସବ ବରଗଡ଼ର ସୌଖିନ କାଳାକାର ସଂଘ ମଞ୍ଚରେ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆ ଯାଇଛି। ଏହି ନାଟକ ମଜହୋତ୍ସବର ବିଭିନ୍ନ ସଂନ୍ଧ୍ୟାକୁ ବିଭିନ୍ନ ଜିଲ୍ଲାର ଦିବଙ୍ଗତ ନାଟ୍ୟକର୍ମୀଙ୍କୁ ଉତ୍ସର୍ଗୀକୃତ କରାଯିବ। ଏହା ସହିତ ବିବିନ୍ନ ଜିଲ୍ଲାର ନାଟ୍ୟ ପ୍ରତୀଭାଙ୍କୁ ସମ୍ବର୍ଦ୍ଧିତ ମଧ କରାଯିବାକୁ ବୈଠକରେ ନିସ୍ପତି ନିଆଯାଇଛି। ଶେଷରେ ମିରର ଥିଏଟରର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ନୂଆପଡ଼ା ଜିଲ୍ଲାରୁ ଜିତେନ୍ଦ୍ରନାଥ ପଟ୍ଟନାୟକ, ରାଉରକେଲାରୁ ଆଲୋକ ରଂଜନ ବୋଷ, ବରଗଡ଼ରୁ ପ୍ରଭାଷ ରଂଜନ ମହଲା, ବିଜୟ କୁମାର ବେହେରା, ବରାଙ୍ଗିରରୁ ପ୍ରକାଶ କୁମାର ଥନପତି, ରାଧେଶ୍ୟାମ ତ୍ରିପାଠୀ, ଚିତ୍ତରଂଜନ ଦାଶ, ସମ୍ବଲପୁରରୁ ସତ୍ୟରଂଜନ ବେହେରା, ଅଶିଷ କୁମାର ସୋନାର, ଅତିଶକୁମାର ଶତପଥି, ପ୍ଲବନ ମିଶ୍ର, ଦେବଗଡ଼ ବିଶାଳ କୁମାର ନାଏକ, ଅମଲାଂଶୁ ପୂଜାରୀ, ଝାରସୁଗୁଡ଼ା ସଂଯୋଜକ ସୁବାସ ଚନ୍ଦ୍ର ପ୍ରଧାନ ସମେତ ମିରର ଥିଏଟରର କହ୍ନେଇ ଚରଣ ସେଠ, ସୁରେନ୍ଦ୍ର ଭୋଇ, ସଚ୍ଚିଦାନନ୍ଦ ପଣ୍ଡା, ଶରତ ସାହୁ, ପିତବାସ ପ୍ରଧାନ, ସରୋଜ ମିର୍ଦ୍ଧା, ଯୁବରାଜ ସିଂହ, ଜେନାମଣି ସେଠ୍, ସନ୍ତୋଷ ସାହୁ ଓ ଅନ୍ୟାନ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

## ନଅଟି ବିଦ୍ୟାଳୟର ମେଟ୍ରିକ ଫଳ ଶତପ୍ରତିଶତ

ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ୨୮ଟି ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ନଅଟି ବିଦ୍ୟାଳୟର ୨୦୨୪-୨୫ ଶିକ୍ଷାବର୍ଷର ମେଟ୍ରିକଫଳ ଶତ ପ୍ରତିଶତ ହୋଇଛି। ଉକ୍ତ ନଅଗୋଟି ବିଦ୍ୟାଳୟ ହେଉଛି ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ, ପିଚୁକୁଳି ସ୍ଥିତ ଶ୍ରୀ ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟ, ଧଳାପଥର ଡିକେ ଉଚ୍ଚ ବିଦ୍ୟାଳୟ, ତାଳତୁମ୍ବ ପଶ୍ଚିମେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ, ମାଣିକାଗୋଡା ଗଦାଧର ବାଞ୍ଛାନିଧି ଉଚ୍ଚ ବିଦ୍ୟାଳୟ, କଳାଙ୍ଗ କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟ, ଦେଉଳି ଆଞ୍ଚଳିକ ବିଦ୍ୟାଳୟ, ଅରଖପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟ। ଉପରୋକ୍ତ ନଅଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଧ୍ରୁବାନନ୍ଦ ନାୟକ, ଧ୍ରୁବ ଚରଣ ତ୍ରିପାଠୀ, ଜୋଚିନ୍ଦ୍ର ଦାସ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ର, ସଂଯୁକ୍ତା ଦାଶ, ପ୍ରଣତି ସିଂହ, ଜ୍ୟୋତିର୍ମୟୀ ସାହୁ ଓ ସୁକାନ୍ତି ଦେଇଙ୍କୁ ଅଭିଭାବକ ଓ ଅଞ୍ଚଳବାସୀ ମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ଟାଙ୍ଗିସାହି ସ୍ଥିତ ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ, ମୁଗମଣ୍ଡା ଦେବଗୁରୁ ଆଦର୍ଶ ବିଦ୍ୟାଳୟ, କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟ ଓ ଡାବରଧୂଆ ଶ୍ୟାମସୁନ୍ଦର ଆଦର୍ଶ ବିଦ୍ୟାପୀଠର ଯଥାକ୍ରମେ ଦୁଇ ଦୁଇ ବିଦ୍ୟାର୍ଥୀ ଇ-୧ ଗ୍ରେଡ ପ୍ରାପ୍ତ ହୋଇଛନ୍ତି। ଏହି ଚାରୋଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ସାହୁ, କିଶୋର ଚନ୍ଦ୍ର ଦାଶ, ଜୋଚିନ୍ଦ୍ର ଦାସ, ଶ୍ରୀଧର ସାହୁଙ୍କୁ ବିଦ୍ୟାର୍ଥୀଙ୍କ ପିତାମାତା କୃତଜ୍ଞତା ଜଣାଇଛନ୍ତି। ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଂଶୁମାନ ବେହେରା ୫୪୮ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଏବଂ ମଣ୍ଡଳ ସଂଯୋଜକ କୈଳାସନାଥ ସ୍ୱାଇଁ ସୁଚନା ପ୍ରଦାନ କରିଛନ୍ତି। ଏହି ମେଟ୍ରିକ ଫଳରେ ପୂର୍ବତନ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା ଖୁସି ବ୍ୟକ୍ତ କରିଛନ୍ତି।

## ଆଦର୍ଶ ଶିକ୍ଷକ ଭରତ ସେଠିଙ୍କ ପରଲୋକ

ବୋଲଗଡ଼, (ଭାସ୍କର ନ୍ୟୁଜ): ଗୌରଙ୍ଗପୁର ପଂଚାୟତ ଅନ୍ତର୍ଗତ ବରମୁଳ ଗ୍ରାମର ଜଣାଶୁଣା ଆଦର୍ଶ ଶିକ୍ଷକ ଭରତ ସେଠିଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ରଣପୁର ଅଞ୍ଚଳରେ ବେଶ ପରିଚିତ। ସେ ଜଣେ ମେଳାପୀ, ପର ଉପକାରୀ, ନିଷ୍କପଟ ଓ ଦୟାଳୁ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କର ଏକ ମାତ୍ର ପୁଅ ଓ ବୋହୂ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ଏକ ମାତ୍ର ପୁତ୍ର ଉମାକାନ୍ତ ସେଠି (ଶରତ) ମୁଖାଗ୍ନି ଦେଇଥିଲେ।

## ବାପା ଦିନ ମଜୁରିଆ ଝିଅ ଏ-୧ରେ ମେଟ୍ରିକରେ ଉତ୍ତୀର୍ଣ୍ଣ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): କଥାରେ ଅଛି ଯାହାର କାନ ଅଛି ତାହାର ସୁନା ନାହିଁ, ଯାହାର ସୁନା ଅଛି ତାହାର କାନ ନାହିଁ। ତଥାପି ଦୃଢ଼ ଅଧ୍ୟବସାୟ ଓ ଇଚ୍ଛାଶକ୍ତି ବଳରେ ମନୁଷ୍ୟ ଅସାଧ୍ୟକାମକୁ ସାଧନ କରିପାରେ। ଏହାର ଏକ ନଗ୍ନ ନମୂନା ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି। ଚଳିତ ମାଟ୍ରିକ ପରୀକ୍ଷାରେ ଜଣେ ଦିନହୀନ ଗରିବ ଓ ଦିନ ମଜୁରୀଆର କନ୍ୟା ଆର୍ଥୀକ ସଙ୍କଟ ସତ୍ତ୍ୱେ ମଧ୍ୟ ଏ-୧ରେ ଉତୀର୍ଣ୍ଣ ହେବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଂଚାୟତ ଖଣ୍ଡଗାଁ ର ସାରଦା ପ୍ରସାଦ ଜଣେ ଦୀନହୀନ ଓ ଗରିବ ଶ୍ରେଣୀୟ ଲୋକ ଅଟନ୍ତି। ଦିନେ କାମକୁ ନଗଲେ ତାଙ୍କର ହାଣ୍ଡି ଚୂଲିକୁ ଯାଏ ନାହିଁ। ଏପରିକି ବହୁ ସମୟରେ ଆର୍ଥୀକ ଅନାଟନ ହେତୁ ତାଙ୍କର ପରିବାର ଖାଡା ଖାଡା ଉପବାସ ରହିଥିବାର ନଜିର ରହିଛି। ଏପରିକି ସାରଦାଙ୍କ ପତ୍ନୀ ରଞ୍ଜୁଲତା ଜଣେ ରୋଗାକ୍ରାନ୍ତ ବ୍ୟକ୍ତି ଅଟନ୍ତି। ତାଙ୍କୁ ପଥି ଯୋଗାଇବା ନିମନ୍ତେ ସାରଦା ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହୋଇଥାନ୍ତି। ଏପରିକି ସାରଦାଙ୍କର କୌଣସି ପୋଷଣାହାରୀ ପୁତ୍ର ସନ୍ତାନ ନାହାନ୍ତି। ତାଙ୍କର ଦୁଇ କନ୍ୟା ମଧ୍ୟରୁ ବହୁ କଷ୍ଟରେ ସାରଦା ଜ୍ୟେଷ୍ଠ କନ୍ୟାକୁ ବିବାହ ଦେଇଛନ୍ତି। ଘରେ ଥିବା ତାଙ୍କର କନିଷ୍ଠା କନ୍ୟା ସତ୍ୟ ସନାତନି ବେହେରା ବହୁ ଝଡ ଝଞ୍ଜା ଓ ଆର୍ଥୀକ ଅନାଟନ ଦେଇ ଗତି କରିଥାନ୍ତି। ସତ୍ୟ ସନାତନି ସ୍ଥାନୀୟ କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥାନ୍ତି। ମାଆଙ୍କ ଶାରିରୀକ ଅସୁସ୍ଥତା ହେତୁ ବହୁ ସମୟରେ ତାଙ୍କୁ ଘରର ସମସ୍ତ କାର୍ଯ୍ୟ କରିବା ପାଇଁ ପଡିଥାଏ। ଏପରିକି ଆର୍ଥୀକ ସଙ୍କଟ ହେତୁ ସେ ଘରୋଇ ଭାବେ ଟ୍ୟୁସନ ହୋଇ ପାରିନଥିଲେ। ତଥାପି ଦୃଢ଼ ଇଛାଶକ୍ତି ନିକଟରେ ସବୁ କିଛି ହାର ମାନିଛି। ଚଳିତ ମାଟ୍ରିକ ପରୀକ୍ଷାରେ ସେ ଏହି ବିଦ୍ୟାଳୟରୁ ସର୍ବାଧିକ ୫୫୦ ନମ୍ବର ରଖି ଏ-୧ରେ ଉତୀର୍ଣ୍ଣ ହୋଇଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହୋଇ ଗରିବା ଶ୍ରେଣୀୟ ଲୋକଙ୍କୁ ମାଗଣା ଚିକିତ୍ସା ଦେବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ତେବେ ତାଙ୍କର ଉଚ୍ଚଶିକ୍ଷାରେ ଅର୍ଥ ବାଧକ ସାଜିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତାଙ୍କର ଏହି ସଫଳତା ନିମନ୍ତେ ସେ ନିଜର ପିତାମାତା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ଶ୍ରେୟ ଦେଇଛନ୍ତି। ତେବେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ ତାଙ୍କୁ ଉଚ୍ଚ ଶିକ୍ଷାନିମନ୍ତେ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ବିଦ୍ୟାଳୟ ଦୀର୍ଘ ୨୧ ବର୍ଷ ହେଲା ଏପରି ସଫଳତା ପାଇନଥିଲା।

## ୪୦ ପଞ୍ଚାୟତରେ ବିଜେଡି ସଭାପତି ମନୋନୀତ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ରାଜ୍ୟ ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ପରିପେକ୍ଷିରେ ଯାଜପୁର ଜିଲ୍ଲାର ବିଜେଡି ସଭାପତି ସରୋଜ କୁମାର ମହପାତ୍ରଙ୍କ ଅନୁମୋଦନ କ୍ରମେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ନବନିଯୁକ୍ତ ସଭାପତି ତାପସଚନ୍ଦ୍ର ରାୟଙ୍କ ପ୍ରସ୍ତାବ କ୍ରମେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ୪୦ ଗୋଟି ଗ୍ରାମ ପଞ୍ଚାୟତର ପଞ୍ଚାୟତ ସ୍ତରୀୟ ସାଙ୍ଗଠନିକ ସଭାପତିର ନାମ ରବିବାର ଚଣ୍ଡିଖୋଲ ଛକ ସ୍ଥିତ ହୋଟେଲ ମିଡ଼ିଷ୍ଟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ନାମ ଘୋଷଣା କରାଯାଇଛି। ସୋଲର ଗ୍ରାମ ପଂଚାୟତରେ ମଓଧବାନନ୍ଦ ମହାପାତ୍ର, ବୈରୀ ବିଶ୍ୱଜିତ୍ ମହାନ୍ତି, ପକ୍ଷରିଆ ସତ୍ୟବ୍ରତ ବିଶ୍ୱାଳ, ସମିଆଁ ରତ୍ନାକର ପ୍ରଧାନ, ଶାଳପଡ଼ା ରମେଶ ଚନ୍ଦ୍ର ଶତପଥୀ, କାଇମାଟିଆ ଘନଶ୍ୟାମ ସାମଲ, ସିହା ପିତାମ୍ବର ବଳ, ଭୂଷଣ୍ଡପୁର ପ୍ରଭାକର ସାମଲ, ବଡ଼ଚଣା ବିଜୟ କୁମାର ପ୍ରଧାନ, ଖଇରା ବୈକୁଣ୍ଠ ବରାଳ, ଚଣ୍ଡିତଳ ରବିନ୍ଦ୍ର କୁମାର ବେହେରା, ବନ୍ତଳା ଅନାମ ବିଶ୍ୱାଳ, ବନ୍ଧାଳ ଅଜୟ କୁମାର ବିଶ୍ୱାଳ, ଧକ୍ଷନମଣ୍ଡଳ ରବୀନ୍ଦ୍ର କୁମାର ନାୟକ, ସୁଙ୍ଗୁଡ଼ା ପ୍ରୀୟବର୍ତ୍ତ ଖିଲାର, ଶାନ୍ତିପୁର ଅକ୍ଷୟ କୁମାର ଦଳେଇ, ଛତିଆ ତୁଷାରକାନ୍ତ ପଣ୍ଡା, ନେଳିଆ ଧୀରେନ୍ଦ୍ର କୁମାର ନାଥ, ଚମ୍ପାପୂର କୈଳାଶ ଚନ୍ଦ୍ର ରାଉତ, ବଡଘୁମୁରି ମିହିର କୁମାର ଖୁଣ୍ଟିଆ, ରାଧାଦେଇପୂର ସୁଶାନ୍ତ ନାୟକ, ଅରଖ ପୁର ରବୀନ୍ଦ୍ର ସାମଲ, କୁନ୍ଦଳ କୃପାସିନ୍ଧୁ ମହାରଣା, ଅଣକା ତପନ କୁମାର ସିଂହ, ନଳିପୂର ସେକ୍ ଇମାମୁଦ୍ଦିନ, ଚାରିନଙ୍ଗଳ ଗୋଲାମ କିମ୍ବିରିଆ ଖଓନ୍, ପତ୍ରାଜପୁର ପ୍ରତାପ ସେନାପତି, ବଳିଚନ୍ଦ୍ର ପୁର ଅନନ୍ତ ମହାରଣା, ବର୍ପଦା ନାରାୟଣ ମଲ୍ଲିକ, ମଝିପଡା ଅନିରୁଦ୍ଧ ପାଢ଼ି, ଅଚ୍ୟୁତବସନ୍ତ ସବୁଧ ବଳସାମନ୍ତ, କୋଲଣଗିରି ଶ୍ରୀକାନ୍ତ ମହାନ୍ତି, ବିକ୍ରମତିରଣ ଯୋଗେଶ ଚନ୍ଦ୍ର ପ୍ରଧାନ, ପଳେଇ ଦେବଦତ୍ତ ସାମଲ, ବରଦା ନିରଞ୍ଜନ ସାମଲ, ଗୋପାଳପୁର ବିକ୍ରମ ରାଉତ, ଭରତପୁର ବ୍ରଜକିଶୋର ବସନ୍ତିଆ, ବାଲିପଡ଼ିଆ ପ୍ରଭାସ ଚନ୍ଦ୍ର ଦାସ, ସାଉଡ଼ିଆ କ୍ଷେତ୍ରବାସୀ ପଣ୍ଡା, ରଇପୁର ଜ୍ଞାନରଞ୍ଜନ ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟାଣ ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଧନେଶ୍ୱର ବେହେରା, ନିରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର ଜେନା, ଆମର ମହାନ୍ତି, ଜ୍ଞାନରଞ୍ଜନ ସାହୁ ପ୍ରଦିପ୍ତ କୁମାର୍ ମହାନ୍ତି, ସଞ୍ଜୀବ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନବ ନିଯୁକ୍ତ ସଭାପତି ମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର, ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଓ ବ୍ଲକ୍ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଆମ କଳାହାଣ୍ଡି





## ବାଲ୍ୟବିବାହ ରୋକିବ 'ଶକ୍ତି' ସଂଗଠନ

- ମନ୍ଦିର ମଠରେ ଲାଗିଲା ବିଜ୍ଞାପନ ବୋର୍ଡ
- ସଚେତନ ହେଲେ ପୁରୋହିତ ଓ ଧର୍ମଗୁରୁ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ଶିଶୁ ଅଧିକାର ସୁରକ୍ଷା ଏବଂ ବାଲ୍ୟବିବାହ ରୋକିବା ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଥିବା ଅଗ୍ରଣୀ ଅନୁଷ୍ଠାନ 'ଶକ୍ତି' ସଂପ୍ରତି ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇ ଖାଲି ସଫଳ ହୋଇ ନାହାନ୍ତି ବରଂ ଆଗାମୀ ଦିନରେ କଳାହାଣ୍ଡି ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ ଜିଲ୍ଲା ଭାବେ ପରିଗଣିତ କରିବାରେ ସକ୍ଷମ ହେବ ବୋଲି ଦୃଢ ମତ ପ୍ରକାଶ କରିଛନ୍ତି। ଏହି ସଂଗଠନର ଜିଲ୍ଲା ସଂଯୋଜକ ସୁଜିତ ସେନ୍ ଦୀର୍ଘ ଦିନଧରି ଶିଶୁ ଅଧିକାର ସୁରକ୍ଷା ଓ ବାଲ୍ୟବିବାହ ରୋକିବା ପାଇଁ ବିଭିନ୍ନ ଅଞ୍ଚଳର ସମାଜସେବୀ, ସ୍ୱେଚ୍ଛାସେବୀ ତଥା ମହିଳା ଓ ଯୁବଶକ୍ତିଙ୍କୁ ନେଇ କାର୍ଯ୍ୟ କରିଆସୁଛନ୍ତି। ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ (ଜେଆର୍‌ସି)ର ଏକ ସହଯୋଗୀ ସଂସ୍ଥା ଭାବେ କାର୍ଯ୍ୟ କରୁଥିବା ଏହି ଶକ୍ତି ସଂଗଠନ ଏବର୍ଷ ପବିତ୍ର ଅକ୍ଷୟତୃତୀୟା ଦିନ ବାଲ୍ୟବିବାହକୁ ଆଖି ଆଗରେ ରଖି ବିବାହ ସମ୍ପନ୍ନ ହେଉଥିବା ବିଭିନ୍ନ ମଠ, ମନ୍ଦିର ତଥା ଅନ୍ୟାନ୍ୟ ଧର୍ମପୀଠରେ 'ଏଠାରେ ବାଲ୍ୟବିବାହ ନିଷେଧ' ବୋଲି ବିଜ୍ଞାପନ ବୋର୍ଡ ଲଗାଇ ଲୋକମାନଙ୍କୁ ସଚେତନ କରାଇଥିଲେ। ଖାଲି ସେତିକି ନୁହେଁ, ବିବାହ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ପୁରୋହିତ, ଅନ୍ୟାନ୍ୟ ଧର୍ମଗୁରୁମାନଙ୍କୁ ମଧ୍ୟ ବାଲ୍ୟବିବାହର ଭୟାବହ ପରିଣତି ସମ୍ପର୍କରେ ସଚେତନ କରାଇ ସେମାନଙ୍କ ସକାରାତ୍ମକ ମନୋଭାବ ହାତେଇ ଥିଲେ। ଜନସାଧାରଣଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଶକ୍ତି ସଂଗଠନର ଜିଲ୍ଲା ସଂଯୋଜକ ଶ୍ରୀ ସେନ୍ ବିଭିନ୍ନ ଗ୍ରାମରେ ଶୋଭାଯାତ୍ରା ଓ ସଭାର ଆୟୋଜନ କରିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହ ଉପସ୍ଥିତ ପୁରୋହିତ, ପଣ୍ଡିତ ଓ ଅନ୍ୟାନ୍ୟ ଧର୍ମଗୁରୁମାନେ ମଧ୍ୟ ବାଲ୍ୟବିବାହ ବିପକ୍ଷରେ ମତ ଦେଇ ଆଗାମୀ ଦିନରେ ବାଲ୍ୟବିବାହ କରାଇବେ ନାହିଁ ବୋଲି କହି ମତ ଦେଇଥିଲେ। ଅଧିକାଂଶ ଲୋକ ଜାଣନ୍ତି ନାହିଁ ଯେ ବାଲ୍ୟବିବାହ ନିଷେଧ ଆଇନ-୨୦୦୬ ଅନୁସାରେ ବାଲ୍ୟବିବାହ ଏକ ଦଣ୍ଡନୀୟ ଅପରାଧ ଓ ଏହାକୁ ଖିଲାପ କଲେ ସଂପୃକ୍ତ ଲୋକଙ୍କୁ ଦୁଇବର୍ଷ ଜେଲଦଣ୍ଡ କିମ୍ବା ଜରିମାନା ହୋଇପାରେ। କାର୍ଯ୍ୟକ୍ରମରେ ସାମିଲ ହୋଇ ଥିବା ଲୋକଙ୍କ ଆଶାଜନକ ସହଯୋଗ ଓ ସମର୍ଥନକୁ ଦେଖି ଆମେ ବିଶ୍ୱାସ କରୁଛୁ ଯେ ଖୁବ୍ ଶୀଘ୍ର ଆମେ କଳାହାଣ୍ଡି ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିବାର ଲକ୍ଷ୍ୟ ହାସଲ କରିବୁ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି ଶକ୍ତ ସଂଗଠନର ଜିଲ୍ଲା ସଂଯୋଜକ ସୁଜିତ ସେନ୍।

## ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ହୋଟେଲ ଭାଗିରଥି ଇନ୍ ଠାରେ କଳାହାଣ୍ଡି ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ୩ ତାରିଖ ଶନିବାର ଦିନ 'ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ' ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶାନ୍ତନୁ କୁମାର ବେହେରା, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମଗ୍ର ବିଶ୍ୱରେ ସମ୍ବାଦ ସଂଗ୍ରହ ଓ ପରିବେଷଣ ସମୟରେ ଯୁଦ୍ଧ କିମ୍ବା ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଦିବଙ୍ଗତ ସାମ୍ବାଦିକ ମାନଙ୍କ ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କଳାହାଣ୍ଡିର ସାମ୍ବାଦିକମାନଙ୍କ ପାଇଁ ସହରରେ ଏକ ସାମ୍ବାଦିକ ଭବନ ନିର୍ମାଣ ନିମନ୍ତେ ମୁଖ୍ୟ ଅତିଥି ସାଂସଦ ମାଳବିକା ଦେବୀ ସାଂସଦ ଅନୁଦାନ ପାଣ୍ଠିରୁ ଦୁଇ ବର୍ଷରେ ୨୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ। ସେହିପରି ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସାମ୍ବାଦିକ ଭବନ ନିମନ୍ତେ ସରକାରୀ ଜମି ଲିଜ୍ ପ୍ରିମିୟମ୍ ପୈଠ ପାଇଁ ଏକ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା 'ମସିହା'ର ସମ୍ପାଦକ ସୁନୀଲ ଚନ୍ଦ୍ର ନାୟକଙ୍କୁ 'ସାମ୍ବାଦିକ ଗୌରବ' ସମ୍ମାନ ଓ ଓଟିଭି ସାମ୍ବାଦିକ ଧର୍ମଗଡ଼ ଇଙ୍ଗିତ କୁମାର ପଣ୍ଡାଙ୍କୁ 'ସାମ୍ବାଦିକ ସୌରଭ' ସମ୍ମାନ ପ୍ରଦାନ କରାଯାଇଥିଲା। କଳାହାଣ୍ଡି ପେଶାଦାର ସାମ୍ବାଦିକ ସଂଘର ସଭାପତି ରଜନୀକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁବ ସାମ୍ବାଦିକ ଚନ୍ଦ୍ରାଂଶୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଆଜିର ଦିବସ ସମ୍ପର୍କରେ ମତ ବ୍ୟକ୍ତ କରିବାକୁ ଯାଇ କହିଥିଲେ ଯେ- ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହେଉଛି ଗଣମାଧ୍ୟମ। ୧୪୦ କୋଟି ଭାରତୀୟ ନାଗରିକ ସେମାନଙ୍କ ହୃଦୟରେ ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ମାନ୍ୟତା ଦେଇଛନ୍ତି ଓ ସେତିକି ଭରସା କରୁଛନ୍ତି। ଦେଶ ନିର୍ମାଣରେ ଗଣମାଧ୍ୟମର ଭୂମିକାକୁ ସବୁବେଳେ ପ୍ରଶଂସା ମଧ୍ୟ କରୁଛନ୍ତି। ଏହି ଅବସରରେ ଯୁବ ସାମ୍ବାଦିକ ତାପସ ମହାନ୍ତି, ଅମରେଶ ପାଢୀ, ଚିତ୍ତ ବିଶି, ଦୀପକ ସାହୁ, ଶିବ ନାଏକ, ହେମନ୍ତ ରାୟ, ବିଜୟ ଦାସ, ଅମିୟ ସାହୁ, ଭାରତ ବିଶି ଓ ଉମେଶ ଦୋରାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ମଞ୍ଚରେ ଉପସ୍ଥିତ ଅତିଥି ମାନଙ୍କ ବ୍ୟତୀତ ବହୁ ନିମନ୍ତ୍ରିତ ଅତିଥି ଆଜିର ଦିବସ ସମ୍ପର୍କରେ ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସାମ୍ବାଦିକ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ ବଗାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବଟକୃଷ୍ଣ ବେହେରା ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତିଶ୍ୱର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ସାଙ୍ଗଠନିକ ସମ୍ପାଦକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କଳାହାଣ୍ଡି ପଦ୍ମଲୋଚନ ନାଏକ, ସରପଞ୍ଚ ବିନୋଦିନୀ ଗୌଡ଼, ଏବିଇଓ ଅରୂପାନନ୍ଦ ଭୋଇ, ବିଶ୍ୱଜିତ ବେହେରା, ଧର୍ମଗଡ଼ ଶିକ୍ଷକ ସଂଘ ସଭାପତି କ୍ଷେତ୍ର ମୋହନ ମାଝୀ, ସମ୍ପାଦକ ଆଶିଷ କୁମାର ପ୍ରଧାନୀ, ସାମ୍ବାଦିକ ବୈଦ୍ୟନାଥ ବେହେରା, ଇଙ୍ଗିତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜେନ୍ଦ୍ର ଦୁରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୋମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଢ଼ା ଦରରେ ମଦ ବିକ୍ରିକୁ ନେଇ ଜନ ଅସନ୍ତୋଷ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ସହରରେ କାହା ଛତ୍ର ଛାୟା ତଳେ ସରକାରୀ ମଦ ଦୋକାନ? ଧାର୍ଯ୍ୟ ଦରଠାରୁ ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ। ଦିନ ଦ୍ୱିପ୍ରହରରେ ଲୋକଙ୍କ ଆଖିରେ ଆଙ୍ଗୁଳି ଗେଞ୍ଜି ପ୍ରତ୍ୟେକ ଦିନ ଜନସାଧାରଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି- ହେଲେ ବିଭାଗୀୟ ଅଧିକାରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ସୃଷ୍ଟି କରୁଛି ଅନେକ ପ୍ରଶ୍ନବାଚୀ। ସରକାର ବଦଳିଛି ହେଲେ ଏଯାଏ ଧର୍ମଗଡ଼ରେ ଦୁର୍ନୀତି ବଦଳି ପାରିନି। ଚିରା ଚରିତ ପ୍ରଥାରେ ଚାଲିଛି ଦୁର୍ନୀତି। ସବୁଜାଣି ବିଭାଗୀୟ ଅଧିକାରୀ ଏଠି ନିରବ ଦ୍ରଷ୍ଟା। ଧର୍ମଗଡ଼ରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ଚଢ଼ା ଦରରେ ବିକ୍ରି ହେଉଥିବା ବହୁଦିନରୁ ଅଭିଯୋଗ ହୋଇ ଆସୁଛି। ଧର୍ମଗଡ଼ ସହର ମଧ୍ୟରେ ଦୁଇଟି ଲାଇସେନ୍ସ ପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଓ ଗୋଟିଏ ବାର

**ଅବକାରୀ ବିଭାଗର ନିଘା ନାହିଁ**

ରହିଛି। ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ମାଲିକ ମାନେ ନିର୍ଦ୍ଧାରଣ ମୂଲ୍ୟରୁ ଚଢ଼ା ଦରରେ ବିକ୍ରି ସହ ଦର ଲେବଲକୁ ଉଠାଇ ଏବଂ ବିନା ରସିଦରେ ବିକ୍ରି କରୁଥିବା ଦେଖାଦେଇଛି। ଯାହାକି ସବୁ ନିୟମକୁ ଦଳି ମକଚି- ବୋତଲ ପିଛା ୨୦ରୁ ୩୦ ଟଙ୍କା ଅଧିକ ନେଉଥିବା ଆଲୋଚନା ହେଉଛି। ନିୟମ ଅନୁଯାୟୀ ଲାଇସେନ୍ସ ପାଇଥିବା ଦୋକାନୀ ଲାଇସେନ୍ସ ଫଟୋ, ଓ ମଦର ଦର ତାଲିକା ଦୋକାନ ସାମ୍ନାରେ ଲଗାଇବା ବ୍ୟବସ୍ଥାର ନିୟମ ରହିଛି। ନିୟମକୁ ଉଲଂଘନ କରିଥିବା ଦୋକାନୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ପକ୍ଷରୁ ବିଭାଗକୁ ନିର୍ଦ୍ଦେଶ ରହିଛି। ହେଲେ ଏହି ନିୟମ ଚୁଲିକୁ ଯାଉଥିବା ଦେଖାଦେଇଛି। ଅନ୍ୟପଟେ ଗ୍ରାହକ ମଦ କ୍ରୟ କଲେ ତାର ବିଲ କାଟିବା ବ୍ୟବସ୍ଥା ରହିଛି। ବିଲ କାଟିବା ଦୂରର କଥା - କେହି ଗ୍ରାହକ ବିଲ ମାଗିଲେ କିମ୍ବା ପ୍ରତିବାଦ କଲେ ମଦ ଦୋକାନୀ ମାନେ ଖରାପ ବ୍ୟବହାର କରିବା ସହିତ ମାରପିଟ କରୁଥିବା ଅନେକ ନଜିର ରହିଛି। ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଲା ଚଢ଼ା ଦରରେ ମଦ ବିକ୍ରି ବିଷୟରେ ଅବକାରୀ ବିଭାଗ ପାଖରେ ଖବର ଅଛି -ହେଲେ ଏବିଷୟରେ କେହି ମୁହଁ ଖୋଲୁନାହାନ୍ତି କି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏଥିରୁ ସ୍ପଷ୍ଟ ଜଣାପଡ଼େ ଚଢ଼ା ଦରରେ ବିକ୍ରି କରିବା ପଛରେ ଅବକାରୀ ବିଭାଗର ହାତ ରହିଛି, ତେବେ ଦେଖିବାକୁ ବାକି ରହିଲା ଅବକାରୀ ବିଭାଗର ନିଦ କେବେ ଭାଙ୍ଗିବ, ଆଉ କେବେ ମଦ ଦୋକାନୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ସମୟ ସାପେକ୍ଷ। ଏନେଇ ଧର୍ମଗଡ ଅବକାରୀ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ପାରିନାହିଁ।

## ସ୍କୁଲ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ମାଝୀଗୁଡ଼ା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ବଶିଷ୍ଠ ବାଗଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ସୁଧୀର ରଞ୍ଜନ ପଣ୍ଡା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧବଳେଶ୍ୱର ନାଗ, ପରିଚାଳନା କମିଟି ସଦସ୍ୟ ରଞ୍ଜିତ କୁମାର ପୋଡ଼ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ହୋଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୋକସରା ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ପଙ୍କଜ ପୋଡ଼, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। ଏହି କ୍ରମରେ ବିଦାୟୀ ସ୍କୁଲ କର୍ମଚାରୀ ଶ୍ରୀବାଗଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥି ସହିତ ତାଙ୍କର ଅବସର କାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା ଜଣାଇଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ଚନ୍ଦ୍ର ମହାନ୍ତି ସଂଯୋଜନା କରିଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା, ଲକ୍ଷ୍ମୀକାନ୍ତ ପଣ୍ଡା, ଦୀକ୍ଷାୟେ ଦାସ, ଗଜେନ୍ଦ୍ର ଧରୁଆ, କର୍ମଚାରୀ ଚୈତନ୍ୟ ବାଗ, ସୁରେଶ ପୋଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମାଟ୍ରିକ ପାସ ହାର ୯୭.୭୯%, କ୍ଷେତ୍ରମଣି ସାହୁ ବ୍ଲକ ଟପ୍ପର

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଗତକାଲି ସନ୍ଧ୍ୟାରେ ପ୍ରକାଶ ପାଇଛି ଦଶମ ବୋର୍ଡ ପରୀକ୍ଷା ଫଳାଫଳ। ଏଥିରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ପରୀକ୍ଷାର୍ଥୀମାନେ ବେଶ ସଫଳତା ଲାଭ କରିଥିବା ଜଣାପଡିଛି। ବ୍ଲକର ୧୧ ଗୋଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୦୪୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୦୨୨ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ବ୍ଲକର ପାସ ହାର ହେଉଛି ୯୭.୭୯ ପ୍ରତିଶତ। ସେହିପରି ବେନଗାଁ ହାଇସ୍କୁଲର ଛାତ୍ର କ୍ଷେତ୍ରମଣି ସାହୁ ୫୦୯( ୮୪.୮୩%) ମାର୍କ ରଖି ଲାଞ୍ଜିଗଡ଼ ବ୍ଲକ ଟପ୍ପର ହୋଇଛନ୍ତି। ଏହି ଅବସରରେ କ୍ଷେତ୍ରମଣିଙ୍କ ସମେତ ଅନ୍ୟ ସମସ୍ତ ସଫଳ ପରୀକ୍ଷାର୍ଥୀଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳ ଦେବ ମୁଣ୍ଡ, ଭାରତଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ମାଣ୍ଡେଲ ସରପଞ୍ଚଙ୍କୁ ଶ୍ରଦ୍ଧାଞ୍ଜଳି




ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ବ୍ଲକ ଯାଦବ ସମିତି ପକ୍ଷରୁ ମାଣ୍ଡେଲ ସରପଞ୍ଚ ତଥା ବରିଷ୍ଠ ଯାଦବ ନେତୃତ୍ୱ ପଦ୍ମଲୋଚନ ଜାଲଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ମାଣ୍ଡେଲ ଠାରେ ସ୍ୱର୍ଗତ ଜାଲଙ୍କ ଏକଦଶାହ ଅବସରରେ ଏନେଇ ଆୟୋଜିତ ସଭାର ଅଧ୍ୟକ୍ଷତା କରିଥିଲେ ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ। ପ୍ରଥମେ ନର୍ଲା ଯାଦବ ଭବନରୁ ଏକ ବିଶାଳ ଶୋଭାଯାତ୍ରା ଆସି ସଭାସ୍ଥଳରେ ପହଞ୍ଚିଥିଲା। କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସାଧାରଣ ସମ୍ପାଦକ ଡ଼ଃ ସଞ୍ଜୟ ଧଙ୍ଗଡାମାଝୀ, ନର୍ଲାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଳମଣି ସାହୁ, ନର୍ଲା ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, କେସିଙ୍ଗା ବ୍ଲକ ଯାଦବ ସମିତି ସଭାପତି ପାନ୍ନାଲାଲ ବେମାଲ, ଲାଞ୍ଜିଗଡ଼ ବ୍ଲକ ଯାଦବ ସମିତି ସଭାପତି ରଘୁବୀର ନାଗ, ନର୍ଲା ବ୍ଲକ ଯାଦବ ସମିତି ଉପସଭାପତି ଗିରିଧାରୀ ଗଉଡ଼ ଓ ଲିଙ୍ଗରାଜ କରୁଆଁ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ଯୁବ ନେତା ଚିତ୍ତରଞ୍ଜନ ମଣ୍ଡଳ, ପ୍ରଦୀପ ନାଏକ, ଉତ୍କଳ ଯାଦବ ମହାସଭାର ସମ୍ପାଦକ ତ୍ରିଲୋଚନ ନାଗ, କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ, ବରିଷ୍ଠ ବିଜେପି ନେତା ପଦ୍ମଲୋଚନ ମିଶ୍ର, ଅନିରୁଦ୍ଧ ପଧାନ, ବସନ୍ତ ପୁରୋହିତ, ହିରୋ ହିରାଲାଲ ମହଲା, ଯାଦବ ମହାସଭାର ମହେନ୍ଦ୍ର ନାଏକ, କିର୍ତ୍ତନ ନାଏକ, ଗାଡେବନ୍ଧ ସରପଞ୍ଚ କବିତା ବାଗ, ବାଗପୁର ସରପଞ୍ଚ ଗୋପାଳ ହାତୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ନର୍ଲା ବିଇଓ ତପିମଣି ଜାନି, ଏବିଇଓ ଗୋବର୍ଦ୍ଧନ ମାଝୀ ପ୍ରମୁଖଙ୍କ ସହ ଛତିଶ ପାଟକର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ଜାଲଙ୍କ ସ୍ମୃତି ଚାରଣ କରିଥିଲେ। ସଭାରେ ସ୍ୱର୍ଗତ ଜାଲଙ୍କ ଦୁଇ ପୁଅ ରଞ୍ଜନ ଓ ସୌରଭ, ଭାଇ ମାର୍କଣ୍ଡ, ରୋମାଞ୍ଚଳ, ଆତ୍ମିୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଶିକ୍ଷାବିତ ମଧୁସୂଦନ ରାଉତ ସଭା ପରିଚାଳନା କରିଥିବାବେଳେ ଶେଷରେ ନର୍ଲା ବ୍ଲକ ଯାଦବ ସମିତି ସାଧାରଣ ସମ୍ପାଦକ ଅଜିତ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିରାଟ ପର୍ବରେ ଜମୁଛି ପୌରାଣିକ କଥାବସ୍ତୁର ନାଟକ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷଡ଼ା କନ୍ଧପଡ଼ା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିରାଟ ପର୍ବ ଆରମ୍ଭ ହୋଇଯାଇଛି। ପର୍ବର ତୃତୀୟ ରଜନୀରେ ବାଘ ମଲ୍ଲ ବଧ ଓ ଚନ୍ଦନଯାତ୍ରା ମଞ୍ଚସ୍ଥ ହୋଇଥିଲା ଅକ୍ଷୟ ତୃତୀୟାଠାରୁ ୭ଦିନ ବ୍ୟାପୀ ମହାଭାରତ ପୁରାଣରୁ ସଂଗୃହିତ ବିରାଟ ପର୍ବ ନାଟକ ବିଭିନ୍ନ ରାତିରେ ମଞ୍ଚସ୍ଥ ହେଉଛି। ଦର୍ଶକ ଏହାର ମଜା ନେଉଛନ୍ତି। ବିରାଟ ଭୂମିକାରେ ନିତ୍ୟାନନ୍ଦ ଦଣ୍ଡସେନା ଅଭିନୟ କରୁଥିବା ବେଳେ କୋନ୍ତଭଟ ଭୂମିକାରେ ସଞ୍ଜୟ ଧରୁଆ, ଭୀମ କୈଳାଶ କୁମୁରା, ମନୁରାଜ ଦେବବ୍ରତ ଭୋଇ, ଅଗସ୍ତି କାର୍ତ୍ତିକ ରଣା, ମଲ୍ଲ ବବୁଲୁ ଦଣ୍ଡସେନା, ବାଘ ଶିବା ଭୋଇ, ଶବର ଚକାମନ ଭୋଇ, ଦୁଆରି ନେପାଳ ମାଝୀ, କିଚକ ହିମାଂଶୁ ଶେଖର ଭୋଇ, ଦ୍ରୌପଦୀ ରିଙ୍କୁ ଭୋଇ, ରାଣୀ କିଶୋର ରଣା ଏବଂ ସଖୀ ଭୂମିକାରେ ତେଜରାଜ ଦଣ୍ଡସେନା ଅଭିନୟ କରୁଛନ୍ତି। ନାଟକ ପରିଚାଳନା ଅନ୍ତର୍ଯ୍ୟାମୀ ମଲ୍ଲିକ କରୁଥିବା ବେଳେ ହେମାଦ୍ରୀ ଭୋଇ, ଗୋବର୍ଦ୍ଧନ ମାଝୀ, ପକଜ ଭୋଇ, ନବୀନ ସାହୁ ନରେନ୍ଦ୍ର ପୁଟା, ଓକିଲ ମାଝୀ ନୀଳମଣି ମଲ୍ଲିକ, କଳାକାଷ୍ଟ ରଣା, ହିମାଂଶୁ ଶେଖର ସାହୁ, ମହେନ୍ଦ୍ର ପ୍ରଧାନୀ, ବିରାଟ ପର୍ବ ନାଟକ ସଭାପତି ଭୋଳାରାମ ଭୋଇ, ସମ୍ପାଦକ ତରୁଣ ରଣା ପ୍ରମୁଖ ସହଯୋଗ କରୁଛନ୍ତି। କର୍ତ୍ତା ଦାୟିତ୍ୱରେ ଉର୍ମିଳା ଦଣ୍ଡସେନା, ଦିଲୀପ ଦଣ୍ଡସେନା ପ୍ରମୁଖ ରହିଛନ୍ତି। ଚତୁର୍ଥ ରଜନୀ ର କିଚକ ବଧ ନାଟକ ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବିଶ୍ୱନାଥପୁର ଥାନାରେ ନୂଆ ଥାନାଧିକାରୀ ନିଯୁକ୍ତ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଥାନାରେ ନୂଆ ଥାନାଧିକାରୀ ଭାବେ ଯୋଗ ଦେଇଛନ୍ତି ବିଜୟରାଜ ମାଝୀ। ସେ ଏହା ପୂର୍ବରୁ କର୍ଲାପାଟ ଥାନାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଶ୍ରୀ ମାଝୀ ବିଶ୍ୱନାଥପୁର ଥାନାରେ ଯୋଗ ଦେବାପରେ ଥାନାର ସମସ୍ତ କର୍ମଚାରୀଙ୍କ ସହିତ ସ୍ଥାନୀୟ ବୁଦ୍ଧିଜୀବୀ ଓ ନାଗରିକଗଣ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅପରପକ୍ଷରେ ବିଶ୍ୱନାଥପୁର ଥାନାଧିକାରୀ ଭାବେ କାର୍ଯ୍ୟରତ ଇନ୍ସପେକ୍ଟର ମମତା ହେମ୍ବ୍ରମଙ୍କ ଆମପାଣି ଥାନାକୁ ବଦଳି ହୋଇଛି।


## କୁଟେନରେ ମହାଭାରତ ମହାପାରାୟଣ



ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଣି ଜରା ଗ୍ରାମ ପଞ୍ଚାୟତର କୁଟେନ ଗ୍ରାମରେ ଦ୍ୱିତୀୟ ଥର ପାଇଁ ହାତୀ ନଦୀ ନିକଟସ୍ଥ ଶିବ ମନ୍ଦିର ପ୍ରାଙ୍ଗଣରେ ମହାଭାରତ ମହା ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର କର୍ତ୍ତା ଭାବେ ସୁରେନ୍ଦ୍ର ଭାଟି ଓ ତାଙ୍କ ପତ୍ନୀ ଉର୍ମିଳା ଭାଟି ଦାୟିତ୍ୱ ନେଇଥିବା ବେଳେ ବ୍ୟାସଦେବ ଭାବେ ବୈଲୋଚନ ପଣ୍ଡା ଓ ପୁରାଣ ଗାୟକ ଭାବେ ପ୍ରେମାନନ୍ଦ ପଣ୍ଡା ରହିଛନ୍ତି। ଏଥିରେ ମହାଭାରତ ମହା ପାରାୟଣ କମିଟିର ସଭାପତି ନବ କିଶୋର ନାଏକ, ଉପ ସଭାପତି ପ୍ରଭାକର ରାଉତ, ସମ୍ପାଦକ କୁମୁଦ ମଶ୍ରା, ସହ ସମ୍ପାଦକ ଭକ୍ତରାମ ବିହାରୀ, କୋଷାଧ୍ୟକ୍ଷ ଦିବାକର ବାଗ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ରାମ ପ୍ରସାଦ ବିହାରୀ, ଉମାକାନ୍ତ ନାଏକ, ବୃଷଭ ମଶ୍ରା, ହିମାଂଶୁ ଲହଜଳ, ହରିଶଙ୍କର କାହାଜଳ, ସୁଶାନ୍ତ ଛତ୍ରିଆ, ଚେରୁ ସୁନାନୀ, ଚନ୍ଦ୍ର ଭାନୁ ଏକ, ଭାଗିରଥି ରଣା, ଅଜିତ ନାଏକ, ଧନସିଂ ରଣା ଓ ଜଗବନ୍ଧୁ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୧୨ ତାରିଖ ଦିନ ଏହି ମହାଭାରତ ପାରାୟଣ କାର୍ଯ୍ୟକ୍ରମ ସମାପନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପ୍ରତିଦିନ ଅଞ୍ଚଳର ଶହ ଶହ ଜନସାଧାରଣ ଉପସ୍ଥିତ ରହି ମହାଭାରତ ପୁରାଣ ଶୁଣୁଛନ୍ତି।

## ରାଶିଫଳ


**ସୋମବାର, ୦୫ ମଇ ୨୦୨୫**



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ।




**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।




**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।




**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।




**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଖର୍ଚ୍ଚ ହ୍ରାସ କରନ୍ତୁ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।



**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ। ଭଲ ଲାଭଦାୟକ ଫଳାଫଳ ଦେବ।




**ଧନୁ:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯